୫୬ତମ ବର୍ଷ                    ୨୪ ନଭେମ୍ବର ୨୦୧୩                    ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ                    ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୧୩]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଆମ ଯୋଗର ପଥ | ··· | ଶ୍ରୀଅରବିନ୍ଦ | ··· | ୫ |
| ଏକ ମହାନ୍ ଦୁଃସାହସିକ ଅଭିଯାନ ପାଇଁ ଆହ୍ୱାନ | ··· | ଶ୍ରୀମା | ··· | ୭ |
| ଅତିମାନସ ରୂପାନ୍ତରର ସର୍ତ୍ତାବଳୀ | ··· | ଶ୍ରୀଅରବିନ୍ଦ | ··· | ୯ |
| ରୂପାନ୍ତରର ମାର୍ଗ-ଦର୍ଶନ | ··· | ଶ୍ରୀମା | ··· | ୧୦ |
| ରୂପାନ୍ତରର ଚାରିଟି ଉପାଦାନ | ··· | ଶ୍ରୀଅରବିନ୍ଦ | ··· | ୧୧ |
| ଚାବିକାଠିଟି ନିଜ ଭିତରେ | ··· | ଶ୍ରୀମା | ··· | ୧୩ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୧୪ |
| ଭାରତର ଋଷିଦୃଷ୍ଟି | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୧୭ |
| ଅନ୍ଧକାରର ସନ୍ତାନଗଣ (୧) | ··· | ଶ୍ରୀଅରବିନ୍ଦ | ··· | ୨୦ |
| ଶ୍ରୀଅରବିନ୍ଦଙ୍କର ଯୋଗ ଓ ଦେବଗଣ | ··· | ଶ୍ରୀ ମାଧବ ପଣ୍ଡିତ | ··· | ୨୪ |
| କ୍ଷମତାସୀନ ଦୁର୍ନୀତି ପରାୟଣ ହେବା ଅନିବାର୍ଯ୍ୟ କି ? | ··· | ଶ୍ରୀ ମନୋଜ ଦାସ | ··· | ୨୮ |
| ଶରୀରର ଜୀବକୋଷରେ ଯୋଗ | ··· | ମମତା ଦାଶ | ··· | ୩୨ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୪) | ··· | ଶ୍ରୀପତି ଦାସ | ··· | ୩୫ |
| ପ୍ରଣମେ ପଦାରବିନ୍ଦେ | ··· | ଶ୍ରୀ ବିମଳ ପ୍ରସନ୍ନ ଦାସ | ··· | ୩୯ |

**ଜୀବନୀ ଓ ସ୍ମୃତିଚାରଣ**

| | | | | |
|---|---|---|---|---|
| ପଣ୍ଡିଚେରୀ : 'ତପସ୍ୟାର ଗୁହା' | ··· | ··· | ··· | ୪୧ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୬) | ··· | ··· | ··· | ୪୫ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଚାରିଗୋଟି ବଡ଼ ଅସୁର | ··· | ଶ୍ରୀମା | ··· | ୫୦ |
| **ସମ୍ପାଦକୀୟ** | ··· | ··· | ··· | ୫୪ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୧୦, (MCW, Vol. 11, p. 60)

This Ashram has been created with another object than that ordinarily common to such institutions, not for the renunciation of the world but as a centre and a field of practice for the evolution of another kind and form of life which would in the final end be moved by a higher spiritual consciousness and embody a greater life of the spirit.

– Sri Aurobindo

ଏହି ପ୍ରକାର ଅନୁଷ୍ଠାନ(ଆଶ୍ରମ)ର ସାଧାରଣ ପ୍ରଚଳିତ ଉଦ୍ଦେଶ୍ୟଠାରୁ ଭିନ୍ନ ଏକ ଉଦ୍ଦେଶ୍ୟ ନେଇ ଏହି ଆଶ୍ରମ ଗଢ଼ାଯାଇଥିଲା । ଜଗତ୍-ତ୍ୟାଗ ଏହାର ଉଦ୍ଦେଶ୍ୟ ନୁହେଁ; କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି ଏହି ଜଗତରେ ଜୀବନର ଅନ୍ୟ ଏକ ଧରଣ ଓ ସ୍ୱରୂପର ବିବର୍ତ୍ତନ ନିମନ୍ତେ ସାଧନାର ଏକ କେନ୍ଦ୍ର ତଥା କ୍ଷେତ୍ରରେ ପରିଣତ ହେବା, ଯାହାକି ଶେଷରେ ଆତ୍ମାର ଏକ ବୃହତ୍ତର ଜୀବନରେ ପରିଣତ ହୋଇ ଏଠାରେ ସେହି ଜୀବନକୁ ମୂର୍ତ୍ତ କରିବ ।

— ଶ୍ରୀଅରବିନ୍ଦ



... ...What each one meets in life is always exactly in accordance with what he is. Not in the way ignorant human justice understands it, but according to a law that is much more subtle, more deep, more true. Let us never forget that the Supreme Lord is behind everything and that it is He who is the master of our destinies.

(MCW. Vol. 14, p. 215) – The Mother

... ...ପ୍ରତ୍ୟେକ ଲୋକ ତା’ ଜୀବନରେ ଯାହା କିଛିକୁ ଭେଟିଥାଏ, ସେ ନିଜେ ଯାହା, ଠିକ୍ ସେହି ଅନୁସାରେହିଁ ତାହା ଘଟିଥାଏ । ମଣିଷର ଅଜ୍ଞାନମୟ ନ୍ୟାୟବୋଧର ବିଚାର ଅନୁଯାୟୀ ନୁହେଁ, ଏହା ଘଟିଥାଏ ଏପରି ଏକ ବିଧାନ ଅନୁଯାୟୀ, ଯାହା ଅନେକ ଅଧିକ ସୂକ୍ଷ୍ମ, ଅଧିକତର ଗଭୀର ଓ ଅଧିକତର ସତ୍ୟ । ଆମେ ଯେପରି କେବେହେଲେ ଭୁଲି ନ ଯାଉ ଯେ ସବୁକିଛିର ପଶ୍ଚାତରେ ରହିଛନ୍ତି ସ୍ୱୟଂ ପରମେଶ୍ୱର ଏବଂ ସେହିଁ ହେଉଛନ୍ତି ଆମ ନିୟତିର ପ୍ରଭୁ ।

– ଶ୍ରୀମା



# ଆମ ଯୋଗର ପଥ*

## ଶ୍ରୀଅରବିନ୍ଦ

ଅତିମାନସ ଯୋଗ ହେଉଛି ସେହି ଏକ ସଂଗରେ ଭଗବାନଙ୍କ ଦିଗରେ ଉତ୍ତରଣ ଏବଂ ଶରୀରଗ୍ରହଣ କରିଥିବା ମୂର୍ତ୍ତ ପ୍ରକୃତି ଭିତରକୁ ଭଗବତ୍ ସତ୍ତାଙ୍କର ଅବତରଣ ।

ଏହି ଉତ୍ତରଣଟି କେବଳ ସଂପନ୍ନ ହୋଇପାରିବ ଆତ୍ମା, ମନ, ପ୍ରାଣ ଓ ଦେହର ସମଗ୍ର ଶକ୍ତି ସଂଗ୍ରହ କରି ଏକ ଏକାଗ୍ର ଊର୍ଦ୍ଧ୍ୱମୁଖୀ ଅଭୀପ୍ସା ଦ୍ୱାରା ଏବଂ ଏହି ଅବତରଣଟି ସମ୍ଭବ ହୋଇପାରିବ ଅନନ୍ତ ଓ ଚିରନ୍ତନ ପରମଙ୍କ ଅଭିମୁଖରେ ସମଗ୍ର ସତ୍ତାର ଏକ ଆବାହନ ଦ୍ୱାରା । ଯଦି ଏହି ଆବାହନ ଓ ଏହି ଅଭୀପ୍ସା ବଳବତ୍ତର ରହିଥାଏ ବା ଯଦି କୌଣସି ଉପାୟ ଦ୍ୱାରା ସେଗୁଡ଼ିକ ଜନ୍ମ ନିଅନ୍ତି ଓ ନିରନ୍ତର ଭାବରେ ଉତ୍ତରୋତ୍ତର ବୃଦ୍ଧି ପାଇ ଆମ ସମଗ୍ର ପ୍ରକୃତିକୁ ଅଧିକାର କରନ୍ତି, ତା'ହେଲେ କେବଳ ଏକ ଅତିମାନସ ଅଭ୍ୟୁତ୍ଥାନ ଓ ରୂପାନ୍ତର ସମ୍ଭବ ହୋଇପାରିବ ।

ଏହି ଆବାହନ ଓ ଅଭୀପ୍ସା ହେଉଛି ମାତ୍ର ପ୍ରଥମ ସର୍ତ୍ତ, ଏଗୁଡ଼ିକ ସଂଗରେ ଓ ଏଗୁଡ଼ିକର ଫଳପ୍ରଦ ନିବିଡ଼ତା ଦ୍ୱାରା ଆଣିବାକୁ ହେବ ଭଗବାନଙ୍କ ପ୍ରତି ସମଗ୍ର ସତ୍ତାର ଏକ ଉନ୍ମୀଳନ ଏବଂ ଏକ ପୂର୍ଣ୍ଣ, ସମଗ୍ର ସମର୍ପଣ ।

ଏହି ଉନ୍ମୀଳନ ହେଉଛି ସମଗ୍ର ପ୍ରକୃତିକୁ ତା'ର ସମସ୍ତ ସ୍ତର ଓ ସମସ୍ତ ଅଂଶରେ ଏପରି ବ୍ୟାପକ ଓ ବିସ୍ତୃତ ଭାବରେ ଖୋଲିଦେବା ଯେପରିକି ଏହା ନିଜ ଭିତରେ କୌଣସି ସୀମା ନ ରଖି ସେହି ମହତ୍ତର ଦିବ୍ୟଭଗବତ୍ ଚେତନାକୁ ଗ୍ରହଣ କରିପାରେ ଯାହାକି ଆମର ଏହି ମରଣଶୀଳ ଅର୍ଦ୍ଧ-ଚେତନ ଅସ୍ତିତ୍ୱକୁ ଆବେଷ୍ଟନ କରି ତା'ର ଊର୍ଦ୍ଧ୍ୱରେ ଓ ପଶ୍ଚାତରେ ବିରାଜମାନ ହୋଇ ରହିଆସିଛି । ଗ୍ରହଣ କରିବା ସମୟରେ ସେହି ଦିବ୍ୟଚେତନାକୁ ଧାରଣ କରିବା ଦିଗରେ ଯେପରି କୌଣସି ଅସାମର୍ଥ୍ୟ ନରୁହେ, ସେହି ଦିବ୍ୟଚେତନାର ରୂପାନ୍ତରକାରୀ ଚାପରେ ଆମ ଆଧାରର କୌଣସି କିଛି, ଆମ ମନର, ପ୍ରାଣର, ସ୍ନାୟୁର ବା ଦେହର କୌଣସି କିଛି ଯେପରି ଭାଙ୍ଗି ନପଡ଼େ । ଏକ ଅନ୍ତହୀନ ଗ୍ରହଣଶୀଳତା ରହିବା ଆବଶ୍ୟକ; କ୍ରମାଗତଭାବେ ଅଧିକ ଶକ୍ତିଶାଳୀ ହୋଇ ଅଧିକରୁ ଅଧିକ ଜୋର୍ ଦେଉଥିବା ଦିବ୍ୟଶକ୍ତିର ନିରବଚ୍ଛିନ୍ନ କ୍ରିୟାକୁ ସହ୍ୟ କରିଲା ଭଳି ଆମ ଭିତରେ ଏକ ନିରନ୍ତର କ୍ରମବର୍ଦ୍ଧିଷ୍ଣୁ ଗ୍ରହଣଶୀଳତା ଆବଶ୍ୟକ । ତା' ନହେଲେ ମହାନ୍ ଓ ସ୍ଥାୟୀ କିଛି ସଂପନ୍ନ ହୋଇପାରିବ ନାହିଁ, ଏକ ନିଷ୍ଫଳ ବ୍ୟର୍ଥତା ଭିତରେ ଯୋଗ ସାଧନାର ସମାପ୍ତି ଘଟିବ, କିଂବା ଏକ ତାମସିକ ବିରତି କିଂବା ଏକ ନିର୍ବୋଧ ବା ବିପର୍ଯ୍ୟୟମୂଳକ ଆଚରଣସବୁ ଦ୍ୱାରା ଏହାର, ସେହି ପଦ୍ଧତି ଓ ପ୍ରକ୍ରିୟାର ଗତିରୋଧ କରାଯିବ ଯେଉଁ ପଦ୍ଧତି ଓ ପ୍ରକ୍ରିୟା ଅଖଣ୍ଡ ଓ ସର୍ବାଙ୍ଗୀଣ ହେବା ଆବଶ୍ୟକ, ଯଦି ଏହାକୁ ଏକ ବ୍ୟର୍ଥତାରେ ପରିଣତ ହେବା ପାଇଁ ଛାଡ଼ି ଦିଆ ନଯାଏ ।

କିନ୍ତୁ ଯେହେତୁ କୌଣସି ମାନବୀୟ ଆଧାରର ଏହି ଅନ୍ତହୀନ ଗ୍ରହଣଶୀଳତା ଓ ଅବ୍ୟର୍ଥ, ଅପରାଜେୟ ସାମର୍ଥ୍ୟ ନାହିଁ, ଅତିମାନସ ଯୋଗ ସଫଳ ହୋଇପାରେ ଯଦି କେବଳ ଦିବ୍ୟଭଗବତ୍ ଶକ୍ତିର ଅବତରଣ ସମୟରେ ତାହା ଆଧାରର ଶକ୍ତିକୁ ବୃଦ୍ଧି କରାଏ ଏବଂ ଗ୍ରହଣ କରୁଥିବା ସାମର୍ଥ୍ୟର ସହ ପ୍ରକୃତିରେ କ୍ରିୟା କରିବା ପାଇଁ ଊର୍ଦ୍ଧ୍ୱରୁ ପ୍ରବେଶ କରୁଥିବା ଦିବ୍ୟଶକ୍ତିକୁ ସମାନ କରି ଗଢ଼ିତୋଳିବା ପାଇଁ କ୍ରିୟା କରେ । ଏହା କେବଳ ସମ୍ଭବ ଯଦି ଆମ ତରଫରୁ ଆମ ସତ୍ତାକୁ ଭଗବାନଙ୍କ ହାତରେ ଛାଡ଼ି ଦିଆଯାଏ ଏକ କ୍ରମବର୍ଦ୍ଧମାନ ସମର୍ପଣ ଦ୍ୱାରା; ଆମ ତରଫରୁ ଏକ ପୂର୍ଣ୍ଣ ଓ ଅବ୍ୟର୍ଥ ସମ୍ମତି ରହିବା ଆବଶ୍ୟକ, କାର୍ଯ୍ୟଟି ସଂପନ୍ନ ହେବା ପାଇଁ ଭଗବତ୍ ଶକ୍ତି ଆମକୁ ନେଇ ଯାହା ଇଚ୍ଛା ତାହା କରିବା ପାଇଁ ଛାଡ଼ିଦେବାକୁ ଏକ ସାହସିକ ସଂକଳ୍ପ ରହିବା ଆବଶ୍ୟକ ।

ମଣିଷ ତା'ର ନିଜ ଚେଷ୍ଟା ବଳରେ ନିଜକୁ ମଣିଷଠାରୁ ଆଉ ଅଧିକ କିଛି କରିପାରିବ ନାହିଁ, ମନୋମୟ ସତ୍ତା ଅନ୍ୟ କୌଣସି ସହାୟତା ବିନା କେବଳ ନିଜର ଶକ୍ତିରେ ନିଜକୁ ଏକ ଅତିମାନସ ସତ୍ତାରେ ପରିଣତ କରିପାରିବ ନାହିଁ । କେବଳ ଏକ ଭଗବତ୍ ଦିବ୍ୟପ୍ରକୃତିର ଅବତରଣହିଁ ମନୁଷ୍ୟର ଆଧାରକୁ ଦିବ୍ୟାୟିତ କରିପାରେ ।

---

* ଏହି ଲେଖାଟିର ରଚନା କାଳ ଆନୁମାନିକ ୧୯୩୦ । ... ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗର ଅନେକ ବର୍ଷ ପରେ ଏହି ଲେଖାଗୁଡ଼ିକ ତାଙ୍କ ନୋଟ୍ ଖାତାରୁ ସଂଗୃହୀତ ।

କାରଣ ଆମର ମନ, ପ୍ରାଣ ଓ ଶରୀରର ସାମର୍ଥ୍ୟ ସେମାନଙ୍କ ନିଜ ନିଜର ସୀମାଗୁଡ଼ିକ ଭିତରେ ଆବଦ୍ଧ । ଏବଂ ସେମାନେ ଯେତେ ଉଚ୍ଚକୁ ଉଠିଯାଇ ପାରିଲେ ମଧ୍ୟ ବା ଯେତେ ବ୍ୟାପ୍ତି ନେଇ ପ୍ରସାରିତ ହୋଇଯାଇପାରିଲେ ମଧ୍ୟ, ସେମାନେ ସେମାନଙ୍କ ସ୍ୱାଭାବିକ ଚୂଡ଼ାନ୍ତ ସୀମାକୁ ଅତିକ୍ରମ କରି ତା' ଉପରକୁ ଉଠିଯାଇ ପାରିବେ ନାହିଁ ବା ସେଗୁଡ଼ିକୁ ଅତିକ୍ରମ କରି ଆଉ ଅଧିକ ପ୍ରସାରିତ ହୋଇପାରିବେ ନାହିଁ । କିନ୍ତୁ, ତଥାପି ମନୋମୟ ମାନବ ତା'ର ଊର୍ଦ୍ଧ୍ୱରେ ରହିଥିବା ସତ୍ୟ ପ୍ରତି ନିଜକୁ ଖୋଲି ଦେଇପାରେ ଏବଂ ଏକ ଅତିମାନସ ଦିବ୍ୟ ଆଲୋକ, ସତ୍ୟ ଓ ଶକ୍ତିକୁ ନିଜ ଭିତରେ କ୍ରିୟା କରିବା ପାଇଁ ଏବଂ ମନ ଯାହା କରିବା ପାଇଁ ଅସମର୍ଥ ତାହା ସଂପନ୍ନ କରିବା ପାଇଁ ଆବାହନ କରି ଆଣିପାରେ, ଯଦି ମନ ତା'ର ନିଜ ଚେଷ୍ଟାରେ ତା' ଊର୍ଦ୍ଧ୍ୱରେ ଯାହା ରହିଛି ତାହା ହୋଇପାରିବ ନାହିଁ, ତେବେ ଅତିମାନସ ଅବତରଣ କରିପାରେ ଓ ତା'ର ନିଜସ୍ୱ ଉପାଦାନରେ ମନକୁ ରୂପାନ୍ତରିତ କରିଦେଇପାରେ ।

ମଣିଷର ନିର୍ଣ୍ଣୟାତ୍ମକ ସମ୍ମତି ଓ ଅତନ୍ଦ୍ର ସଜାଗ ସମର୍ପଣ ଦ୍ୱାରା ଯଦି ଅତିମାନସ ଶକ୍ତିକୁ ତା'ର ନିଜସ୍ୱ ଗଭୀର ଓ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଏବଂ ନମନୀୟ ସାମର୍ଥ୍ୟ ଓ ସମ୍ଭାବନା ସହ କ୍ରିୟା କରିବାକୁ ଛାଡ଼ି ଦିଆଯାଏ, ତା'ହେଲେ ତାହା ଧୀରେ ଧୀରେ ଅଥବା ଦ୍ରୁତଗତିରେ ଆମର ବର୍ତ୍ତମାନର ଅପୂର୍ଣ୍ଣ ପ୍ରକୃତିର ଏକ ଦିବ୍ୟରୂପାନ୍ତର ଆଣିଦେବ ।

ଏହି ଅବତରଣ, ଏହି କ୍ରିୟା ଫଳରେ ଯେ ବିପର୍ଯ୍ୟୟ-ମୂଳକ ପତନ ଓ ବିପଦର ଯେକୌଣସି ଆଶଙ୍କା ନାହିଁ ତାହା କୁହାଯାଇ ନପାରେ । ଯଦି ମଣିଷର ମନ ଓ ପ୍ରାଣିକ କାମନା ସବୁ ଏହି ଅବତରଣକାରୀ ଶକ୍ତିକୁ କବଳିତ କରିବାକୁ ବସନ୍ତି ଓ ନିଜର ସୀମିତ ଓ ପ୍ରମାଦପୂର୍ଣ୍ଣ, ଦୋଷଯୁକ୍ତ ଓ ଅହଂଗତ ପ୍ରବୃତ୍ତି ଅନୁଯାୟୀ ତାହାକୁ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି,– ଏବଂ ଏହା ଅନିବାର୍ଯ୍ୟ ହୋଇଉଠେ ଯେପର୍ଯ୍ୟନ୍ତ ନିମ୍ନତର ମର ପ୍ରକୃତି ସେହି ମହତ୍ତର ଅମର ପ୍ରକୃତିର ଧାରା ସଂପର୍କରେ କିଛିଟା ଜ୍ଞାନ ଲାଭ କରି ନଥାଏ – ତା'ହେଲେ, ସେତେବେଳେ ସ୍ଖଳନ ଓ ପଥଚ୍ୟୁତିକୁ, କଠିନ ଓ ଆପାତ ଅନତିକ୍ରମଣୀୟ ବାଧାବିଘ୍ନସବୁକୁ, କ୍ଷତ ଓ ଯାତନା ଭୋଗକୁ ସଂପୂର୍ଣ୍ଣ ଏଡ଼ାଇ ଦେବା ସମ୍ଭବ ନୁହେଁ, ଏପରିକି ମୃତ୍ୟୁ ଓ ଚରମ ପତନ ମଧ୍ୟ ଅସମ୍ଭବ ନୁହେଁ । କେବଳ ଯେତେବେଳେ ମନ, ପ୍ରାଣ ଓ ଦେହ ଭଗବାନଙ୍କ ପ୍ରତି ଏକ ସଚେତ ସର୍ବାଙ୍ଗୀଣ ସମର୍ପଣର ଶିକ୍ଷାଲାଭ କରିଥାଆନ୍ତି, ସେତେବେଳେ କେବଳ ଯୋଗର ପଥ ସହଜ, ସିଧା ଓ ନିରାପଦ ହୁଏ ।

ଏବଂ ଏହି ସମର୍ପଣ ଓ ଉନ୍ମୀଳନ ଆଉ କାହା ପ୍ରତି ନୁହେଁ କେବଳ ଭଗବାନଙ୍କ ପ୍ରତି ହେବା ଆବଶ୍ୟକ । କାରଣ ଏହା ମଧ୍ୟ ସମ୍ଭବ ଯେ ଆମ ଭିତରେ ଥିବା ଏକ ଅଜ୍ଞାନାଚ୍ଛନ୍ନ ମନ, ଏକ ଅଶୁଦ୍ଧ ପ୍ରାଣଶକ୍ତି ନିଜକୁ ଏକ ଅଦିବ୍ୟ ଓ ବିରୋଧୀ ଅପଶକ୍ତି ପାଖରେ ସମର୍ପିତ କରିଦେଇପାରେ ବା ଏପରିକି ସେଗୁଡ଼ିକୁ ଭଗବତ୍ ଶକ୍ତି ବୋଲି ଭୁଲ୍ କରିପାରେ । ଏହାଠାରୁ ଆଉ ଅଧିକ ବିପଜ୍ଜନକ ଭୁଲ୍ କିଛି ନାହିଁ । ତେଣୁ ଆମର ସମର୍ପଣ, ସବୁପ୍ରକାର ପ୍ରଭାବ ବା ଯେକୌଣସି ପ୍ରଭାବ ପ୍ରତି ଏକ ଅନ୍ଧ ଓ ଜଡ଼, ନିଷ୍କ୍ରିୟ ସମର୍ପଣ ହେବା ବାଞ୍ଛନୀୟ ନୁହେଁ, ଏହା ହେବା ଉଚିତ କେବଳ ସେହି ପରମ ଏକ ଓ ଦିବ୍ୟସର୍ବୋତ୍ତମଙ୍କ ନିକଟରେ ଏକ ଐକାନ୍ତିକ, ସଚେତ, ଅତନ୍ଦ୍ର ଓ ସଜାଗ ସମର୍ପଣ ।

ତାହା ଯେତେ କଷ୍ଟସାଧ୍ୟ ହେଉନା କାହିଁକି, ଦିବ୍ୟା ଓ ଅସୀମା ଜନନୀଙ୍କ ଚରଣରେ ଆତ୍ମ-ସମର୍ପଣ ହେଉଛି ଆମର ଏକମାତ୍ର ଫଳପ୍ରଦ ଅବଲମ୍ବନ ଏବଂ ଏକମାତ୍ର ନିର୍ଭରଯୋଗ୍ୟ ଆଶ୍ରୟ । ତାଙ୍କ ନିକଟରେ ଆତ୍ମସମର୍ପଣର ଅର୍ଥ ହେଉଛି ଆମ ପ୍ରକୃତି ତାଙ୍କ ହାତରେ ଏକ ଯନ୍ତ୍ର ହୋଇ ଉଠିବ ଓ ଆମର ଆତ୍ମା ମା'ଙ୍କ ବାହୁବନ୍ଧନରେ ଏକ ଶିଶୁହୋଇ ରହିବ ।

ତୁମର ପ୍ରାଣିକ ସତ୍ତାର ଦରଜାରେ ବର୍ତ୍ତମାନଠାରୁ ଶ୍ରୀମାଙ୍କର ଏହି ବିଜ୍ଞପ୍ତିଟି ରଖିଦିଅ, ''ଏହା ପରଠାରୁ କେବେ ବି ଏଠାରେ କୌଣସି ମିଥ୍ୟା ପ୍ରବେଶ କରିପାରିବ ନାହିଁ'' ଏବଂ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ତଦାରଖ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କରିଦିଅ ।

– ଶ୍ରୀଅରବିନ୍ଦ

# ଏକ ମହାନ୍ ଦୁଃସାହସିକ ଅଭିଯାନ ପାଇଁ ଆହ୍ବାନ

## ଶ୍ରୀମା

ଦୁଃସାହସିକ ଅଭିଯାନକୁ ଭଲପାଉଥିବା ଲୋକମାନେ ଅଛନ୍ତି । ମୋର ଏହି ଆହ୍ବାନ ସେଇମାନଙ୍କ ପାଇଁ । ମୁଁ ସେମାନଙ୍କୁ କୁହେ, ''ଏହି ମହାନ୍ ଦୁଃସାହସିକ ଅଭିଯାନ ପାଇଁ ମୁଁ ତୁମକୁ ଆମନ୍ତ୍ରଣ ଜଣାଉଛି ।''

ଆମ ଆଗରୁ ଅନ୍ୟମାନେ ଯାହା କରିଯାଇଛନ୍ତି ଆଧ୍ୟାତ୍ମିକ ଭାବରେ ତାହାର ପୁନରାବୃତ୍ତି କରିବାର ପ୍ରଶ୍ନ ଉଠୁ ନାହିଁ, ସେମାନେ ଯେଉଁଠି ଶେଷ କରିଛନ୍ତି ତାହା ପରେହିଁ ଆମର ଅଭିଯାନର ଆରମ୍ଭ । ଏହା ହେଉଛି ଏକ ନୂତନ ସୃଷ୍ଟିର ପ୍ରଶ୍ନ, ସଂପୂର୍ଣ୍ଣ ନୂତନ, କ'ଣ ଘଟିବ ତାହା ଆଗରୁ କେହି ଦେଖି ନାହିଁ, କେଉଁ ସମ୍ଭାବ୍ୟ ବିପଦ, କେଉଁ ପ୍ରକାର ବାଧା-ବିଘ୍ନସବୁ ରହିଛି କେହି ଜାଣି ନାହିଁ,– ଏହା ବାସ୍ତବରେ ଏକ ଦୁଃସାହସିକ ଅଭିଯାନ । ଏହାର ଲକ୍ଷ୍ୟ ସୁନିଶ୍ଚିତ ବିଜୟ କିନ୍ତୁ ପଥ ଅଜଣା । ଅନାବିଷ୍କୃତ, ଅଜଣା ଓ ଅଚିହ୍ନା ଭିତରେ ପାଦ ପରେ ପାଦ ପକାଇ ପଥର ସନ୍ଧାନ କରିବାକୁ ହେବ । ଏହା ଏପରି ଏକ ଅଭିଯାନ ବର୍ତ୍ତମାନର ଏହି ବିଶ୍ୱରେ ଆଗରୁ ଏହା କେବେ ବି ହୋଇ ନାହିଁ, ପରେ ବି ସେହି ଏକା ଭାବରେ ଆଉ କେବେ ବି ହେବ ନାହିଁ । ଯଦି ଏଥିପାଇଁ ତୁମର ଆଗ୍ରହ ଅଛି... ତା'ହେଲେ ଚାଲ ଏହି ଅଭିଯାନ ଆରମ୍ଭ କରିଦେବା । କାଲି ତୁମର କ'ଣ ହେବ ତୁମ ପାଇଁ କ'ଣ ଘଟିବ – ମୁଁ ଜାଣେ ନା, ମୁଁ ତାହା କହିପାରିବି ନାହିଁ ।

ଆଗରୁ ଯାହାକିଛି ଦେଖା ଯାଇଛି, ନିର୍ଣ୍ଣୟ କରାଯାଇଛି, ଯାହା କିଛି କଳ୍ପନା କରାଯାଇଛି, ଯାହା କିଛି ଗଠନ କରାଯାଇଛି ସେସବୁକୁ ବାଦ୍ ଦେବାକୁ ହେବ, ଛାଡ଼ି ଆସିବାକୁ ହେବ, ଆମକୁ ଆଗେଇ ଯିବାକୁ ହେବ ଅଜଣାର ସନ୍ଧାନରେ, ଅଜଣା ଭିତରକୁ । ଯାହାକିଛି ଘଟୁନା କାହିଁକି । ବାସ୍ ।...

ଗୋଟିଏ ସମୟ ଆସେ ଯେତେବେଳେ ଜୀବନ ତା'ର ବର୍ତ୍ତମାନ ସ୍ୱରୂପରେ, ମାନବ-ଚେତନା ତା'ର ବର୍ତ୍ତମାନ ସ୍ୱରୂପରେ ଏପରି ଲାଗେ ଯାହାକୁ ସହ୍ୟ କରିବା ସଂପୂର୍ଣ୍ଣ ଅସମ୍ଭବ ବୋଲି ମନେହୁଏ । ଏହା ଆଣି ଦିଏ ଏକ ପ୍ରକାର ଭୟାନକ ବିତୃଷ୍ଣା, ଭୀଷଣ ବିରକ୍ତି । ଆମେ କହୁ ''ନା, ଏହା ତାହା ନୁହେଁ, ଏହା ତାହା ନୁହେଁ, ଏହା ଏପରି ହୋଇ ନ ପାରେ, ଏପରିଭାବେ ଏହା ଚାଲିପାରିବ ନାହିଁ ।'' ବାସ୍, ଯେତେବେଳେ ଏହିପରି ଅବସ୍ଥା ଆସେ ସେତେବେଳେ ଯଦି ଚାହଁ ନିଜର ଯାହାକିଛି ଅଛି, ନିଜର ସମସ୍ତ ଉଦ୍ୟମ, ସମସ୍ତ ଶକ୍ତି, ସମସ୍ତ ଜୀବନ ଓ ସମଗ୍ର ସତ୍ତାକୁ ଏକାଠି କରି ଏକାବେଳେ ନିକ୍ଷେପ କରିଦେବାକୁ ହେବ ଏହି ସୁଯୋଗ ପଛରେ, ଅପର ପାର୍ଶ୍ୱକୁ ଅତିକ୍ରମ କରିଯିବା ପାଇଁ ମିଳିଥିବା ଏହି ଅସାଧାରଣ ସୁଯୋଗ ଓ ସମ୍ଭାବନା ପଛରେ, ତେବେ ଏହି ଯେଉଁ ନୂତନ ପଥ ତୁମକୁ ଅନ୍ୟ ଏକ ସତ୍ୟ, ଅନ୍ୟ ଏକ ରାଜ୍ୟକୁ ନେଇଯିବ, ତହିଁରେ ପାଦ ରଖିବା କେଡ଼େ ସ୍ୱସ୍ତିକର, କେଡ଼େ ଆଶ୍ୱାସନାମୟ ନ ହେବ ! ବିରାଟ ବୋଝସବୁକୁ ପଛରେ ପକାଇଦେଇ ସବୁ ଭାରରୁ ନିଜକୁ ମୁକ୍ତ କରିଦେଇ ଯେତେବେଳେ ତୁମେ ସେହି ଲମ୍ଫ ପ୍ରଦାନ କରିବାକୁ ସକ୍ଷମ ହୁଅ, ସେଥିପାଇଁ ଯେତେ କଷ୍ଟ ସ୍ୱୀକାର କରିବାକୁ ହେଲେ ମଧ୍ୟ ତାହା ବାଞ୍ଛନୀୟ । ମୁଁ ସମସ୍ୟାଟିକୁ ଏହିପରି ଭାବରେହିଁ ଦେଖିଛି ।

ବାସ୍ତବରେ ଏହାହିଁ ସବୁଠାରୁ ମହିମମୟ ଦୁଃସାହସିକ ଅଭିଯାନ । ଯାହା ଭିତରେ ଦୁଃସାହସିକ ଅଭିଯାନ ପାଇଁ ଆବଶ୍ୟକ ଯଥାର୍ଥ ମନୋଭାବରୁ ଏତେ ଟିକିଏ ମଧ୍ୟ ଥିବ, ସବୁକିଛି ପାଇବା ପାଇଁ ସେ ସବୁକିଛିକୁ ପଣ ଲଗାଇବାକୁ ପ୍ରସ୍ତୁତ ହୋଇଯିବ... ।

ବର୍ତ୍ତମାନ, ଏହି ମୁହୂର୍ତ୍ତରେ ଆମେ ରହିଛେ ପୃଥିବୀ ଇତିହାସର ପୁଣି ଥରେ ଏକ ନିଷ୍ପତ୍ତିମୂଳକ ମୋଡ଼ ପରିବର୍ତ୍ତନର ସମୟରେ । ସବୁ ଦିଗରୁ ମୋତେ ପ୍ରଶ୍ନ ହେଉଛି, ''କ'ଣ ଘଟିବାକୁ ଯାଉଛି ?'' ସବୁଆଡ଼େ ରହିଛି ଏକ ପ୍ରକାର ବେଦନା, ପ୍ରତ୍ୟାଶା ଓ ଭୟ । ''କ'ଣ ଘଟିବାକୁ ଯାଉଛି ?'' ଏହାର ଉତ୍ତର ମାତ୍ର ଗୋଟିଏ ''ଯଦି କେବଳ ମଣିଷ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ସମ୍ମତି ଦିଏ ।''

ଏବଂ ସମ୍ଭବତଃ ଏହା ଯଥେଷ୍ଟ ହେବ ଯଦି କେଇଜଣ ବ୍ୟକ୍ତି ଶୁଦ୍ଧ ସୁବର୍ଣ୍ଣ ହୋଇ ଉଠନ୍ତି, କାରଣ ଘଟଣାର ପ୍ରବାହକୁ ବଦଳାଇ ଦେବାକୁ ଏହାହିଁ ଯଥେଷ୍ଟ ହେବ... ଆମେ ଏହି ପ୍ରୟୋଜନୀୟତାର ସମ୍ମୁଖୀନ ହୋଇଛୁ ଅତ୍ୟନ୍ତ ଜରୁରୀ ଭାବରେ ।

ଏହି ସାହସ, ଏହି ବୀରତ୍ୱ ଯାହା ଭଗବାନ୍ ଆମଠାରୁ ଚାହାନ୍ତି ତାହାକୁ ନିଜର ବାଧାବିଘ୍ନ, ନିଜର ଅପୂର୍ଣ୍ଣତା, ନିଜର ଅଜ୍ଞାନତାକୁ ଦୂର କରିବାର ସଂଗ୍ରାମରେ କାହିଁକି ବିନିଯୋଗ ନ

କରିବା ? କାହିଁକି ଆନ୍ତର ଶୁଦ୍ଧତାର ଅଗ୍ନିକୁଣ୍ଡକୁ ବୀରତ୍ୱର ସହିତ ସମ୍ମୁଖୀନ ହେବା ନାହିଁ, ଯାହା ଫଳରେ ପୁଣିଥରେ ଆଉ ସେହିସବୁ ଭୟାବହ ବ୍ୟାପକ ଧ୍ୱଂସ ଭିତରଦେଇ ଯିବାକୁ ହେବ ନାହିଁ ଯାହାକି ପୂରା ଗୋଟାଏ ଗୋଟାଏ ସଭ୍ୟତାକୁ ଗାଢ଼ ଅନ୍ଧକାର ଭିତରେ ବୁଡ଼ାଇ ଦିଏ ।

ଆମ ଆଗରେ ଏହାହିଁ ସମସ୍ୟା । ପ୍ରତ୍ୟେକଙ୍କୁ ଏହାର ସମାଧାନ କରିବାକୁ ହେବ ତା'ର ନିଜସ୍ୱ ଧାରାରେ ।

ଲୋକମାନେ ଯେପରି ନିଦ୍ରାଭିଭୂତ, ସେମାନଙ୍କର ସବୁକିଛି ବିସ୍ମରଣ ହୋଇଯାଏ, ସେମାନେ ଜୀବନକୁ ନିଅନ୍ତି ଅତି ସହଜ ଭାବରେ – ସେମାନେ ଭୁଲି ଯାଆନ୍ତି, ସବୁ ସମୟରେ ଭୁଲି ଯାଆନ୍ତି... କିନ୍ତୁ ଆମେ ଯଦି ସ୍ମରଣ ରଖନ୍ତୁ ଯେ ଆମେମାନେ ଏକ ଅସାଧାରଣ ମୁହୂର୍ତ୍ତରେ, ଏକ ଅନନ୍ୟ ସମୟରେ ବାସ କରୁଛୁ, ଆମ ପାଇଁ ଏହି ମହାନ୍ ସୌଭାଗ୍ୟ, ଏହି ଅମୂଲ୍ୟ ସୁଯୋଗ ପହଞ୍ଚିଛି ଯେ ଆମେ ଏକ ନୂତନ ଜଗତର ଜନ୍ମଲଗ୍ନରେ ଉପସ୍ଥିତ ରହିଛେ, ତା'ହେଲେ ଆମର ଅଗ୍ରଗତି ପଥରେ ଯହାକିଛି ବାଧାବିଘ୍ନ, ଯାହାକିଛି ପ୍ରତିବନ୍ଧକ ରହିଛି, ସେସବୁକୁ ଅତି ସହଜରେ ଅତିକ୍ରମ କରି ଯାଆନ୍ତେ ।

ତେଣୁ ମନେହୁଏ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ବିଷୟଟିକୁ ମନେରଖିବା, ଏପରିକି ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବୋଧଗମ୍ୟ ଅନୁଭୂତି ମିଳେ ନାହିଁ ସେତେବେଳେ ମଧ୍ୟ ଏହାର ନିଶ୍ଚିତତା ସଂପର୍କରେ ନିଃସନ୍ଦେହ ହେବା, ଏହାର ସତ୍ୟ ଉପରେ ଦୃଢ଼ ବିଶ୍ୱାସ ରଖିବା । ଏହାକୁ ସବୁବେଳେ ସ୍ମରଣ ରଖିବାକୁ ହେବ, ବାରବାର, ନିରନ୍ତର ମନେ ପକାଇବାକୁ ହେବ, ନିଦ୍ରାଯିବ ଏହାର ଧାରଣା ସହ, ଜାଗ୍ରତ୍ ହେବ ଏହାର ପ୍ରତ୍ୟାଶା ସହ, ନିଜର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ ଏହି ମହାନ୍ ସତ୍ୟର ପ୍ରଚ୍ଛଦପଟରେ, ଏହାର ସମର୍ଥନରେ ନିରନ୍ତର ପୁଷ୍ଟ ହୋଇ, ଏହି ମହାନ୍ ସତ୍ୟ ହେଉଛି ଯେ ଆମେ ଏକ ନୂତନ ଜଗତର ଜନ୍ମଲାଭକୁ ଅବଲୋକନ କରୁଛେ ।

ଆମେ ଏଥିରେ ଅଂଶ ଗ୍ରହଣ କରିପାରୁ, ଆମେ ସ୍ୱୟଂ ଏହି ନୂତନ ଜଗତ୍ ହୋଇ ଉଠିପାରୁ । ଏବଂ ଯଥାର୍ଥରେ, ଯେତେବେଳେ ଆମର ଏହି ଅପୂର୍ବ ପରମସୁଯୋଗ ରହିଛି, ଏହା ଲାଭ କରିବା ନିମନ୍ତେ ସବୁକିଛି ତ୍ୟାଗ କରିବା ପାଇଁ ଆମେ ପ୍ରସ୍ତୁତ ହୋଇ ଉଠିବା ଉଚିତ । ❖

*ପ୍ରଶ୍ନ : କେବଳ ବିଶ୍ୱାସ କ'ଣ ସବୁକିଛି ସୃଷ୍ଟି କରିପାରେ, ସବୁକିଛିକୁ ଜୟ କରିପାରେ ?*

**ଶ୍ରୀମା** : ହଁ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ ବିଶ୍ୱାସ ହେବା ଆବଶ୍ୟକ, ଏବଂ ତାହା ଅଖଣ୍ଡ ହେବା ଆବଶ୍ୟକ । ଏବଂ ଏହି ବିଶ୍ୱାସ ଯେପରି ଏକ ଯଥାର୍ଥ ଧରଣର ବିଶ୍ୱାସ ହୁଏ, କେବଳ ମାନସିକ ଚିନ୍ତା ବା ଇଚ୍ଛାର ଏକ ଶକ୍ତି ନୁହେଁ, ତାହାଠାରୁ ଅଧିକତର ଓ ଗଭୀରତର କିଛି । ମନ ଯେଉଁ ସଂକଳ୍ପ ରଖିଥାଏ ତାହା ତା'ର ଏକ ବିରୁଦ୍ଧ ପ୍ରତିକ୍ରିୟା ଓ ପ୍ରତିରୋଧକୁ ସୃଷ୍ଟି କରେ ... । କେବଳ ମନର ବିଶ୍ୱାସ ଯଥେଷ୍ଟ ନୁହେଁ, ପ୍ରାଣର ଏକ ବିଶ୍ୱାସ, ଏପରିକି ଦେହର ଏକ ବିଶ୍ୱାସ ଦ୍ୱାରା ତାହାକୁ ସଂପୂର୍ଣ୍ଣ କରିବାକୁ ହେବ ଓ ଦୃଢ଼ ଭାବରେ ପ୍ରୟୋଗ କରିବାକୁ ହେବ । ତୁମେ ଯଦି ନିଜ ଭିତରେ, ତୁମର ସମଗ୍ର ସତ୍ତାରେ ଏହି ଧରଣର ଏକ ବିଶ୍ୱାସ ଗଢ଼ି ତୋଳିପାର, ତା' ହେଲେ କୌଣସି କିଛି ମଧ୍ୟ ତାହାର ପ୍ରତିରୋଧ କରିପାରିବ ନାହିଁ, କିନ୍ତୁ ତୁମକୁ ପୂରା ଅବଚେତନର ତଳକୁ ଯାଇ ପହଞ୍ଚିବାକୁ ହେବ ଏବଂ ପୂରା ଦେହକୋଷଗୁଡ଼ିକରେ ସେହି ବିଶ୍ୱାସକୁ ପ୍ରତିଷ୍ଠିତ କରିବାକୁ ହେବ ।

# ଅତିମାନସ ରୂପାନ୍ତରର ସର୍ତ୍ତାବଳୀ

## ଶ୍ରୀଅରବିନ୍ଦ

ଅତିମାନସ ରୂପାନ୍ତର ପାଇଁ ଯେଉଁ ପ୍ରସ୍ତୁତି ଦରକାର ସେଥିପାଇଁ ଏହିଗୁଡ଼ିକହିଁ ପ୍ରଧାନ ସର୍ତ୍ତ ଓ ପ୍ରୟୋଜନୀୟ ଅବସ୍ଥା । କିନ୍ତୁ ଏଥିଭିତରୁ କୌଣସିଟି ମଧ୍ୟ ସହଜ ନୁହେଁ, ଏବଂ ଏଗୁଡ଼ିକ ସମ୍ପୂର୍ଣ୍ଣ ହୋଇସାରିଲା ପରେ ଯାଇ ଆମେ କହିପାରୁ ଯେ ଆଧାର ପ୍ରସ୍ତୁତ ହୋଇଛି । ଯଦି ଯଥାର୍ଥ ମନୋଭାବ ବା ଆଭିମୁଖ୍ୟ (ଚୈତ୍ୟଭାବ, ଅହଂଶୂନ୍ୟତା ଓ କେବଳ ଭାଗବତୀ ଶକ୍ତି ପ୍ରତି ଉନ୍ମୀଳନ) ପ୍ରତିଷ୍ଠିତ ହୋଇପାରେ ତେବେ ଏହି ପ୍ରକ୍ରିୟା ଅନେକ ବେଶୀ ଦ୍ରୁତଗତିରେ ଆଗେଇ ଯାଇପାରେ : –

୧. ଚୈତ୍ୟସତ୍ତାକୁ ସମ୍ମୁଖ ଭାଗରେ ରଖ ଏବଂ ବରାବର ସେହିଠାରେହିଁ ତାକୁ ରଖିଚାଲ ଓ ତାହାର ଶକ୍ତିକୁ ମନ, ପ୍ରାଣ ଓ ଦେହ ଉପରେ ପକାଅ ଯେପରି ସେଗୁଡ଼ିକୁ ଏହା ନିଜର ଏକମୁଖୀ ଅଭୀପ୍ସା, ବିଶ୍ୱାସ, ଆସ୍ଥା ଓ ସମର୍ପଣର ଶକ୍ତି ବିଷୟରେ ଜଣାଇ ଅବହିତ କରିବ ଏବଂ ନିଜର ସେହି ଶକ୍ତି ବିଷୟରେ ମଧ୍ୟ ଜଣାଇ ଦେବ ଯାହା ସିଧାସଳଖ ଓ ସଙ୍ଗେ ସଙ୍ଗେ ମନ, ପ୍ରାଣ ଓ ଦେହ-ସତ୍ତା ଭିତରେ ରହିଥିବା ସେହି ଭୁଲଗୁଡ଼ିକୁ ଧରି ଦେଇପାରେ ଯାହା ଦିବ୍ୟ ଆଲୋକ ଓ ସତ୍ୟଠାରୁ ଦୂରରେ ରହି ଅହଂ ଓ ନାନା ଭ୍ରାନ୍ତି ଦିଗରେ ଢଳି ରହି ଥାଆନ୍ତି ।

୨. ଅହଂକୁ ତାହାର ସମସ୍ତ ରୂପ ଓ ଆକାର ପ୍ରକାର ସହ ସମ୍ପୂର୍ଣ୍ଣ ଉଚ୍ଛେଦ କର ଏବଂ ଚେତନାର ସମସ୍ତ ଗତିବୃତ୍ତିରୁ ତାହାର ବିଲୋପ ସାଧନ କର ।

୩. ବିଶ୍ୱଚେତନାର ବିକାଶସାଧନ କର – ବ୍ୟାପ୍ତି ଓ ପ୍ରସାରତା ଭିତରେ, ନୈର୍ବ୍ୟକ୍ତିକତା ଭିତରେ, ବିଶ୍ୱମୟ ଭଗବତ୍ ବୋଧ, ବିଶ୍ୱ ଶକ୍ତିର ପ୍ରତ୍ୟକ୍ଷ ଏବଂ ବିଶ୍ୱଲୀଳାର ବୋଧ ଓ ଉପଲବ୍ଧି ଭିତରେ ଅହଂଭାବାପନ୍ନ ସମସ୍ତ ମନୋଭାବ ଓ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଲୋପ ପାଇଯାଉ ।

୪. ଅହଂର ସ୍ଥାନରେ ନିଜର ଯଥାର୍ଥ ସତ୍ତାକୁ ଆବିଷ୍କାର କର – ସେହି ସତ୍ତା ଭଗବାନଙ୍କର ଏକ ଅଂଶ, ବିଶ୍ୱଜନନୀଙ୍କଠାରୁ ଜନ୍ମ ନେଇଛି, ଏବଂ ଭଗବତ୍ ଶକ୍ତିର ଏକ ଯନ୍ତ୍ର ହୋଇ ରହିଛି । ଭଗବାନଙ୍କର ଅଂଶବିଶେଷ ଓ ଯନ୍ତ୍ର ହୋଇଥିବାର ଏହି ବୋଧ ଯେପରି ସମସ୍ତ ଗର୍ବ, ଅହଂର ଆସ୍ଫାଳନ, ଶ୍ରେଷ୍ଠତ୍ୱର ବଡ଼ିମା, ଦାବି ଓ ବାସନା ଆଦିରୁ ମୁକ୍ତ ରହେ । କାରଣ ଯଦି ଏହି ଉପାଦାନଗୁଡ଼ିକ ଆସିଯାଏ ତା'ହେଲେ ତାହା ଆଦୌ ଯଥାର୍ଥ ଜିନିଷ ନୁହେଁ ।

୫. ଯୋଗସାଧନା କରୁଥିବା ଅଧିକାଂଶ ବ୍ୟକ୍ତି ମାନସିକ, ପ୍ରାଣିକ ଓ ଦୈହିକ ସତ୍ତାରେହିଁ ବାସ କରନ୍ତି ଓ କେତେକ ସମୟରେ ବା କେତେକ ପରିମାଣରେ ଊର୍ଦ୍ଧ୍ୱ ମନ ବା ଦୀପ୍ତ ମନ ଦ୍ୱାରା ଉଦ୍ଭାସିତ ହୋଇଉଠନ୍ତି । କିନ୍ତୁ ଅତିମାନସ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବାକୁ ହେଲେ ସଂବୋଧି ମାନସ ଓ ଅଧିମାନସ ପ୍ରତି ଉନ୍ମୋଚିତ ହେବାକୁ ହେବ, ଯାହାଫଳରେ ଏହି ଶକ୍ତିସବୁ ଆଧାରକୁ ଅତିମାନସ ପରିବର୍ତ୍ତନ ପାଇଁ ପ୍ରସ୍ତୁତ କରିବେ । ଶାନ୍ତ ଓ ନୀରବ ଭାବରେ ଚେତନାକୁ ବିକଶିତ ଓ ପ୍ରସାରିତ ହେବାକୁ ଦିଅ ଏବଂ ଏହିସବୁ ଶକ୍ତି ଓ ସତ୍ୟର ଜ୍ଞାନ କ୍ରମଶଃ ଅଧିକରୁ ଅଧିକ ଆସିବ ।

୬. ସ୍ଥିର ପ୍ରଶାନ୍ତି, ଭଲମନ୍ଦ ନିରୂପଣ ଜ୍ଞାନ, ଅନାସକ୍ତି (ଉଦାସୀନତା ନୁହେଁ) – ଏଗୁଡ଼ିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ, କାରଣ ଏଗୁଡ଼ିକର ବିପରୀତ ଜିନିଷ ରୂପାନ୍ତରକାରୀ କ୍ରିୟାରେ ଖୁବ୍ ବାଧା ସୃଷ୍ଟି କରିପାରେ । ଅଭୀପ୍ସାର ତୀବ୍ରତା ରହିବା ଉଚିତ, କିନ୍ତୁ ତହିଁ ସଙ୍ଗେ ସଙ୍ଗେ ଏପରି ଭାବ ରହିବା ଉଚିତ ଯେ ଯେଉଁଠି ଅତି ଚଞ୍ଚଳ ଓ ତରବରିଆ ଭାବ ନାହିଁ କି ଜଡ଼ତାର ଭାବ ନାହିଁ, ରାଜସିକ ଅତିବ୍ୟଗ୍ରତା ନାହିଁ କି ତାମସିକ ହତୋତ୍ସାହତା ନାହିଁ – ଏକ ଧୀର ସ୍ଥିର, ଦୃଢ଼ ତଥା ଲାଗି ରହିବାର ଭାବ ଏବଂ ନୀରବ ଆହ୍ୱାନ ଓ କ୍ରିୟାଶୀଳ ହୋଇ ରହିବାର ଭାବ ରହିବା ଆବଶ୍ୟକ । କୌଣସି ଉପଲବ୍ଧିକୁ ଜୋର କରି ଛଡ଼ାଇ ଆଣିବାର ଭାବ ବା ଜାବୁଡ଼ି ଧରିରଖିବାର ଭାବ ନରଖି ସେହି ଉପଲବ୍ଧି ଯେପରି ଭିତରୁ ଓ ଊର୍ଦ୍ଧ୍ୱରୁ ଆସିବ ସେଥିପାଇଁ ବାଟ ଛାଡ଼ି ଦେବା ସଙ୍ଗେ ସଙ୍ଗେ ତାହାର କ୍ଷେତ୍ର, ପ୍ରକୃତି ଓ ସୀମାକୁ ନିର୍ଭୁଲ ଭାବରେ ପର୍ଯ୍ୟବେକ୍ଷଣ କରିବା ଉଚିତ ।

୭. ମା'ଙ୍କର ଶକ୍ତି ତୁମ ଭିତରେ କ୍ରିୟାକରୁ, କିନ୍ତୁ ସତର୍କ ରୁହ ଯେପରି ଏହା ସ୍ଥାନରେ ଏପରି ଅନ୍ୟ କୌଣସି ମିଶ୍ରଣ ବା ଏହା ବଦଳରେ ଅନ୍ୟ କିଛି ଶକ୍ତି କ୍ରିୟା ନକରୁ ଯାହାକି ହୁଏତ ଏକ ଅତି ସ୍ଫୀତ ଅହଂର କ୍ରିୟା ଅଥବା ଏକ ଅଜ୍ଞାନଶକ୍ତିର କ୍ରିୟା ଯାହା ଦିବ୍ୟସତ୍ୟର ଛଦ୍ମବେଶ ଧାରଣ କରିଥିବ । ବିଶେଷକରି ତୁମ ପ୍ରକୃତି ଭିତରେ ରହିଥିବା ସମସ୍ତ ଅଜ୍ଞାନତା ଓ ଅଚେତନାର ବିଲୋପ ପାଇଁ ଅଭୀପ୍ସା କର । ❖

# ରୂପାନ୍ତରର ମାର୍ଗ-ଦର୍ଶନ

## ଶ୍ରୀମା

ରୂପାନ୍ତରର ଏହି ସମସ୍ୟା – ମୁଁ ଆହୁରି ଅଧିକ ସ୍ପଷ୍ଟ ଭାବରେ ଦେଖି ପାରୁଛି ଯେ ଏ ଦିଗରେ ତିନିଟି ମାର୍ଗ-ଦର୍ଶନ, ଆଗେଇବାର ତିନିଟି ବାଟ ରହିଛି ଓ ପୂର୍ଣ୍ଣ ରୂପାନ୍ତର ପାଇଁ ଏହି ତିନିଟିକୁ ଏକତ୍ରିତ ଓ ସମନ୍ୱିତ କରିବାକୁ ହେବ ।

ପ୍ରଥମେ ଯେଉଁ ପଥ ଧରି ଆଗେଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରୟୋଜନୀୟ, ଯାହାକୁ 'ଆଧ୍ୟାତ୍ମିକ' ବୋଲି କୁହାଯାଇ ପାରେ, ତା' ହେଉଛି ଦିବ୍ୟ-ଚେତନା ସହିତ ସଂଯୋଗ – ପ୍ରେମ-ଚେତନା-ଶକ୍ତି ସହିତ ସଂଯୋଗ, ହଁ, ଏହାହିଁ ହେଉଛି ସେହି ତିନିଟି ବିଭାବ, ପରମ ପ୍ରେମ-ଚେତନା-ଶକ୍ତି ଏବଂ ତା' ସହ ସଂଯୋଗ ଓ ଏକାତ୍ମତା ଲାଭ, ଯାହା ଫଳରେ ସମସ୍ତ ଜଡ଼ ଦେହକୋଷ ସେହି ପରମଙ୍କୁ ଗ୍ରହଣ କରିବା ପାଇଁ, ତାଙ୍କୁ ପ୍ରକାଶ କରିବା ପାଇଁ ଓ ସ୍ୱୟଂ ତାହା ହୋଇ ଉଠିବା ପାଇଁ ସମର୍ଥ ହେବ ।

ସବୁଗୁଡ଼ିକ ଉପାୟ ମଧ୍ୟରେ ଏହାହିଁ ସବୁଠାରୁ ଶକ୍ତିଶାଳୀ ଓ ସବୁଠାରୁ ଅପରିହାର୍ଯ୍ୟ ।

ଏକ ଅତୀନ୍ଦ୍ରିୟ ଗୂଢ଼ ମାର୍ଗ ମଧ୍ୟ ରହିଛି, ଯାହା ମଧ୍ୟବର୍ତ୍ତୀ ଜଗତଗୁଡ଼ିକର ହସ୍ତକ୍ଷେପକୁ ସମ୍ଭବ କରାଏ । ସେତେବେଳେ ସମସ୍ତ ମଧ୍ୟବର୍ତ୍ତୀ ଜଗତର ଅଞ୍ଚଳଗୁଡ଼ିକ ସମ୍ପର୍କରେ, ତାହାର ସମସ୍ତ ଶକ୍ତି ଓ ବ୍ୟକ୍ତିତ୍ୱମାନଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଟିକିନିଖି ଜ୍ଞାନ ହୁଏ ଏବଂ ଏହା ସେ ସବୁଗୁଡ଼ିକୁ ଉପଯୋଗ କରେ । ଏହିଠାରେହିଁ ଅଧିମାନସ ଜଗତର ଦେବାଦେବୀଙ୍କ ସହାୟତାକୁ ବ୍ୟକ୍ତି ଉପଯୋଗ କରେ । ଏହା ହେଉଛି ଦ୍ୱିତୀୟ ମାର୍ଗ । ଶିବ, କୃଷ୍ଣ ଓ ଭଗବତୀ ଦିବ୍ୟଜନନୀଙ୍କ ସମସ୍ତ ବିଭାଗ ହେଉଛି ଏହି ଦ୍ୱିତୀୟ ମାର୍ଗରହିଁ ଅଙ୍ଗ ।

ଏହାପରେ ଆଉ ମଧ୍ୟ ରହିଛି ଉର୍ଦ୍ଧ୍ୱତର ବୁଦ୍ଧି ଓ ଜ୍ଞାନର ମାର୍ଗ । ଏହା ହେଉଛି ଆତ୍ମାକୁ ବୈଜ୍ଞାନିକ ଦୃଷ୍ଟିର ଉର୍ଦ୍ଧ୍ୱରେ ଅତିକ୍ରମ କରି ଉପଲବ୍ଧି କରିବା । ବିଜ୍ଞାନ ଏହି ସମସ୍ୟାଟିକୁ ତଳ ଆଡୁହିଁ ଧରିଥାଏ ଏବଂ ତାହାର ମଧ୍ୟ ଗୁରୁତ୍ୱ ଓ ପ୍ରୟୋଜନୀୟତା ରହିଛି । ଟିକିନିଖି ଭାବରେ ସମସ୍ୟାଟିକୁ ହାତକୁ ନେଇ ବ୍ୟାବହାରିକ ଦୃଷ୍ଟିକୋଣରୁ ତାହାର ସମସ୍ତ ଅନିଶ୍ଚୟତାକୁ ହ୍ରାସ କରିଦିଏ ଓ ଏହା ଆଣିଦିଏ ଅଧିକତର ନିର୍ଭୁଲ, ପ୍ରତ୍ୟକ୍ଷ ଓ ସୁନିର୍ଦ୍ଦିଷ୍ଟ କ୍ରିୟା ।

ଏହି ତିନିଟିକୁ ଯଦି ଏକତ୍ର ମିଶାଇ ସମନ୍ୱିତ କରାଯାଇ ପାରିବ, ତା'ହେଲେ ସ୍ୱାଭାବିକ ଭାବରେ ଜିନିଷଟି ଆହୁରି ଦ୍ରୁତଗତିରେ ଆଗେଇ ଚାଲିବ ।

ପ୍ରଥମଟି ବିନା କୌଣସି କିଛି ମଧ୍ୟ ସମ୍ଭବ ନୁହେଁ । ଏହାକୁ ବାଦ୍ ଦେଲେ ଅନ୍ୟ ଦୁଇଟି ଏପରିକି ଅନେକଟା ଭ୍ରମପୂର୍ଣ୍ଣ, ସେଗୁଡ଼ିକ ତୁମକୁ କେଉଁଠି ପହଞ୍ଚାଇ ଦେଇପାରିବେ ନାହିଁ, କେବଳ ଭ୍ରମ ଭିତରେହିଁ ଘୂରିବୁଲିବା ସାର ହେବ । କିନ୍ତୁ ପ୍ରଥମଟିକୁ ଯଦି ଅନ୍ୟ ଦୁଇଟିର ପୋଷାକ ପିନ୍ଧାଇ ଦିଅ ତେବେ ମୋର ମନେହୁଏ କାମଟି ଆହୁରି ସଂକ୍ଷିପ୍ତ, ସୁନିର୍ଦ୍ଦିଷ୍ଟ, ସିଧାସଳଖ ଓ ଦ୍ରୁତ ହୋଇଯାଇ ପାରିବ ।

ଆଜିକାଲି ମୋର ''ଅଧ୍ୟୟନ''ର ଏହାହିଁ ହେଉଛି ଫଳାଫଳ । ❖

# ରୂପାନ୍ତରର ଚାରିଟି ଉପାଦାନ*

## ଶ୍ରୀଅରବିନ୍ଦ

ଏହି ଯୋଗ ହେଉଛି ସତ୍ତାର ରୂପାନ୍ତର ଯୋଗ । କେବଳ ଅନ୍ତରାତ୍ମା ବା ଭଗବତ୍ ପ୍ରାପ୍ତିର ଯୋଗ ଏହା ନୁହେଁ, ଯଦିଓ ସେହି ପ୍ରାପ୍ତି ହେଉଛି ଏହାର ଭିତ୍ତି, ଯାହା ବ୍ୟତୀତ କୌଣସି ରୂପାନ୍ତର ସମ୍ଭବପର ନୁହେଁ । ଏହି ରୂପାନ୍ତରର ଚାରିଟି ଉପାଦାନ ରହିଛି । ଚୈତ୍ୟସତ୍ତାର ଉନ୍ମୀଳନ, ଗୂଢ଼ତତ୍ତ୍ୱମୂଳକ (occult)ଜଗତସବୁର ଭିତରଦେଇ ସଂକ୍ରମଣ ବା ଗମନାଗମନ, ଆଧ୍ୟାତ୍ମିକ ମୁକ୍ତି ଓ ଅତିମାନସ ପୂର୍ଣ୍ଣତା । ଏଥିଭିତରୁ କୌଣସି ଗୋଟିଏ ବି ଯଦି ସେହି ପ୍ରାପ୍ତିରୁ ବାଦ୍ ପଡ଼ିଯାଏ, ତେବେ ଏହି ଯୋଗ ଅପୂର୍ଣ୍ଣ ରହିଯିବ ।

ମୁଁ ଯାହାକୁ ଚୈତ୍ୟ ବୋଲି କହୁଛି, ତାହା ହେଉଛି ଅନ୍ତରତମ ଆତ୍ମସତ୍ତା ଓ ଆତ୍ମପ୍ରକୃତି । ସାଧାରଣ ଭାଷାରେ ଏହି ଚୈତ୍ୟ (psychic) ଶବ୍ଦଟି ଯେପରି ବ୍ୟବହାର କରାଯାଏ, ମୁଁ ସେହି ଅର୍ଥରେ ଏହାର ପ୍ରୟୋଗ କରୁ ନାହିଁ; କାରଣ ସାଧାରଣତଃ ଏହାର ବ୍ୟବହାରରେ ବହୁ ଅସ୍ପଷ୍ଟତା ରହିଥାଏ ଏବଂ ତହିଁରେ ଏହି ଅନ୍ତରାତ୍ମାର ଯଥାର୍ଥ ପ୍ରକୃତି ପରିସ୍ଫୁଟ ନ ହୋଇ ନାନା ଭୁଲ୍ ବ୍ୟାଖ୍ୟାର ଅବକାଶ ରହିଥାଏ । ଏବଂ ଅନେକ ସମୟରେ ଏହାର ଏପରି ବ୍ୟାପକ ଓ ବିସ୍ତାରିତ ଅର୍ଥ ଦିଆଯାଇଥାଏ ଯେ ଯାହା ଫଳରେ ଏହାକୁ ଏହାର ନିଜସ୍ୱ କ୍ଷେତ୍ରରୁ ବହୁଦୂରକୁ ଟାଣି ନିଆଯାଇଥାଏ । ଅସ୍ୱାଭାବିକତାର ବା ଅତିପ୍ରାକୃତ ମନର ବା ଗୁହ୍ୟତତ୍ତ୍ୱ ଅନ୍ତର୍ଗତ ବିଭିନ୍ନ କ୍ରିୟାକଳାପକୁ ଚୈତ୍ୟ ବୋଲି ଆଖ୍ୟା ଦିଆଯାଇଥାଏ । ଯଦି କୌଣସି ଲୋକର ଏକ ଦ୍ୱୈତ ବ୍ୟକ୍ତିତ୍ୱ ଥାଏ, ଏବଂ ଗୋଟିଏ ସ୍ୱଭାବରୁ ଅନ୍ୟ ଏକ ସ୍ୱଭାବକୁ ତାହା ବରାବର ପରିବର୍ତ୍ତିତ ହେଉଥାଏ ବା ଜଣେ ବ୍ୟକ୍ତିର ଆସନ୍ନ ମୃତ୍ୟୁ ସମୟରେ ତାହାର ଏକ ସୂକ୍ଷ୍ମଶରୀର ଯଦି ତା'ର ବିସ୍ମୟାଭିଭୂତ ବନ୍ଧୁର ପ୍ରକୋଷ୍ଠରେ ଚଲାବୁଲା କରୁଥିବାର ଦେଖାଯାଏ, ଯାହାକି ପ୍ରକୃତରେ ତା'ର ପ୍ରାଣିକ ଶରୀରର ଏକ ଅଂଶବିଶେଷ ମାତ୍ର ବା ତା'ର ଚିନ୍ତାର ଏକ ଗଠନ ମାତ୍ର; କିଂବା କୌଣସି ଗୃହରେ ଯଦି ଭୂତପ୍ରେତର ଦୌରାତ୍ମ୍ୟ ଫଳରେ ନାନା ଅଘଟଣ ଘଟୁଥିବାର ଦେଖାଯାଏ, ତେବେ ଏଗୁଡ଼ିକୁ ଚୈତ୍ୟ ଘଟଣା ବୋଲି ଆଖ୍ୟା ଦିଆଯାଇଥାଏ ଏବଂ ଏଗୁଡ଼ିକୁ ଚୈତ୍ୟ-ଗବେଷଣାର ଅନ୍ତର୍ଗତ କଳାଭଳି ଉପଯୁକ୍ତ ତଥ୍ୟ ବୋଲି ମନେକରାଯାଏ । କିନ୍ତୁ ପ୍ରକୃତରେ ଚୈତ୍ୟ ସଙ୍ଗେ ଏଗୁଡ଼ିକର କୌଣସି ସଂପର୍କ ନାହିଁ ।

ଆଉ ମଧ୍ୟ, ଯୋଗର କ୍ଷେତ୍ରରେ ଏପରି ଅନେକ କିଛି ଘଟିଥାଏ ଯାହାକି କେବଳ ଗୁହ୍ୟ-ଜଗତର ଜିନିଷ; ପ୍ରାଣ, ମନ ଓ ସୂକ୍ଷ୍ମ ଭୌତିକ ସ୍ତରର ଅନେକ ଜିନିଷ ଯାହାକି ସାଧାରଣ ଦୃଷ୍ଟିରେ ଧରା ପଡ଼େ ନାହିଁ । ନାନା ସୂକ୍ଷ୍ମଦର୍ଶନ, ନାନା ପ୍ରତୀକାତ୍ମକ ବସ୍ତୁ, ଏଗୁଡ଼ିକର ନାନା ମିଶ୍ରଣ, ଅନେକ ସମୟରେ ଖୁବ୍ ଗୋଳମାଳିଆ, ଧୂଆଁଳିଆ ଓ ଛାୟାଭାସ ରୂପରେହିଁ ଏଗୁଡ଼ିକ ଆସିଥାଏ । ଏବଂ ଏଗୁଡ଼ିକ ଗଠିତ ହୋଇଥାଏ ଅନୁଭୂତିର ଏପରି ଏକ ରାଜ୍ୟରେ ଯେଉଁଠି ବିଭ୍ରାନ୍ତିକର ମାୟାଜାଲର ସ୍ତର ବିସ୍ତାରିତ ଏବଂ ଏହି ଅଞ୍ଚଳଟି ଆତ୍ମା ଏବଂ ଆତ୍ମାର ବାହ୍ୟ ଉପୁରିଆ ଯନ୍ତ୍ର ଇତର ମାନୁଷୀ ଚେତନା ଭିତରେ ରହିଥିବା ଏକ ମଧ୍ୟବର୍ତ୍ତୀ ଅଞ୍ଚଳ । ଏହି ମଧ୍ୟବର୍ତ୍ତୀ ଅଞ୍ଚଳରେ ଘଟୁଥିବା ସମସ୍ତ ଅରାଜକତାକୁ ଚୈତ୍ୟ ଅନୁଭୂତିର ନାମ ଦିଆଯାଇଥାଏ, ଅଥଚ ଆଧ୍ୟାତ୍ମିକ ଆବିଷ୍କାରର କ୍ଷେତ୍ରରେ ଏଗୁଡ଼ିକ ହେଉଛି ସବୁଠୁ ନିକୃଷ୍ଟ ଓ ସନ୍ଦେହାତ୍ମକ ଅଞ୍ଚଳ । ଆଉ ମଧ୍ୟ ମାନସିକଭାବାପନ୍ନ କାମନା-ଆତ୍ମା ଏବଂ ଯଥାର୍ଥ ଆତ୍ମା ଭିତରେ ପାର୍ଥକ୍ୟକୁ ଠିକ୍ ଭାବରେ ନିରୂପଣ ନ କରି ଗୋଟିକୁ ବରାବର ଅନ୍ୟଟି ସହିତ ସମାନ ବୋଲି ଭୁଲ୍ କରାଯାଇଥାଏ । କାମନା-ଆତ୍ମାଟି ହେଉଛି ମଣିଷ ଭିତରେ ରହିଥିବା ପ୍ରାଣିକ ପ୍ରବେଗର ସୃଷ୍ଟି ଏବଂ ଏହା ନିଜ ପ୍ରାଣଶକ୍ତିକୁ ପୂର୍ଣ୍ଣଭାବରେ ଚରିତାର୍ଥ କରିବାକୁ ଚାହୁଁଥାଏ । କିନ୍ତୁ ଯଥାର୍ଥ ଅନ୍ତରାତ୍ମା ହେଉଛି ଭଗବତ୍ ଅଗ୍ନିର ଏକ ସ୍ଫୁଲିଙ୍ଗ, ଭଗବାନଙ୍କର ଏକ ଅଂଶ । ଯେହେତୁ ସେହି ଅନ୍ତରାତ୍ମା, ସେହି ଚୈତ୍ୟସତ୍ତା ମନ, ପ୍ରାଣ ତଥା ଶରୀରକୁ ନିଜର ବିକାଶ ଓ ଅନୁଭୂତି ପାଇଁ ଏକ ଯନ୍ତ୍ର ରୂପେ ବ୍ୟବହାର କରିଥାଏ,

* ୧୯୨୭ ରୁ ୧୯୪୦ ଭିତରେ ଶ୍ରୀଅରବିନ୍ଦଙ୍କ ନୋଟ୍ ଖାତାରେ ଲିଖିତ କେତେକ ରଚନାଂଶରୁ ଏହା ଗୃହୀତ ।

ସେଥିଲାଗି ଅନେକ ସମୟରେ ଏପରି ମନେହୁଏ ଯେ ସ୍ୱୟଂ ସେହି ଅନ୍ତରାତ୍ମା ହେଉଛି ମନ ଓ ପ୍ରାଣର ଏକ ମିଶ୍ରଣ ବା ମନ ଓ ପ୍ରାଣର ଏକ ପ୍ରକାର ସୂକ୍ଷ୍ମ ଆନ୍ତର ଗଠନ ।

ଯୋଗର କ୍ଷେତ୍ରରେ ଆମେ ଯଦି ଅନ୍ତରାତ୍ମା ସଂପର୍କରେ ଏହି ସମସ୍ତ ଏଣୁ ତେଣୁ ବିଚାର ଓ ବିଭ୍ରାଟଗୁଡ଼ିକୁ ଅନ୍ତରାତ୍ମାର ଉପାଦାନ ବା ଅନ୍ତରାତ୍ମାର ଗତିବୃତ୍ତି ରୂପେ ଗ୍ରହଣ କରିନେଉ ତେବେ ଅଯଥାରେ ଏକ ବିଭ୍ରାନ୍ତି ଭିତରେ ପ୍ରବେଶ କରିବାହିଁ ସାର ହେବ । ଏଗୁଡ଼ିକ ହେଉଛି ଅନ୍ତରାତ୍ମା ଉପରେ କେବଳ ଆବରଣ ମାତ୍ର, ସ୍ୱୟଂ ଅନ୍ତରାତ୍ମା ହେଉଛି ଏକ ଆନ୍ତର ଦିବ୍ୟତା ଯାହା ମନ ବା ପ୍ରାଣ ବା ଶରୀରଠାରୁ ଅନେକ ମହତ୍ତର । ଏହା ଏପରି ଏକ ଦିବ୍ୟସଦ୍‌ବସ୍ତୁ ଯେ ଥରେ ଏହା ନିଜ ଯନ୍ତ୍ରଗୁଡ଼ିକର ଅଜ୍ଞାନାଚ୍ଛନ୍ନ ଆବରଣରୁ ମୁକ୍ତ ହୋଇଗଲେ, ସଙ୍ଗେ ସଙ୍ଗେ ଏହା ଭଗବାନଙ୍କ ସହିତ, ଆତ୍ମା ସହିତ ଏବଂ ସତ୍ତାର ଦିବ୍ୟସତ୍ୟ ସହିତ ସିଧାସଳଖ, ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିପାରିବ ।

*

ପୂର୍ଣ୍ଣଯୋଗରେ ଆମର ଆଧ୍ୟାତ୍ମିକ ପ୍ରତିଷ୍ଠାର ଏକ କ୍ରମବିକାଶଶୀଳ ଆବିଷ୍କାର ହୋଇଥାଏ; ଏହି ଆବିଷ୍କାରର ଅଗ୍ରଗତି ସଙ୍ଗେ ଯୋଡ଼ି ହୋଇ ରହିଥାଏ ଆମ ପ୍ରକୃତିର ଏକ ସକ୍ରିୟ ଗତିଶୀଳ ନବ ସୃଜନ । ଏକ ତ୍ରୟୀ ରୂପାନ୍ତର ହେଉଛି ଏହାର ପଦ୍ଧତି ଏବଂ ଏହାର ସମଗ୍ର ଅର୍ଥ ଓ ତାତ୍‌ପର୍ଯ୍ୟର ପରିପ୍ରକାଶ ।

ପ୍ରଥମ ଆବିଷ୍କାରଟି ହେଉଛି ଅନ୍ତରାତ୍ମାକୁ ତା'ର ଛଦ୍ମବେଶୀ ମୁଖାରୁ, ତାହାର ପରଦାର ଆବରଣରୁ ଅନାବୃତ କରିବା ଏବଂ ମନ, ପ୍ରାଣ ଓ ଶରୀରର ସେହି ଅବରୁଦ୍ଧ କାରା-ପ୍ରାଚୀର ଭିତରୁ ମୁକ୍ତ କରିବା – ସେତେବେଳେ ଚୈତ୍ୟସତ୍ତା, ଯାହା ହେଉଛି ଆମ ପ୍ରକୃତିରେ ଭଗବତ୍ ଉପାଦାନ ଓ ଯାହା ଏହାକୁ ଏହାର ସ୍ଥାୟିତ୍ୱ ଓ ଅମରତ୍ୱ ପ୍ରଦାନ କରେ, ସେହି ଚୈତ୍ୟସତ୍ତାହିଁ ଖୋଲାଖୋଲି ଭାବେ ହୋଇ ଉଠିବ ଆମ ଯନ୍ତ୍ରଗୁଡ଼ିକର ଶାସକ ଏବଂ ସେହି ଯନ୍ତ୍ରଗୁଡ଼ିକୁ ପରିବର୍ତ୍ତିତ କରି ସେ ନିଯୁକ୍ତ କରିବ ସଚେତ ଆଧ୍ୟାତ୍ମିକ ପ୍ରତିନିଧି ରୂପେ, ଯାହାଫଳରେ ସେମାନେ ଆଉ ଅଜ୍ଞାନର ଏକ ରୂପ ବଦଳାଉଥିବା ଗଠନ ମାତ୍ର ହୋଇ ରହିବେ ନାହିଁ ।

*

ପୂର୍ଣ୍ଣଯୋଗ ବୋଲି ମୁଁ ଯାହାକୁ କୁହେ ତା'ର ଅର୍ଥ ହେଉଛି ଆତ୍ମ-ମୁକ୍ତି ଓ ଆତ୍ମ ପୂର୍ଣ୍ଣତାର ଏକ ବହୁମୁଖୀ ମାର୍ଗ ବା ଉପାୟ; ଏହା ହେଉଛି ଆମ ସମଗ୍ର ସତ୍ତାର ଏପରି ଏକ ମୌଳିକ ପରିବର୍ତ୍ତନ, ଯାହା ଦ୍ୱାରା ବର୍ତ୍ତମାନର ମାନସିକ, ପ୍ରାଣିକ ଓ ଦୈହିକ ମାନୁଷୀ ଅଜ୍ଞାନତା ଭିତରୁ ଆମର ଅଭିବୃଦ୍ଧି ହୁଏ ଏକ ବୃହତ୍ତର ଏବଂ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଓ ଭଗବତ୍ ଚେତନା ଭିତରକୁ । ଏହି ମୁକ୍ତି, ଏହି ପରିବର୍ତ୍ତନ ବା ରୂପାନ୍ତରର ଫଳ ସ୍ୱରୂପ ପୂର୍ଣ୍ଣାଙ୍ଗ ସତ୍ୟ-ସମନ୍ୱିତ ଆମ ଭଗବତ୍ ଉତ୍ସ ସହ ଏକ ମିଳନ ସଂଘଟିତ ହୁଏ । ଆମର ସମଗ୍ର ସତ୍ତା ଓ ପ୍ରକୃତିର ଉତ୍ତରଣ ହୁଏ ସେହି ଦିବ୍ୟଭଗବତ୍ ଅସ୍ତିତ୍ୱ, ଭଗବତ୍ ଚେତନା ଓ ଭଗବତ୍ ଆନନ୍ଦ ଭିତରକୁ ଏବଂ ଆମର ସମଗ୍ର ପ୍ରକୃତି ଭିତରକୁ ଅବତରଣ କରିଆସେ ଭଗବତ୍ ଅନନ୍ତ ବିସ୍ତାର, ଆଲୋକ, ଜ୍ଞାନ, ଶକ୍ତି, ଉତ୍‌ଫୁଲ୍ଲତା ଓ ଆନନ୍ଦ ।

ସବୁ ସମୟରେ ତୁମକୁ ସମସ୍ତ ସାହାଯ୍ୟ ଦିଆଯାଉଛି; କିନ୍ତୁ ତାହା ତୁମକୁ ଗ୍ରହଣ କରିବା ପାଇଁ ଶିଖିବାକୁ ହେବ ତୁମ ହୃଦୟର ନୀରବତାରେ, ବାହ୍ୟ ଉପାୟଗୁଡ଼ିକର ମାଧ୍ୟମରେ ନୁହେଁ । ତୁମ ହୃଦୟର ନୀରବତାରେହିଁ ଭଗବାନ୍ ତୁମ ସଙ୍ଗେ କଥା କହିବେ ଓ ତୁମର ପଥ ନିର୍ଦ୍ଦେଶ କରିବେ ଓ ତୁମର ଲକ୍ଷ୍ୟ ଦିଗରେ ତୁମକୁ ଆଗେଇ ନେବେ । କିନ୍ତୁ ସେଥିପାଇଁ ଭଗବତ୍ କୃପା ଓ ପ୍ରେମ ଉପରେ ତୁମର ପୂର୍ଣ୍ଣ ଓ ଅଖଣ୍ଡ ବିଶ୍ୱାସ ରହିବା ଆବଶ୍ୟକ ।

— ଶ୍ରୀମା

# ଚାବିକାଠିଟି ନିଜ ଭିତରେ

## ଶ୍ରୀମା

ମୂଳତଃ, ମାନବସମାଜର ଏକ ବିପୁଳ ସଂଖ୍ୟାଗରିଷ୍ଠ ଅଂଶ ଏକ ପ୍ରକାର ବନ୍ଦୀ ଭଳି ଜୀବନ କଟାନ୍ତି; ସମସ୍ତ କବାଟ ଝରକା ବନ୍ଦ ରହିଥାଏ ଓ ତା' ଭିତରେ ସେମାନେ ଶ୍ୱାସରୁଦ୍ଧ ହୋଇ ରହିଥା'ନ୍ତି, ଯାହା ହେବା ଖୁବ୍ ସ୍ୱାଭାବିକ। କିନ୍ତୁ ସେମାନଙ୍କ ନିଜ ପାଖରେହିଁ ସେହି ଚାବିକାଠିଟି ରହିଛି ଯାହାଦ୍ୱାରା ସେମାନେ ସେହି ଦରଜା, ଝରକା ଖୋଲିଦେଇ ପାରନ୍ତେ, କିନ୍ତୁ ସେମାନେ ସେହି ଚାବିକୁ ବ୍ୟବହାର କରନ୍ତି ନାହିଁ। ଅବଶ୍ୟ ଏହା ଠିକ୍ ଯେ ଗୋଟିଏ ସମୟ ଥାଏ ଯେତେବେଳେ ସେମାନେ ଜାଣି ନ ଥା'ନ୍ତି ଯେ ଚାବିଟି ସେମାନଙ୍କ ନିଜ ପାଖରେହିଁ ରହିଛି। କିନ୍ତୁ ସେହି ଚାବି କଥାଟି ଜାଣିସାରିବା ପରେ ବହୁଦିନ କଟି ଯାଇଥିଲେ ମଧ, ସେବିଷୟରେ ସେମାନଙ୍କୁ ସ୍ପଷ୍ଟ ଜଣାଇଦେବା ପରେ ବହୁକାଳ ବିତି ଯାଇଥିଲେ ମଧ ତଥାପି ସେମାନେ ସେହି ଚାବିକାଠିର ସଦ୍‌ବ୍ୟବହାର କରିବାକୁ କୁଣ୍ଠିତ ହୁଅନ୍ତି। ସେମାନଙ୍କ ଭିତରେ ସନ୍ଦେହ ଆସେ ଯେ ସତରେ କ'ଣ ଏହି ଚାବିର ସେହିସବୁ ବନ୍ଦ ଦରଜା ଓ ଝରକା ଖୋଲିଦେବାର ଶକ୍ତି ଅଛି ? ଏପରିକି ସେଗୁଡ଼ିକ ଖୋଲିଦେବା କେତେଦୂର ବାଞ୍ଛନୀୟ, ସେ ସଂପର୍କରେ ମଧ ସେମାନଙ୍କ ଭିତରେ ସନ୍ଦେହ ଓ ପ୍ରଶ୍ନ ଦେଖାଦିଏ। ଏପରିକି ଯଦି ସେମାନେ ଥରଟିଏ ଅନୁଭବ କଲେ ଯେ ''ଯା'ହେଲେ ବି ଏଗୁଡ଼ିକ ଖୋଲିଦେବାହିଁ ବାଞ୍ଛନୀୟ'' ତଥାପି ଏକପ୍ରକାର ଭୟ ସେମାନଙ୍କୁ ଡରାଇଚାଲେ ଯେ ''ଯଦି ଥରେ ଏହିସବୁ ଦରଜା, ଝରକା ଖୋଲିଯାଏ ତେବେ ତା'ପରେ କ'ଣ ଘଟିବ ?'' ସେହି ଭୟ ସେମାନଙ୍କୁ କବଳିତ କରେ; ବନ୍ଦ କବାଟସବୁ ଖୋଲିଗଲେ ଯେଉଁ ଆଲୋକ ଓ ଯେଉଁ ମୁକ୍ତି ମିଳିବ ତହିଁରେ ସେମାନେ ନିଜକୁ କାଳେ ହରାଇଦେବେ ବୋଲି ଭୟଭୀତ ହୋଇ ପଡ଼ନ୍ତି। ଯାହାକୁ ସେମାନେ 'ନିଜେ' ବୋଲି କହିଥା'ନ୍ତି ତାହାରି ଭିତରେ ଆବଦ୍ଧ ହୋଇ ରହିବାକୁହିଁ ସେମାନେ ଚାହାନ୍ତି। ସେହି ମିଥ୍ୟା ଓ ଦାସତ୍ୱକୁ ସେମାନେ ଭଲ ପାଆନ୍ତି। ସେମାନଙ୍କ ଭିତରେ କିଛି ଅଂଶ ତାହାକୁ ଭଲ ପାଉଥାଏ ଓ ତାହାକୁ ଜାବୁଡ଼ିଧରି ରହିଥାଏ। ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କର ସୀମାଗୁଡ଼ିକୁ ଯଦି ଉଠାଇ ନିଆଯାଏ ତା'ହେଲେ ସେମାନେ ଆଉ ଆଦୌ ତିଷ୍ଠି ପାରିବେ ନାହିଁ।

ସେଥିପାଇଁ ଯୋଗ-ପଥରେ ଆମର ଏହି ଯାତ୍ରାଟି ଏତେ ଦୀର୍ଘ ଓ ଏତେ ବାଧାବିଘ୍ନପୂର୍ଣ୍ଣ ହୋଇଥାଏ। କାରଣ ଯଦି ଆମେ ଯାହା ହୋଇରହିଛୁ ଆଉ ସେପରି ହୋଇ ନ ରହିବା ପାଇଁ ପୂର୍ଣ୍ଣ ପ୍ରାଣରେ ସମ୍ମତି ଦେଉ, ତେବେ ସବୁକିଛି କେଡ଼େ ସହଜ ହୋଇଯାଏ, କେଡ଼େ ତ୍ୱରାନ୍ୱିତ, କେଡ଼େ ଆଲୋକମୟ ଓ ଆନନ୍ଦମୟ ହୋଇଉଠେ – ଅବଶ୍ୟ ମଣିଷମାନେ ଯାହାକୁ ଆନନ୍ଦ ଓ ସ୍ୱଚ୍ଛନ୍ଦ ବୋଲି କୁହନ୍ତି ଏହା ସେହି ରୂପ ନେଇ ଆସେ ନାହିଁ। ଖୁବ୍ କ୍ୱଚିତ୍ ଲୋକ ଅଛନ୍ତି ଯେଉଁମାନଙ୍କର ନିଜ ଭିତରେ ସଂଗ୍ରାମର ଆକର୍ଷଣ ନାହିଁ। ଖୁବ୍ କ୍ୱଚିତ୍ ଲୋକ ଅଛନ୍ତି ଯେଉଁମାନେ ନିଜ ଭିତରେ ଆଦୌ କୌଣସି ଅନ୍ଧକାର ନ ରହିବା ପାଇଁ ସଙ୍ଗେ ସଙ୍ଗେ ସମ୍ମତ ହେବେ ବା ଯେଉଁମାନେ ଆଲୋକକୁ ଅଜ୍ଞାନ ବା ଅନ୍ଧକାରର ଏକ ବିପରୀତ ଜିନିଷ ଛଡ଼ା ଅନ୍ୟକିଛି ବୋଲି କଳ୍ପନା କରି ପାରିବେ। ସେମାନେ ଭାବନ୍ତି 'ଛାୟା ବିନା କୌଣସି ଅଙ୍କନ ସମ୍ଭବପର ନୁହେଁ, ସଂଘର୍ଷ ବିନା କୌଣସି ବିଜୟ ସମ୍ଭବପର ନୁହେଁ। ଦୁଃଖ ବା ବେଦନା ବିନା କୌଣସି ଆନନ୍ଦ ସମ୍ଭବପର ନୁହେଁ।' ସେମାନେ ଏହିପରିହିଁ ଭାବିଥାଆନ୍ତି ଏବଂ ସେପର୍ଯ୍ୟନ୍ତ ଏହିପରି ଭାବି ଚାଲୁଥିବେ ଯେପର୍ଯ୍ୟନ୍ତ ସେମାନେ ଆତ୍ମାର ସତ୍ୟରେ ଜନ୍ମଲାଭ କରି ନାହାନ୍ତି। ❖

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପ୍ରସଙ୍ଗ କ୍ରମେ

'ଷ୍ଟେଟ୍‌ସ୍‌ମ୍ୟାନ୍' ଓ 'ଇଣ୍ଡିଆନ୍ ମିରର୍' ଦୁହେଁ ଚରମପନ୍ଥୀମାନଙ୍କୁ ଦମନ କରିବା ପାଇଁ ଏକ ପବିତ୍ର ବନ୍ଧନରେ ଉପନୀତ ହୋଇଥିବାର ଜଣାପଡୁଛି । ଅତିଶୟ ଭାବାବେଗର ଉଚ୍ଛ୍ୱାସ ଓ ଶ୍ରଦ୍ଧାରେ ପରସ୍ପର ପ୍ରତି ପ୍ରଶଂସାକୁ ଆଧାରକରି ଏଇ ରାଜନୈତିକ ସମ୍ମିଶ୍ରଣ ଗଢ଼ିଉଠିଛି ବୋଲି ମନେହୁଏ । 'ମିରର୍' ଷ୍ଟେଟ୍‌ସମ୍ୟାନ୍‌କୁ ଭରସା ଦିଏ ଯେ ତାହା ଜଣେ ଉନ୍ନତଚେତା ଆଙ୍ଗ୍ଲୋଭାରତୀୟ ଆଉ ଭାରତର ଅସଲ ତଥା ବିଶ୍ୱସ୍ତ ବନ୍ଧୁ; 'ଷ୍ଟେଟ୍‌ସ୍‌ମ୍ୟାନ୍' ନିଜର ଦୂରତ୍ୱ ରକ୍ଷାକରି 'ମିରର୍'ର ଗାମ୍ଭୀର୍ଯ୍ୟମୟ ତଥା ପାଣ୍ଡିତ୍ୟପୂର୍ଣ୍ଣ ଲେଖାମାନ ଉଦ୍ଧୃତ କରେ । ଏହା କେବଳ ଚାହିଁ ବସିଥାଏ 'ହିନ୍ଦୁ ପାଟ୍ରିୟଟ୍'କୁ, ସେ ସଂଘରେ ଆସି ସାମିଲ୍ ହେବାଲାଗି ଯାହା ଫଳରେ ତ୍ରିପକ୍ଷୀୟ ମୈତ୍ରୀ (Triple Alliance) ସମ୍ପୂର୍ଣ୍ଣ ହେବ । ଗୋଟିଏ ଆଙ୍ଗ୍ଲୋ-ଭାରତୀୟ ସମ୍ବାଦପତ୍ର, ଅନ୍ୟଟି ଏକ ସରକାରୀ ପତ୍ରିକା ଦୈନିକ ଭାରତୀୟ ସମ୍ବାଦପତ୍ରର ମୁଖାପିନ୍ଧି ଆଉ ନିହାତି ଫିକା ତଥା ନିସ୍ତେଜ ଦେଶପ୍ରେମର ପ୍ରବର୍ତ୍ତକରୂପେ ଶ୍ୱେତକାୟ ଓ ଧୂସରକାୟ ବ୍ୟକ୍ତିଙ୍କର ଗୋଟିଏ ସୁନ୍ଦର ସ୍ୱରଲହରୀ ସାଧନ କରିବେ । ଏହିପରି ଏକ ମିତ୍ରତା ତ ନିହାତି ବାଞ୍ଛନୀୟ । ଏହା ହୋଇଉଠିବ କଳାତ୍ମକ ସୌନ୍ଦର୍ଯ୍ୟ ଆଉ ନିତ୍ୟ ଆନନ୍ଦର ଏକ ବସ୍ତୁ – ଆଉ ନୂତନ ଦଳର ଏହା କିଛି କ୍ଷତି କରିବ ନାହିଁ ।

*

ଏଇ ଅଭିଯାନରେ 'ବେଙ୍ଗଲୀ'ର ଆଗ୍ରହ ଥିବାର ଦେଖି ଆମକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଛି । ଏହା ପରୋକ୍ଷଭାବେ ସୂଚେଇ ଦେବାକୁ ପସନ୍ଦ କରେ ଯେ ପୁରାତନ ଦଳର ପଦ୍ଧତିଗୁଡ଼ିକ ଅତ୍ୟନ୍ତ ଉପଯୁକ୍ତ, ସ୍ଥିରବୁଦ୍ଧିସମ୍ପନ୍ନ ଆଉ ଯୁକ୍ତିସଂଗତ ହୋଇଥିବା-ବେଳେ ନୂଆ ପାର୍ଟିର ପଦ୍ଧତିଗୁଡ଼ିକ ହେଉଛି ଆଇନ ପରିସରର ବହିର୍ଭୂତ । ଏହା କେଉଁ ବିଷୟରେ ଏପରି, ଦୟାକରି କହିବେ କି ? ବର୍ଜନ ଆନ୍ଦୋଳନ ଓ ଧାରଣା ଦେବା ସପକ୍ଷରେ ଆମେ ଯୁକ୍ତି ବାଢୁଛୁ କିନ୍ତୁ ତାହା ଯେ ଏକ ବେଦବାକ୍ୟ ଯାହାର ବଡ଼ପଣ୍ଡାରୂପେ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ ଅତୀତରେ ବିଧିବଦ୍ଧଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ଆମେ ବିଧାନ ପରିଷଦ ଆଉ ଅନ୍ୟ ସରକାରୀ ସଂସ୍ଥାମାନଙ୍କୁ ବିରତ ରହିବା ସପକ୍ଷରେ ଯୁକ୍ତି ବାଢୁଛୁ, କିନ୍ତୁ ସେହିଭଳି ପୁରୁଣା ନେତାମାନେ ମଧ୍ୟ ଏହାକୁ ଦୃଢ଼ ସମର୍ଥନ ଦେଇଛନ୍ତି – ପୂର୍ବବଙ୍ଗକୁ ଲକ୍ଷ୍ୟରଖି । ପ୍ରତିଟି ଆଇନସଙ୍ଗତ ଉପାୟରେ ଆନ୍ଦୋଳନକୁ ଚଳେଇ ରଖିବା ଅଧିକାରକୁ ଲୋକେ ଜାହିର କରନ୍ତୁ ବୋଲି ଆମେ ଦୃଢ଼ ସ୍ୱରରେ ଯୁକ୍ତି ଛଳରେ କହୁଛୁ – କିନ୍ତୁ ବରିସାଲରେ ପୁରୁଣା ନେତାମାନେ ଠିକ୍ ଏହା କହିଥିଲେ । ସରକାରଙ୍କ ସହିତ ସବୁପ୍ରକାର ସହଯୋଗରୁ ଓହରି ଆସିବା ସପକ୍ଷରେ ଆମେ ଯୁକ୍ତିକରୁଛୁ । କିନ୍ତୁ ଏ ନିବୃତ୍ତିକୁ ଆଇନ ବଳରେ ନିଷିଦ୍ଧ କରାଯାଇନି । ବିଦେଶୀ ସଂସ୍ଥା ଓ ବିଦେଶୀ ଶକ୍ତି ଉପରେ ଆମର ଯୁଗ-ଯୁଗର ନିର୍ଭରଶୀଳତା ବଦଳରେ ଭାରତୀୟ ସଂସ୍ଥା ଓ ଭାରତୀୟ ଶକ୍ତି ଓ ସାମର୍ଥ୍ୟ ଆମ ଜୀବନର ପ୍ରତିଟି ବିଭାଗରେ ଆସି ପ୍ରତିଷ୍ଠିତ ହେଉବୋଲି ଆମେ ଯୁକ୍ତି ଉପସ୍ଥାପିତ କରୁଛୁ । ବଙ୍ଗଳା ପାଇଁ ଗଠିତ ପରିଷଦ(council)ର ତତ୍ତ୍ୱାବଧାନରେ ଆତ୍ମବିକାଶର ଏକ ସଂଗଠିତ ବ୍ୟବସ୍ଥାକୁ ଏବଂ କଂଗ୍ରେସ ପାଇଁ କିଛି ମୁଷ୍ଟିମେୟ ନେତାମାନଙ୍କର ଗୁପ୍ତ ଅଣସାମ୍ବିଧାନିକ ଦକ୍ଷତାପୂର୍ଣ୍ଣ କୌଶଳ ପରିବର୍ତ୍ତେ ଏକ ମୁକ୍ତ ଗଣତାନ୍ତ୍ରିକ ଅନୁଷ୍ଠାନକୁ ଆମେ ସମର୍ଥନ କରୁଛୁ । ପରିଶେଷରେ ଆମେ ଦୃଢ଼ ସମର୍ଥନ ଦେଉଛୁ ସ୍ୱାୟତ୍ତଶାସନକୁ, ଆମ ସାଧନାର ଆଦର୍ଶ ଓ ଲକ୍ଷ୍ୟଭାବେ । ଏଥିରେ ଅବୈଧତା ରହିଲା କେଉଁଠି, ଆପଣ ଅନୁଗ୍ରହ କରି କହିବେ କି ?

*

ଏଇସବୁ ଉତ୍ତେଜିତ ଲୋକଙ୍କ କଥା ଶୁଣିଲେ କେହି-ହେଲେ କଳ୍ପନାକରିବ ଯେ ଲକ୍ଷ ଲକ୍ଷ ସଂଖ୍ୟାରେ ଉଚ୍ଛ୍ୱସିତ ଭାରତୀୟଙ୍କୁ ଆମେ ଡାକରା ଦେଇଥିଲୁ କ୍ରୋଧରେ ଉଦ୍ଦୀପିତ ହୋଇଉଠିବା ପାଇଁ, 'ମିରର୍'ର ସମ୍ଭ୍ରାନ୍ତ ଆଙ୍ଗ୍ଲୋଭାରତୀୟ ବାନ୍ଧବଗଣଙ୍କ ଉପରେ ଝାମ୍ପି ପଡ଼ିବା ପାଇଁ ଆଉ ଦନ୍ତ, ନଖ ଓ ପଂଝାର ଆଘାତରେ ସେମାନଙ୍କୁ ଅସ୍ତବ୍ୟସ୍ତ କରି ଭାରତ ମହାସାଗର ଭିତରକୁ ତଡ଼ି ନେଇଯିବା ପାଇଁ । ଏ ସକଳ ଆରୋପର ଅବଶ୍ୟ ଏକ ବିଶେଷ ଲକ୍ଷ୍ୟ ରହିଛି, ଆଉ ଏ

ପ୍ରକାର ଉଦ୍ଦୀପନା ହେଉଛି ଏକ ସୁଚିନ୍ତିତ ଭାବର ଆବେଶ । ଗୋଟିଏ ପଟେ ଆମ ଦଳକୁ ଭୀରୁ ଆଉ ହୁସିଆର ବୋଲି ବଦନାମ କରିବା, ଆଉ ଅନ୍ୟ ପଟେ ଅମଲାତନ୍ତ୍ରର ଦୃଷ୍ଟି ଆକର୍ଷଣ କରିବା ଓ ପୁରୁଷାନୁକ୍ରମିକ ସରକାରଠାରୁ ଆମକୁ ମାଗଣାରେ ଅସ୍ଥାୟୀ ଆବାସର ସୁବିଧା କରେଇ ଦେବାହିଁ ଲକ୍ଷ୍ୟ ବୋଲି ମନେହେଉଛି । କୌଣସି ଗୋଟିକରୁ କିଛି ଅପ୍ରତ୍ୟାଶିତ ପରିସ୍ଥିତି ଉପୁଜିଲେ, ସେଥିପ୍ରତି ଆମର ଆଦୌ ଭୟର ଅବକାଶ ନାହିଁ । ଏଇ ନୂଆନୀତି ସେମାନଙ୍କ ପ୍ରତି ଉଦ୍ଦିଷ୍ଟ ନୁହେଁ ଯେଉଁମାନେ ଭୟରେ କମ୍ପିଉଠନ୍ତି କିଂବା ଦେଶସେବା ଅପେକ୍ଷା ନିଜର ସୁରକ୍ଷା ଓ ଆରାମକୁ ଅଧିକ ପସନ୍ଦକରନ୍ତି ଏବଂ ଆମେ ଦୀର୍ଘଦିନରୁ ତ୍ୟାଗକରି ଆସିଥିବା ସରକାରକୁ ଡରିବା ପାଇଁ ଭଲପାଆନ୍ତି ଯେଉଁ ଡରଭୟର ଅର୍ଥ କ'ଣ ଆମେ ଭୁଲିସାରିଲୁଣି । ଆମ ସ୍ୱଭାବ ଭିତରୁ ମରିଯାଇଥିବା ସେଇ ଅନୁଭୂତିକୁ ଜାଗ୍ରତ୍ କରିବାର ଚେଷ୍ଟାରେ କିଛିହେଲେ ଫାଇଦା ନାହିଁ । ଆମ ସଂକଳ୍ପରେ ଅଟଳ ରହି ଅବିଚଳିତଭାବେ ଆମେ ପରାଜୟ ହେଉ ଅବା ଜୟ ହେଉ ସେଥିପ୍ରତି ଭ୍ରୂକ୍ଷେପ ନରଖି ଆମ ମାର୍ଗରେ ଆଗେଇଯିବା – ଆକ୍ରମଣ ହେଉ କି ଯନ୍ତ୍ରଣା ଆସୁ ତା'ପ୍ରତି ଉଦାସୀନ ରହି, ଯେପର୍ଯ୍ୟନ୍ତ ଭାରତରେ ଆମେ ଶକ୍ତି ଓ ସାହସର ଏପରି କେନ୍ଦ୍ରର ନିର୍ମାଣ ନକରିଛୁ ଯାହା ଉଭୟ ନରମପନ୍ଥୀ ଓ ସରକାରୀ କର୍ମଚାରୀଙ୍କୁ ଦେଶବାସୀଙ୍କ ସମ୍ମୁଖରେ ହାରମାନିବା ପାଇଁ ବାଧ କରିବ । କିନ୍ତୁ ସବୁ ହେବ ଆଇନର ପରିସର ଭିତରେ ଯଦି ତୁମେ ଅନୁଗ୍ରହ କର, ହେ ଆମ କୋଲୁତୋଲା (Colootola)ର ସାଥୀ । ଆମେ ଚରମପନ୍ଥୀ ହେଲେ ସୁଦ୍ଧା ଆଇନ, କାନୁନ ମାନି ଚଳୁଥିବା ଲୋକ ।

*

ଏହିପରି ଆମେ ଦେଶକୁ ଖଣ୍ଡ ବିଖଣ୍ଡ କରି ଦେଇଛୁ ଦୁଇଟି ବିରୋଧିଦଳରେ ଆଉ ଜାତୀୟ ଆନ୍ଦୋଳନର ଐକ୍ୟକୁ ବିଗାଡ଼ି ଦେଇଛୁ ବୋଲି ଆମ ଉପରେ ଏକାଧିକବାର ଆକ୍ରମଣ ହେଲାଣି । ସେଇ ଦୋଷାରୋପର ଉତ୍ତର ଆମେ ଦେଇସାରିଛୁ । ସ୍ୱଦେଶୀ ଆନ୍ଦୋଳନ ପୂର୍ବରୁ ଆଦର୍ଶଗୁଡ଼ିକର ବିଚ୍ୟୁତି ନିଜକୁ ଜାହିର କରିବା ଆରମ୍ଭ କରିଥିଲା ଓ ଭାରତର ଅନେକ ଅଞ୍ଚଳରେ ଟାଣୁଆ ଗୋଷ୍ଠୀମାନ ଗଢ଼ିଉଠିଥିଲେ ଯେଉଁମାନେ କଂଗ୍ରେସର ଭିକ୍ଷାବୃତ୍ତି ଓ ଅଧାପନ୍ତରିଆ ଗଠନ ପ୍ରକ୍ରିୟା ଆଉ ପଦ୍ଧତିଗୁଡ଼ିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏଇ ବଦ୍ଧମୂଳ ଧାରଣାର ବଶବର୍ତ୍ତୀ ହୋଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏପର୍ଯ୍ୟନ୍ତ ଯେଉଁ ପନ୍ଥାଟି କେବଳ ବିଦ୍ୟମାନ ରହିଥିବାର ମନେ ହେଉଥିଲା, ତାହା କଂଗ୍ରେସଠାରୁ ସେମାନଙ୍କୁ ପୂରାପୂରି ଦୂରେଇ ରଖୁଥିଲା କିଂବା ଯଦିବା କଂଗ୍ରେସର ବିଚାର ବିମର୍ଶରେ ସେମାନଙ୍କୁ ଯୋଗଦେବାକୁ ପଡୁଥିଲା ସେମାନେ ମୁଖ୍ୟ ଭୂମିକା ନେଉ ନଥିଲେ । କିନ୍ତୁ ବର୍ତ୍ତମାନ ସମୟରେ ଘଟଣାର ଦିଗ ବହୁତ ବଦଳିଯାଇଛି । ଦାକ୍ଷିଣାତ୍ୟରେ ଦଳ ତା'ର ପ୍ରାଧାନ୍ୟ ବିସ୍ତାର କରିଛି, ପଞ୍ଜାବରେ ଅତ୍ୟନ୍ତ ସୁଦୃଢ଼ ହୋଇଛି ଆଉ ବଙ୍ଗଳାରେ ଏକ ଶକ୍ତିରୂପେ ପରିଗଣିତ ହେବାକୁ ଯାଉଛି । ଏହାର ନେତା ଆଉ ଅନୁଗାମୀମାନଙ୍କ ଭିତରେ କେତେକ ଧୁରନ୍ଧର, ଶକ୍ତିଶାଳୀ ଆଉ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ କିଛି ଅତୀତରେ ଭଲ କାମ କରିଛନ୍ତି ଆଉ ଅନ୍ୟମାନେ ଭବିଷ୍ୟତ୍ ପାଇଁ ମୁଖ୍ୟ କର୍ମୀ ହିସାବରେ ସ୍ପଷ୍ଟତଃ ଉଭା ହୋଇଛନ୍ତି । ସେମାନଙ୍କର ରହିଛି ଏକ ବିଶେଷ ଲକ୍ଷ୍ୟ ଯାହା ପୁରୁଣା ନେତାମାନଙ୍କର ନଥିଲା, ଆଉ ରହିଛି ନିର୍ଦ୍ଧାରିତ ପଦ୍ଧତିଗୁଡ଼ିକ ଯାହା ବଳରେ ସେମାନେ ସେମାନଙ୍କର ଆଦର୍ଶକୁ ଉପଲବ୍ଧି କରିବା ପାଇଁ ଆଶାକରିଛନ୍ତି । ଏହିପରି ବିଧିବଦ୍ଧଭାବେ ଗଠିତ ହୋଇଥିବା ଏକ ଦଳ ଯେ ରାଜନୈତିକ ଜୀବନରୁ ବାଦ୍ ପଡ଼ିଯିବାକୁ କିଂବା କଂଗ୍ରେସର ପର୍ଯ୍ୟାଲୋଚନା ଯାହା ମାଧ୍ୟମରେ ଏହା ଦେଶ ଉପରେ ବିରାଟ ପ୍ରଭାବ ବିସ୍ତାର କରିପାରିବ, ସେଇଥିରୁ ବାଦ୍ ପଡ଼ି ରହିବାକୁ କେବେହେଲେ ରାଜି ହୋଇଯିବ, ଏଭଳି ଆଶାକରିବା ହେଉଛି ଆଳସ୍ୟଭାବ । ଆମେ ଏକ ନଗଣ୍ୟ 'ଚରମପନ୍ଥୀ' ଦଳର ସ୍ଥିତିରେ ଆସୀନ ହେବା ଉଚିତ ବୋଲି ପୁରୁଣାଦଳ ଉଦ୍‌ଗ୍ରୀବ ହୋଇଉଠିଛି, ବୋଧହୁଏ ସେମାନେ ଆମକୁ ସହ୍ୟକରିବେ ଆଉ ବେଳେବେଳେ ଆମକୁ କିଛି ରିଆତି ହାସଲ କରିବା ଉଦ୍ଦେଶ୍ୟ ନେଇ ସରକାରଙ୍କୁ ଭୟଭୀତ କରିବା ସକାଶେ ପ୍ରୟୋଗ କରିବେ, କିନ୍ତୁ ସେମିତି କୌଣସି ମାନ୍ୟତା ଦେବେ ନାହିଁ । ସେମାନେ ସ୍ୱର ଉତ୍ତୋଳନ କରୁଛନ୍ତି, ''ଯଦି ଚାହଁ ଅସ୍ତିତ୍ୱକୁ ବଜାୟ ରଖ କିନ୍ତୁ ଆମ କାର୍ଯ୍ୟରେ କୌଣସି ହସ୍ତକ୍ଷେପ କର ନାହିଁ କିଂବା ଆମକୁ ବିରୋଧ କର ନାହିଁ ।'' ଏହା ସହ ଅନ୍ୟ ଦାବିଟି ହେଲା, ''କଂଗ୍ରେସ ଭିତରେ ନିଜକୁ ଜାହିର କରିବା ପାଇଁ ଆଦୌ ଚେଷ୍ଟା କର ନାହିଁ ।'' ଏ ଧରଣର ଦାବି ନିହାତି ହାସ୍ୟାସ୍ପଦ । ଆଦର୍ଶ ଆଉ ପଦ୍ଧତିଗୁଡ଼ିକୁ ନେଇ ଯେତେବେଳେ ଏକ ବିଶେଷ ତାରତମ୍ୟ ଦେଖାଦିଏ, ସେତେବେଳେ ଜନସାଧାରଣଙ୍କୁ

ସେମାନଙ୍କର ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଶିକ୍ଷାଦେବା ସକାଶେ ଆଉ ସେମାନଙ୍କ ପକ୍ଷରୁ ଯାହା ଘୋଷିତ ହୋଇଛି ସେଇ ମତକୁ ସୁଦୃଢ଼ କରିବା ସକାଶେ ପ୍ରତିଟି ସମ୍ଭାବ୍ୟ ଉପାୟକୁ, କ୍ରମେ ବିକାଶ ଲାଭ କରୁଥିବା କୌଣସି ଦଳ ଯେ ଆଦୌ ବିନିଯୋଗ କରିବ ନାହିଁ – ଏମିତିକା ଆଶା ମାତ୍ରାଧିକ ହୋଇଯାଉଛି । କିଂବା ଏକ ଶିକ୍ଷିତ ଗୋଷ୍ଠୀର ବୃହତ୍ତର ଭାଗ ଯେ କଂଗ୍ରେସଠାରୁ ନିଜକୁ ନିର୍ବାସିତ କରି ରଖିବ ଅବା ଏକ ମୂକ ଆଉ ସ୍ଥାଣୁ ପଥର ସମ ଖାଲି ବସିରହିଥିବ ଏପରି ଦାବି ଆଦୌ ଯୁକ୍ତିଯୁକ୍ତ ନୁହେଁ । କଂଗ୍ରେସ ଯଦି ବାସ୍ତବରେ ଏକ ଜାତୀୟ ସଂଗଠନ ହୋଇଥାଏ, ତା'ହେଲେ ଏହାକୁ ସମସ୍ତ ମତାବଲମ୍ବୀଙ୍କୁ ସ୍ୱୀକାର କରିବାକୁ ପଡ଼ିବ । ଆଉ ସେମାନଙ୍କୁ ଏହା ନିଶ୍ଚୟ ଅବାଧ ସୁଯୋଗ ଦେବ ସେମାନଙ୍କ ମତାମତକୁ ବ୍ୟକ୍ତ କରିବା ପାଇଁ ଓ ସେଗୁଡ଼ିକ ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଜୋରଦେବା ପାଇଁ । ଯଦି ପକ୍ଷାନ୍ତରେ ଏହା ଖାଲି ନରମପନ୍ଥୀମାନଙ୍କର ସମାବେଶ ହୋଇଥାଏ, ଜାତୀୟ ସଂଗଠନଭାବେ ନିଜକୁ ଉପସ୍ଥାପିତ କରିବା ପାଇଁ ଏହାର କୌଣସି ଅଧିକାର ନାହିଁ । ପ୍ରାୟତଃ ଯେଉଁ ବିତର୍କରେ ଗୁରୁତ୍ୱ ଦିଆଯାଇଥିଲା ଯେ ବିଶେଷ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଓ କିଛି ନିର୍ଦ୍ଦିଷ୍ଟ ଭାବଧାରାକୁ ନେଇ କଂଗ୍ରେସର ଗଠନ ହୋଇଛି ଆଉ ସେଇଥିପାଇଁ ଏହାକୁ ସେଇମାନଙ୍କ ହାତରେ ଓ ସେଇସବୁ ଚିନ୍ତାଧାରାର ଅଧୀନରେହିଁ ରଖିବାକୁ ହେବ, ତାହା ଏମିତି ଏକ ବିତର୍କ ଯାହାର କିଛିହେଲେ ମୂଲ୍ୟ ନାହିଁ ଯେପର୍ଯ୍ୟନ୍ତ ସରକାରଙ୍କ ସହିତ ଉତ୍ତମ ସମ୍ପର୍କର ଅନୁଶୀଳନ ପାଇଁ ଖାଲି ଏକ ସଂଘଭାବେ ଆମେ କଂଗ୍ରେସକୁ ଗ୍ରହଣ ନକରିଛୁ । ଯଦି ଏହା ଏକ ଜାତୀୟ ଆସେମ୍ବ୍ଲି ହୋଇଥାଏ ତା'ହେଲେ ଜାତିର ପ୍ରଗତି ସହିତ ତାଳ ଦେଇ ଜାତୀୟ ଅନୁଭୂତି ଓ ପ୍ରଗତିରେ ଘଟିଥିବା ପରିବର୍ତ୍ତନର ଜବାବ ଏହାକୁ ଦେବାକୁ ପଡ଼ିବ । ତେଣୁ ଆମର ସାଧ୍ୟମତେ ସମସ୍ତ ଶକ୍ତି ଖଟେଇ, ଆମ ଭାବଧାରାର ପ୍ରସାରଣରେ, ଆଉ କାର୍ଯ୍ୟାନୁଷ୍ଠାନ ଓ ଆମ ଆଦର୍ଶଗୁଡ଼ିକର ବ୍ୟାପକତା ସକାଶେ ଯେଉଁଠି ଯେଉଁଠି ଇଚ୍ଛା ସେଇ ଦିଗ ଅଭିମୁଖେ, ଆମେ ନୂଆ ମୋଡ଼ ନେଇଥିବା ରାଷ୍ଟ୍ରର ମତକୁ ସୁସଂଗଠିତ କରିବା ପାଇଁ ଅବିରତ ପ୍ରୟାସ କରିଚାଲିବୁ । କେବଳ ବାକୀ ରହିଯାଇଥିବା ପ୍ରଶ୍ନଟି ହେଲା ସମ୍ମିଳିତ କାର୍ଯ୍ୟର ପ୍ରଶ୍ନ । କିଛି ବିଶେଷ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମଗ୍ର ଦେଶର କାର୍ଯ୍ୟ ଯେ ସଂଘବଦ୍ଧ ଭାବରେ ହେବା ଉଚିତ ଏହା ନିର୍ବିବାଦରେ ବାଞ୍ଛନୀୟ ଯଦି ଏହାକୁ ସମ୍ପନ୍ନ କରାଯାଇପାରେ । କିନ୍ତୁ ଏଭଳି ଏକତାର ସର୍ବପ୍ରଥମ ସର୍ତ୍ତ ହେଲା ସଂଖ୍ୟାଗରିଷ୍ଠ ସଭ୍ୟମାନେ ବସି ନିଷ୍ପତ୍ତି ନେଇଥିବା ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ପୂର୍ବରୁ ମତାମତ ସମ୍ବଳିତ ସକଳ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ନିଜ ନିଜର ବିଚାରଗୁଡ଼ିକ ପ୍ରକାଶ କରିବାକୁ ଆଉ ନିଜର ପ୍ରସ୍ତାବମାନ ଆଗେଇନେବା ପାଇଁ ସୁଯୋଗ ପାଇବା ଉଚିତ । ଏଇ କାରଣ ଯୋଗୁଁହିଁ ଆମେ ସବୁ ବିଭାଗର ସଚ୍ଚୋଟ ପ୍ରତିନିଧିତ୍ୱ କରିପାରିଲା ଭଳି ନିର୍ବାଚନକ୍ଷମ ସନ୍ନିଧାନ ଓ ଏକ ପରିଷଦ ପାଇଁ ଦାବିକରୁଛୁ ଯାହାଦ୍ୱାରା ପ୍ରକୃତ ଐକ୍ୟ ସମ୍ଭବ ହୋଇପାରିବ ଏବଂ ପୁରାତନ ଦଳ ପାଟିକରି ଚାଲିଥିବା ଐକ୍ୟ ନୁହେଁ । ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନଙ୍କ ଯୋଜନା ହେଲା କେବଳ ନୂତନ ଦଳକୁ ବର୍ଜନକରିବା ଆଉ 'ପ୍ରତିବନ୍ଧ' ଆଳରେ ତା' ଉପରେ ନୀରବତାର ଶାସ୍ତିକୁ ଲଦିଦେବା । ଯେପର୍ଯ୍ୟନ୍ତ ସେମାନେ ସେହି ମନୋଭାବରେ ଲାଗିରହିଥିବେ ସେପର୍ଯ୍ୟନ୍ତ ମିଳିତ କ୍ରିୟାନୁଷ୍ଠାନ ଅସମ୍ଭବ ହୋଇ ରହିଥିବ ।

[ବନ୍ଦେ ମାତରଂ , ସେପ୍ଟେମ୍ବର ୨୦, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ଆମେ କୌଣସି ସମ୍ପ୍ରଦାୟ, କୌଣସି ଧର୍ମ ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ସରକାର ବା ଶାସନ ବ୍ୟବସ୍ଥା ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ସାମାଜିକ ଶ୍ରେଣୀ ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ଦେଶ, ଜାତି ବା ସଭ୍ୟତା ବିରୋଧରେ ସଂଘର୍ଷ କରୁନା ।
ଆମେ ସଂଘର୍ଷ କରୁ ବିଭାଜନ, ଅଚେତନା, ଅଜ୍ଞାନତା, ଜଡ଼ତା ଓ ମିଥ୍ୟାଚାର ବିରୋଧରେ ।

– ଶ୍ରୀମା

# ଭାରତର ଋଷିଦୃଷ୍ଟି

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଦେଶର ଦରକାର ଅଛି ପ୍ରାଣଶକ୍ତି, ସମୃଦ୍ଧ ଓ ତେଜୀୟାନ୍ ଜୀବନ । ଏଇ ଜୀବନୀଶକ୍ତିଟିକୁ ସେ ଯେପରି ଲାଭ କରିବ, ସେ ପଥ ତାକୁ କେମିତି ମିଳିବ – ତାହାହିଁ ଖୋଜିବାକୁ ହେବ ତୁମକୁ । ଯେଉଁ ପଥଦେଇ ଗଲେ ଜୀବନର ତେଜ ସ୍ତିମିତ ହୋଇଆସିବ, ଜୀବନ ଉପରେ ବିରାଗ ଜନ୍ମିବ, ସେ ପଥର ନିର୍ଦ୍ଦେଶ ଆଉ ଦିଅ ନାହିଁ । ଭାରତ ଅନେକ ଦିନ ଧରି ଜୀବନଧାରାର ଓଲଟା ପଥରେ ଚାଲି ଆସିଛି – 'କା ତବ କାନ୍ତା' ଜପ କରି କରି କୌପୀନଙ୍କୁ ସାର କରି ସେ ଯେ 'ଗୃହଛଡ଼ା ଲକ୍ଷ୍ମୀଛଡ଼ା' ହୋଇ ବହୁ ଦିନରୁ ଗୃହ-ସମାଜ ଛାଡ଼ି ରାସ୍ତାକୁ ବାହାରି ପଡ଼ିଛି । ସେ ଆଦର୍ଶଟି ତା' ପାଇଁ ନୂଆ ଜିନିଷ ନୁହେଁ । ସେ ଆଦର୍ଶ ପଛରେ ଧାଇଁ ତାକୁ ମିଳିଛି କ'ଣ ? ଅମୃତ ନୁହେଁ – ମୃତ୍ୟୁ, ସମାଧି ନୁହେଁ – ଲୟ । ଜୀବନକୁ ଫାଙ୍କି ଦେଇ ଜୀବନାତୀତ ହେବାକୁ କିଏ ଚାହେଁ ? ଶକ୍ତିକୁ ଅଗ୍ରାହ୍ୟ କରି ପୁରୁଷୋତ୍ତମଙ୍କର ଦର୍ଶନ କେହି ପାଇପାରେ କି ? ଲକ୍ଷ୍ମୀକୁ ପାଦରେ ଠେଲି ନାରାୟଣଙ୍କୁ ସ୍ପର୍ଶ କରିବ କିଏ ?

ପୁରାତନର ସେଇ ମୋହଟିକୁ ଭାରତ ବର୍ତ୍ତମାନ ଭାଙ୍ଗିବାକୁ ଆରମ୍ଭ କରିଛି । ଭାରତର ଅଧିଷ୍ଠାତ୍ରୀ ଦେବତା ସୁନାର କାଠି ଛୁଆଁଇ ଦେଇ ପୁଣି ଥରେ ଭାରତକୁ ଜଗାଇ ଦେଇଛନ୍ତି । ଭାରତ ବଞ୍ଚିଉଠିଲା, ଆଖି ଖୋଲି ସେ ଦେଖିଲା ଯେ କେଉଁ ଏକ କୁହୁକର ବଶବର୍ତ୍ତୀ ହୋଇ କେତେ ବଙ୍କା-ଟଙ୍କା ରାସ୍ତା ଦେଇ ଚାଲି ଚାଲି ସେ ଅନ୍ଧକାରରୁ ଅଧିକ ଅନ୍ଧକାର ମଧ୍ୟକୁ ପଶି ଚାଲିଛି, ତମଃ ମଧ୍ୟରେ ବୁଡି ଯାଉଛି; ଆଉ ଇତ୍ୟବସରେ ମାନବଜାତି ଜ୍ଞାନରେ, ଗୌରବରେ କେତେଦୂର କୁଆଡ଼େ ଆଗେଇ ଗଲାଣି, କେତେ ଉପରକୁ ଉଠିଗଲାଣି – ତାହାର (ଭାରତବର୍ଷର)ହିଁ ସମୃଦ୍ଧି ନେଇ ଅନ୍ୟସବୁ ଦେଶ ସୁସମୃଦ୍ଧ ହେବାକୁ ଗଲାବେଳେ ସେ ନିଜେ ଦୀନ-ହୀନ ଦଶାରୁ ଯାଇ ଆହୁରି ଦୀନ ହେବାରେ ଲାଗିପଡ଼ିଛି । ନବୀନ ଉଷାର ଜାଗରଣରେ 'ନୂତନ ଦୃଷ୍ଟି'ରେ ଫୁଟିଉଠିଲା ତା'ର ବହୁ ପୁରାତନ ସିଦ୍ଧି, ତାହାର ସୁଦୂର ଅତୀତର ଏକ ବିସ୍ମୃତ ଦୀକ୍ଷା, ତାହାର ଅନ୍ତରାତ୍ମାର ସନାତନ ଧର୍ମ ଜାଗିଉଠିଲା ।

ଯେଉଁ ଧର୍ମ ତାହାର ବୈଦିକ ଋଷିମାନଙ୍କ କଣ୍ଠରେ ମନ୍ତ୍ରାୟିତ ହୋଇ ଉଠିଛି, ଯେଉଁ ଧର୍ମ ତାହାର କବି ବାଲ୍ମୀକି, ବ୍ୟାସ, କାଳିଦାସଙ୍କର ଦିବ୍ୟଲେଖନୀରେ ବିଚିତ୍ର ରୂପ ନେଇଛି, ଯେଉଁ ଧର୍ମ ଚାହିଁଛି ଜୀବନ-ପ୍ରତିଭା, ଐହିକ ଆୟତନରେ ଅଫୁରନ୍ତ ଐଶ୍ୱର୍ଯ୍ୟର ସୃଷ୍ଟି, ସେଇ ଧର୍ମ ଦିଗରେ ଭାରତ ପୁନରାୟ ଶନୈଃ ଶନୈଃ ଆଗେଇ ଚାଲୁଥିଲା ମଧ୍ୟ । ହଠାତ୍ କାହିଁକି ତାହା ମୃତ-ସଂଜୀବନୀକୁ ଭୋଗର ମଦିରା ମନେକରି ପକାଇଦେବାକୁ ବସିଛି ? ଭୋଗର ବସ୍ତୁ କ'ଣ ଏତେଦୂର ଦୋଷାବହ ? ଭୋଗ ଜିନିଷଟା କ'ଣ ଖାଲି ପଶୁର ଗ୍ରହଣୀୟ, ଦେବତାର ଗ୍ରହଣୀୟ ନୁହେଁ ? ଦେବତାର ବି ଭୋଗ୍ୟ ବସ୍ତୁ ରହିଛି । ଔଦରିକର ରସାସ୍ୱାଦନ ରହିଛି ବୋଲି କ'ଣ ଶିଳ୍ପୀକୁ ମଧ୍ୟ ରସାସ୍ୱାଦନକୁ ବର୍ଜନ କରିବାକୁ ହେବ ? ମନୁଷ୍ୟ ଅସୁର ପାଲଟି ଯାଇପାରେ, ତା' ବୋଲି କ'ଣ ଭୃଗୁନନ୍ଦନଙ୍କର କ୍ଷାତ୍ର ତେଜରେ ତୁମେ କଳଙ୍କ-କାଳିମା ଲେପନ କରିବ ? ତୁମେ ଇନ୍ଦ୍ରିୟପରାୟଣ ଓ ଅସମର୍ଥ ବୋଲି ସ୍ୱର୍ଗର ଅପ୍‌ସରାକୁ ଯେଉଁ ବୀର ପୁରରବା ରାକ୍ଷସ କବଳରୁ ଉଦ୍ଧାର କରିଥିଲେ, ତାକୁ ତୁମେ ନିନ୍ଦା କରି ବସିବ ?... ଯଶଃ ସକାଶେ ଯୁଦ୍ଧରେ ଜୟ କରିଚାଲିବ, ବଂଶରକ୍ଷା ନିମନ୍ତେ ଗାର୍ହସ୍ଥ୍ୟଧର୍ମ ପାଳନ କରିବ – ଏହା ଥିଲା ସ୍ପଷ୍ଟ ନିର୍ଦ୍ଦେଶ । ଧନ-ଧାନ୍ୟେ, ଅଳଙ୍କାର-ଐଶ୍ୱର୍ଯ୍ୟର ପରିପାଟୀରେ ଜ୍ଞାନ ଓ ଶକ୍ତିରେ ସବୁପ୍ରକାର ସାମର୍ଥ୍ୟରେ ଆପଣାକୁ ପରିପୂର୍ଣ୍ଣ କରିବ – ତୁମର ସାମାଜିକ ଜୀବନରେ ଏହାହିଁ ତ ଆଦର୍ଶ ଥିଲା । ଜଗତରେ ଯେତେକ୍ଷଣ ବଞ୍ଚି ରହିଛ, ସେତେବେଳଯାଏଁ ତୁମର କର୍ମ ନିମନ୍ତେ ତୁମର ଯାବତୀୟ ଅଙ୍ଗର ସହଯୋଗରେ ସେଇ କର୍ମକୁ ବହୁଳ ବିଚିତ୍ରଭାବେ ପରିପୁଷ୍ଟ କରି ଉଦ୍‌ଯାପନ କର; କେଉଁଠି ବି ଟିକିଏ କୁଣ୍ଠା, କ୍ଷୁଦ୍ରତା, ଦୀନତା ରଖ ନାହିଁ । ମନେରଖ, ବୃହତ୍ ଭୋଗର ସାମର୍ଥ୍ୟ ଯାହାର, ବୃହତ୍ ତ୍ୟାଗର ଅଧିକାର ତାହାର – ତ୍ୟାଗ କରିବା ଆଗରୁ ତୁମର ପ୍ରଚୁର ସଞ୍ଚୟ ରହିଥିବା ଦରକାର ।

ଯୌବନେ ବିଷୟୈଷିଣାଂ ବାର୍ଦ୍ଧକ୍ୟେ ମୁନିବୃତ୍ତିନାଂ
ଯୋଗେନାନ୍ତେ ତନୁତ୍ୟଜାମ୍ ।

ଅର୍ଥାତ୍, ଯୌବନରେ ବିଷୟୀ ହେବ । ବାର୍ଦ୍ଧକ୍ୟରେ ମୁନିବୃତ୍ତି ଅବଲମ୍ବନ କରିବ, ଆଉ ଅନ୍ତିମରେ ଯୋଗର ସହାୟତାରେ ଦେହତ୍ୟାଗ କରିବ । କିନ୍ତୁ ଯିଏ ଯୌବନରେ

ମୁନିବୃତ୍ତି କରିବ, ଯୋଗର ସହାୟତା ନେଇ ଦେହତ୍ୟାଗ କରିବାକୁ ଯିବ, ସିଏ ବୁଝିହିଁ ପାରିବ ନାହିଁ ଯେ ଯୌବନ କ'ଣ, ମୁନିବୃତ୍ତି ବା କି ଜିନିଷ ଏବଂ ଯୋଗ କି ପ୍ରକାର ବସ୍ତୁ; କେବଳ ତାହାର ଦେହତ୍ୟାଗହିଁ ସାର ହେବ ।

ବ୍ୟକ୍ତିବିଶେଷର କଥା କୁହାଯାଉ ନାହିଁ ଏଠାରେ, କଥାଟି ଉଠିଛି ଜନ-ସାଧାରଣଙ୍କୁ ନେଇ । ଗୋଷ୍ଠୀଗତ ଜୀବନର ଆଦର୍ଶ କ'ଣ, ଲକ୍ଷ୍ୟ କ'ଣ, ପଥ କେଉଁ ଦିଗରେ ? ବୁଦ୍ଧ ପୂର୍ଣ୍ଣ ଯୌବନରେ ସ୍ତ୍ରୀ-ପୁତ୍ର, ରାଜକାର୍ଯ୍ୟ ପଛରେ ପକାଇଦେଇ କାଙ୍ଗାଳ ହେଲେ ଏବଂ ଶଙ୍କରାଚାର୍ଯ୍ୟ ବାଳକାବସ୍ଥାରେ ସନ୍ନ୍ୟାସୀ ହେଲେ । କିନ୍ତୁ ଏଇ କାମଟି କ'ଣ ସର୍ବସାଧାରଣଙ୍କ ଲାଗି ଆଦର୍ଶସ୍ଥାନୀୟ ? ଅନ୍ତରରୁ ସେପ୍ରକାର ପ୍ରେରଣା ଆସିଲେ, ସେ ବ୍ୟକ୍ତି ଯେଉଁ ଅବସ୍ଥାରେ ଥାଉ ନା କାହିଁକି ସେ ପ୍ରବ୍ରଜ୍ୟା ଅବଲମ୍ବନ କରିପାରେ – ଯଦହଃରେବ ବିରଜତ୍ ତଦହଃରେବ ପ୍ରବ୍ରଜେତ୍ । କିନ୍ତୁ ସେ କଥାରୁ ଏଇ ସିଦ୍ଧାନ୍ତରେ ଆମେ ପହଞ୍ଚିବାକୁ ଯାଉ ନାହୁଁ ଯେ ସମସ୍ତେ ଜନ୍ମନେବା ମାତ୍ରେ ମୁନିବୃତ୍ତି ଅବଲମ୍ବନ କରିବେ ବା ଜୀବନର ଆରମ୍ଭରୁ ଅନ୍ତିମ ପର୍ବ ଯାଏଁ ଯୋଗାରୂଢ଼ ହେବାକୁ ପ୍ରୟାସ କରିଚାଲିବେ ।

ସାମାଜିକ ଜୀବନର ଆଦର୍ଶ ଏକପ୍ରକାର – ମୁନିଜୀବନର ଆଦର୍ଶ ଆଉ ପ୍ରକାରେ । ଅବଶ୍ୟ ଉଭୟ ମଧ୍ୟରେ ରହିଛି ଏକ ସଂଯୋଗ ସେତୁ । ଏକଥା ବି ମାନିବାକୁ ପଡ଼ିବ, ସାମାଜିକ ଜୀବନକୁ ସୁଚାରୁରୂପେ ସମ୍ପନ୍ନ କରି ବ୍ୟକ୍ତି କ୍ରମୋତ୍ତରଣ ପଥରେ ଏକହିଁ ଜୀବନରେ ମୁନି ଅବସ୍ଥାକୁ ଉତ୍ତୀର୍ଣ୍ଣ ହୋଇଯାଇପାରେ । କିନ୍ତୁ ସମାଜର ସମସ୍ତଙ୍କୁ ମୁନି-ଜୀବନର ଛାଞ୍ଚରେ ପକାଇବାକୁ ଗଲେ ପରିଣାମ ହେବ ଧର୍ମସଙ୍କର; ଏହି ପରିଣାମକୁ ଭାରତବର୍ଷ ବହୁଶତାବ୍ଦୀ ଧରି ଭଲକରି ଭୋଗିଛି । ପୁନରାୟ ଉକ୍ତ ପରୀକ୍ଷାର ଆବଶ୍ୟକତା କେଉଁଠି ?

ଯୌବନରେ ଗୃହସ୍ଥାଶ୍ରମ – ସଂସାରରେ ଏଇ ବ୍ରତପାଳନର ଯେଉଁ ଉଦ୍ଦେଶ୍ୟ ଥିଲା, ଏଥିରେ ପ୍ରବେଶ କରିବା ପୂର୍ବରୁ ଭାରତ ଆଉ ଗୋଟିଏ ଧର୍ମାଚରଣର ବ୍ୟବସ୍ଥା କରିଥିଲା, ତାହା ବ୍ରହ୍ମଚର୍ଯ୍ୟ – ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ଆଶ୍ରମ, ଆମେ ଯାହାକୁ ଏ କାଳରେ ବ୍ରହ୍ମଚର୍ଯ୍ୟାଶ୍ରମ ବୋଲି ବୁଝୁ, ସେଇଟି ସେକାଳର ଜିନିଷ ନୁହେଁ; ଏ କାଳରେ ଯେତିକି ଆମେ ବୁଝିଛୁ : ନିଷ୍ଠାଚାରୀଙ୍କ ପ୍ରବର୍ତ୍ତିତ ଆଚାର-ଅନୁଷ୍ଠାନ ଖାଲି ଜୀବନକୁ ନିଗ୍ରହ କରିବା, ଚାପି ଦେଇ ଶୁଖାଇ ମାରିଦେବା, ପ୍ରାଣଶକ୍ତିକୁ ଓ ସୃଷ୍ଟି କ୍ଷମତାକୁ ନଷ୍ଟ କରିଦେବା – ସେତେବେଳେ ସେପରି ନଥିଲା । ଏହି ଆଶ୍ରମର ଉଦ୍ଦେଶ୍ୟ ଥିଲା ଆର୍ଯ୍ୟଦୃଷ୍ଟି, ଆର୍ଯ୍ୟଶକ୍ତିଙ୍କୁ ଅଧିକାର କରିବା ଯାହା ମନୁଷ୍ୟକୁ ଦେବତା ସହିତ, ପୃଥିବୀକୁ ସ୍ୱର୍ଗ ସାଥିରେ, ଜୀବନକୁ ଜୀବନ-ଅତିରିକ୍ତ ସତ୍ୟ ସହିତ ଗୋଟିଏ ସୂତ୍ରରେ ମେଳଖୁଆଉଥିଲା, ଯାହା ଫଳରେ ଐହିକ ଐଶ୍ୱର୍ଯ୍ୟ ଭିତରେହିଁ ପାରତ୍ରିକ ଅମୃତ ଧରାଦିଏ – ଇହୈବ ତୈର୍ଜିତଂ । ସୁତରାଂ, ଉକ୍ତ ବ୍ରହ୍ମଚର୍ଯ୍ୟର ଲକ୍ଷ୍ୟ ଥିଲା ଜୀବନର ପ୍ରାଣଶକ୍ତିର ସୃଷ୍ଟିକ୍ଷମତାର ପ୍ରାରମ୍ଭିକ ମୂଳଦୁଆ ଅର୍ଥାତ୍ ଭିତରର ମୂଳ ପୀଠସ୍ଥାନଟିକୁ ମଜଭୁତ୍ କରି ତିଆରି କରିବା ।

ଭାରତବର୍ଷର ବିଷୟ-ଏଷଣା ପଛରେ, ଏପରିକି ଭାରତର ମୁନିବୃତ୍ତିର ଅନ୍ତରାଳରେ ଏଇ ଯେଉଁ ଆର୍ଯ୍ୟଭାବ, ସେଥିପାଇଁ ତା'ର ଭୋଗଜୀବନ ବା କର୍ମଜୀବନ ଏକାନ୍ତଭାବେ ପଶୁର ଜୀବନ ହୋଇ ପଡ଼ି ନାହିଁ କିଂବା ତା'ର ତ୍ୟାଗ-ଜୀବନ ବି ନିରର୍ଥକ ଆତ୍ମପୀଡ଼ନରେ ପର୍ଯ୍ୟବସିତ ହୋଇ ନାହିଁ । ବର୍ତ୍ତମାନ କାଳରେ, ଏଇ ଆର୍ଯ୍ୟଭାବ କ'ଣ ସେ ଜିନିଷଟି ଆମେ ସହଜରେ ବୁଝୁନା, ସେଇହେତୁ ନା ଆମର ଭୋଗ କରିବାରେ ସାହସ ଅଛି, ନା କର୍ମ କରିବାରେ ଆଗ୍ରହ ଅଛି, ନା ତ୍ୟାଗ କରିବାରେ ବି ଆନନ୍ଦ ଅଛି । ଧର୍ମରେ ଯେ ରହିଛି ଗୋଟିଏ ଦେଶ, କାଳ, ପାତ୍ରର ଭେଦ, ସେ କଥା ବି ଆମେ ଅଧୁନା ବୋଧ କରିପାରୁନା । ମଧ୍ୟଯୁଗରେ ଆବାଳ-ବୃଦ୍ଧ-ବନିତାର କାନ୍ଧ ଉପରେ, ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୂଦ୍ର ନିର୍ବିଶେଷରେ, ସାମାଜିକ ରାଷ୍ଟ୍ରନୀତିକ ଓ ଆଧ୍ୟାତ୍ମିକ ସମସ୍ତ କ୍ଷେତ୍ରରେ ମୁନିବୃତ୍ତିର ବ୍ୟବସ୍ଥାକୁ ନେଇଆସି ଚପାଇ ଦିଆଯାଇଛି । ତେଣୁ ଆମେ ସମସ୍ତେ ହୋଇପଡ଼ିଛୁ ଅସମର୍ଥ, କ୍ଷୀଣଜୀବୀ, ଅକାଳପକ୍ୱ – ଆମର ଇହକାଳ ପରକାଳ – ଉଭୟହିଁ ନଷ୍ଟ ହୋଇଚାଲିଛି ସେଇଦିନଠାରୁ ।

ଆମେ ଜାଗିଉଠିଥିଲୁ, ଇଉରୋପର ସ୍ଥୂଳ ଦେହଭାରର ଚାପ ଆମ ଜାଗରଣରେ ସହାୟ ହୋଇଥିଲା । ଇଉରୋପର କବଳରୁ ଆମେ ମୁକ୍ତି ପ୍ରୟାସୀ ହୋଇ ଭାରତର ସେଇ ଲୁପ୍ତ ଆର୍ଯ୍ୟପ୍ରତିଭା ଆଡ଼କୁ ଚକ୍ଷୁ ଉନ୍ମୀଳନ କରି ଚାହିଁଲୁ, ଦେଖିଲୁ ଇଉରୋପ ମଧ୍ୟ ସୂକ୍ଷ୍ମମୂର୍ତ୍ତିର ଆଟୋପରେ ସେଇ ଆର୍ଯ୍ୟ ପ୍ରତିଭାର ଏକ କପଟ ଛାଞ୍ଚ ଧରି ଆମ ଦୃଷ୍ଟିକୁ ମୁଗ୍ଧ ଓ ମୂଢ଼ କରିଦେବାକୁ ଚେଷ୍ଟା କରୁଛି । ଭାରତ ପ୍ରତିଭାର ଏକ ଉପଧାରା ହେଉଛି ବୌଦ୍ଧଭାବ, ବୌଦ୍ଧଦୀକ୍ଷା; ଏଇ ବୌଦ୍ଧଦୀକ୍ଷାର ବି ଏକ ଉପଧାରା ହେଉଛି ଖ୍ରୀଷ୍ଟ-ଦୀକ୍ଷା ଏବଂ ଖ୍ରୀଷ୍ଟଧାରାର ବି ଏକ ଉପଧାରା ହେଉଛି ଟଲଷ୍ଟୟଙ୍କର ଦୀକ୍ଷା । ଆମେ ଆଜି

ଯେ ଅଗ୍ରସର ହେବାକୁ ବାହାରିଛୁ – ତାହା ଏଇ ଟଲଷ୍ଟୟ (Tolstoy)ଙ୍କ ଦୀକ୍ଷାର ପଥଧରି ।...

ଯାହାର ପ୍ରାଣ ସତରେହିଁ, ଅନ୍ତରର ପ୍ରକୃତିର ଆକର୍ଷଣରେ ଏଇ ପଥ ଧରି ଅଗ୍ରସର ହେବାକୁ ଇଚ୍ଛା କରୁଥାଏ, ସେ ଏପଥର ଆଶ୍ରୟ ନେଉ, ସେଥିରେ ବାଧାଦେବାର ଅଧିକାର କାହାର ନାହିଁ । ତୁମର ଅନ୍ତଃ ପୁରୁଷ ଯଦି ବୈରାଗ୍ୟର ଆଦର୍ଶରେ ଅନୁପ୍ରାଣିତ ତେବେ ତୁମେ ଅବିଳମ୍ବେ ପ୍ରବ୍ରଜ୍ୟା ଗ୍ରହଣ କର । ସେଇଟି ତୁମର ବ୍ୟକ୍ତିଗତ ସାଧନାର ପଥ । ସାଧନାର ଅନ୍ୟାନ୍ୟ ପଥ ବି ରହିଛି । ସିଦ୍ଧିର ବହୁପ୍ରକାର ଆକାର – ଆୟତନ ରହିଛି; ସେଇଟିକୁ 'ଏକମେବା ଦ୍ୱିତୀୟଂ' ବୋଲି ମନେ କରିବା ଉଚିତ ନୁହେଁ । ସର୍ବୋପରି ସର୍ବ ସାଧାରଣରେ ସାମାଜିକ ପ୍ରତିଷ୍ଠାନରେ, ଦେଶର ଗୋଷ୍ଠୀଗତ ସାଧନରେ ସାଧାରଣ ଲୋକଙ୍କ ଉପରେ ତାହାକୁ ଜୋର୍ କରି ଆରୋପ କରିବାକୁ ଚାହିଁବା ଠିକ୍ ନୁହେଁ ।

କାହାର ଭାଗ୍ୟରେ ଯଦି ଗୋଟିଏ ବେଳା ଆହାର ଜୁଟୁ ନାହିଁ ତାହାକୁ କହିବା : ଆହାର ଜିନିଷଟା ପଶୁର ଧର୍ମ, ମଣିଷ ଭାବରେ ଶ୍ରେୟଃର ପଥ ଚାହୁଁଥାଅ ଯଦି, ତେବେ ଆହାର ବର୍ଜନ କର; ସେମିତି କେହି ଯଦି କୌପୀନଟିଏ ବି ଯୋଗାଡ଼ କରିବାକୁ ଅସମର୍ଥ ତାହାକୁ ଡାକି ଆମେ ଯଦି ଏଇ ଶିକ୍ଷାଦେଉ : ବସନଭୂଷଣ ହେଉଛି ବିଳାସୀର ନିରର୍ଥକ ବିଳାସ-ସାମଗ୍ରୀ; ସେଇଭଳି ଯିଏ ପ୍ରତିବାଦରେ ହାତଟେକି ପାରୁ ନାହିଁ, ତାକୁ ଯଦି ଆମେ କହୁ : ଗୋଟାଏ ଗାଲରେ ଚଟକଣିଟିଏ ବାଜିଲେ, ଆର ଗାଲଟା ବି ଦେଖାଇ ଦିଅ; ସେମିତି ପ୍ରଥମ 'କ' ଅକ୍ଷରଟିଏ ଯିଏ ପଢ଼ି ଶିଖି ନାହିଁ, ତାକୁ ଏଇଟା ପଢ଼ିବାକୁ କହିଲେ ବାଘ ହାବୁଡ଼େ ପଡ଼ିଲା ପରି ବୋଧ ହେବ, ସେମିତିଆ ଲୋକଟିକୁ ଯଦି କୁହାଯାଏ : ପୁସ୍ତକ ପଢ଼ିଲେ ଜ୍ଞାନ ହୁଏ ନାହିଁ; ସାଧୁର ଜଟାଜୁଟ କମଣ୍ଡଳୁ ଦେଖି କେହି ଯଦି ଭକ୍ତିରେ ଗଦ୍‌ଗଦ୍ ହୋଇଯାଏ, ସେଇଭଳି ମଣିଷକୁ ଯଦି କୁହାଯାଏ ଅଧିକ ଆଧ୍ୟାତ୍ମିକ ହୁଅ – ତାହାହେଲେ ଭୁବନେଶ୍ୱର ମନ୍ଦିର ସବୁର ସ୍ଥାପତ୍ୟ-କଳା, ଝୋଟ ଶିଳ୍ପର କାରଖାନା, ଅଜନ୍ତାର ଗୁହାଚିତ୍ରର କଳାକୃତି ଏବଂ ରବିବର୍ମାଙ୍କର ଅଙ୍କିତ ଛବି – ଏଗୁଡ଼ିକ ଭିତରେ ପାର୍ଥକ୍ୟ କେଉଁଠି, ସେ କଥା ଯିଏ ବୁଝିପାରେ ନାହିଁ, ସେଭଳି ଲୋକ ପାଖରେ ଯଦି କୁହାଯାଏ : ଶୂନ୍ୟତାହିଁ ସବୁଠାରୁ ଶ୍ରେଷ୍ଠ ଶିଳ୍ପ,– ଏସବୁ ଯେପରି ନିରର୍ଥକ, ଆମ ଦେଶରେ ଅକାଳରେ ସନ୍ନ୍ୟାସ, ସଂସାର-ବୈରାଗ୍ୟକୁ ଅତିମୂଲ୍ୟ ଦେବା ବି ଅବନତି ଓ କ୍ଷତି ଆଣିବ ପଛେ, ଲାଭ କିଛି ଆଣିବ ନାହିଁ ।

ସଚରାଚର କୁହାଯାଏ, 'ଅବିଦ୍ୟାର ଉପାସକ ଯେଉଁମାନେ, ସେମାନେ ଅନ୍ଧକାର ମଧ୍ୟରେ ବୁଡି ଯାଆନ୍ତି'; ଆମ ଉପନିଷଦ୍ କହୁଛି : 'ଯେଉଁମାନେ କେବଳ ବିଦ୍ୟାର ଉପାସକ ସେମାନେ ଆହୁରି ଅଧିକ ତମସ ଭିତରେ ମଜ୍ଜମାନ' । ଅତିଜ୍ଞାନୀ ହୋଇ ଯିଏ ଅଜ୍ଞାନୀଙ୍କୁ ସେଇ ଅତିଜ୍ଞାନର ପଥରେ ଚଳାଇବାକୁ ବସନ୍ତି ତେବେ ଫଳ ହୁଏ ଓଲଟା : ଅନ୍ଧେନୈବ ନୀୟମାନା ଯଥାନ୍ଧା (ଅନ୍ଧଟିଏ ଯେବେ ଅନ୍ୟ ଅନ୍ଧଟିକୁ ପଥ ଦେଖାଏ) । ଭାରତର ଆର୍ଯ୍ୟଦୃଷ୍ଟି ଅବିଦ୍ୟା ଓ ବିଦ୍ୟା, ଦୁଇଟିକୁ ଏକତ୍ର ରଖିଛି, କୌଣସି ଗୋଟିକୁ ଏକାନ୍ତ କରି ଧରିବସିବାକୁ କହି ନାହିଁ – ଏଇ ଉଭୟର ସମ୍ମିଳନ ଓ ସାମଞ୍ଜସ୍ୟର ରହସ୍ୟ ଯିଏ ଏକକାଳେ ପାଇଥିଲା – ତାହା ତା' ପାଇଁ ନିଜସ୍ୱ ସନାତନ ସମ୍ପଦ । ଭାରତ ପାଇଁ ଯଦି ସେଇସବୁ ସମ୍ପଦକୁ ଉଦ୍ଧାର କରିପାରିବ ତେବେ ସେହି ପଥରେହିଁ ଭାରତର ନବଜନ୍ମର, ନବଜୀବନର ଉନ୍ମେଷ ଆଣିବାରେ ତୁମେ ସହାୟ ହୋଇପାରିବ ।

('ଭାରତ ରହସ୍ୟ'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ❖

> ଯେଉଁ ଏକମାତ୍ର କଥା ଆବଶ୍ୟକ ତାହା ହେଉଛି ଭଗବାନଙ୍କ ଉପଲବ୍ଧି, ବାକି ସବୁ କଥା ଯେତିକି ପରିମାଣରେ ସେହି ଦିଗରେ ସାହାଯ୍ୟ କରେ କିଂବା ପରିଚାଳିତ କରେ କିଂବା ସେଇ କଥାର ଉପଲବ୍ଧି ପରେ ତାକୁ ବ୍ୟାପକ ଅଥବା ଅଭିବ୍ୟକ୍ତ କରେ ସେସବୁ କଥା ସେଇ ପରିମାଣରେ ବାଞ୍ଛନୀୟ ହୋଇଥାଏ ।
>
> – ଶ୍ରୀଅରବିନ୍ଦ

ବେଦରହସ୍ୟ - (ପୂର୍ବାର୍ଦ୍ଧ) : ଏକବିଂଶ ଅଧ୍ୟାୟ

# ଅନ୍ଧକାରର ସନ୍ତାନଗଣ

## (୧)

## ଶ୍ରୀଅରବିନ୍ଦ

ଥରେ ନୁହେଁ, ବାରଂବାର ଆମେ ଦେଖିଛୁ ଯେ ଅଙ୍ଗିରସଗଣ, ଇନ୍ଦ୍ର ଓ ସରମା, ପଣିଗଣଙ୍କର ଗୁହା ଏବଂ ଉଷା, ସୂର୍ଯ୍ୟ ଓ ଗୋମାନଙ୍କ ଜୟ ପ୍ରଭୃତିର କାହାଣୀକୁ ଆକ୍ରମଣକାରୀ ଆର୍ଯ୍ୟ ଓ ଗୁହାବାସୀ ଦ୍ରାବିଡ଼ମାନଙ୍କ ମଧ୍ୟରେ କୌଣସି ରାଜନୈତିକ ଓ ସାମରିକ ସଂଘର୍ଷର ବିବରଣରୂପେ ବ୍ୟାଖ୍ୟାକରିବା ଅସମ୍ଭବ । ଏହା ହେଉଛି ଜ୍ୟୋତିଃ-ସନ୍ଧାନକାରିଗଣ ଓ ଅନ୍ଧକାର ଶକ୍ତିମାନଙ୍କ ମଧ୍ୟରେ ସଂଘର୍ଷ; ଗୋମାନେ ହେଲେ ସୂର୍ଯ୍ୟ ଓ ଉଷାଙ୍କର ଦୀପ୍ତିପୁଞ୍ଜ, ସେମାନେ କଦାପି ଗୋ-ପଶୁ ନୁହନ୍ତି; 'ଇନ୍ଦ୍ର' ଆର୍ଯ୍ୟମାନଙ୍କ ନିମନ୍ତେ ଗୋମାନଙ୍କର ଯେଉଁ ଭୀତିମୁକ୍ତ ବିସ୍ତୃତ କ୍ଷେତ୍ର ଜୟକରନ୍ତି ତାହା ହେଉଛି ବିଶାଳ 'ସ୍ୱର୍', ସୌରଦୀପ୍ତ ଜଗତ୍ ଓ ସ୍ୱର୍ଗର ତ୍ରିବିଧ ଜ୍ୟୋତିର୍ମୟ ଲୋକ । ତେଣୁ ସେହି ସମାନ ଦୃଷ୍ଟିରୁ ଗ୍ରହଣ କରିବାକୁ ହେବ ଯେ 'ପଣିଗଣ' ହେଉଛନ୍ତି ଅନ୍ଧକାର-ଗୁହାରେ ଥିବା ଶକ୍ତିବୃନ୍ଦ । ଏକଥା ପ୍ରାୟ ସତ୍ୟ ଯେ ପଣିମାନେ 'ଦସ୍ୟୁ' ବା 'ଦାସ'; ସେମାନେ ସବୁବେଳେ ଏହି ନାମରେ ଅଭିହିତ, ସେମାନେ ଆର୍ଯ୍ୟବର୍ଣ୍ଣର ବିପରୀତ ଦାସବର୍ଣ୍ଣ ବୋଲି ବର୍ଣ୍ଣିତ, ଏବଂ ବର୍ଣ୍ଣ ବା ରଙ୍ଗ ଶବ୍ଦଟି ବ୍ରାହ୍ମଣଗ୍ରନ୍ଥ ଓ ପରବର୍ତ୍ତୀ ରଚନାମାନଙ୍କରେ ଜାତି ବା ଶ୍ରେଣୀ ଅର୍ଥରେ ବ୍ୟବହୃତ, ତେଣୁ ଯଦିଓ ଋଗ୍‌ବେଦରେ ବର୍ଣ୍ଣ ଶବ୍ଦର ପ୍ରୟୋଗ ରହିଛି ତଥାପି ଏହା ସେହି ଅର୍ଥରେ ଗ୍ରହଣ କରାଯାଇ ନାହିଁ । ଦସ୍ୟୁମାନେ ପବିତ୍ର ବାକ୍‌ର ଜୁଗୁପ୍‌ସୁ; ଦେବତାମାନଙ୍କୁ ଯେଉଁମାନେ କୌଣସି ହବିଃ ବା ସୋମରସ ପ୍ରଦାନ କରନ୍ତି ନାହିଁ ଏମାନେ ସେଇ; ଏମାନେ ନିଜର ଗୋ ଓ ଅଶ୍ୱସମ୍ପଦ ଓ ଅନ୍ୟାନ୍ୟ ସମ୍ପଦ ନିଜ ପାଇଁ ସାଇତି ରଖନ୍ତି, ଋଷିମାନଙ୍କୁ ଦିଅନ୍ତି ନାହିଁ; ଯେଉଁମାନେ ଯଜ୍ଞ ନ କରନ୍ତି, ଏମାନେ ହେଉଛନ୍ତି ସେଇ । ଆମେ ଯଦି ଇଚ୍ଛାକରୁ ତେବେ ଅନୁମାନ କରିପାରୁ ଯେ ଭାରତରେ ସେସମୟରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକ ସଂଘର୍ଷ ଘଟିଥିଲା ଏବଂ ସେଇ କାରଣରୁ ଋଷିମାନେ ସେହି ଉଭୟ ପକ୍ଷର ମାନୁଷ ପ୍ରତିନିଧିମାନଙ୍କୁ ଏକ ରୂପକରୂପେ ଗ୍ରହଣକରିନେଇ ସେମାନଙ୍କୁ ଆଧ୍ୟାତ୍ମିକ ସଂଘର୍ଷ କ୍ଷେତ୍ରରେ ପ୍ରୟୋଗ କରିଛନ୍ତି, ଠିକ୍ ଏହିପରି ସେମାନେ ନିଜ ଭୌତିକ ଜୀବନର ଅଙ୍ଗୀଭୂତ ଅନ୍ୟାନ୍ୟ କ୍ଷେତ୍ରରେ ଏହାକୁ ଆଧ୍ୟାତ୍ମିକ ଯଜ୍ଞ, ଆଧ୍ୟାତ୍ମିକ ସମ୍ପଦ, ଆଧ୍ୟାତ୍ମିକ ଯୁଦ୍ଧ ଏବଂ ଯାତ୍ରା ପ୍ରଭୃତିର ପ୍ରତୀକରୂପେ ଆରୋପଣ କରିଛନ୍ତି । ଏହା ସୁନିଶ୍ଚିତ ଯେ, ବିଶେଷତଃ ଋଗ୍‌ବେଦରେ କୌଣସି ସ୍ଥୂଳ ସଂଗ୍ରାମ ଓ ଲୁଣ୍ଠନର କଥା ସେମାନେ କହି ନାହାନ୍ତି ବରଂ ଆଧ୍ୟାତ୍ମିକ ସଂଘର୍ଷ ଓ ବିଜୟର କଥାହିଁ କହିଛନ୍ତି ।

ଯଦି ଏଠୁ ସେଠୁ କେତେକ ସୂକ୍ତକୁ ନେଇ ସେଥିରେ ଏକ ନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟ ଭରିଦିଆଯାଏ ତେବେ ସେହି ଅର୍ଥ ହୁଏତ ସେହି କ୍ଷେତ୍ରରେ ଠିକ୍ ବୋଲି ଲାଗୁଥିବ ଏବଂ ଅନ୍ୟପକ୍ଷରେ ଯଦି ଏହି ଅର୍ଥ ପାଇଁ ସ୍ପଷ୍ଟତଃ ଅପ୍ରୟୋଜ୍ୟ ଅନ୍ୟ ବହୁ ସୂକ୍ତକୁ ଉପେକ୍ଷା କରୁଥିବ, ତେବେ ତାହା ହେବ ଅନାନ୍ତରିକ ଅଥବା କୁଟିଳ ପଦ୍ଧତି । ପଣିଗଣ, ସେମାନଙ୍କ ସମ୍ପଦ, ସେମାନଙ୍କ ସମସ୍ତ ସ୍ୱଭାବ-ଚରିତ୍ର, ଦେବଗଣ, ଋଷିଗଣ ତଥା ଆର୍ଯ୍ୟମାନଙ୍କ ଦ୍ୱାରା ସେମାନଙ୍କ ଉପରେ ବିଜୟ – ଏହିସବୁ ସହ ସମ୍ପର୍କିତ ବେଦର ଉକ୍ତିଗୁଡ଼ିକୁ ସାମଗ୍ରିକ ରୂପେ ଗ୍ରହଣ କରିବା ଆବଶ୍ୟକ ଏବଂ ଏହି ଅନୁଚ୍ଛେଦଗୁଡ଼ିକୁ ଏକତ୍ର ବିଚାରକୁ ନେଇ ସେଥିରୁ ଯେଉଁ ସିଦ୍ଧାନ୍ତ ମିଳେ ତାହାକୁ ସମାନରୂପେ ସମସ୍ତ କ୍ଷେତ୍ରରେ ଆମେ ସ୍ୱୀକାର କରିବା ଉଚିତ । ଏହି ପଦ୍ଧତି ଅବଲମ୍ବନ କରୁଥିବା ବେଳେ ଆମେ ଦେଖୁ ଯେ ଏହିସବୁ ମଧ୍ୟରୁ ଅନେକ ସୂକ୍ତରେ ପଣିମାନଙ୍କୁ ମନୁଷ୍ୟ ବୋଲି ମନେକରିବା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ସେମାନେ ହୁଏତ ଭୌତିକ ଅଥବା ଆଧ୍ୟାତ୍ମିକ ଅନ୍ଧକାରର ଶକ୍ତିବୃନ୍ଦ; ଅନ୍ୟ ସୂକ୍ତମାନଙ୍କରେ ସେମାନଙ୍କୁ ଆଦୌ ଭୌତିକ ଅନ୍ଧକାରର ଶକ୍ତିବୋଲି କୁହାଯାଇ ପାରିବ ନାହିଁ ପରନ୍ତୁ ସେମାନେ ହୁଏତ ଦେବକାମୀ ଓ ଯଜ୍ଞସାଧକମାନଙ୍କର ମାନବଶତ୍ରୁ ନ ହେଲେ ବି ଆଧ୍ୟାତ୍ମିକ 'ଜ୍ୟୋତିଃ'ର ଶତ୍ରୁ ହୋଇଥିବେ; ଏଭଳି ଆହୁରି କେତେକ ସୂକ୍ତ ଅଛି ଯେଉଁଥିରେ ସେମାନଙ୍କୁ ମାନୁଷ ଶତ୍ରୁ ବା ଭୌତିକ ଆଲୋକର ଶତ୍ରୁବୋଲି କୁହାଯାଇ ପାରିବ ନାହିଁ କିନ୍ତୁ ନିଶ୍ଚିତରୂପେ ସେମାନେ ଆଧ୍ୟାତ୍ମିକ

'ଜ୍ୟୋତିଃ', 'ସତ୍ୟ' ଓ '**ଧୀତି**'ର ଶତ୍ରୁ । ଏହିସବୁ ତଥ୍ୟରୁ ଆମେ ଏକମାତ୍ର ସିଦ୍ଧାନ୍ତରେ ଉପନୀତ ହୋଇପାରୁ ଯେ ସେମାନେ ସର୍ବଦା ତଥା କେବଳ ଆଧ୍ୟାତ୍ମିକ 'ଜ୍ୟୋତିଃ'ରହିଁ ଶତ୍ରୁ ।

ଏହି 'ଦସ୍ୟୁ'ମାନଙ୍କର ସାଧାରଣ ଚରିତ୍ର ସମ୍ବନ୍ଧରେ ଅନୁସନ୍ଧାନର ମୂଳସୂତ୍ର ହିସାବରେ ର.୫।୧୪।୪ ଋକ୍‌କୁ ନେଇପାରୁ ।

**ଅଗ୍ନିର୍ଜାତୋ ଅରୋଚତ, ଘ୍ନନ୍ ଦସ୍ୟୂନ୍**
**ଜ୍ୟୋତିଷା ତମଃ ।**
**ଅବିଦ୍ ଗା ଅପଃ ସ୍ୱଃ ॥**

''ଅଗ୍ନି ଜାତ ହୋଇ ପ୍ରଦୀପ୍ତ ହୋଇଉଠିଲେ ଏବଂ 'ଜ୍ୟୋତିଃ' ଦ୍ୱାରା ଦସ୍ୟୁମାନଙ୍କୁ ବା ଅନ୍ଧକାରକୁ ବଧକଲେ; ଗୋମାନଙ୍କୁ, ଜଳଧାରାଗୁଡ଼ିକୁ ଓ 'ସ୍ୱର୍'କୁ ଲାଭକଲେ ।'' ଦସ୍ୟୁମାନେ ଦୁଇଟି ବଡ଼ ଶ୍ରେଣୀରେ ବିଭକ୍ତ, 'ପଣି' ନାମକ ଗୋଟିଏ ଶ୍ରେଣୀର ଦସ୍ୟୁ ଯେଉଁମାନେ ଗୋ ତଥା ଜଳଧାରା ଉଭୟଙ୍କୁ ଅବରୋଧ କରନ୍ତି ପରନ୍ତୁ ସେମାନେ ବିଶେଷତଃ ଗୋମାନଙ୍କୁ ରୋଧିବା ସହ ସମ୍ବନ୍ଧିତ, 'ବୃତ୍ର' ଅନ୍ୟ ଏକ ଶ୍ରେଣୀ, ଏମାନେ ଜଳଧାରାମାନଙ୍କୁ ଓ ଜ୍ୟୋତିଃକୁ ବାଧା ଦିଅନ୍ତି, ପରନ୍ତୁ ଏମାନେ ବିଶେଷତଃ ଜଳଧାରାଗୁଡ଼ିକୁ ଅବରୋଧ କରନ୍ତି; କିନ୍ତୁ ଏହି ଉଭୟ ଶ୍ରେଣୀର ସମସ୍ତ ଦସ୍ୟୁ ବିନା ବ୍ୟତିକ୍ରମରେ ସ୍ୱର୍ ଦିଗରେ ଉତ୍ତରଣର ବାଟ ଓଗାଳନ୍ତି ଏବଂ ଆର୍ଯ୍ୟ ଋଷିମାନଙ୍କ ଦ୍ୱାରା ସମ୍ପଦ-ଆହରଣର କାର୍ଯ୍ୟରେ ବିରୁଦ୍ଧାଚରଣ କରନ୍ତି । ଜ୍ୟୋତିଃକୁ ଅସ୍ୱୀକାର କରିବା ଅର୍ଥ ସ୍ୱର୍ଦୃଷ୍ଟିର (ସ୍ୱର୍ଦୃଶ୍) ଏବଂ ସୂର୍ଯ୍ୟଦୃଷ୍ଟିର, ପରମ ଜ୍ଞାନଦୃଷ୍ଟି, ଉପମା କେତୁଃ (ର-୫ । ୩୪ । ୯)ର ବିରୁଦ୍ଧାଚରଣ; ଜଳରାଶିକୁ ପ୍ରତ୍ୟାଖ୍ୟାନ କରିବାର ଅର୍ଥ ସ୍ୱର୍‌ର ପ୍ରଚୁର ପ୍ରସ୍ରବଣର (ସ୍ୱର୍ବତୀଃ ଅପଃ), ଋତର ବେଗ ବା ପ୍ରସ୍ରବଣର, ଋତସ୍ୟ ପ୍ରେଷା, ଋତସ୍ୟ ଧାରାଃ, ଅବରୋଧ; ସମ୍ପଦକୁ ଅଧିକାରକୁ ଆଣିବାରେ ବିରୋଧ କରିବାର ଅର୍ଥ ସ୍ୱର୍‌ର ମହତ୍ ଐଶ୍ୱର୍ଯ୍ୟକୁ ଅର୍ଥାତ୍ ବସୁ, ଧନ, ବାଜ, ହିରଣ୍ୟ ପ୍ରଭୃତି ତଥା ସୂର୍ଯ୍ୟ ଓ ଜଳରାଶିରେ ଯେଉଁ ମହତ୍ ସମ୍ପଦ ବିଦ୍ୟମାନ – ଅପ୍‌ସୁ ସୂର୍ଯ୍ୟେ ମହଦ୍ ଧନମ୍ (୮ । ୬୮ । ୯) – ସେସବୁକୁ ରୋଧିବା । ତଥାପି ଯେହେତୁ ଆଲୋକ ଓ ଅନ୍ଧକାର, ସତ୍ୟ ଓ ମିଥ୍ୟା, ଦିବ୍ୟମାୟା ଓ ଅଦିବ୍ୟମାୟା ମଧ୍ୟରେ ସଂଗ୍ରାମ ଚାଲିଛି ତେବେ ଏଠାରେ ସମସ୍ତ ଦସ୍ୟୁଙ୍କୁ ସମାନଭାବେ ଅନ୍ଧକାର ସହିତ ଏକବୋଲି ଧରା-ଯାଇଛି; ଏବଂ ଅଗ୍ନିଙ୍କ ଜନ୍ମ ତଥା ତାଙ୍କର ପ୍ରଜ୍ୱଳନ ଫଳରେ ଯେଉଁ 'ଜ୍ୟୋତିଃ'ର ଉତ୍ପତ୍ତି ଘଟିଥାଏ ତା' ଦ୍ୱାରା ସେ ଅନ୍ଧକାର ତଥା ଦସ୍ୟୁମାନଙ୍କୁ ବଧ କରନ୍ତି । ଏହି କ୍ଷେତ୍ରରେ ଇତିହାସ ଅଭିମୁଖୀ ବ୍ୟାଖ୍ୟା ଆଦୌ ପ୍ରଯୋଜ୍ୟ ନୁହେଁ, କିନ୍ତୁ ଯଦି ଆମେ ବୈଦିକ ସୂର୍ଯ୍ୟୋଦୟର କାରଣ ଯଜ୍ଞାଗ୍ନିର ପ୍ରଜ୍ୱଳନ ଭଳି ଗଭୀର ତତ୍ତ୍ୱକୁ ହାଲୁକା କରିଦେଉ ତେବେ ପ୍ରକୃତି ଅଭିମୁଖୀ ଅର୍ଥ ହୁଏତ ଚଳିଯାଇପାରେ; କିନ୍ତୁ ବେଦରୁ ମିଳୁଥିବା ତୁଳନାତ୍ମକ ଅଧ୍ୟୟନରୁ ଆମକୁ ବିବେଚନା କରିବାକୁ ହେବ – କେତେକ ଅସନ୍ନିହିତ ସୂକ୍ତର ସାମର୍ଥ୍ୟକୁ ଆଶ୍ରୟକରି ନୁହେଁ ।

ଆର୍ଯ୍ୟ ଓ ପଣି ବା ଦସ୍ୟୁମାନଙ୍କ ମଧ୍ୟରେ ବିରୋଧ ବିଷୟ ପଞ୍ଚମ ମଣ୍ଡଳରେ (୩୪ତମ ସୂକ୍ତରେ) ଓ ତୃତୀୟ ମଣ୍ଡଳର ୩୪ତମ ସୂକ୍ତରେ ରହିଛି ଯେଉଁଥିରେ ''ଆର୍ଯ୍ୟଂ ବର୍ଣମ୍'' ଉକ୍ତିଟିକୁ ଆମେ ଦେଖିବାକୁ ପାଉ । ସ୍ମରଣ ରଖିବାକୁ ହେବ ଯେ ଦସ୍ୟୁମାନଙ୍କୁ 'ଅନ୍ଧକାର' ସହ ଏକ ବୋଲି କୁହାଯାଇଛି; ତେଣୁ ନିଶ୍ଚିତଭାବେ ଆର୍ଯ୍ୟମାନଙ୍କୁ 'ଆଲୋକ' ସହିତ ସମ୍ବନ୍ଧିତ କରିବା ଉଚିତ, ଏବଂ ବସ୍ତୁତଃ ଆମେ ଦେଖୁ ଯେ ବେଦରେ ସ୍ପଷ୍ଟତଃ 'ଦାସ-ଅନ୍ଧକାର'ର ବିପରୀତ ସ୍ଥାନରେ ସୂର୍ଯ୍ୟାଲୋକକୁ 'ଆର୍ଯ୍ୟ-ଜ୍ୟୋତିଃ' ବୋଲି କୁହାଯାଇଛି । ବସିଷ୍ଠ ମଧ୍ୟ ତିନି ଆର୍ଯ୍ୟସମ୍ପ୍ରଦାୟ ବିଷୟରେ କହିଛନ୍ତି, ସେମାନେ ''**ଜ୍ୟୋତିରଗ୍ରାଃ**'' ଅର୍ଥାତ୍ ସେମାନେ ଜ୍ୟୋତିଃଚାଳିତ ଓ ସେମାନଙ୍କ ସମ୍ମୁଖରେ ଜ୍ୟୋତିଃ ଥାଏ (୭ । ୩୩ । ୭) । ଏହି ଆର୍ଯ୍ୟ-ଦସ୍ୟୁ ପ୍ରଶ୍ନର ଯଥାଯଥ ଚର୍ଚ୍ଚା କେବଳ କରାଯାଇ ପାରିବାର ବାଟ ହେଲା ଯଦି ଏହାର ପ୍ରାସଙ୍ଗିକ ସୂକ୍ତଗୁଡ଼ିକୁ ଅତିବ୍ୟାପକଭାବେ ଆଲୋଚନାପୂର୍ବକ ପରୀକ୍ଷା କରିବା ଏବଂ ସେଥିରେ ଥିବା ଅସୁବିଧାଗୁଡ଼ିକୁ ବି ସମ୍ମୁଖୀନ ହେବା; କିନ୍ତୁ ମୋର ବର୍ତ୍ତମାନର ଉଦ୍ଦେଶ୍ୟସାଧନ ନିମନ୍ତେ ଏହି ପ୍ରାରମ୍ଭିକ ତଥ୍ୟହିଁ ଯଥେଷ୍ଟ । ଆଉ ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ବେଦରେ **ଋତଂ ଜ୍ୟୋତିଃ, ହିରଣ୍ୟଂ ଜ୍ୟୋତିଃ**, ସତ୍ୟ-ଆଲୋକ, ସ୍ୱର୍ଣିମ ଆଲୋକ, ବୋଲି ଯେଉଁ କଥା ଅଛି ତାହାର ବିଷୟ ଏହି ଯେ, ସୌର ଆଲୋକ ସହ ଆସୁଥିବା ଆର୍ଯ୍ୟ, ଋତ ଓ ହିରଣ୍ୟ – ଏହି ତିନୋଟି ବିଶେଷଣ ପାରସ୍ପରିକ ଅର୍ଥବ୍ୟଞ୍ଜକ ଓ ପ୍ରାୟ ସମାର୍ଥକ । ସୂର୍ଯ୍ୟ ସତ୍ୟର ଅଧିପତି, ସେହି କାରଣରୁ ତାଙ୍କ ଆଲୋକ **ଋତଂ ଜ୍ୟୋତିଃ**; ଏହି ସତ୍ୟ ଜ୍ୟୋତିଃର ଅଧିକାରୀ ଆର୍ଯ୍ୟ, ସେ ଦେବ ହୁଅନ୍ତୁ ବା ମର୍ତ୍ତ୍ୟଦେହୀ ହୁଅନ୍ତୁ, ଏହାହିଁ ତାଙ୍କର ଆର୍ଯ୍ୟତ୍ୱକୁ ରୂପଦିଏ; ତା'ପରେ 'ହିରଣ୍ୟ' ବିଶେଷଣଟି ସୂର୍ଯ୍ୟଙ୍କ ସମ୍ପର୍କରେ ବରାବର ପ୍ରଯୁକ୍ତ

ହୋଇଛି ଏବଂ ବେଦରେ ସମ୍ଭବତଃ ହିରଣ୍ୟ ହେଉଛି ସତ୍ୟର ସାରତତ୍ତ୍ୱର ପ୍ରତୀକ, କାରଣ ଏହାର ମୂଳତତ୍ତ୍ୱ ହେଲା 'ଜ୍ୟୋତିଃ', ହୈମ ସମ୍ପଦ, ଯାହା ସୂର୍ଯ୍ୟଙ୍କ ମଧ୍ୟରେ ଏବଂ 'ସ୍ୱର୍'ର ଜଳରାଶି ମଧ୍ୟରେ, **ଅପ୍ସୁ ସୂର୍ୟେ**, ବିଦ୍ୟମାନ – ତେଣୁ ''ହିରଣ୍ୟଂ ଜ୍ୟୋତିଃ'' ବିଶେଷଣ ଆମେ ଦେଖିବାକୁ ପାଉ । ଏହି ହିରଣ୍ୟ ବା ଦୀପ୍ତ ଆଲୋକ ହେଉଛି ସତ୍ୟର ରଙ୍ଗ (ବର୍ଣ୍ଣ); ଆଉ ମଧ୍ୟ ଏହାହିଁ ଆର୍ଯ୍ୟମାନଙ୍କ ଦ୍ୱାରା ବିଦିତ ଜ୍ୟୋତିଃପୂର୍ଣ୍ଣ ଧୀତିଗୁଡ଼ିକର ରଙ୍ଗ, ଶୁକ୍ର ଓ ଶ୍ୱେତବର୍ଣ୍ଣ ଉଜ୍ଜ୍ୱଳ ଗୋମାନେ ହେଉଛନ୍ତି ଜ୍ୟୋତିଃର ରଙ୍ଗ; ଅନ୍ୟପକ୍ଷରେ 'ଦସ୍ୟୁ' ଅନ୍ଧକାର-ଶକ୍ତି ହୋଇଥିବାରୁ କୃଷ୍ଣବର୍ଣ୍ଣ । ମୋର କହିବାର କଥା, ସତ୍ୟଜ୍ୟୋତିଃର ଉଜ୍ଜ୍ୱଳତା, **ଜ୍ୟୋତିଃ ଆର୍ୟମ୍** (୧୦ । ୪୩ । ୪) ହେଉଛି ଆର୍ଯ୍ୟବର୍ଣ୍ଣ, **ଜ୍ୟୋତିରଗ୍ରାଃ**, ଆର୍ଯ୍ୟମାନଙ୍କ ରଙ୍ଗ; ଏବଂ ଅଜ୍ଞାନ-ରାତ୍ରିର ଅନ୍ଧକାର ହେଲା ପଣିଗଣଙ୍କ ରଙ୍ଗ ଦାସବର୍ଣ୍ଣ । ଏହି ଭାବରେ ସମ୍ଭବତଃ ସ୍ୱଭାବ ଅର୍ଥରେ ବର୍ଣ୍ଣକୁ ନିଆଯାଇପାରେ ଅଥବା ସେହି ଅନୁରୂପ ସ୍ୱଭାବର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ଅର୍ଥରେ ମଧ୍ୟ, (ଏଣୁ) ରଙ୍ଗ ହେଲା ସ୍ୱଭାବର ପ୍ରତୀକ; ମୋତେ ଲାଗୁଛି, ପ୍ରାଚୀନ ଆର୍ଯ୍ୟଋଷିମାନଙ୍କ ମଧ୍ୟରେ ଏହିପରି ବ୍ୟକ୍ତକରିବା ଥିଲା ପ୍ରଚଳିତ ବ୍ୟାବହାରିକ ପ୍ରବୃତ୍ତି, ଏଇଥିରୁହିଁ ପରବର୍ତ୍ତୀ କାଳରେ ଚାରି ଜାତିର ପାର୍ଥକ୍ୟ ବୁଝାଇବା ପାଇଁ ଶ୍ୱେତ, ରକ୍ତ, ପୀତ ଓ କୃଷ୍ଣ ଇତ୍ୟାଦି ବିଭିନ୍ନ ରଙ୍ଗ ବ୍ୟବହୃତ ହୋଇଛି ।

ଋ. ୫ । ୩୪ ସୂକ୍ତରେ କଥାଟି ଏହିପରି –''ସେ (ଇନ୍ଦ୍ର) ପାଞ୍ଚ ବା ଦଶ ଦ୍ୱାରା ଆରୋହଣ କରିବାକୁ ଇଚ୍ଛା କରନ୍ତି ନାହିଁ; ସୋମଦାନ କରୁ ନ ଥିବା ବ୍ୟକ୍ତି ଉନ୍ନତ ତଥା ସମୃଦ୍ଧ ହେଲେ ବି ସେ ତା'ଠାରେ ସଂସକ୍ତ ହୁଅନ୍ତି ନାହିଁ; ସେ ତାକୁ ଜୟକରନ୍ତି କିଂବା ନିଜ ଦୁର୍ଦ୍ଧର୍ଷ ଗତିରେ ତାକୁ ବଧକରନ୍ତି; ଦେବକାମୀ(ଦେବୟୁଃ)କୁ ତା'ର ଭୋଗ ନିମନ୍ତେ ପରିପୂର୍ଣ୍ଣ ଗୋଗୋଷ୍ଠ ପ୍ରଦାନକରନ୍ତି ।୫। ଯୁଦ୍ଧର ଆଘାତରେ (ଶତ୍ରୁ) ବିଦାରକ, ଦୃଢ଼ଚକ୍ରଧାରୀ, ସୋମରସର ଅଦାତାଙ୍କ ପ୍ରତି ବୀତସ୍ପୃହ କିନ୍ତୁ ସୋମଦାତାଙ୍କର ବୃଦ୍ଧିକର୍ତ୍ତା ସେଇ ଉଗ୍ର ଇନ୍ଦ୍ର ସମସ୍ତଙ୍କୁ ଦମନକରନ୍ତି । ଆର୍ଯ୍ୟ ସେ, ଦାସକୁ ସମ୍ପୂର୍ଣ୍ଣଭାବେ ଆୟତ୍ତ କରନ୍ତି ।୬। ସେ ପଣିର ଭୋଗ୍ୟ ବସ୍ତୁଗୁଡ଼ିକୁ ଆଡ଼େଇ ନେଇ, ତା'ଠାରୁ ତାହା ହରଣ କରି ନେଇଆସୁଛନ୍ତି, ବୀରଶକ୍ତିରେ ସମୃଦ୍ଧ ସେହି ସମ୍ପଦକୁ **(ସୂନରଂ ବସୁ)** ସେ ବଣ୍ଟନ କରି ଉପଭୋଗକରିବା ନିମନ୍ତେ ହବିଃଦାତାକୁ ପୂର୍ଣ୍ଣରୂପେ ପ୍ରଦାନ କରୁଛନ୍ତି । (ଏଠାରେ 'ସୁନର' କହିଲେ ଜନସମୃଦ୍ଧ ବୋଲି ମୁଁ ଅର୍ଥ କରିଛି; ସୂନରଂ ବସୁ – ବେଦରେ ବୀର, ନୃ ପ୍ରଭୃତି ଶବ୍ଦଗୁଡ଼ିକ ପ୍ରାୟ ସମାନ ଅର୍ଥରେ ପ୍ରଯୁକ୍ତ) । ଯେଉଁ ମନୁଷ୍ୟ ଇନ୍ଦ୍ରଙ୍କ ବଳକୁ ଦ୍ୱେଷକରେ ସେ ଏକ ଦୁର୍ଗମ ଯାତ୍ରା ପଥରେ ବହୁ ପ୍ରକାରେ ବାଧାର ସମ୍ମୁଖୀନ ହୋଇଥାଏ – **ଦୁର୍ଗେ**[୧] **ଚନ ଧ୍ରିୟତେ ଆ ପୁରୁ** ।୭। ଯେତେବେଳେ ଜ୍ୟୋତିର୍ମୟ ଗୋମାନଙ୍କ ମଧ୍ୟରେ ସମୃଦ୍ଧି ତଥା ସକଳ ଶକ୍ତିରେ ପରିପୂର୍ଣ୍ଣ ସେହି ଦୁଇଜଣଙ୍କୁ ମଘବା ଜାଣିଲେ ସେତେବେଳେ ସେ ଜ୍ଞାନରେ ସମୃଦ୍ଧ ହୋଇ ଜଣେ ତୃତୀୟ ବ୍ୟକ୍ତିଙ୍କୁ ନିଜ ସହାୟକ କଲେ ଏବଂ ଅତ୍ୟନ୍ତ ତୀବ୍ର ବେଗରେ ଧାବମାନ ହୋଇ ନିଜ ଯୋଦ୍ଧାମାନଙ୍କ ସାହାଯ୍ୟରେ ବହୁସଂଖ୍ୟକ ଗୋଙ୍କୁ (ଗବ୍ୟମ୍) ଊର୍ଦ୍ଧ୍ୱଦିଗରେ ମୁକ୍ତ କରିଦେଲେ ।୮।''[୨] ଆହୁରି ମଧ୍ୟ

---

[୧] ପରମ ଆନନ୍ଦ ଦିଗରେ ଯାତ୍ରାରେ ପଥ ସୁଗମ ଓ ନିଷ୍କଣ୍ଟକ, ସୁଗ, କରିବାକୁ ଋଷିମାନେ ଦେବଗଣଙ୍କ ନିକଟରେ ସର୍ବଦା ପ୍ରାର୍ଥନା କରନ୍ତି; ସୁଗର ବିପରୀତ ଦୁର୍ଗ, ଏହା ସେହି ପଥ ଯାହା ବିବିଧ (ପୁରୁ) ବିପଦ, ଦୁଃଖଭୋଗ ଓ ବିଘ୍ନରେ ସମାକୀର୍ଣ୍ଣ ।

[୨] **ନ ପଞ୍ଚଭିର୍ଦଶଭିର୍ବଷ୍ଟ୍ୟାରଭଂ ନାସୁନ୍ୱତା ସଚତେ ପୁଷ୍ୟତା ଚନ ।**
**ଜିନାତି ବେଦମୁୟା ହନ୍ତି ବା ଧୁନିରା ଦେବୟୁଂ ଭଜତି ଗୋମତି ବ୍ରଜେ ।।୫।।**
**ବିତ୍ୱକ୍ଷଣଃ ସମୃତୌ ଚକ୍ରମାସଜୋଽସୁନ୍ୱତୋ ବିଷୁଣଃ ସୁନ୍ୱତୋ ବୃଧଃ ।**
**ଇନ୍ଦ୍ରୋ ବିଶ୍ୱସ୍ୟ ଦମିତା ବିଭୀଷଣୋ ଯଥାବଶଂ ନୟତି ଦାସମାର୍ୟଃ ।।୬।।**
**ସମୀଂ ପଣେରଜତି ଭୋଜନଂ ମୁଷେ ବି ଦାଶୁଷେ ଭଜତି ସୂନରଂ ବସୁ ।**
**ଦୁର୍ଗେ ଚନ ଧ୍ରିୟତେ ବିଶ୍ୱ ଆ ପୁରୁ ଜନୋ ୟୋ ଅସ୍ୟ ତବିଷୀମଚୁକ୍ରୁଧତ୍ ।।୭।।**
**ସଂ ୟଜ୍ଜନୌ ସୁଧନୌ ବିଶ୍ୱଶର୍ଧସାବବେଦିନ୍ଦ୍ରୋ ମଘବା ଗୋଷୁ ଶୁଭ୍ରିଷୁ ।**
**ୟୁଜଂ ହ୍ୟନ୍ୟମକୃତ ପ୍ରବେପୟନ୍ୟୁଦୀଂ ଗବ୍ୟଂ ସୃଜତେ ସତ୍ୱଭିର୍ଧୁନିଃ ।।୮।।**

ସୂକ୍ତର ଶେଷ ଋକ୍ ସର୍ବୋଚ୍ଚ ଜ୍ଞାନ ଦୃଷ୍ଟିରେ ଉପନୀତ ହୋଇଥିବା ଆର୍ଯ୍ୟର (ଦେବ ବା ମନୁଷ୍ୟର) କଥା କହେ (**ଉପମାଂ କେତୁମ୍ ଅର୍ଯଃ**) — ଜଳଧାରାଗଣ ସଂଗଠିତ ଭାବେ ତାଙ୍କୁ ଓ ତାଙ୍କ ମଧ୍ୟସ୍ଥ ଆବାସକୁ ସଂଗ୍ରାମର ଦୃଢ଼ ତଥା ଜାଜ୍ଜ୍ୱଳ ଶକ୍ତିରୂପେ ପରିପୋଷଣ କରୁଛନ୍ତି, **କ୍ଷତ୍ରମ୍ ଅମବତ୍ ତ୍ୱେଷମ୍** (ଋକ୍ ୫-୯) ।[୩]

ଏହି ପ୍ରତୀକମାନଙ୍କ ସମ୍ବନ୍ଧରେ ଏଥି ପୂର୍ବରୁ ଯାହାସବୁ ଆମେ ଜାଣିଛୁ ସେଥିରୁ ଏହି ସୂକ୍ତର ଆନ୍ତର ଅର୍ଥ ସହଜରେ ବୁଝିଯାଇ ପାରିବୁ । ଦିବ୍ୟମନଃଶକ୍ତିସ୍ୱରୂପ ଇନ୍ଦ୍ର ଅଜ୍ଞାନ-ଶକ୍ତିମାନଙ୍କଠାରୁ ସେମାନଙ୍କ ଗୁପ୍ତଧନକୁ ନେଇଆସନ୍ତି, ସେମାନେ ଯେତେବେଳେ ଧନବାନ୍ ଓ ସମୃଦ୍ଧ ହୋଇ ରହିଥା'ନ୍ତି ସେତେବେଳେ ମଧ୍ୟ ସେ ସେମାନଙ୍କ ସହିତ ବନ୍ଧୁତା କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି; ସେ ଜ୍ୟୋତିର୍ମୟୀ ଉଷାଙ୍କର ଅବରୁଦ୍ଧ ଗୋମାନଙ୍କୁ ଆଣି ଦେବକାମୀ ଯଜ୍ଞକାରୀ ମାନବକୁ ପ୍ରଦାନ କରନ୍ତି । ସେ ନିଜେହିଁ 'ଆର୍ଯ୍ୟ' ଯିଏ ଜ୍ଞାନହୀନ ଜୀବନକୁ ଉଚ୍ଚତର ଜୀବନର ସମ୍ପୂର୍ଣ୍ଣ ଅଧୀନକୁ ଆଣନ୍ତି, ଯଦ୍ଦ୍ୱାରା ଏହି ଜୀବନ ନିକଟରେ ଏହା ନିଜର ସମସ୍ତ ସମ୍ପଦ ଅଜାଡ଼ି ଦେଇପାରେ । ଦେବଗଣଙ୍କୁ ପ୍ରତୀକରୂପେ ବୁଝାଇବା ପାଇଁ 'ଆର୍ଯ୍ୟ' ଓ 'ଅର୍ଯ' ଶବ୍ଦର ପ୍ରୟୋଗ କେବଳ ଏହି ସୂକ୍ତରେ ନୁହେଁ ଅନ୍ୟ ସୂକ୍ତମାନଙ୍କରେ ମଧ୍ୟ ରହିଛି, ଏହାର ଉଦ୍ଦେଶ୍ୟ ମନେହୁଏ ଆର୍ଯ୍ୟ ଓ ଦସ୍ୟୁ ମଧ୍ୟରେ ଯେଉଁ ବିରୋଧିତା ତାହା ଆଦୌ କୌଣସି ରାଷ୍ଟ୍ରୀୟ ବା ଉପଜାତୀୟ ବା କେବଳ ମାନବିକ ପାର୍ଥକ୍ୟ ନୁହେଁ ବରଂ ଏହାର ଏକ ଗଭୀର ତାତ୍ପର୍ଯ୍ୟ ଅଛି । ଏହା ନିଶ୍ଚିତ ଯେ ଏହି ଯୋଦ୍ଧାମାନେ ହେଲେ ସପ୍ତ ଅଙ୍ଗିରସ, କାରଣ ସେମାନେ ଗୋମାନଙ୍କୁ ମୁକ୍ତକରିବା କାର୍ଯ୍ୟରେ ଇନ୍ଦ୍ରଙ୍କ ସହାୟକ, ପରନ୍ତୁ ସାୟଣ 'ସତ୍ୱଭିଃ'ର ବ୍ୟାଖ୍ୟା କରି ସେମାନଙ୍କୁ ମରୁତ୍ ବୋଲି ଯାହା କହିଛନ୍ତି, ସେମାନେ ତାହା ନୁହନ୍ତି । କିନ୍ତୁ ଜ୍ୟୋତିର୍ମୟ ଗୋମାନଙ୍କ ମଧ୍ୟରେ ପ୍ରବେଶ କରି ଓ ଧୀତିର ସଙ୍ଘବଦ୍ଧ ଜ୍ୟୋତିମାନଙ୍କୁ ଅଧିକାର କରି ଇନ୍ଦ୍ର ଯେଉଁ ତିନିଜଣଙ୍କୁ ସାକ୍ଷାତ୍ କରନ୍ତି ବା ସେମାନଙ୍କୁ ଜାଣିପାରନ୍ତି ସେମାନେ କିଏ — ଏହା ନିରୂପଣକରିବା ଆହୁରି କଠିନ । ଖୁବ୍ ସମ୍ଭବ, ଏମାନେ ସେହି ତିନିଜଣ ଯେଉଁମାନଙ୍କ ଦ୍ୱାରା ଅଙ୍ଗିରସ-ଜ୍ଞାନର ସପ୍ତରଶ୍ମି ଦଶ ସଂଖ୍ୟାକୁ ଉନ୍ନୀତ ହୁଏ, ଯାହା ଫଳରେ ସେମାନେ ସଫଳତା ସହ ଦଶମାସ ଅତିବାହିତ କରି ସୂର୍ଯ୍ୟ ଓ ଗୋମାନଙ୍କୁ ମୁକ୍ତକରନ୍ତି; କାରଣ ଦୁଇଜଣଙ୍କୁ ଦେଖିବା ଅବା ଜାଣିବା ଏବଂ ତୃତୀୟ ଜଣଙ୍କ ସାହାଯ୍ୟ ପାଇବା ପରେହିଁ ଇନ୍ଦ୍ର ପଣିଗଣଙ୍କ ଗୋଯୂଥକୁ ମୁକ୍ତକରନ୍ତି । ଆଉ ମଧ୍ୟ ଜ୍ୟୋତିଃ ଦ୍ୱାରା ତଥା 'ସ୍ୱର୍'ର ଦୀପ୍ତ ତ୍ରିଲୋକ ଦ୍ୱାରା ଚାଳିତ ତିନି 'ଆର୍ଯ୍ୟ'ଜନଙ୍କୁ ପ୍ରତୀକତତ୍ତ୍ୱ ସହିତ ମଧ୍ୟ ସମ୍ପୃକ୍ତ କରାଯାଇପାରେ; କାରଣ ପରମ ଜ୍ଞାନଦୃଷ୍ଟି, **ଉପମା କେତୁଃ**, ଲାଭ କରିବା ସେମାନଙ୍କ କର୍ମର ଅନ୍ତିମ ପରିଣାମ ଏବଂ ଏହି ପରମ ଜ୍ଞାନ ହେଉଛି ତାହା ଯାହାର ରହିଛି ସ୍ୱର୍ଦୃଷ୍ଟି ଏବଂ ଏହାହିଁ ନିଜର ତିନି ଜ୍ୟୋତିର୍ମୟ ଲୋକରେ, **ରୋଚନାନି**, ବିଦ୍ୟମାନ । ଋ.୩।୨।୧୪ ଋକ୍‌ରେ ଆମେ ଦେଖୁ — **ସ୍ୱର୍ଦୃଶଂ କେତୁଂ ଦିବୋ ରୋଚନସ୍ଥାମ୍ ଉଷର୍ବୁଧମ୍**, ''ସେହି ସ୍ୱର୍ ଅବଲୋକନ କରୁଥିବା ଜ୍ଞାନ-ଦୃଷ୍ଟିହିଁ ପ୍ରଭାମୟ ଲୋକସବୁରେ ବିଦ୍ୟମାନ ଏବଂ ତାହା ଉଷାକାଳରେହିଁ ଜାଗ୍ରତ୍ ହୁଏ ।''

*(ଅଧ୍ୟାୟର ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ ଦ୍ରଷ୍ଟବ୍ୟ)*

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଏକବିଂଶ ଅଧ୍ୟାୟ ''The Sons of Darkness''ର ଓଡ଼ିଆ ଅନୁବାଦ । ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ]

[୩] **ସହସ୍ରସାମାଗ୍ନିବେଶିଂ ଗୃଣୀଷେ ଶତ୍ରିମଗ୍ନ ଉପମାଂ କେତୁମର୍ଯଃ ।**
**ତସ୍ମା ଆପଃ ସଂୟତଃ ପୀପୟନ୍ତ ତସ୍ମିନ୍ କ୍ଷତ୍ରମମବତ୍ତ୍ୱେଷମସ୍ତୁ ।।୯।।**

# ଶ୍ରୀଅରବିନ୍ଦଙ୍କର ଯୋଗ ଓ ଦେବଗଣ

## ଶ୍ରୀ ମାଧବ ପଣ୍ଡିତ

ଶ୍ରୀଅରବିନ୍ଦ ପାଠଚକ୍ରର ଜନୈକ କର୍ମୀ ଥରେ ଜିଜ୍ଞାସା କରିଥିଲେ : ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଶିଷ୍ୟମାନେ – ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିଛନ୍ତି, ସେମାନେ ଦୁର୍ଗା, କୃଷ୍ଣ ଇତ୍ୟାଦି ବଂଶପରମ୍ପରାଗତ କୁଳଦେବତାଙ୍କର ପୂଜା କରିପାରିବେ କି ନାହିଁ ? ଶ୍ରୀଅରବିନ୍ଦ ପାଠଚକ୍ରରେ ସାମାଜିକ ଭାବରେ ଏହିସବୁ ପୂଜା ଚଳିପାରିବ କି ନାହିଁ ?

ସେତେବେଳ ପାଇଁ ସଂକ୍ଷେପରେ ଏହି ପ୍ରଶ୍ନର ଉତ୍ତର ଦେଇଥିଲି; ସମାଜର ମଣିଷ ହିସାବରେ ସାମାଜିକ ରୀତିନୀତିର ଅଙ୍ଗ ହିସାବରେ ଘରେ କୁଳଦେବତାଙ୍କର ପୂଜା କରିପାରନ୍ତି, କିନ୍ତୁ ପାଠଚକ୍ରରେ, ଅର୍ଥାତ୍ ଶ୍ରୀଅରବିନ୍ଦଙ୍କର ଆଦର୍ଶ ଓ ଯୋଗ ସମ୍ବନ୍ଧରେ ପଢ଼ାଶୁଣା କରିବା ପାଇଁ ଏବଂ ସେ ପଥରେ ଅଗ୍ରସର ହେବା ଦିଗରେ ସହାୟତା ଦେବା ଉଦ୍ଦେଶ୍ୟରେହିଁ ଯାହା ସ୍ଥାପିତ ହୋଇଛି, ସେଠାରେ ସେସବୁକୁ ନେଇ ଆସିବାର କୌଣସି ପ୍ରଶ୍ନ ମଧ୍ୟ ଉଠେ ନାହିଁ । ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଶିକ୍ଷାକୁ ଜାଣିବା, ବୁଝିବା ଓ ଅନୁଶୀଳନ କରିବା ପକ୍ଷରେ ଯାହା ସହାୟକ ନୁହେଁ, ଏହା ସହିତ ଯାହାର କୌଣସି ସମ୍ପର୍କ ନାହିଁ, ସେଭଳି ରୀତିନୀତିକୁ କେନ୍ଦ୍ରର କର୍ମଧାରାର ଅନ୍ତର୍ଭୁକ୍ତ ନକରିବାହିଁ ସଙ୍ଗତ ।

ପରେ କୌଣସି ଭକ୍ତମଣ୍ଡଳୀ ନିକଟରେ ଏହି କଥାଟି ବୁଝାଇ କହିବା ଦରକାର ହୋଇଥିଲା, କାରଣ ସେମାନଙ୍କଠାରେ କଥାଟି ଏକ ବୁଝାମଣାର ପ୍ରଶ୍ନ ରୂପେ ଓ ସାମଞ୍ଜସ୍ୟ ସାଧନର ସମସ୍ୟା ରୂପେ ଦେଖା ଦେଇଥିଲା । ସେମାନଙ୍କର ପ୍ରଶ୍ନ ଥିଲା : ବହୁକାଳ ଧରି ପୂଜିତ ଦେବଗଣଙ୍କୁ ଆରାଧନା କରି ନୂତନ ଆଦର୍ଶର ଉପଲବ୍ଧି ସମ୍ଭବ ହେବ ନାହିଁ କାହିଁକି ? ଏହି ଦେବତାମାନେ କ'ଣ ଆମର ମନୋବାଞ୍ଛା ପୂର୍ଣ୍ଣ କରିପାରିବେ ନାହିଁ ? ସେମାନେ କ'ଣ ଭଗବାନ୍ ନୁହନ୍ତି ?

ଆଜିକାଲି ସବୁଆଡ଼େ ଶୁଣାଯାଏ – ସବୁ ଦେବତା ଏକ, ଯାହାକୁ ପୂଜା କରନା କାହିଁକି, କିଛି ଯାଏ ଆସେ ନାହିଁ ସେଥିରେ । ଏହିସବୁ କ୍ଷେତ୍ରରେ ଏହି ଧରଣର ଅଭ୍ୟାସ, ସହଜ ସାମାନ୍ୟୀକରଣରେ ବିଭ୍ରାନ୍ତ ହେବା ଖୁବ୍ ସ୍ୱାଭାବିକ । ଏପରିକି ବିଜ୍ଞଜନେ ମଧ୍ୟ 'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି' ଧରଣର ଗୋଟାଏ, ଦୁଇଟି ବେଦବାକ୍ୟ ଉଦ୍ଧାର କରି ଆହୁରି ଜୋରଦେଇ ସେଇ ମତର ପୁନରାବୃତ୍ତି କରିଥା'ନ୍ତି, '' ଆମମାନଙ୍କୁ ଉଦାର ବିଶ୍ୱଜନୀନ ମନୋଭାବ ଅବଲମ୍ବନ କରିବାକୁ ପଡ଼ିବ; ସମସ୍ତଙ୍କର ଧର୍ମବିଶ୍ୱାସ ଓ ଦେବତାଙ୍କ ପ୍ରତି ଶ୍ରଦ୍ଧାଶୀଳ ହେବାକୁ ପଡ଼ିବ, କାରଣ ଶେଷକୁ ସବୁ ଧର୍ମ, ସବୁ ଦେବତା ଏକ ।'' ଅବଶ୍ୟ ଏପରି ଲୋକ ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ଦେବତା ନାମ ଶୁଣିଲେ ହସ ଲାଗେ । ସେମାନେ କହନ୍ତି, ଦେବାଦେବୀ କେହି ନାହାନ୍ତି । ଲୋକେ ଯାହାଙ୍କୁ ପୂଜା କରନ୍ତି, ସେସବୁ ହେଉଛି ମଣିଷର ମନଗଢ଼ା ଏକ ଏକ ଅବଲମ୍ବନ ।

ସେ ଯାହାହେଉ, ଶେଷ ପ୍ରଶ୍ନଟିକୁ ନେଇ ଆଲୋଚନା ଆରମ୍ଭ କରାଯାଉ । ପରମ ଭଗବାନ୍ ବିଶ୍ୱାତୀତ, ଅନନ୍ତ, ଅନିର୍ବଚନୀୟ, ନାମରୂପର ଅତୀତ ଏକ ନିର୍ବିଶେଷ ଅସ୍ତିତ୍ୱ ମାତ୍ର । କିନ୍ତୁ ଏତିକିମାତ୍ର ତା'ର ସମଗ୍ର ସତ୍ୟ ନୁହେଁ । ସେହି ନିର୍ବିଶେଷ ଅସ୍ତିତ୍ୱ ମଧ୍ୟରେହିଁ ସକଳ ବିଶେଷ, ସକଳ ନାମରୂପ ସଂଗୋପିତ ରହିଛି । ଭଗବାନ୍ ଯେତେବେଳେ ପ୍ରକାଶୋନ୍ମୁଖ, ସେତିକିବେଳେ ଆସେ ରୂପ । ରୂପ ମାଧ୍ୟମରେ ନହେଲେ ସେହି ପରମ 'ସତ୍' ସଙ୍ଗରେ ଏହି ଜଗତର କୌଣସି ସମ୍ପର୍କ ରହି ନପାରେ । ଅଭିବ୍ୟକ୍ତିର କ୍ଷେତ୍ରରେ ଜଣେ ବ୍ୟକ୍ତିର ଜୀବନର ଉଦ୍ଦେଶ୍ୟ ଦିଗରୁ ଅନନ୍ତଙ୍କ ସହିତ କି ସମ୍ପର୍କ ଥାଇପାରେ ? ଭାବଲକ୍ଷଣହୀନ ଶାନ୍ତି ନିକଟରେ, ଅନିର୍ବଚନୀୟ ଆନନ୍ଦ ନିକଟରେ କେଉଁ ପ୍ରାର୍ଥନା କରାଯାଇପାରେ ? ସର୍ବତ୍ର ପରିବ୍ୟାପ୍ତ ବିଦ୍ୟୁତ୍ ଶକ୍ତିକୁ ସେହିଭାବେ ବ୍ୟବହାର କରାଯାଇପାରେ ନାହିଁ, ବିଶେଷ ଉଦ୍ଦେଶ୍ୟରେ ତାକୁ କାମରେ ଲଗାଇବାକୁ ହେଲେ ଏକ ବିଶେଷ ସ୍ଥାନରେ ତାକୁ କେନ୍ଦ୍ରୀଭୂତ ଓ ପ୍ରବାହିତ କରିବାକୁ ପଡ଼େ । ସେହିଭଳି ଅଭିବ୍ୟକ୍ତିର ଉଦ୍ଦେଶ୍ୟକୁ ସଫଳ କରିବା ଲାଗି ଅନନ୍ତ ତାଙ୍କର ଚେତନାକୁ ସୃଷ୍ଟି ମଧ୍ୟରେ ନାନାଭାବରେ କେନ୍ଦ୍ରୀଭୂତ କରନ୍ତି । ସୃଷ୍ଟି ଯେପରି ବିକଶିତ ହୋଇଉଠୁଛି, ନୂତନ ନୂତନ ସତ୍ୟସବୁ ଅବତରଣ କରିଆସୁଛି ଅଭିବ୍ୟକ୍ତି ମଧ୍ୟକୁ, ଭଗବାନଙ୍କର ଗୋଟିଏ ଗୋଟିଏ ଶକ୍ତିରୂପ ମଧ୍ୟ ଅବତରଣ କରି ଆସି ଗୋଟିଏ ଗୋଟିଏ କାର୍ଯ୍ୟଭାର ଗ୍ରହଣ କରନ୍ତି । ଏମାନେ ହେଲେ ଭଗବାନଙ୍କର ଶକ୍ତିର ବା ବ୍ୟକ୍ତିତ୍ୱର ଗୋଟିଏ ଗୋଟିଏ ଦିଗ – ଜଗତ୍-ଶୃଙ୍ଖଳାର ସଙ୍ଗଠନ ଓ ସଂରକ୍ଷଣରେ ବିଶେଷ ବିଶେଷ ଭାରପ୍ରାପ୍ତ ଗୋଟିଏ ଗୋଟିଏ ଦେବତା । ମଣିଷ ସହିତ ଏମାନଙ୍କର ସମ୍ପର୍କ ନାନାଭାବରେ

ରହିଛି; ମଣିଷ ଏମାନଙ୍କୁ ନାନା ନାମରେ ଜାଣିଛି । ଏମାନଙ୍କର ରହିଛି ନିଜର ଲୋକସବୁ, ରହିଛି ସ୍ତରପରମ୍ପରାରେ କର୍ମଧାରାର ବିନ୍ୟାସ ଏବଂ ପ୍ରତ୍ୟେକଙ୍କର ସ୍ୱତନ୍ତ୍ର କର୍ମକ୍ଷେତ୍ର । ଦେବତାଙ୍କର ରୂପ ମଧ୍ୟ ଅଛି; ଆମର ବୋଧକ୍ଷେତ୍ରରେ ସେ ରୂପ ସ୍ଥିର, ନିର୍ଦ୍ଦିଷ୍ଟ ନୁହେଁ; ବିଭିନ୍ନ ଲୋକ ସମଷ୍ଟିର ଚେତନାର ଅବସ୍ଥା ଓ ଗଢ଼ଣ ଅନୁସାରେ ମଣିଷର ମନରେ ସେହି ରୂପ ବିଭିନ୍ନ ଭାବରେ ପ୍ରତିଫଳିତ ହୁଏ ।

ଦେବତାଗଣ ବିବର୍ତ୍ତନଧାରାର ବାହାରେ ଅବସ୍ଥିତ, ବିଶେଷ ଉଦ୍ଦେଶ୍ୟରେ ନିୟୋଜିତ ଗୋଟିଏ ଗୋଟିଏ ବିଶେଷ ଧରଣର ଅପରିବର୍ତ୍ତନୀୟ ସତ୍ତା । ଏହାଛଡ଼ା ପାର୍ଥିବ ବିବର୍ତ୍ତନ କ୍ଷେତ୍ରରେ ବିଶେଷ ଉଦ୍ଦେଶ୍ୟ ସାଧନ ନିମିତ୍ତ କେବେ କେବେ ଭଗବାନ୍ ସିଧାସଳଖ ନିଜକୁ ମଧ୍ୟ ପ୍ରକାଶ କରନ୍ତି ଅବତାର ରୂପରେ । ଯୁଗେ ଯୁଗେ ଅବତାର ଆସନ୍ତି ଏହି କ୍ରମବିକାଶଶୀଳ ସୃଷ୍ଟିକୁ ଊର୍ଦ୍ଧ୍ୱତର ସ୍ତରରେ ଟେକି ଧରିବା ପାଇଁ, ଏହି ସୃଷ୍ଟି ମଧ୍ୟରେ ଏକ ନୂତନ ସତ୍ୟକୁ ପ୍ରତିଷ୍ଠା କରିବା ପାଇଁ । ଏହି ଭାବରେ ଦେବତା ହୁଅନ୍ତୁ ବା ଅବତାର ହୁଅନ୍ତୁ, ଏମାନେ ପ୍ରକାଶମାନ ସତ୍ୟର ଏକ ଏକ ବିଶେଷ ଧାରାର ବାହକ, ସେହି ଧାରା ସେମାନଙ୍କ ମଧ୍ୟରେ ପୌରୁଷେୟ ହୋଇଛି, ଶରୀରୀ ହୋଇଛି । ସେମାନେ ସେମାନଙ୍କର ଆପଣା ଆପଣା ସତ୍ତାର ସତ୍ୟକୁ ସୃଷ୍ଟି ମଧ୍ୟରେ ସକ୍ରିୟ କରି ଧରିଛନ୍ତି ଏବଂ ମଣିଷକୁ ବ୍ୟକ୍ତିଗତ ଭାବରେ ସେହି ସତ୍ୟ ଉପଲବ୍ଧି କରିବାରେ ଓ ଜୀବନରେ ପରିସ୍ଫୁଟ କରିବାରେ ସାହାଯ୍ୟ କରନ୍ତି । କୌଣସି ଦେବତାଙ୍କର ଶରଣାପନ୍ନ ହେଲେ, ସେ ନିଜ ମଧ୍ୟରେ ଯେତିକି ଧାରଣ କରୁଛନ୍ତି, ସେତିକି ଦେଇପାରନ୍ତି – ସତ୍ୟର ସେହି ବିଶେଷ ଦିଗଟିକୁହିଁ ପୂର୍ଣ୍ଣମାତ୍ରାରେ ଦେଇପାରନ୍ତି । ଦେବତାଗଣ ପରମ ଭଗବାନଙ୍କଠାରୁ ଉତ୍ସାରିତ ଏବଂ ସ୍ୱରୂପତଃ ସେମାନେ ଭଗବାନଙ୍କରହିଁ ଅଂଶ – ଏକଥା ସତ; ତା' ବୋଲି ଭଗବାନଙ୍କର ଅନ୍ତହୀନ ବିଭାବର ସବୁଗୁଡ଼ିକୁ ନେଇ ସେମାନେ କାର୍ଯ୍ୟ କରିପାରନ୍ତି ନାହିଁ । ଏହି ବିଶ୍ୱ-ସଂଗଠନର ଗୋଟିଏ ଗୋଟିଏ ଅଂଶ ରୂପେ ସେମାନଙ୍କର ଉପଯୋଗିତା ଆପଣା ଆପଣା ଧାରା ମଧ୍ୟରେ ସୀମାବଦ୍ଧ । ସେଇଥିପାଇଁ ଦେଖାଯାଏ, ବେଦର ଋଷି ଯେତେବେଳେ ଚେତନାର ବୃହତ୍ ବ୍ୟାପ୍ତି ଆକାଙ୍‌କ୍ଷା କରନ୍ତି, ସେତେବେଳେ ସେ ପ୍ରାର୍ଥନା କରନ୍ତି ବରୁଣଙ୍କ ନିକଟରେ; ଯେତେବେଳେ ଦେହ-ପ୍ରାଣ-ମନର ସୁସ୍ଥତା କାମନା କରନ୍ତି, ସେତେବେଳେ ଅଶ୍ୱିନୀ ଅଥବା ରୁଦ୍ରଙ୍କୁ ଡାକନ୍ତି ସାହାଯ୍ୟ ପାଇଁ, ଅନ୍ତରରେ ଯେତେବେଳେ ଜଳାଇବାକୁ ହେବ ବଳିଷ୍ଠ ଅଭୀପ୍‌ସାର ଶିଖା, ଅଜ୍ଞାନତାର ବାଧାର ପ୍ରାଚୀର ବିଦୀର୍ଣ୍ଣ କରିବା ପାଇଁ ଗଢ଼ିବାକୁ ହେବ ଅପ୍ରତିରୋଧ୍ୟ ଇଚ୍ଛାଶକ୍ତି, ଋଷି ସେତେବେଳେ ଆହ୍ୱାନ କରନ୍ତି ଅଗ୍ନିକୁ । ଋଷିମାନେ ଭଲଭାବରେ ଜାଣନ୍ତି, ସବୁ ଦେବତା ସେହି 'ଏକ'ର ବିଭିନ୍ନ ରୂପ, ସଙ୍ଗେ ସଙ୍ଗେ ପୁଣି ଏକଥା ମଧ୍ୟ ଜାଣନ୍ତି, ସେମାନେ ହେଲେ ଭଗବାନଙ୍କର ଗୋଟିଏ ଗୋଟିଏ ବିଶେଷ ଶକ୍ତିର ଅଭିବ୍ୟକ୍ତି, ତେଣୁ ଯେତେବେଳେ ଯାହାର ପ୍ରୟୋଜନ, ଅର୍ଥାତ୍ ତାଙ୍କର ଉଦ୍ଦେଶ୍ୟ ସହିତ ଯେ ସମ୍ପୃକ୍ତ, ସେତେବେଳେ କେବଳ ତାଙ୍କୁହିଁ ସେମାନେ ଡାକନ୍ତି ।

ହନୁମାନ୍ ହେଲେ ଜୀବନୀଶକ୍ତିର ଦେବତା । ମୁଁ ଯଦି ହନୁମାନଙ୍କ ନିକଟରେ ପ୍ରାର୍ଥନା କରେ, ତେବେ ସେ ମୋତେ କେବଳ ଜୀବନୀଶକ୍ତି ଦେଇପାରନ୍ତି, ତା'ଛଡ଼ା ଅନ୍ୟକିଛି, ଯାହା ଅନ୍ୟ ଦେବତାଙ୍କର ଅଧିକାରରେ ଅଛି, ସେପରି କିଛି ସେ ଦେଇପାରନ୍ତି ନାହିଁ । ଅବତାରଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେହିଭଳି – ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ ପାଖରୁ ଆମେ ପାଇପାରୁ କେବଳ ସେତିକି ସତ୍ୟର ଉପଲବ୍ଧି, ଯାହା ସେମାନେ ଜଗତରେ ପ୍ରକାଶ ଓ ପ୍ରତିଷ୍ଠା କରିଯାଇଛନ୍ତି । ପ୍ରତ୍ୟେକ ଦେବତା ସତ୍ୟ-ଚେତନାର ଏକ ଏକ ଧାରାର ପ୍ରକାଶ । ମୁଁ ଯଦି କୌଣସି ଏକ ଧାରା ଉପଲବ୍ଧି କରିବାକୁ ଚାହେଁ, ତେବେ ମୋତେ ଆବେଦନ କରିବାକୁ ହେବ ଜଗତ୍-ଶୃଙ୍ଖଳାର ସେହି କେନ୍ଦ୍ରରେ, ଅର୍ଥାତ୍ ସେହି ଦେବତାଙ୍କ ନିକଟରେ ଯାହାଙ୍କ ଉପରେ ସେହି ଧାରାଟିର ପ୍ରକାଶଭାର ରହିଛି । ଆଜି ଯଦି ମୁଁ ସତ୍ତାର ଅତିମାନସ ସିଦ୍ଧି ଓ ରୂପାନ୍ତର ଚାହେଁ, ତେବେ ମୋତେ ଆବେଦନ କରିବାକୁ ହେବ ସେହି ଶକ୍ତିକେନ୍ଦ୍ରରେ, ଯାହା ସେହି ଉଦ୍ଦେଶ୍ୟରେହିଁ କ୍ରିୟାଶୀଳ; ଆଉ ସେହି ଶକ୍ତି କେନ୍ଦ୍ରୀଭୂତ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ମଧ୍ୟରେ । ଭଗବାନଙ୍କର ଅନ୍ୟ କୌଣସି ପ୍ରତିନିଧିଙ୍କଠାରୁ ତାହା ପାଇବାର କୌଣସି ସମ୍ଭାବନା ନାହିଁ । 'ସବୁ ଦେବତା ଏକ ଭଗବାନ୍, ସବୁଦେବତାଙ୍କଠାରୁ ସବୁକିଛି ମିଳିପାରେ' – ଏହା କହି ଯେଉଁମାନେ କଥାଟାକୁ ଗୋଳେଇ ଦେବାକୁ ଚାହାନ୍ତି, ସେମାନଙ୍କର ଏହି ବିଶେଷ ସତ୍ୟଟିକୁ ମନେରଖିବା ଦରକାର । କାରଣ ଏହି ଧାରଣାର ବଶବର୍ତ୍ତୀ ହୋଇ ଶେଷକୁ କିଛି ମିଳେ ନାହିଁ ।

କୌଣସି ଦେବତା ବା ଅବତାର ଯଦି ସବୁ ରକମ ସିଦ୍ଧି ଦେଇପାରନ୍ତି ତେବେ ଏତେ ଦେବତା, ଏତେ ଅବତାରର

କୌଣସି ପ୍ରୟୋଜନ ନଥିଲା । ଏତେ ଦେବତା ରହିଛନ୍ତି ଏହି କାରଣରୁ ଯେ ଏମାନେ ଜଣେ ଜଣେ ସତ୍ୟର ଗୋଟିଏ ଗୋଟିଏ ଦିଗ ପ୍ରକାଶ କରୁଛନ୍ତି ଏବଂ ପ୍ରତ୍ୟେକଙ୍କ ପାଇଁ ନିର୍ଦ୍ଦିଷ୍ଟ ରହିଛି ତାଙ୍କର ନିଜର ସ୍ୱତନ୍ତ୍ର କ୍ଷେତ୍ର । ଏହା ଉପରେ ପୁଣି ଯେତେବେଳେ ଆହୁରି ଗୋଟିଏ ନୂତନ ସତ୍ୟ ପ୍ରକାଶ କରିବାକୁ ହୁଏ, ସେତେବେଳେ ନୂତନ ଶକ୍ତି ଅବତରଣ କରିଆସେ ନୂତନ ଅବତାର ରୂପରେ ।

କିଏ ଜଣେ କହିଥିଲେ, ଶ୍ରୀକୃଷ୍ଣ ଆଉ ଶ୍ରୀଅରବିନ୍ଦ ଏକ; ଅତଏବ ଶ୍ରୀକୃଷ୍ଣ ଦେଇପାରନ୍ତି ପୂର୍ଣ୍ଣଯୋଗର ସିଦ୍ଧି । ଏହା ତ ସାଧାରଣ ବୁଦ୍ଧିରେ ବି ବୁଝାଯାଏ ଯେ ଶ୍ରୀଅରବିନ୍ଦ ଯେଉଁ ସତ୍ୟର ଧାରକ, ତାହା ଯଦି, ଶ୍ରୀକୃଷ୍ଣ ଯାହା ପ୍ରକାଶ କରିଛନ୍ତି ତା'ଠାରୁ ଅଧିକ କିଛି ହୋଇନଥା'ନ୍ତା, ତେବେ ଶ୍ରୀକୃଷ୍ଣଙ୍କୁ ପୁଣି ଶ୍ରୀଅରବିନ୍ଦଙ୍କ ରୂପରେ ଆସିବାକୁ ହୋଇନଥା'ନ୍ତା । ଶ୍ରୀକୃଷ୍ଣ ଆସିଥିଲେ ପୃଥିବୀରେ ଅଧିମାନସ ଚେତନା ପ୍ରତିଷ୍ଠା କରିବା ପାଇଁ । ତା'ର କେତେ ଶତାବ୍ଦୀ ପରେ, ଇତି ମଧ୍ୟରେ ମାନବ-ଚେତନା ଯେତେବେଳେ ଆହୁରି ଉନ୍ନତ ହୋଇଛି ଏବଂ ଆହୁରି ଏକ ଊର୍ଦ୍ଧ୍ୱତର ସତ୍ୟର, ଅତିମାନସ ସତ୍ୟର ପ୍ରକାଶ ନିମିତ୍ତ ସମୟ ଉପସ୍ଥିତ ହୋଇଛି, ସେତେବେଳେ ଆହୁରି ଜଣେ ଅବତାରଙ୍କୁ ଆସିବାକୁ ହୋଇଛି ଶ୍ରୀଅରବିନ୍ଦଙ୍କ ରୂପରେ । ଶ୍ରୀଅରବିନ୍ଦ ପୃଥିବୀକୁ ଯାହା ଆଣିଛନ୍ତି, ସେ ନିଜେ କିଂବା ତାଙ୍କର ଶକ୍ତିହିଁ କେବଳ ତାହା ଦେଇପାରନ୍ତି — ସେ କ୍ଷେତ୍ରରେ ସେମାନଙ୍କର ଦେହର ପ୍ରୟୋଜନୀୟତା ଅପରିହାର୍ଯ୍ୟ ନୁହେଁ, ସେମାନଙ୍କର ଆଧ୍ୟାତ୍ମିକ ବ୍ୟକ୍ତିତ୍ୱହିଁ ତାହା ଦେଇପାରେ । ଭଗବାନ୍ ଗୋଟିଏ ଭାବରେ ଆତ୍ମପ୍ରକାଶ କରନ୍ତି ନାହିଁ, ତାଙ୍କ ସୃଷ୍ଟି ମଧ୍ୟରେ ବି କୌଣସି ପୁନରାବୃତ୍ତି ନାହିଁ । ସତ୍ୟ ବହୁବିଧ, ତା'ର ଅଭିବ୍ୟକ୍ତିର ମଧ୍ୟ ରହିଛି ବହୁଦିଗ,— ସ୍ତରପରମ୍ପରାରେ ସୁବିନ୍ୟସ୍ତ । ତେଣୁ ମାନବ-ଚେତନାରେ ସତ୍ୟର ଉପଲବ୍ଧି ମଧ୍ୟ ବିଭିନ୍ନ ସ୍ତରରେ ବିଭିନ୍ନ ଧରଣର, ଉପଲବ୍ଧିର ଉପାୟ ମଧ୍ୟ ତଦ୍‌ରୂପ ।

ପରିଷ୍କାର ଭାବରେ ବୁଝିବା ପାଇଁ କଥାଗୁଡ଼ିକୁ ଟିକିଏ କାଟଛାଟ କରିକହିଛି; କିନ୍ତୁ ବାସ୍ତବରେ ଭଗବାନଙ୍କର ଅଭିବ୍ୟକ୍ତିର ଧାରା ଓ ଦେବତାମାନଙ୍କର କାର୍ଯ୍ୟକଳାପର ନିୟମତାନ୍ତ୍ରିକ ବିଭାଗ ଏତେ କଡ଼ା ନୁହେଁ, ବରଂ ଯଥେଷ୍ଟ ନମନୀୟତା ଅଛି ସେଥିରେ । କୌଣସି କୌଣସି ଦେବତାଙ୍କ ମଧ୍ୟରେ ପାରସ୍ପରିକ ବିନିମୟ ମଧ୍ୟ ଚଳେ, କିନ୍ତୁ ତାହା ସେମାନଙ୍କର ସ୍ୱତନ୍ତ୍ର ପ୍ରକୃତିକୁ କ୍ଷୁଣ୍ଣ କରେ ନାହିଁ — ଏପରିକି ଏହି ପାରମ୍ପରିକତା ଚଳେ କେବଳ ସେହିସବୁ ଦେବତାଙ୍କ ମଧ୍ୟରେ, ଯେଉଁମାନେ ଅଭିବ୍ୟକ୍ତିର ଏକା ସ୍ତରରେ କାମ କରନ୍ତି ବିଭିନ୍ନ ବିଭାଗରେ । ଏକା ସ୍ତରର ଦେବତା ଅନ୍ୟ ସ୍ତରରେ ଯାଇ କାର୍ଯ୍ୟ କରିପାରନ୍ତି ନାହିଁ ।

ଦ୍ୱିତୀୟ ପ୍ରଶ୍ନଟି ଥିଲା, ଅତିମାନସ ସିଦ୍ଧି ବା ରୂପାନ୍ତର ରାମ, ସୀତା କୃଷ୍ଣ ବା ହନୁମାନଙ୍କ ଦ୍ୱାରା ନହେଲେ ମଧ୍ୟ ସେମାନେ ଅତିମାନସ ରାଜ୍ୟରେ ପହଞ୍ଚିବାରେ ସାହାଯ୍ୟ କରିପାରିବେ କି ନାହିଁ ? ବେଦ ଏବଂ ଉପନିଷଦର ଋଷିମାନଙ୍କ ଅଭିଜ୍ଞତାର ପରିପ୍ରେକ୍ଷୀରେ କୁହାଯାଏ ଯେ ଦେବତାମାନେ ସାଧାରଣତଃ କେହି ସେମାନଙ୍କୁ ଅତିକ୍ରମ କରି ଉପରକୁ ଉଠି ଯାଆନ୍ତୁ, ଏହା ଚାହାନ୍ତି ନାହିଁ । କୌଣସି କୌଣସି ଦେବତା କିପରି ସାଧକମାନଙ୍କର ଅଗ୍ରଗତିକୁ ରୋଧକରି ରଖିଛନ୍ତି, ତା'ର ବର୍ଣ୍ଣନା ଋଗ୍‌ବେଦରେ ରହିଛି । ଉପନିଷଦ୍ ମତରେ ମଣିଷ କାଳେ ବେଶୀ ଜାଣିଯିବ, ଏହି ଆଶଙ୍କାରେ ଦେବତାମାନେ ଖୁବ୍ ଉଦ୍‌ବିଗ୍ନ ଥାଆନ୍ତି । ଅବଶ୍ୟ ଆନ୍ତରିକତା ଓ ଇଚ୍ଛାଶକ୍ତି ବଳରେ ଗୋଟିଏ ପରେ ଗୋଟିଏ ସିଦ୍ଧିର ଦ୍ୱାର ପାର ହୋଇଯିବା ଅସମ୍ଭବ ନୁହେଁ, କିନ୍ତୁ ତାହା ସମସ୍ତଙ୍କ ପାଇଁ ନୁହେଁ, ଅସାଧାରଣ ଶକ୍ତିସମ୍ପନ୍ନ ସାଧକମାନେହିଁ କେବଳ ତାହା କରିପାରନ୍ତି । କୌଣସି କୌଣସି ଉଦାର-ଭାବାପନ୍ନ ଦେବତା ମଧ୍ୟ ସେଥିରେ ସାହାଯ୍ୟ କରିପାରନ୍ତି । କିନ୍ତୁ ସାଧାରଣତଃ ଏପରି ହୁଏ ନାହିଁ । ଏଗୁଡ଼ିକ ହେଲା ସାଧାରଣ ନିୟମର ବ୍ୟତିକ୍ରମ ।

ତେବେ ସାଧାରଣ ମନୁଷ୍ୟର କର୍ତ୍ତବ୍ୟ କ'ଣ — ଏହା ଥିଲା ଶେଷ ପ୍ରଶ୍ନ । ସେମାନେ ବଂଶପରମ୍ପରାଗତ କୁଳଦେବତାଙ୍କୁହିଁ ପୂଜା କରନ୍ତି । ହଠାତ୍ ସେମାନଙ୍କୁ ଅଗ୍ରାହ୍ୟ କରି ନୂତନ ଦେବତା ଗ୍ରହଣ କରିବା କଥା ସେମାନଙ୍କୁ କୁହାଯାଇପାରେ ନାହିଁ । ଅଭ୍ୟସ୍ତ ପଥରେହିଁ ସେମାନଙ୍କୁ ଚଳାଇବାକୁ ହେବ — ଏହି ଆଶା ରଖି ଯେ ଅଭିଜ୍ଞତା ଫଳରେ କିଂବା ନୂତନ ଚିନ୍ତାର ପ୍ରଭାବରେ ଧୀରେ ଧୀରେ ସେମାନଙ୍କର ପରିବର୍ତ୍ତନ ହେବ ।

ଶ୍ରୀଅରବିନ୍ଦ ପରିଷ୍କାର ଭାବରେ କହି ନାହାନ୍ତି କି, ସତ୍ୟକୁ ଅନ୍ୟ ଉପରେ ଲଦି ଦେବାରେ ସେ ବିଶ୍ୱାସୀ ନୁହନ୍ତି ? ଯେଉଁମାନଙ୍କର ଜିଜ୍ଞାସା ଜାଗିଛି, ବର୍ତ୍ତମାନର ଉପାୟଗୁଡ଼ିକ ଯେଉଁମାନଙ୍କୁ ଅପ୍ରତୁଳ ମନେ ହେଉଛି, ସେମାନଙ୍କ ଅନ୍ତରର ଦାବି ପୂରଣ କରିପାରୁ ନାହିଁ, ଯେଉଁମାନଙ୍କର ବର୍ତ୍ତମାନ ଧର୍ମ ଓ ଧର୍ମୀୟ ଅନୁଷ୍ଠାନଗୁଡ଼ିକୁ, ଜୀବନର ବର୍ତ୍ତମାନ ଆଦର୍ଶକୁ ଆଉ

ଜୀବନ୍ତଶକ୍ତି ବୋଲି ମନେହେଉ ନାହିଁ, ସେମାନେ ବୃହତ୍ତର ଗୋଟିଏ ନୂତନ ସତ୍ୟର ଅନୁସନ୍ଧାନ କରିବାକୁ ବାଧ୍ୟ । କେବଳ ଆଦର୍ଶ କ'ଣ, ତାହାର ଉପଲବ୍ଧିର ବାଟ କ'ଣ, ଏ ସାଧନାରେ ଅଦ୍ୟାବଧି କ'ଣ ଫଳ ମିଳିଛି, କେବଳ ଏହିସବୁ କଥା ଜଣାଇବା ମଧ୍ୟରେହିଁ ପ୍ରଚାର କାର୍ଯ୍ୟକୁ ସୀମାବଦ୍ଧ ରଖିବାକୁ ହେବ । ମାନବ ଜୀବନକୁ ଦିବ୍ୟଜୀବନରେ ରୂପାନ୍ତରିତ କରିବାର ଯେଉଁ ଆଦର୍ଶ ଏବଂ ସିଦ୍ଧିର ଯେଉଁ ଉପାୟ ଶ୍ରୀଅରବିନ୍ଦ ଓ ଶ୍ରୀମା ଦେଖାଇଛନ୍ତି, ଲୋକମାନେ ତାହା ଜାଣିବାକୁ, ବୁଝିବାକୁ ଓ ଅଭ୍ୟାସ କରିବାକୁ ଚାହିଁଲେ, ତାହା ଯେପରି କରିପାରନ୍ତି ତା'ର ବ୍ୟବସ୍ଥା କରିବା ଓ ସୁଯୋଗ ସୃଷ୍ଟି କରିବା ହେବ କେନ୍ଦ୍ରଗୁଡ଼ିକର କାର୍ଯ୍ୟ । ଗୋଟିଏ ଗୋଟିଏ କେନ୍ଦ୍ରରେ ଗୋଟିଏ ଲୋକ ବି ଯଦି ଆନ୍ତରିକଭାବେ ଏପଥରେ ଜୀବନ ଉତ୍ସର୍ଗ କରିଥା'ନ୍ତି, ନିରହଂକାର ଓ ଶୁଭେଚ୍ଛାପରାୟଣ ହୋଇ ମାଆଙ୍କର ଆଲୋକକୁ ହୃଦୟରେ ଧାରଣ କରିପାରନ୍ତି, ତେବେ ତାହାହିଁ ଗୋଟିଏ କେନ୍ଦ୍ରକୁ ବିଶିଷ୍ଟ କରି ତୋଳିବା ପକ୍ଷରେହିଁ ଯଥେଷ୍ଟ । ସେହି ହେବେ ଏକ ପ୍ରଦୀପ, ଯେକି ଆଉସବୁ ପ୍ରଦୀପକୁ ଜଳାଇ ଦେଇପାରିବେ । ସ୍ୱଭାବତଃହିଁ ଏସବୁ ହେଲା ସେହିମାନଙ୍କ ପାଇଁ, ଯେଉଁମାନେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଶିକ୍ଷା, ଦିବ୍ୟଜୀବନର ଯୋଗ ଜୀବନରେ ଗ୍ରହଣ କରିବେ ।

ଏହାର ପୁଣି ଅନ୍ୟଦିଗ ମଧ୍ୟ ରହିଛି, ଯାହା ସମଗ୍ର ମାନବଜାତିକୁ, ତା'ର ସମାଜ, ରାଷ୍ଟ୍ର, କୃଷ୍ଟି, ନୀତିଜ୍ଞାନ ଇତ୍ୟାଦି ସର୍ବ ସ୍ତରରେ ସ୍ପର୍ଶ କରେ ଏବଂ ଯେକୌଣସି ଲୋକ ତା'ର ବର୍ତ୍ତମାନର ସ୍ଥିତାବସ୍ଥାର ବିପର୍ଯ୍ୟୟ ନଘଟାଇ ତଦ୍ୱାରା ତା'ର ଜୀବନକୁ ଆଲୋକିତ କରିପାରେ ।

(ଲେଖକଙ୍କର 'Life Behind Life' ପୁସ୍ତକର 'Gods and our Sadhana' ନାମକ ପ୍ରବନ୍ଧର ଅନୁବାଦ ।) ✥

To work for the Divine is to pray with the body.

(*MCW, Vol 14,* p. 299) – The Mother

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ORISSA)**

# କ୍ଷମତାସୀନ ଦୁର୍ନୀତି ପରାୟଣ ହେବା ଅନିବାର୍ଯ୍ୟ କି ?

## ଶ୍ରୀ ମନୋଜ ଦାସ

ସମ୍ବାଦପତ୍ରମାନେ ଆମକୁ ସଜାଗ କରି ଦେଉଛନ୍ତି : ସାଧାରଣ ନିର୍ବାଚନ ପାଇଁ ବିଳମ୍ବ ନାହିଁ । ମୁଖ୍ୟ ରାଜନୈତିକ ଦଳ ବା ସାମ୍ମୁଖ୍ୟମାନେ ପରସ୍ପର ଭୁଲଭ୍ରାନ୍ତି, ଅପରାଧ ଏବଂ ଦୁର୍ନୀତିର ଚିତ୍ରଣରେ ତଥା ଆଶାୟୀ ପକ୍ଷମାନେ ନିଜ ପକ୍ଷ କ୍ଷମତାକୁ ଆସିଲେ ଯିଏ ହେବ ଶାସନ-ମୁଖ୍ୟ, ତାଙ୍କ ଭାବମୂର୍ତ୍ତିର ଉଜ୍ଜ୍ୱଳ ପରିବେଷଣରେ ବ୍ୟାପୃତ ।

**ଗଣତାନ୍ତ୍ରିକ ବିଡ଼ମ୍ବନା !**

ମନେହୁଏ ଆମ ଗଣତନ୍ତ୍ରର ଆପାତତଃ ପରମ ଆଭିମୁଖ୍ୟ ନିର୍ବାଚନ-ସାପେକ୍ଷ କ୍ଷମତା ଆୟତ୍ତୀକରଣରେ କେନ୍ଦ୍ରୀଭୂତ । ଯାହା ଲଜ୍ଜାର କଥା ହେବା ସ୍ୱାଭାବିକ, କିନ୍ତୁ ଯାହା ଅସ୍ୱାଭାବିକଭାବେ ଆମ ପାଇଁ ଅନ୍ତରଙ୍ଗ ବାସ୍ତବତାରେ ପରିଣତ, ତାହା ହେଲା କ୍ଷମତାକୁ ଆସିବା ଅର୍ଥ ଦୁର୍ନୀତିର ବିପୁଳ ସୁଯୋଗ ଉପଭୋଗ କରିବା ।

ପ୍ରାୟ କୋଡ଼ିଏ ବର୍ଷ ତଳର କଥା । କଲିକତା (ଜୋକା)ର ସୁବିଦିତ ପ୍ରତିଷ୍ଠାନ Indian Institute of Management କ୍ଷମତାର ଯଥାର୍ଥ ବ୍ୟବହାର (Right Management of Power) ଉପରେ ଭାଷଣଟିଏ ଦେବା ନିମନ୍ତେ ଏ ଲେଖକକୁ ନିମନ୍ତ୍ରଣ କରିଥା'ନ୍ତି । ଚେନ୍ନାଇରୁ କଲିକତା ବିମାନଯାତ୍ରା ସକାଶେ କର୍ତ୍ତୃପକ୍ଷ ଖଣ୍ଡିଏ ପ୍ରଥମ ଶ୍ରେଣୀର ଟିକେଟ ପଠାଇଥା'ନ୍ତି । ସେଦିନ ସେ ଦୁର୍ମୂଲ୍ୟ ଶ୍ରେଣୀରେ ଥିଲେ ଆଉ ମାତ୍ର ତିନିଜଣ ଯାତ୍ରୀ – ଜଣେ ଶିଳ୍ପପତି ଏବଂ ଆଉ ଦୁଇଜଣ ବଡ଼ ବଡ଼ ବ୍ୟବସାୟ ସଂସ୍ଥାର କର୍ମାଧ୍ୟକ୍ଷ । ସେମାନେ ପରସ୍ପର ଆଳାପ ଆରମ୍ଭ କରି ମୋତେ ତହିଁ ଭିତରକୁ ଟାଣି ନେଲେ । ''କେଉଁ ବିଷୟରେ ଭାଷଣ ଦେବେ ?'' କେହି ଜଣେ ପ୍ରଶ୍ନ କଲେ ।

"Management of Power" – ଉତ୍ତର ଦେଲି । ''ବାଃ, ନିମନ୍ତ୍ରଣ ନପାଇଲେ ବି ଯିବି'' – ଜଣେ କହିଲେ । ''ମୁଁ ବି'', କହିଲେ ଦ୍ୱିତୀୟ ଜଣକ । ''ଆଶାକରେ ପ୍ରତିଷ୍ଠାନ ବିଦ୍ୟୁତ୍ ବିଭାଗର ମନ୍ତ୍ରୀ ଏବଂ ସଚିବଙ୍କୁ ଡାକିବେ – Power shedding ଆମକୁ ନାକେଦମ୍ କଲାଣି ।''

ହାୟ, ଏ ଲେଖକର ପ୍ରସ୍ତାବିତ ଭାଷଣ କିନ୍ତୁ ଯେଉଁ Power ସମ୍ପର୍କରେ, ତାକୁ ଥରେ ଯିଏ ପାଇଯାଏ, ସେ ଆଉ Shed ତ କରେ ନାହିଁ, ପୁତ୍ରପୌତ୍ରାଦିକ୍ରମେ ଭୋଗଦଖଲ ପାଇଁ ତାହାକୁ ରଖିଯିବାକୁ ମନ ବଳାଏ ।

ମୁଁ ମୋର ବକ୍ତବ୍ୟର Power କଥା ବୁଝାଇ ଦିଅନ୍ତେ ତୃତୀୟ ଯାତ୍ରୀ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ : Power tends to corrupt; and absolute Power corrupts absolutely. କେହି ଜଣେ ହେଲେ ସେ ବିଖ୍ୟାତ ଉକ୍ତିଟିର ପୁନରାବୃତ୍ତି କରିବେ ବୋଲି ମୁଁ ଆଶଙ୍କା କରୁଥିଲି ।

ଲର୍ଡ ଆକ୍‌ଟନ୍‌ଙ୍କର ଏ ଉକ୍ତିଟିର ପରବର୍ତ୍ତୀ ବାକ୍ୟଟି ସଚରାଚର କେହି ମନେ ପକାନ୍ତି ନାହିଁ । ତାହା ହେଲା, Great men are almost always bad men. Great men ବୋଇଲେ ଲର୍ଡ ମହୋଦୟ ଅବଶ୍ୟ ବିଖ୍ୟାତ ଲୋକଙ୍କୁହିଁ ବୁଝାଉଥିବେ । କହିବା ବାହୁଲ୍ୟ, ସବୁ ବିଖ୍ୟାତ ବ୍ୟକ୍ତି *great* ବା ମହତ୍ ଅର୍ଥରେ ବଡ଼ ନୁହନ୍ତି । ସବୁ ମହତ୍ ଲୋକ ବିଖ୍ୟାତ ନୁହନ୍ତି । ଦୁରଭ୍ୟାସବଶତଃ ଆମେ କ୍ଷମତାସୀନମାନଙ୍କୁ *great* ମନେକରୁ ଏବଂ ସେମାନେ ଯେହେତୁ ଦୁର୍ନୀତିଗ୍ରସ୍ତ, ସବୁ ବଡ଼ ବଡ଼ ଲୋକେ ସେମିତି ହୋଇଥିବେ ବୋଲି ଅଧା ଥଟ୍ଟାଳିଆ ଭାବେ କହୁଛନ୍ତି ଲର୍ଡ ଆକ୍‌ଟନ୍ ।

**ସାମୂହିକ ଅବଚେତନ ?**

ସେ ଯାହାହେଉ, ଆଜି ଯେଉଁ ରୀତିରେ କ୍ଷମତାସୀନମାନେ କ୍ଷମତାର ବ୍ୟବହାର କରୁଛନ୍ତି, ଆମ ସମସ୍ତଙ୍କ ସକାଶେ ତାହା ଗଭୀର ଚିନ୍ତାର ବିଷୟ ହେବା ଜରୁରୀ । ହେଉଛି ମଧ୍ୟ । କିନ୍ତୁ ଯାହା ଗଭୀରତର ଚିନ୍ତାର ବିଷୟ, ତାହା ହେଲା ଆମେ ପରିସ୍ଥିତିଟିକୁ ସହ୍ୟ କରିନେବାକୁ ଏକ ସାମୂହିକ ଅବଚେତନ ସିଦ୍ଧାନ୍ତରେ ପହଞ୍ଚିଛୁ ବୋଲି ମନେହୁଏ । ଏହାର କାରଣ ଖୁବ୍ ସୁଖକର ନୁହେଁ । ଆମ ଭିତରୁ ଅଧିକାଂଶ ଜାଣୁ ଯେ ପରିସ୍ଥିତି ଅନୁକୂଳ ହେଲେ ଆମେ ବି ସେହି ମାଦକତା ଭୋଗ କରିବାକୁ ହୁଏତ ଅତିମାତ୍ରାରେ କୁଣ୍ଠିତ ହେବୁ ନାହିଁ ।

ପରିତାପର କଥା ହେଲା, କ୍ଷମତାର ଅପବ୍ୟବହାରର ପ୍ରଧାନ ଧାରା ଯେଉଁ ଦୁର୍ନୀତି, ତାହା ଫଳରେ ଖାଲି ଯେ ଜନସାଧାରଣଙ୍କ ସକାଶେ ଉଦ୍ଦିଷ୍ଟ ସମ୍ପଦକୁ ନ୍ୟସ୍ତସ୍ୱାର୍ଥମାନେ ଆତ୍ମସାତ୍ କରୁଛନ୍ତି, ବିଦେଶୀ ବ୍ୟାଙ୍କ୍‌ରେ ଠୁଳକରି ଅର୍ଥର ଜାତୀୟ ଗତିଶୀଳତାକୁ ଛାଣ୍ଣୁ କରିଦେଉଛନ୍ତି, ସେତିକି ନୁହେଁ, ସେମାନେ ଆଦର୍ଶବାଦୀ, ସେବାବ୍ରତୀ କେହି କେହି ମଣିଷଙ୍କୁ ଦେଶସେବାରୁ ବଞ୍ଚିତ କରୁଛନ୍ତି ମଧ୍ୟ । ଥରେ ଜଣେ ଏମନ୍ତ ଗୁଣସମୃଦ୍ଧ ଯୁବକ ରାଜନୀତିରେ ଅବତୀର୍ଣ୍ଣ ହେବାବେଳେ ଏ ଲେଖକର ଶୁଭେଚ୍ଛା କାମନା କରିଥିଲେ । ସେ ବେଶ୍ ସକ୍ରିୟ ଥିଲେ ମଧ୍ୟ । କିନ୍ତୁ କିଛିଦିନ ଅନ୍ତେ ଆଉ ତାଙ୍କ ସ୍ୱର ଶୁଭିଲା ନାହିଁ । ସାକ୍ଷାତ୍ ହୁଅନ୍ତେ ସେ ବ୍ୟକ୍ତ କଲେ ତାଙ୍କ ଅସହାୟତା ଏହି ମର୍ମରେ : କ୍ଷମତା ଏକ ଅଭିଶାପ । ଯେକୌଣସି ଲୋକର ମହତ୍ତ୍ୱକୁ ତାହା ନଷ୍ଟଭ୍ରଷ୍ଟ କରିଦେଇପାରେ ।

ଏ ଧାରଣା ଯଦି ସାର୍ବଜନୀନ ହୁଏ, ତେବେ ଆଦର୍ଶବାଦୀମାନେ ହୁଏତ କ୍ଷମତାର ଆସନ ପାଖକୁ ଯିବେ ନାହିଁ ଅଥବା ଆଦର୍ଶ ସହ ସାଲିସ କରିବାର ପ୍ରସ୍ତୁତି ନେଇ ଯିବେ – ଏହା ଏକ ଅଶୁଭ ମନୋଭାବ । ସମାଜରେ ଯାହା ଘଟୁଛି, ତାହାହିଁ ବାସ୍ତବତାର ଏକମାତ୍ର ରୂପ ନୁହେଁ । ଆଦର୍ଶ, ଶୃଙ୍ଖଳା ଓ ଆତ୍ମସମ୍ମାନ ପ୍ରତି ଦୃଢ଼ ଆନୁଗତ୍ୟ ମଧ୍ୟ ଏକ ବାସ୍ତବତା ଏବଂ ଏହି ମହତ୍ତର ବାସ୍ତବତା ଆଦରି ନେଲେ ଆମେ ଯେଉଁ ତୃପ୍ତି ଓ ଶାନ୍ତିର ସ୍ୱାଦ ପାଇପାରିବୁ, ପୃଥିବୀରେ କ୍ଷମତାର ସର୍ବାଧିକ ଅପବ୍ୟବହାର କରି ସୁଖୀ ହେବାର ସ୍ୱପ୍ନ ଦେଖିଥିବା ମଣିଷ ସେଭଳି ମାନସିକ ସ୍ଥିତିର କଳ୍ପନା ମଧ୍ୟ କରିପାରିବ ନାହିଁ ।

**କ୍ଷମତାର ବିଭିନ୍ନ ଧାରା :**

ଆପାତତଃ ପ୍ରସଙ୍ଗର ସେ ଗଭୀର ଦିଗ ଭିତରକୁ ନଯାଇ ମଧ୍ୟ ଆମେ ସାମଗ୍ରିକ ବାସ୍ତବତାର ଏକ ସଂକ୍ଷିପ୍ତ ଚିତ୍ର ପ୍ରତି ଦୃଷ୍ଟି ଦେବା । ଇଂରାଜୀ *Power* ଶବ୍ଦର ଅନ୍ତର୍ଭୁକ୍ତ ମୁଖ୍ୟ ଦୁଇ ଅର୍ଥ : କ୍ଷମତା ଓ ଶକ୍ତି । ବିଷୟର ପଟ୍ଟଭୂମି ଉପରେ ନିର୍ଭର କରିବ ଏ ଦୁଇରୁ ଗୋଟିକର ପ୍ରୟୋଗ ।

ପ୍ରକୃତିର ଶକ୍ତି କଥା ଛାଡ଼ି ଦେଲେ, ମଣିଷ ଜଗତରେ କ୍ଷମତା ଓ ଶକ୍ତି ମୁଖ୍ୟତଃ ଦୁଇଧାରାରେ ବିଭକ୍ତ : ନୈର୍ବ୍ୟକ୍ତିକ ବା ବ୍ୟକ୍ତି-ନିରପେକ୍ଷ ଶକ୍ତି ଏବଂ ବ୍ୟକ୍ତିଗତ ଶକ୍ତି । ପ୍ରଥମ ପର୍ଯ୍ୟାୟରେ ଯିବେ ୧. ରାଜନୈତିକ କ୍ଷମତା, ୨. ଅର୍ଥନୈତିକ କ୍ଷମତା, ୩. ସାମୂହିକ ଶକ୍ତି (ସମିତି, ପାର୍ଟି, ଟ୍ରେଡ୍‌ୟୁନିୟନ୍ ଇତ୍ୟାଦି) ଏବଂ ୪. ବୈଜ୍ଞାନିକ/ବୈଷୟିକ ଶକ୍ତି ।

ଦ୍ୱିତୀୟ ବା ବ୍ୟକ୍ତିଗତ ପର୍ଯ୍ୟାୟରେ ଯିବେ ୧. ଶାରୀରିକ ଶକ୍ତି, ୨. ପ୍ରାଣଗତ ବା ଆବେଗପ୍ରବେଗ ଶକ୍ତି, ୩. ମାନସିକ ଶକ୍ତି ଏବଂ ୪. ଚୈତ୍ୟଶକ୍ତି ବା ଆତ୍ମଶକ୍ତି ।

ଆଉ ଏକ ସ୍ତରରୁ ଦେଖିଲେ ଜଣେ କ୍ଷମତା ୧. ଉତ୍ତରାଧିକାର ସୂତ୍ରେ ପାଇଥାଏ, ୨. ସ୍ୱୟଂ ଆୟତ୍ତ ବା ଉପଲବ୍ଧ କରିଥାଏ ଅଥବା ୩. ଅବୈଧଭାବେ ହାସଲ କରିଥାଏ । ପ୍ରଥମ କ୍ଷେତ୍ରରେ କେବେକେବେ କ୍ଷମତାର ସୁପ୍ରୟୋଗ ହୋଇପାରେ, ଅପପ୍ରୟୋଗ ମଧ୍ୟ ହୋଇପାରେ । ରାଜତନ୍ତ୍ରର ବ୍ୟାପକ ଇତିହାସ ଉପରକୁ ଦୃଷ୍ଟିପାତ କଲେ ଆମେ ଏହା ହୃଦୟଙ୍ଗମ କରିବା ସହଜ ହେବ । ଅଧିକାଂଶ ରାଜା ଥିଲେ ପରମ୍ପରା-ସର୍ବସ୍ୱ ମାମୁଲି ଶାସକ; ଅନେକେ ଥିଲେ ବର୍ବର; କିନ୍ତୁ ସୁଯୋଗ୍ୟ ରାଜାଙ୍କ ସଂଖ୍ୟା କମ୍ ନଥିଲା – ପୁଣି କେହି କେହି ଥିଲେ ସୁମହତ୍ ।

ଆପଣାର ଇଚ୍ଛାଶକ୍ତି, କୌଶଳ ଓ ଦକ୍ଷତା ଯୋଗେ ଯେଉଁମାନେ କ୍ଷମତା ବା ଶକ୍ତିର ଅଧିକାରୀ ହୁଅନ୍ତି, ସେମାନେ ଅନେକେ ପ୍ରଥମେ ଥା'ନ୍ତି ଆଦର୍ଶବାଦୀ । କିନ୍ତୁ କ୍ରମେ ସେମାନଙ୍କ ଭିତରୁ ଅନେକଙ୍କ ଚେତନା ଉପରୁ ଆଦର୍ଶର ପ୍ରଭାବ କ୍ଷୀଣ ହୋଇଯାଏ । ଆଜିର ତ୍ୟାଗୀ, ଦେଶପ୍ରେମୀ କ୍ରମେ ବନିଯାଏ ସ୍ୱାର୍ଥସର୍ବସ୍ୱ, ଅହମିକାଗ୍ରସ୍ତ । ନିଜ ବୈଜ୍ଞାନିକ ବା ବୈଷୟିକ ବା କଳାଗତ ବା ଶିକ୍ଷାଗତ ବ୍ୟୁତ୍ପତ୍ତି ବଳରେ ଉଚ୍ଚ ଆସନ ଅଧିକାର କରିଥିବା ବହୁ ବ୍ୟକ୍ତି କ୍ଷମତାର ଅପବ୍ୟବହାର କରିବା, ସହଯୋଗୀ ବା ସହକର୍ମୀ ବା ଅଧସ୍ତନକୁ ତା' ପ୍ରାପ୍ୟ ସ୍ୱୀକୃତିରୁ ବଞ୍ଚିତ କରିବାର ଦୃଷ୍ଟାନ୍ତ କମ୍ ନୁହେଁ । ଅର୍ଥାତ୍, ସେମାନଙ୍କର ବୌଦ୍ଧିକ ଦକ୍ଷତା ସହ ସମାନ ଭାବରେ ବିକଶିତ ହୋଇ ନଥାଏ ମାନବିକତା ଏବଂ ବିବେକର ସଂବେଦନଶୀଳତା ।

ଯେଉଁମାନେ ତୃତୀୟ ଶ୍ରେଣୀର ଅନ୍ତର୍ଭୁକ୍ତ – ଅର୍ଥାତ୍ କ୍ଷମତା କିଂବା ଶକ୍ତି ଅବୈଧଭାବରେ ଲାଭ କରିଥା'ନ୍ତି, ସେମାନେ ମାନବତା ପ୍ରତି ଏକ ଏକ ଅଭିଶାପରେ ପରିଣତ ହୁଅନ୍ତି । ଦୃଷ୍ଟାନ୍ତର ତାଲିକା ଦୀର୍ଘ । ଗୁରୁବର ଦ୍ରୋଣାଚାର୍ଯ୍ୟ ଅର୍ଜୁନଙ୍କୁ ଏକ ଦୁରନ୍ତ ଅତିଭୌତିକ ଅସ୍ତ୍ରର ଆବାହନ ଏବଂ ପ୍ରୟୋଗ କ୍ରିୟା ଶିଖାଇଥିଲେ । ଅର୍ଜୁନ ଥିଲେ ସେଦିଗରେ ଅଧିକାରୀ । କିନ୍ତୁ ପୁତ୍ର ପ୍ରତି ମମତାବଶତଃ ଗୁରୁ ଯେତେବେଳେ

ଅନଧିକାରୀ ଅଶ୍ୱତ୍ଥାମାକୁ ସେ ବିଦ୍ୟା ପ୍ରଦାନ କଲେ, ସେତେବେଳେ ତା'ର ଦୁରୁପଯୋଗ ହୋଇଗଲା ନିଶ୍ଚିତ ।

**ଅଦୃଶ୍ୟ ଅଗଣନ ପ୍ରଭାବ :**

ପ୍ରକୃତିର ଶୁଭଙ୍କର ଉଦାର ଶକ୍ତି ଆମେ ନିୟତ ଅନୁଭବ କରି ଚାଲିଛୁ : ସୂର୍ଯ୍ୟାଲୋକ, ପାଣି, ପବନ, ମୃତ୍ତିକାର ଶକ୍ତି ଆମ ପ୍ରାଣର ଉପାଦାନ । ପ୍ରକୃତିର ଅନୁଦାର ଶକ୍ତି – ଯଥା ଭୂମିକମ୍ପ, ପ୍ଲାବନ, ପ୍ରଭଞ୍ଜନ – ଏସବୁ ମଧ୍ୟ ଆମ ସ୍ଥୂଳ ଅନୁଭବର ଅନ୍ତର୍ଭୁକ୍ତ । କିନ୍ତୁ ଯାହା ଅଦୃଶ୍ୟ ଏବଂ ଯାହା ଆମେ ଇନ୍ଦ୍ରିୟ ମାଧ୍ୟମରେ ଅନୁଭବ କରିପାରୁନା, ସେଭଳି ଅଗଣନ ଶକ୍ତିର ଏବଂ ଅସଂଖ୍ୟ ପ୍ରଭାବର ଆବର୍ତ୍ତ ଭିତରେ ଆମେ ସର୍ବଦା ରହିଥାଉ । ଏପରିକି ପ୍ରତ୍ୟେକ ସ୍ଥୂଳବସ୍ତୁର ମଧ୍ୟ ଶକ୍ତି ଓ ପ୍ରଭାବ-ତରଙ୍ଗ ରହିଛି । ଏହାର ଦୃଷ୍ଟାନ୍ତ ଆମେ ଦେଖୁ ରାମାୟଣରେ ଅରଣ୍ୟାଗତ ରାମଙ୍କ ଆଗରେ ମୁନିଋଷିମାନଙ୍କର ଏକାଧିକବାର ଅଭିଯୋଗ : ଅସୁର ଓ ରାକ୍ଷସମାନେ ସେମାନଙ୍କ ଜୀବନକୁ ବିପର୍ଯ୍ୟସ୍ତ କରୁଛନ୍ତି । ରାମ ଏହାର ପ୍ରତିକାର କରିବା ଚାହି । ଉତ୍ତେଜିତ ରାମ ନିଜ ଧନୁ ଆଡ଼େ ଦୃଷ୍ଟିପାତ କରି ବାରଂବାର କହୁଛନ୍ତି : ମୋ ହାତରେ ରହିଛି ଏହି ପ୍ରଚଣ୍ଡ ଅସ୍ତ୍ର । ଅବଶ୍ୟ ମୁଁ କରିବି ଏହାର ପ୍ରୟୋଗ । ନିଧନ କରିବି ସେମାନଙ୍କୁ ।

ପରେ ମନସ୍ତତ୍ତ୍ୱ-ଜ୍ଞାନବତୀ ସୀତା ତାଙ୍କୁ ଗୋଟିଏ କାହାଣୀ କହୁଛନ୍ତି : ଏକଦା ଥିଲେ ଜଣେ ତପସ୍ୱୀ । ପ୍ରବଳ ତାଙ୍କ ତପସ୍ୟା । ଥରେ ଧ୍ୟାନଭଙ୍ଗ ବେଳେ ସେ ଦେଖିଲେ, ତାଙ୍କ ପାଖରେ କେହି ଜଣେ ଖଣ୍ଡିଏ ଚକ୍‌ମକ୍ ତରବାରି ରଖିଦେଇ ଯାଇଛି । ପ୍ରଥମେ ସେ ନିସ୍ପୃହ ରହିଲେ । ପରେ କୌତୂହଳବଶତଃ ସେ ତରବାରିଟିକୁ କୋଷମୁକ୍ତ କଲେ । ତା'ପର ଥରକୁ ସେ ତାହା ଗୋଟିଏ ଗୁଳ୍ମ ଉପରେ ପ୍ରୟୋଗ କଲେ । ଆଖି ପଲକରେ ତାହା ହେଲା ଦ୍ୱିଖଣ୍ଡିତ । ତହିଁ ପରେ ତପସ୍ୱୀ ତାହା ପ୍ରୟୋଗ କଲେ ଗୋଟିଏ ବନ୍ୟପ୍ରାଣୀ ଉପରେ । ପରେ ପରେ ସେ ଯାହାକୁ ଦେଖିଲେ ତାହା ଉପରେ ତରବାରି ପ୍ରୟୋଗ କରି ଅରଣ୍ୟରେ ସୃଷ୍ଟି କଲେ ଭୟାବହ ଚାଞ୍ଚଲ୍ୟ । ମୃତ୍ୟୁ ଅନ୍ତେ ସେ ହେଲେ ନର୍କକୁ ନିର୍ବାସିତ ।

ତରବାରି-ନିହିତ ଅଦୃଶ୍ୟ ରହସ୍ୟମୟ ଶକ୍ତି ଯେପରି ସେ ତପସ୍ୱୀ ଉପରେ ସବାର ହୋଇଗଲା, ଧନୁ-ନିହିତ ଶକ୍ତି ସେମିତି ରାମଙ୍କୁ ପ୍ରଭାବିତ କରୁ ନାହିଁ ତ ? ସେ ତା'ର ଅନ୍ୟାୟ ବା ଅତିରିକ୍ତ ବ୍ୟବହାର କରି ପକାଇବେ ନାହିଁ ତ ? ସୀତା ଦେଉଥିଲେ ଏହି ସତର୍କବାଣୀ । (ବାଟ୍ରାଣ୍ଡ୍ ରସେଲ୍ ଠାଏ କହିଛନ୍ତି,... ରାଷ୍ଟ୍ରମାନେ ଯେତିକି ଯେତିକି ମାରଣାସ୍ତ୍ର ଠୁଳ କରିବେ, ସେତିକି ମାତ୍ରାରେ ସେସବୁର ପ୍ରୟୋଗ ନିମନ୍ତେ ଉତ୍କଣ୍ଠିତ ହେବେ ।)

**କ୍ଷମତାର ଯଥାର୍ଥ ପ୍ରୟୋଗ :**

ଶକ୍ତି ଓ କ୍ଷମତାର ଯାବତୀୟ ଦୁରୁପଯୋଗ ସତ୍ତ୍ୱେ ଆମେ ତାହାଠୁ ଦୂରେଇ ଯାଇପାରିବା ନାହିଁ । ''ଯୋଗ ସମନ୍ୱୟ'' ଗ୍ରନ୍ଥରେ ଶ୍ରୀଅରବିନ୍ଦ ବିଷଦ ଭାବରେ ବୁଝାଇଛନ୍ତି : ନୀତିବାଦୀମାନେ, ଧାର୍ମିକମାନେ କ୍ଷମତାକୁ ଘୃଣା କରନ୍ତି – ତାହା ମଣିଷକୁ ବିପଥଗାମୀ କରେ ବୋଲି ତାହାଠୁଁ ଦୂରେଇ ରହିବାର ଉପଦେଶ ଦିଅନ୍ତି । କିନ୍ତୁ କେଉଁ ଶକ୍ତିର ବା ଦୁରୁପଯୋଗ ନହୁଏ ? ଜ୍ଞାନ, ପ୍ରେମ, ସବୁ ଶକ୍ତିର ଉପଯୋଗ ନିର୍ଭର କରେ ମଣିଷର ଚେତନାର ଗୁଣ ବା ସ୍ତର ଉପରେ । ପୃଥିବୀର ସମସ୍ତ ପରିବର୍ତ୍ତନ ଓ ପ୍ରଗତି ଶକ୍ତିବଳରେହିଁ ସମ୍ଭବପର ହେଉଛି । ଶକ୍ତି ଓ କ୍ଷମତା ବିନା ଆମ ଜୀବନ ହେବ ସ୍ଥାଣୁ । ସଚେତନ ମଣିଷ ମାତ୍ରେ ଏହାର ସୁ-ଉପଯୋଗ କରିଆସିଛନ୍ତି । ପ୍ରତି ମଣିଷର ଚେତନାର ଗଭୀରରେ ରହିଛି ସତ୍ୟଦ୍ରଷ୍ଟା ଚୈତ୍ୟଶକ୍ତି । ମଣିଷ ଅନ୍ତର୍ମୁଖୀ ହୋଇ ନିଜ କର୍ମକୁ ନିୟନ୍ତ୍ରଣ କଲେ ତା'ର ଶକ୍ତି, ସାମର୍ଥ୍ୟ ଓ କ୍ଷମତା ନିଜ ନିଜର ଯଥାର୍ଥ ଭୂମିକା ତୁଲାଇ ପାରିବେ ।

ଅତଏବ କ୍ଷମତାଠୁଁ ଦୂରେଇ ଯାଇ ନୁହେଁ, ନିଜର ସଚ୍ଚା ବ୍ୟକ୍ତିତ୍ୱ ମାଧ୍ୟମରେ ତା'ର ପ୍ରୟୋଗହିଁ ସଠିକ୍ ମାର୍ଗ । କେହି କେହି ଜର୍ଜ ଓର୍‌ୱେଲ୍‌ଙ୍କ ଆତ୍ମକଥାରେ ପଢ଼ିଥିବେ ଗୋଟାଏ ଘଟଣା : ସେତେବେଳେ ଥିଲେ ବ୍ରହ୍ମଦେଶ (ମିଆଁମାର୍)ରେ ଜଣେ ପୁଲିସ ଅଫିସର୍ । ଦିନେ ଗୋଟାଏ ପାଗଳ ହାତୀ ମାତିଛି ବୋଲି ଅଭିଯୋଗ କଲେ ଲୋକେ । ସେ ରାଇଫଲ୍ ହସ୍ତେ ବାହାରିଗଲେ । ସେତେବେଳକୁ ବିଚରା ହାତୀ ତା'ର ସାମୟିକ ମତ୍ତତା (ମସ୍ତ)ରୁ ଉତ୍ତୀର୍ଣ୍ଣ ହୋଇ ସାରିଲାଣି; ଚୁପ୍‌ଚାପ୍ ଠିଆ ହୋଇଛି । କିନ୍ତୁ ଓର୍‌ୱେଲ୍‌ଙ୍କ ପଛରେ ଦୁଇ ହଜାର ସରିକି ନରନାରୀ । ସେମାନେ ବି ଚୁପ୍‌ଚାପ୍ । କିନ୍ତୁ ସେମାନଙ୍କର ସେ ନୀରବତାରେ ଥାଏ ଏକ ପ୍ରଚଣ୍ଡ କାମନା : ସାହେବ ତାଙ୍କ ଯାଦୁକରୀ ଅସ୍ତ୍ର ଦ୍ୱାରା ହାତୀଟିକୁ ମାରିବେ ! ନହେଲେ ସେ ପ୍ରତାପଶାଳୀ ଶାସକ ଶକ୍ତିର ପ୍ରତିନିଧି ବୋଲାଇବେ କିପରି ?

ବଳିଷ୍ଠ ଶୈଳୀରେ ଓର୍‌ୱେଲ୍ ଦର୍ଶାଇଛନ୍ତି, ସେ କିପରି ସେ ସାମୂହିକ ଇଚ୍ଛାଶକ୍ତି କବଳରେ ଅସହାୟ ଭାବରେ କାମ କଲେ – ହାତୀକୁ ହତ୍ୟା କଲେ – ଏବଂ ସେ କର୍ମଟି ଜରିଆରେ ନିଜ ବ୍ୟକ୍ତିତ୍ୱର ଏବଂ ବିବେକର ସ୍ୱାଧୀନତାକୁ ହତ୍ୟା କଲେ ।

ସେ ଥିଲେ ଜଣେ ପ୍ରବୀଣ ଲେଖକ । କିନ୍ତୁ ମଣିଷ ଭାବରେ ତାଙ୍କ ବ୍ୟକ୍ତିତ୍ୱ ପରିବେଶ ଓ ପରିସ୍ଥିତିର ଅବାଞ୍ଛନୀୟ ପ୍ରଭାବର ଊର୍ଦ୍ଧ୍ୱକୁ ଯାଇ ପାରି ନଥିଲା ।

ଅନ୍ୟ ପକ୍ଷରେ ଧରନ୍ତୁ ଏକାଦଶ ଶତାବ୍ଦୀର ଇଂଲଣ୍ଡର ରାଜା କ୍ୟାନ୍ୟୁଟ୍‌ଙ୍କ କଥା । ତାଙ୍କ ତୋଷାମଦକାରୀମାନେ ନାନାଦି ଅଳୀକ ସ୍ତବ ଯୋଗେ ତାଙ୍କୁ ଆପ୍ୟାୟିତ କରିବାକୁ ଚେଷ୍ଟା କରୁଥା'ନ୍ତି । ଦିନେ ରାଜା ସମୁଦ୍ର କୂଳରେ ବୁଲିବା ଅବସରରେ ଢେଉର ପ୍ରାବଲ୍ୟ ନାହିଁ ଦେଖି ଜଣେ ଅମାତ୍ୟ କହିଲେ, ''ଛାମୁଙ୍କୁ ଡରି ସମୁଦ୍ର କେମିତି ନମ୍ର ଆଚରଣ କରୁଛି ଦେଖ !''

ସେଦିନ ରାଜା ଭିନ୍ନ ମିଜାଜରେ ଥିଲେ । ସେ ପ୍ରଶ୍ନ କଲେ, ''ସତେ ? ତେବେ ମୁଁ ଯଦି ଆଦେଶ ଦେବି, ତେବେ ଢେଉ ଆହୁରି ଅପସରି ଯିବ ପରା !''

''ଅବଶ୍ୟ ଯିବ !'' କହିଲେ ଅମାତ୍ୟବର୍ଗ ।

ରାଜାଙ୍କ ଆଦେଶରେ ତାଙ୍କର ଗୋଟାଏ ଚୌକି ପ୍ରାସାଦରୁ ଆସି ଢେଉମାଳା ଭାଙ୍ଗି ପଡୁଥିବା ସ୍ଥଳରେ ରଖାଗଲା । ତହିଁପରେ ସମାସୀନ ରାଜା ଆଦେଶ ଦେଲେ, ''ସମୁଦ୍ର ! ମୋର ନିର୍ଦ୍ଦେଶ, ତୁମ ଢେଉ ସମ୍ବରଣ କର ।''

ପରେ ପରେ ଗୋଟାଏ ବିରାଟ ଢେଉ ଆସି ଚୌକି ସମେତ ରାଜାଙ୍କୁ ଓଲଟାଇ ଦେଲା ।

''କିଛି ବୁଝିଲ ?'' ରାଜା ସ୍ତବ୍ଧ ଅମାତ୍ୟବର୍ଗଙ୍କୁ ପ୍ରଶ୍ନଟି କରି ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କଲେ ।

କିଂବଦନ୍ତିର ଏହି ବହୁ-ଗୃହୀତ ସଂସ୍କରଣ ସତ୍ୟ ହୋଇଥିଲେ ଆମେ ବୁଝିବା, ଜଣକର ଆନ୍ତର ବିକାଶ ସମ୍ଭବ ହୋଇଥିଲେ କ୍ଷମତା ତାକୁ ଉନ୍ମତ୍ତ କରିବ ନାହିଁ । କ୍ଷମତାପ୍ରାପ୍ତ ବ୍ୟକ୍ତିବର୍ଗ ଆଜିକାଲି ଯେତେବେଳେ କ୍ଷମତାର ସୁଯୋଗ ନେଇ ଅକର୍ତ୍ତବ୍ୟ କର୍ମ କରୁଛନ୍ତି, ସେତେବେଳେ ବହୁ କ୍ଷେତ୍ରରେ ତାହା ଲୋକଲୋଚନକୁ ଆସି ଯାଉଛି – ସାମାଜିକ କ୍ରମବିକାଶରେ ଗଣ ମାଧ୍ୟମର ଅଧିକରୁ ଅଧିକ ଶକ୍ତି ଯୋଗୁଁ ତଥା କ୍ଷମତାରେ ପ୍ରତିଦ୍ୱନ୍ଦ୍ୱୀମାନେ ପରସ୍ପର ମୁଖା ଖୋଲିବାକୁ ତତ୍ପର ଥିବା ଯୋଗୁଁ । କିନ୍ତୁ କ୍ଷମତାର ଅପପ୍ରୟୋଗ ଉପରେ ଏହା ଯବନିକା ଟାଣି ପାରିବ ନାହିଁ । ଯବନିକା ପତନ ସେତିକିବେଳେ ହେବ, ଯେତେବେଳେ ଅପବ୍ୟବହାରକାରୀ ସଚେତନ ହେବ ଯେ ସେ ନିଜ ଚେତନାରହିଁ ସର୍ବାଧିକ କ୍ଷତି କରୁଛି । ବହିର୍ଜୀବନର ବିଳାସବ୍ୟସନ ସତ୍ତ୍ୱେ ଆନ୍ତର ଜୀବନ ରହୁଛି ରୁଗ୍ଣ ଏବଂ ବିଷାଦଗ୍ରସ୍ତ । ✤

---

Indian Institute of Managementରେ ଏହି ନିବନ୍ଧର ଲେଖକ ଦେଇଥିବା ବକ୍ତୃତାଟି ସମେତ ଅନ୍ୟ ୨୮ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ବକ୍ତୃତା ଅଥବା ପ୍ରବନ୍ଧର ସଙ୍କଳନ *Leadership and Power* ନାମରେ ପ୍ରକାଶ କରିଛନ୍ତି Oxford University Press ।

ଆମକୁ ସମଗ୍ରଭାବେ ଜୀବନର ସମ୍ମୁଖୀନ ହେବାକୁ ହେବ, ତାହା ଭିତରେ ତଥାପି ଯାହାକିଛି କୁତ୍ସିତତା, ମିଥ୍ୟାଚାର ଓ ନିଷ୍ଠୁରତା ରହିଛି ସେସବୁର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ଆମ ନିଜ ଭିତରେ ସମସ୍ତ ମଙ୍ଗଳର, ସମସ୍ତ ସୁନ୍ଦରର, ସମସ୍ତ ଆଲୋକ ଓ ସତ୍ୟର ଯେଉଁ ଉତ୍ସ ରହିଛି ତାହାର ଆବିଷ୍କାର ପାଇଁ ଆମକୁ ଯତ୍ନ ନେବାକୁ ହେବ, ଯାହା ଫଳରେ ଆମେ ସଚେତ ଭାବରେ ଏହି ଉତ୍ସଟିକୁ ଜଗତ୍ ସହିତ ସମ୍ବନ୍ଧିତ କରି ରଖିପାରିବା ତା'ର ରୂପାନ୍ତର ନିମନ୍ତେ ।

ପଳାୟନ କରିବା ବା ଏଗୁଡ଼ିକୁ ନ ଦେଖିବା ପାଇଁ ଆଖି ବନ୍ଦ କରିଦେବା ଅପେକ୍ଷା ଏହା ଅନନ୍ତ ଗୁଣରେ ଅଧିକ କଷ୍ଟସାଧ୍ୟ, କିନ୍ତୁ ଏହା ହେଉଛି ଏକମାତ୍ର ଫଳପ୍ରଦ ଉପାୟ – ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଉପାୟ, ଯେଉଁମାନେ ଦୃଢ଼ ଓ ଶୁଦ୍ଧ ଏବଂ ଦିବ୍ୟସତ୍ୟକୁ ଅଭିବ୍ୟକ୍ତ କିରବା ପାଇଁ ସମର୍ଥ ।

– ଶ୍ରୀମା

# ଶରୀରର ଜୀବକୋଷରେ ଯୋଗ

## ମମତା ଦାଶ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

### ଭୌତିକ ମାନସ :

ମାନବ ଶରୀରକୁ ଗଠନ କରିବା ନିମିତ୍ତ ବିଶୁଦ୍ଧ ଜୀବକୋଷଟିକୁ ଚାରିଟି ସ୍ତର ଦ୍ୱାରା ଆବୃତ ହେବାକୁ ପଡ଼ିଛି। ପ୍ରଥମ ସ୍ତର ହେଉଛି ବୌଦ୍ଧିକ ମାନସ, ଦ୍ୱିତୀୟ ହେଉଛି ଆବେଗଗତ ମାନସ, ତୃତୀୟଟି ଇନ୍ଦ୍ରିୟଗତ ମାନସ ଏବଂ ଚତୁର୍ଥ ସ୍ତର ହେଉଛି ଭୌତିକ ମାନସ। ଯେଉଁ ଜୀବକୋଷଟି ଅତିମାନସ ଶକ୍ତିକୁ ଧାରଣକରି ଜଡ଼ ଜଗତରେ ନିକ୍ଷିପ୍ତ ହୋଇଛି, ତାହାକୁ ପୁନରାୟ ଆବିଷ୍କାର କରିବା ଦ୍ୱାରାହିଁ ଶରୀରର ରୂପାନ୍ତର-ପ୍ରକ୍ରିୟା ସାଧିତ ହୋଇପାରିବ। ବୌଦ୍ଧିକ ମାନସ, ଆବେଗଗତ ମାନସ ଓ ଇନ୍ଦ୍ରିୟଗତ ମାନସକୁ ପରିଷ୍କାର କରିବା ବିଷୟରେ କୁହାଯାଇଥିଲା। ଏହା ଯୋଗ-ସାଧନାରେ କିଛିଟା ସହଜତର ପ୍ରକ୍ରିୟା। କିନ୍ତୁ ଭୌତିକମାନସକୁ ପରିଷ୍କାର କରିବା ବା ତାହାକୁ ରୂପାନ୍ତରିତ କରିବା ଖୁବ୍ କଷ୍ଟକର କାମ।

ଜଡ଼ପଦାର୍ଥରେ ଯେତେବେଳେ ମାନସ ଶକ୍ତିର ଅନୁପ୍ରବେଶ ଘଟିଲା ସେତେବେଳେ ଏହି ସ୍ତରଟିହିଁ ସର୍ବାଧିକ ପ୍ରତିରୋଧକାରୀ ଶକ୍ତିକୁ ଧାରଣକରି ଗଠିତ ହେଲା। ଜଡ଼ର ନିଷ୍କ୍ରିୟ ଶାନ୍ତି ଭିତରୁ, ମାନସିକ ଶକ୍ତିପ୍ରସୂତ ମନୁଷ୍ୟଜୀବନର ସଂଘର୍ଷ ଭିତରକୁ ଯିବା ନିମିତ୍ତ ଏହି ସ୍ତରହିଁ ନିଷେଧ କରିଥିଲା। କାରଣ ମନର ଶକ୍ତି ଦ୍ୱାରା ମନୁଷ୍ୟ ଭିତରେ ନ୍ୟାୟ-ଅନ୍ୟାୟ, ଭଲ-ମନ୍ଦ, ନୈତିକତା-ଅନୈତିକତା, ବିବେକ-ବୁଦ୍ଧି, କାମନା, ଅଭିଳାଷ, ହତାଶା, ଯନ୍ତ୍ରଣାବୋଧ ଓ ଅହଙ୍କାରର ସୃଷ୍ଟି ହେଲା। ମନର ଶକ୍ତି ଦ୍ୱାରା ଭାଗବତ ଚେତନା ସଚେତନତାର ସହିତ ମନୁଷ୍ୟ-ପ୍ରଜାତି ମଧ୍ୟକୁ ପ୍ରକ୍ଷିପ୍ତ ହେଲେ। ତେଣୁ ମନ ମଧ୍ୟରେ ରହିଲା ବିବର୍ତ୍ତନକୁ ଅଗ୍ରସର କରାଇନେବା ଦିଗରେ ନିଜର ସୀମାବଦ୍ଧତାକୁ ଅତିକ୍ରମ କରିବାର ବୀଜ ଏବଂ ସୃଷ୍ଟିର ଅନନ୍ତ ସମ୍ଭାବନା। ଭୌତିକ ମାନସ ସ୍ୱଭାବତଃ ଏହିସବୁ ଚାପକୁ ସହ୍ୟ କରିବାକୁ ଅଗ୍ରାହ୍ୟ କରେ।

ମା' କହିଛନ୍ତି : "The big difficulty in Matter, is that the material consciousness, that is to say, the mind in Matter, was formed under the pressure of difficulties – difficulties, obstacles, suffering, struggle. It was so to speak, "worked out" by those things, and that gave it an imprint almost of pessimism and defeatism, which is certainly the greatest obstacle." (October 7, 1964)

''ଜଡ଼ପଦାର୍ଥର ପ୍ରଧାନ ବାଧା ହେଉଛି, ଏହି ବସ୍ତୁଗତ ଚେତନା ବା ଜଡ଼ବସ୍ତୁ ମଧ୍ୟରେ ନିହିତ ମନ, ଯାହାକି ଏକପ୍ରକାର ବାଧାବିଘ୍ନର ଚାପ ଦ୍ୱାରା ଗଠିତ ହୋଇଥିଲା ଅର୍ଥାତ୍ ବାଧାବିଘ୍ନ, ଯନ୍ତ୍ରଣାଭୋଗ ଓ ସଂଘର୍ଷର ଚାପ ଦ୍ୱାରା। କହିବାକୁ ଗଲେ, ଏହିସବୁ ଗତିବୃତ୍ତି ଦ୍ୱାରା ଏହା 'ନିର୍ମିତ' ହୋଇଥିଲା, ଏବଂ ଏସବୁହିଁ ତାହା ଉପରେ ପ୍ରାୟ ନୈରାଶ୍ୟଭାବ ଓ ପରାଭୂତ ଭାବର ଛାପ ପକାଇଥିଲେ, ଯାହା ନିଶ୍ଚିତ ଭାବରେ ସବୁଠାରୁ ବଡ଼ ବାଧା।'' (*ଅକ୍ଟୋବର ୭, ୧୯୬୪*)

ଏପରି ଭାବରେ ଗଠିତ ହୋଇଥିବା ଭୌତିକ ମାନସର ଦୁଇଟି ଅଂଶ ରହିଛି। ପ୍ରଥମ ଅଂଶଟି ହେଉଛି ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପୁନରାବୃତ୍ତି କରିବାର ଅଭ୍ୟାସ। ଉଦାହରଣସ୍ୱରୂପ, ହୁଏତ ବହୁବର୍ଷ ତଳେ ଆମେ ଗୋଟିଏ ଦୁର୍ଘଟଣାରେ ପଡ଼ିଥିଲୁ, ରାସ୍ତାରେ ଗଲାବେଳେ କିଂବା ବସ୍‌ରେ କି ଟ୍ରେନ୍‌ରେ ବା ଶିଡ଼ିରେ ଚଢ଼ିଲାବେଳେ – ଏହି ଭୌତିକମାନସ ଆମକୁ ସେକଥା ବାରବାର ମନେ ପକାଇଦିଏ, ''ପୁଣି ଏପରି ଦୁର୍ଘଟଣା ଘଟିପାରେ, ତୁମର ଗୋଡ଼, ହାତ ଭାଙ୍ଗିଯାଇପାରେ, ତୁମେ ଆହତ ହୋଇପାର, ମରି ଯାଇପାର'' – ଏହିପରି ପୁନରାବୃତ୍ତି କରି କରି ସେ ଆମ ଭିତରେ ଦୁର୍ଘଟଣାଟିକୁ ପ୍ରତିଷ୍ଠିତ କରିଦିଏ, ଦୁର୍ଘଟଣାର ଗତିବୃତ୍ତି ଆମକୁ ଆହୁରି ଅନେକ ଦୁର୍ଘଟଣା ପ୍ରତି ଉନ୍ମୁକ୍ତ କରିଦିଏ। ଭୌତିକମାନସର ଅନ୍ୟ ଅଂଶଟିରେ ରହିଛି ଭୟ। ଏହା ଲକ୍ଷ ଲକ୍ଷ ଭୟରେ ଗଠିତ। ଆମେ ଆମର ଜୀବନରେ ଯେତେଯେତେ ଭୟ ଓ ଆଶଙ୍କାର ସାମନାକରୁ, ତାହାର ମୂଳ ଏହି ଭୌତିକ ମାନସ ମଧ୍ୟରେ ରହିଛି। ପ୍ରତିଦିନ

ସକାଳୁ ଆମେ ''ଅଜଣା ପ୍ରତି ଭୟ'' ସହିତ ଶଯ୍ୟାତ୍ୟାଗ କରୁ ଏବଂ ରାତିରେ ଶୋଇଲାବେଳେ ବି ଏହିସବୁ ଭୟ ଆହୁରି ଘନୀଭୂତ ହୋଇଯାଇଥାଏ ।

କେଉଁଠି ଜରୁରୀ ଅବସ୍ଥା ପଡ଼ିଗଲା ହୁଏତ, ଟ୍ରାଫିକ୍ ଜାମ୍ ଦେଖି ଆମେ ଭାବୁ, ''ଆଜି ଆଉ ପହଞ୍ଚି ହେବ ନାହିଁ ।'' ନିଜର କେହି ହସ୍ପିଟାଲରେ ରହିଛି, ଫୋନ୍ ବାଜିଲେ ଆମେ ଆତଙ୍କିତ ହୋଇଉଠୁ, ''ହୁଏତ ଦୁର୍ଘଟଣାଟି ଘଟିଗଲା ।'' ''ବିଫଳତାର ଭୟ'', ''ଅର୍ଥାଭାବର ଭୟ'', ''ଅପମାନର ଭୟ'', ''ରୋଗର ଭୟ'', ''ମୃତ୍ୟୁର ଭୟ'', ଏସବୁ ଭୟ ଆମର ଦୈନନ୍ଦିନ ଜୀବନକୁ ଅତିମାତ୍ରାରେ ନିୟନ୍ତ୍ରଣ କରୁଥା'ନ୍ତି । ଏହି ଭୟ ମଧ୍ୟ ପୁନରାବୃତ୍ତି କରିବାର ଅଭ୍ୟାସପରି ସାଧାରଣ ଜୀବନରେ ଆମକୁ କିଛିଟା ସତର୍କତା ଶିଖାଏ, ସୁରକ୍ଷା ଦିଏ, କିନ୍ତୁ ଯୋଗଜୀବନ ଯାପନ-ପଥରେ ଏସବୁ ବାଧା ହୋଇଯାଏ । ଏହା ଆମକୁ ନିମ୍ନତର ଚେତନା ଆଡ଼କୁ, ସୀମାବଦ୍ଧ ଅଭ୍ୟାସଗତ ମାନବିକ ଚେତନା ମଧ୍ୟକୁ ଟାଣିଆଣେ । ଯୋଗ-ଜୀବନରେ ଆମର ସତର୍କତା ଓ ସୁରକ୍ଷା, ସବୁକିଛି ନିର୍ଭରକରେ ଊର୍ଦ୍ଧ୍ୱସ୍ଥ ଚେତନା ଉପରେ, ମା'ଙ୍କର ଶକ୍ତି ଉପରେ – ସେହି ଶକ୍ତିହିଁ ଆମର ପଥପ୍ରଦର୍ଶକ ହୋଇଥାଏ, ଭୌତିକମାନସ ଭିତରେ ରହିଥିବା ନୈରାଶ୍ୟଭାବ କିଂବା ପରାସ୍ତଭାବର ମନୋବୃତ୍ତି ନୁହେଁ ।

ମନର ଶକ୍ତି ଯେତେବେଳେ ଶରୀର ଧାରଣକଲା, ମନୁଷ୍ୟ ଏକ ପ୍ରଜାତି ଭାବରେ ପୃଥିବୀପୃଷ୍ଠରେ ବିଚରଣ କରିଥିଲା । ମନୁଷ୍ୟ ବା *Homo sapien* ପୃଥିବୀରେ ଜୀବନଧାରଣ କରିବାର ଲକ୍ଷ ଲକ୍ଷ ବର୍ଷ ବିତିଗଲାଣି । ମନ ହେଉଛି ବିଭାଜନର ଶକ୍ତି, ବର୍ତ୍ତମାନ ମୂଳଉତ୍ସଠାରୁ ଏହି ବିଭାଜନ ଭୟାବହ ଅବସ୍ଥାରେ ପହଞ୍ଚିଯାଇଛି । ମାନସିକ ବିକାଶର ପରିଣାମସ୍ୱରୂପ ମନୁଷ୍ୟ ଏହି ପ୍ରକୃତିର ପ୍ରଭୁ ହୋଇଛି ସିନା, ଦିନକୁ ଦିନ ତା'ର ଚେତନାର ଉଚ୍ଚତମ ଗତିବୃତ୍ତିରୁ ତଳକୁ ଖସିଆସୁଛି ଏବଂ ସେ ପଶୁର ଚେତନାଠାରୁ ମଧ୍ୟ ନିମ୍ନତର, ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ମଧ୍ୟକୁ ଖସିପଡୁଛି । ବର୍ତ୍ତମାନ ଜଣାଯାଉଛି, ମନୁଷ୍ୟ ନିଜକୁ ନିଜେ ଅତିକ୍ରମ କରିବ, ନହେଲେ ଡାଇନୋସରସ୍ ଭଳି ପୃଥିବୀପୃଷ୍ଠରୁ ଦିନେ ବିଲୁପ୍ତ ହୋଇଯିବ ।

ମନୁଷ୍ୟ ନିଜର ବିବର୍ତ୍ତନ-ପଥରେ ସାମିଲ ହୋଇ, ବିବର୍ତ୍ତନ-ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ସାଧନା ସମ୍ବନ୍ଧରେ ଘୋଷଣା କରି, ମା' ଓ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗର ପନ୍ଥା ସ୍ଥିର କରିଛନ୍ତି । ସେହି ଅନୁଯାୟୀ ଆମେ ସାଧନା କରି, ନିଶ୍ଚୟ ଏହି ଭୌତିକମାନସର ରୂପାନ୍ତର କରିପାରିବା ।

କିନ୍ତୁ ଏହି କାମ କେବଳ ଆମର ପ୍ରଚେଷ୍ଟା ଦ୍ୱାରା ହୋଇପାରିବ ନାହିଁ । କାରଣ ଏହା ଖୁବ୍ ଅବାଧ ଏବଂ ଏହା ମାନବ-ପ୍ରଜାତିର ସୁଦୃଢ଼ ଭିତ୍ତିଭୂମି । କିନ୍ତୁ ବିବର୍ତ୍ତନର ଶକ୍ତି ବେଳେବେଳେ ଆମର ସମ୍ବେଦନଶୀଳ ମନ ଭିତରେ ଗର୍ତ୍ତଟିଏ ସୃଷ୍ଟିକରିଦିଏ ବା ଝରକାଟିଏ ଖୋଲିଦିଏ । ମନେହୁଏ, ସେତେବେଳେ ସତେ କି ଆମେ ଅସୀମ ଭିତରକୁ ପ୍ରବେଶ କରୁଚୁ । ପୁଣି ଯେତେବେଳେ ସେ ଝରକା ବନ୍ଦ ହୋଇଯାଏ, ଆମର ମନେହୁଏ ଆମେ ଶ୍ୱାସରୁଦ୍ଧ ହୋଇଯାଉଛୁ ଏବଂ ଆମର ସେହି ଝରକାର ନିତାନ୍ତ ଆବଶ୍ୟକତା ରହିଛି । ଆମର ଏହି ଅଭୀପ୍ସା ଏକପ୍ରକାର ସାଧନାରେ ପରିଣତ ହୁଏ – ମା'ଙ୍କର ଶକ୍ତି ଆମ ଭିତରେ କ୍ରିୟାକରେ ଏବଂ ଧୀରେ ଧୀରେ ଆମେ ମନର ସମସ୍ତ ସ୍ତରରୁ ମୁକ୍ତ ହେବାର ସିଦ୍ଧିଲାଭ କରିପାରୁ ।

ମା' ତାଙ୍କର ସାଧନା ଦ୍ୱାରା ଭୌତିକ ମାନସ ମଧ୍ୟରୁ ଦୃଶ୍ୟ ହେଉଥିବା ଏହି ପୃଥିବୀର ମିଥ୍ୟାକୁ ଅତିକ୍ରମକରି ବିଶୁଦ୍ଧ ଜୀବକୋଷର ଚେତନାରେ ଶାରୀରିକ ଭାବରେ ପଦାର୍ପଣ କରିଥିଲେ । ଅତିମାନବ ବା ନୂତନ ପ୍ରଜାତି ସତ୍ୟଚେତନାର ପ୍ରତିଭୂ ଭାବରେ ଏହି ପୃଥିବୀରେ ବିଚରଣ କରିବ, ଯେପରି ମନୁଷ୍ୟଜାତି ବର୍ତ୍ତମାନ ମନଶକ୍ତିର ପ୍ରତିଭୂ ଭାବରେ ବିବର୍ତ୍ତନର ଶିଖରରେ ରହିଛି । ମା' କହିଥିଲେ ଯେ "Salvation is physical" – ଅର୍ଥାତ୍ ମୁକ୍ତି ବା ମୋକ୍ଷ ଏକ ଶାରୀରିକ ଗତିବୃତ୍ତି । ପୂର୍ବପରି ଶରୀରର ବିଲୁପ୍ତିରେ ବା ଶରୀର ଭିତରୁ ପଳାୟନ କରିବାରେ ଏହି ପାର୍ଥିବ ଜୀବନର ସମାଧାନ ନାହିଁ ।

ମା' ତାଙ୍କର ସାଧନା-କାଳରେ ମନର ଏହି ସମସ୍ତ ସ୍ତର ଅତିକ୍ରମକରି ବିଶୁଦ୍ଧ ଜୀବକୋଷର ବା ଶରୀରର ଚେତନାରେ ପହଞ୍ଚିଥିଲେ ଓ ଦେଖିଥିଲେ ଯେ ସେଠାରେ ପହଞ୍ଚିଗଲେ ବର୍ତ୍ତମାନର ପୃଥିବୀରେ ଆମେ ଯାହାକିଛିକୁ ସମ୍ପୂର୍ଣ୍ଣ ସତ୍ୟବୋଲି ମନେକରୁଛୁ ତାହା ମିଥ୍ୟା ହୋଇଯିବ କିନ୍ତୁ ଏହି ଉପଲବ୍ଧି ''ବ୍ରହ୍ମ'' ଉପଲବ୍ଧି ନୁହେଁ, ଏହା ଶାରୀରିକ ଭାବରେ ଅନୁଭୂତ ହୁଏ । ଉଦାହରଣସ୍ୱରୂପ ମା' କହିଛନ୍ତି :

"Suppose, for example, that there was a disorder here or there in the body, not actually an illness (because illness implies some

important inner factor such as an attack or the necessity for some transformation, many different things), but the outer expression of a disorder, such as swollen legs or a malfunctioning liver – not an illness, a disorder, a functional disorder. Well, it was all utterly unimportant: IT IN NO WAY CHANGES THE BODY'S TRUE CONSCIOUSNESS. Although we are in the habit of thinking that the body is very disturbed when it's ill, when something is going wrong, it's not so. It isn't disturbed in the way we understand it.

*Disciple : Then what is disturbed if not the body ?*

The Mother : Oh, it's the physical mind, this stupid mind! It makes all the trouble, always." (*January 31, 1961*)

''ଉଦାହରଣସ୍ୱରୂପ, ଧରାଯାଉ, ଶରୀରରେ ଏଠାରେ, ସେଠାରେ କିଛି ବିଶୃଙ୍ଖଳା ଦେଖାଦେଇଛି, ଗୋଡ଼ ଫୁଲିଯାଇଛି ବା ଲିଭର୍‌ରେ ଯନ୍ତ୍ରଣା ହେଉଛି, ବେଶ୍, ଏସବୁ ଆଦୌ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ । ଶରୀରର ଯଥାର୍ଥ ଚେତନାରେ ଏହା ସାମାନ୍ୟତମ ପାର୍ଥକ୍ୟ ଆଣିଦିଏ ନାହିଁ, ଅଥଚ ଆମେ ଭାବିବାରେ ଅଭ୍ୟସ୍ତ ଯେ ଶରୀରରେ କିଛି ଅସୁବିଧା ବା ଅସୁସ୍ଥତା ଦେଖାଦେଲେ, ଶରୀରହିଁ ଖୁବ୍ ବିଚଳିତ ହୋଇପଡ଼େ ।''

*ଶିଷ୍ୟ : ତେବେ ଶରୀର ଯଦି ନୁହେଁ, କିଏ ବିଚଳିତ ହୋଇପଡ଼େ ?*

ଶ୍ରୀମା : ଏହା ଭୌତିକ ମାନସ, ସେହି ମୂର୍ଖ ମନ, ତାହାହିଁ ସବୁପ୍ରକାର ଅସୁବିଧା ସୃଷ୍ଟି କରିଥାଏ ।''

(*ଜାନୁଆରୀ ୩୧, ୧୯୬୧*)

ମା' ତାଙ୍କର ପ୍ରଗାଢ଼ ସାଧନା ଦ୍ୱାରା ଜୀବକୋଷଟିର ବିଶୁଦ୍ଧ ଚେତନାରେ ପହଞ୍ଚି ଆଶ୍ଚର୍ଯ୍ୟ ହୋଇଥିଲେ ଯେ ଏହା କେତେବେଶୀ ଭିନ୍ନ ଅଥଚ ମନୁଷ୍ୟଭାବରେ ଆମେ ଏହି ଚେତନାଠାରୁ କେତେ ଦୂରରେ ରହିଛୁ ! ମା' ପୁଣି କହିଛନ୍ତି – "But as soon as you descend into that realm, the realm of the cells and even of the cells' constitution, how much less heavy it seems! That sort of heaviness of Matter disappears: it becomes fluid and vibrant again. Which would tend to show that the heaviness, the thickness, the inertia, the immobility, is something that has been ADDED ON, it's not an essential quality of Matter - it's false Matter, Matter as we think or feel it, but not Matter itself as it is." (*October 7, 1964*)

''କିନ୍ତୁ ତୁମେ ସେହି ଜୀବକୋଷଗୁଡ଼ିକର ଅଞ୍ଚଳରେ ଅବତରଣ କରିବାମାତ୍ରେ, ଏପରିକି ଜୀବକୋଷମାନଙ୍କର ଗଠନ କେତେ ବେଶୀ ହାଲୁକା ମନେହୁଏ ! ଜଡ଼ବସ୍ତୁରେ ଯେଉଁ ଓଜନିଆ ଭାବ ରହିଛି ତାହା ଉଭେଇଯାଏ; ଏହା ତରଳ ଓ ପ୍ରାଣବନ୍ତ ହୋଇଉଠେ, ଯାହା ଆମକୁ ଦେଖାଇଦିଏ ଯେ ସେହି ଓଜନିଆଭାବ, ତାହାର ଘନତା, ଜଡ଼ତା ଏବଂ ଅବିଚଳତା, ଏସବୁକିଛି ପରେହିଁ ମିଶାଯାଇଛି, ଏହା ଜଡ଼ବସ୍ତୁର ଆବଶ୍ୟକୀୟ ସାରତତ୍ତ୍ୱ ନୁହେଁ, ଏହା ଏକ ମିଥ୍ୟା ଜଡ଼ବସ୍ତୁ – ଆମେ ଜଡ଼ବସ୍ତୁକୁ ଯେପରି ଭାବରେ ଅନୁଭବ କରୁ ବା ତାହା ସମ୍ବନ୍ଧରେ ଯାହା ଅନୁଭବ କରୁ, କିନ୍ତୁ – ପ୍ରକୃତରେ ଜଡ଼ବସ୍ତୁ ଯେପରି, ସେପରି ନୁହେଁ ।'' (*ଅକ୍ଟୋବର ୭, ୧୯୬୪*)

ମା'ଙ୍କର ଏହି ଯୁଗାନ୍ତକାରୀ, ଅଭୂତପୂର୍ବ ଉପଲବ୍ଧି ଓ ଘୋଷଣା ପରେ ଆମେ ହତଚକିତ ହୋଇଯାଉ ! ଏହି ଭୌତିକ ଶରୀର, ଆମ ଚାରିପାଖରେ ଆମେ ଯେଉଁ ଭୌତିକତାକୁ ଦେଖୁଛୁ, ସବୁକିଛି ମିଥ୍ୟା ! – ଏହା ଛଡ଼ା ଅନ୍ୟ ଗୋଟିଏ ଜଡ଼ବସ୍ତୁ ରହିଛି, ଯାହାଦ୍ୱାରା ଆଗାମୀ ପ୍ରଜାତି ବା ଅତିମାନବ ଶାରୀରିକଭାବେ ନିର୍ମିତ ହେବ, ସେ ଜଗତ୍ ସମ୍ପୂର୍ଣ୍ଣ ଭିନ୍ନ, କିନ୍ତୁ ସ୍ଥୂଳଭାବରେ ଏଠାରେ ଅସ୍ତିତ୍ୱଧାରଣ କରିବ !

ଏଠାରେ କିପରି ପହଞ୍ଚିବାକୁ ହେବ ? ଯଦିବା କେବେ ପହଞ୍ଚିଗଲେ, କିପରି ଭାବରେ ଏହାକୁ ଧରି ରଖିବାକୁ ହେବ ? ଏଠାରେ ପହଞ୍ଚିବା ପରେ ଯଦି ଆମର ବର୍ତ୍ତମାନ ଶରୀରର ଜୀବକୋଷର ମୂଳ ଶକ୍ତି ନଷ୍ଟ ହୋଇଯାଏ, ତେବେ କ'ଣ ହେବ ?

ଏହିସବୁ ପ୍ରଶ୍ନର ଉତ୍ତର ରହିଛି ମା'ଙ୍କର ଆହୁରି ପ୍ରଗାଢ଼, ଆଶ୍ଚର୍ଯ୍ୟକର ଉପଲବ୍ଧି ମଧ୍ୟରେ, ଯାହାକୁ ପରବର୍ତ୍ତୀ ସଂଖ୍ୟାରେ ଆଲୋଚନା କରିବା ।

(କ୍ରମଶଃ)

ପୂର୍ଣ୍ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି (୩୦)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୪)

**ଶ୍ରୀପତି ଦାସ**

ଏହି ଶୀର୍ଷକ ପୂର୍ବବର୍ତ୍ତୀ ପ୍ରବନ୍ଧରେ ପ୍ରାଣିକ ଶିକ୍ଷା ସମ୍ବନ୍ଧେ ଆଲୋଚନା କରାଯାଇଛି । ବର୍ତ୍ତମାନର ଆଲୋଚ୍ୟ ବିଷୟ ହେଉଛି ମାନସିକ ଶିକ୍ଷା । ବର୍ତ୍ତମାନ ଯୁଗରେ ଶିକ୍ଷା କହିଲେ ଲୋକେ ସାଧାରଣତଃ ମାନସିକ ଶିକ୍ଷାକୁହିଁ ବୁଝିଥା'ନ୍ତି । ଶାରୀରିକ ଶିକ୍ଷା ଓ ପ୍ରାଣିକ ଶିକ୍ଷାକୁ ଅବହେଳା କରି କୌଣସି ଉପାୟରେ କେବଳ ପ୍ରମାଣପତ୍ର (ସାର୍ଟିଫିକେଟ୍) ହାସଲକରି, ଚାକିରିକରି ଅର୍ଥୋପାର୍ଜନ ଦ୍ୱାରା ଜୀବନକୁ ସୁଖମୟ କରିବାକୁହିଁ ଜୀବନର ଲକ୍ଷ୍ୟ ବୋଲି ଲୋକେ ଭାବିଥା'ନ୍ତି । କିନ୍ତୁ ଏହା ଏକ ଭ୍ରମାତ୍ମକ ଧାରଣା । ବର୍ତ୍ତମାନ ପ୍ରତ୍ୟେକ ଦେଶରେ ମାନସିକ ଶିକ୍ଷା ସହିତ ଶାରୀରିକ ଓ ପ୍ରାଣିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । ତେବେ ସବୁକିଛି ନିର୍ଭର କରୁଛି କେଉଁ ମନୋଭାବ ଓ କ୍ରିୟାକଳାପ ସହିତ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଆମେ ବର୍ତ୍ତମାନ ମାନସିକ ଶିକ୍ଷା ସମ୍ବନ୍ଧେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣଯୋଗର ଦୃଷ୍ଟିକୋଣ ସମ୍ବନ୍ଧେ ଅନୁଧ୍ୟାନ କରିବା । ନିମ୍ନରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଲିଖିତ 'ଶିକ୍ଷା' ପୁସ୍ତକରୁ ଶିକ୍ଷା ସମ୍ବନ୍ଧୀୟ ଲେଖାର କିୟଦଂଶ ଉପସ୍ଥାପିତ କରାଗଲା :

''ଯଥାର୍ଥ ମାନସିକ ଶିକ୍ଷାର ଯେଉଁ ଲକ୍ଷ୍ୟ, ତାହାର ରହିଛି ପାଞ୍ଚୋଟି ବିଭାବ । ଯଥା :

୧. ଏକାଗ୍ରତାର ଶକ୍ତି; ମନ-ସଂଯୋଗର ସାମର୍ଥ୍ୟବୃଦ୍ଧି ।

୨. ପ୍ରସାର, ବ୍ୟାପ୍ତି, ବୈଚିତ୍ର୍ୟ ଓ ଐଶ୍ୱର୍ଯ୍ୟଦାୟକ ବୃତ୍ତିଚୟର ବିକାଶ ।

୩. ଗୋଟିଏ ମୂଳଭାବ ବା ଉଚ୍ଚତର ଆଦର୍ଶ କିଂବା ଗୋଟିଏ ଜ୍ୟୋତିର୍ମୟ ଲକ୍ଷ୍ୟ ଯାହା ଆମ୍ଭମାନଙ୍କ ଜୀବନର ପଥ-ପ୍ରଦର୍ଶକ ହୋଇପାରିବ, ତାକୁ କେନ୍ଦ୍ର କରି ଚିନ୍ତାସମୂହର ସଙ୍ଗଠନ ।

୪. ଚିନ୍ତା-ନିୟନ୍ତ୍ରଣ, ଅବାଞ୍ଛନୀୟ ଚିନ୍ତାସମୂହର ବର୍ଜନ ଯାହା ଦ୍ୱାରା ଆମେ ଯାହା ଇଚ୍ଛାକରିବୁ ଓ ଯେତେବେଳେ ଇଚ୍ଛା କରିବୁ, ତାହାହିଁ କେବଳ ଚିନ୍ତାକରିବା ।

୫. ମାନସିକ ନିସ୍ତବ୍ଧତା, ପୂର୍ଣ୍ଣଶାନ୍ତି, ସତ୍ତାର ଉର୍ଦ୍ଧ୍ୱଲୋକ-ସମୂହରୁ ଆଗତ ପ୍ରେରଣାକୁ ଧାରଣକରିବାର କ୍ରମବର୍ଦ୍ଧମାନ ସାମର୍ଥ୍ୟ ।''

ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଶିକ୍ଷାର ଏହି ପଞ୍ଚଧାରା କିପରି ଅନୁସରଣ କରି ଚାଲିବାକୁ ହେବ, ଏଠାରେ ତାହାର ବିଶଦ ବିବରଣୀ ଦେବା ସମ୍ଭବ ନୁହେଁ । ତେବେ ଏଠାରେ ଉପରୋକ୍ତ ପ୍ରତ୍ୟେକ ବିଷୟରେ କିଛି ସୂଚନା ଦିଆଯାଇପାରେ ।

ଏକଥା ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଶିଶୁର ମାନସିକ ଉନ୍ନତିର ସର୍ବାପେକ୍ଷା ପ୍ରଧାନ ବାଧା ହେଲା, ତାହାର ଚିନ୍ତା ନିରନ୍ତର ବିକ୍ଷିପ୍ତହେବା । ତାହାର ଚିନ୍ତା ପ୍ରଜାପତି ପରି ଏଠି ସେଠି ଉଡ଼ିବୁଲେ, ତାକୁ ଏକାଗ୍ରକରିବାକୁ ହେଲେ ବିପୁଳ ପ୍ରୟାସର ପ୍ରୟୋଜନ । ଅଥଚ ତାହା ମଧ୍ୟରେ ସୁପ୍ତଭାବରେ ଏହି ଶକ୍ତି ବିଦ୍ୟମାନ ଥାଏ । କାରଣ ଯଦି ତାହାର ଆଗ୍ରହ ଜାଗ୍ରତ୍ କରାଯାଇପାରେ ତେବେ ସେ ଅଧିକ ଏକାଗ୍ରହେବାକୁ ସମର୍ଥହୁଏ । ତେଣୁ ଏ ଦିଗରେ ଶିକ୍ଷକଙ୍କର ଏପରି ଏକ ଦକ୍ଷତା ରହିବା ଆବଶ୍ୟକ ଯାହା ଫଳରେ ଶିଶୁ ଏକାଗ୍ର ହେବାରେ ଅଧିକ ସମର୍ଥ ହୁଏ ଓ କୌଣସି କର୍ମ କରୁଥିବା ସମୟରେ ତହିଁରେ ଅଧିକରୁ ଅଧିକ ମନୋନିବେଶ କରିବାର ଓ ପୂରାପୂରି ମଗ୍ନହୋଇଯିବାର କ୍ଷମତା ତାହା ମଧ୍ୟରେ ବୃଦ୍ଧିପ୍ରାପ୍ତ ହୁଏ । ଏହି ମନୋଯୋଗ ବଢ଼ାଇବାର କ୍ଷମତାକୁ ବିକଶିତ କରୁଥିବା ସମସ୍ତ ପଦ୍ଧତିହିଁ ଉପାଦେୟ । ଆବଶ୍ୟକତା ଓ ପରିସ୍ଥିତି ଅନୁସାରେ ଖେଳଠାରୁ ଆରମ୍ଭ କରି ପୁରସ୍କାର ପର୍ଯ୍ୟନ୍ତ ସବୁକିଛିର ଆଶ୍ରୟ ନିଆଯାଇପାରେ । କିନ୍ତୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମନସ୍ତାତ୍ତ୍ୱିକ ପଦ୍ଧତି । ସର୍ବୋତ୍ତମ ଉପାୟ ହେଉଛି ଯାହା ଶିକ୍ଷାଦେବାକୁ ହେବ, ସେଥିରେ ଶିଶୁର ରୁଚି, ଜାଗ୍ରତ୍ କରାଇବା, ଯେଉଁଥିରେ ଆସେ କାର୍ଯ୍ୟପ୍ରତି ଆକର୍ଷଣ ଓ ଉନ୍ନତି ସକାଶେ ଦୃଢ଼ ସଂକଳ୍ପ । ଶିକ୍ଷା ପ୍ରତି ଯଦି ଶିଶୁକୁ ଆଗ୍ରହୀ କରାଯାଇପାରେ, ତେବେ ତାହାହିଁ ହେବ ଶ୍ରେଷ୍ଠ ଅବଦାନ । ସେ ଯେପରି ସର୍ବଦା ଓ ସର୍ବତ୍ର ଶିକ୍ଷାଲାଭ କରିବାକୁ ଅନୁରାଗୀ

ହୋଇପାରେ । ଜୀବନର ସକଳ ଅବସ୍ଥା, ସକଳ ଘଟଣା ଯେପରି ନିରନ୍ତର ଅଧିକାଧିକ ଶିକ୍ଷାଲାଭ କରିବାର ସୁଯୋଗ ହୁଏ ।

ସେଥିପାଇଁ ମନୋଯୋଗ ଓ ଏକାଗ୍ରତା ସହିତ ଆବଶ୍ୟକ ସମ୍ୟକ୍ ପର୍ଯ୍ୟବେକ୍ଷଣ, ଯଥାର୍ଥ ଅନୁଶୀଳନ ଓ ଅଭ୍ରାନ୍ତ ସ୍ମରଣଶକ୍ତି । ପର୍ଯ୍ୟବେକ୍ଷଣର କ୍ଷମତା ବିକାଶ କରାଯାଇପାରେ ନାନାପ୍ରକାର ସ୍ୱତଃସ୍ଫୂର୍ତ୍ତ ଅଭ୍ୟାସ ଦ୍ୱାରା ଯାହାକିଛି ଶିଶୁର ଚିନ୍ତାକୁ ସଜାଗ, ସତର୍କ ଓ ପ୍ରଖର କରେ, ସେସବୁର ସାହାଯ୍ୟ ନିଆଯାଇପାରେ । ସ୍ମରଣଶକ୍ତି ଅପେକ୍ଷା ବୋଧଶକ୍ତିର ଉନ୍ନତି ଉପରେ ଅଧିକ ଜୋର୍ ଦେବାକୁ ହେବ । ମନୁଷ୍ୟ ଯାହା କେବଳ ବୁଝିପାରେ, ତାହାକୁହିଁ ସେ ଠିକ୍‌ରୂପେ ଜାଣିପାରେ; ଶୁଆପରି ମୁଖସ୍ଥ କରୁଥିବା ବସ୍ତୁ କ୍ରମେ କ୍ରମେ ଝାପ୍‌ସା ହୋଇ ଶେଷରେ ଉଭେଇଯାଏ । କିନ୍ତୁ ଯାହା ତୁମେ ଥରେ ବୁଝିପାରିଛ, ତାହା କେବେ ବି ଭୁଲିଯାଅ ନାହିଁ । ତାହା ବ୍ୟତୀତ କୌଣସିକିଛି ସମ୍ବନ୍ଧେ ଶିଶୁର 'କିପରି' 'କାହିଁକି' ପ୍ରଶ୍ନର ଉତ୍ତର ଦେବାକୁ କେବେ ବି ଅସ୍ୱୀକାର କରିବ ନାହିଁ । ତୁମେ ନିଜେ ଯଦି ପ୍ରଶ୍ନର ଉତ୍ତର ଦେଇ ନପାର, ତେବେ ଯିଏ ସେହି ଉତ୍ତର ଦେଇପାରନ୍ତି ବା ଯେଉଁ ପୁସ୍ତକରେ ସେ ବିଷୟରେ ଉଲ୍ଲେଖ ଅଛି, ତାହା ବତେଇ ଦିଅ । ଏହିଭାବେ ତୁମେ ଧୀରେ ଧୀରେ ଶିଶୁର ମନରେ ଯଥାର୍ଥ ଅଧ୍ୟୟନର ସ୍ପୃହା ଓ ଜ୍ଞାନାର୍ଜନର ଅକ୍ଳାନ୍ତ ପ୍ରୟାସ ଜାଗ୍ରତ୍ କରାଇପାରିବ ।

ଏହି ରୂପେ ସ୍ୱଭାବତଃ ବିକାଶର ଦ୍ୱିତୀୟ ସ୍ତର ଆସିଯାଉଛି ଯେଉଁଥିରେ ମନ ଆପେ ଆପେ ପ୍ରସାରିତ ଓ ସମୃଦ୍ଧ ହେବ ।

ଶିଶୁର ବିକାଶ ସଙ୍ଗେ ସଙ୍ଗେ ତାକୁ ଦେଖାଇଦେବା ଉଚିତ ଯେ କିପରି ଯଥାର୍ଥ ଭାବରେ ଜିନିଷଟିକୁ ଗ୍ରହଣକଲେ ତାହା ଅଧ୍ୟୟନ ନିମନ୍ତେ ଚିତ୍ତାକର୍ଷକ ହୋଇଉଠେ । ଜୀବନର ପ୍ରତ୍ୟେକଟି ଦିନ, ପ୍ରତ୍ୟେକଟି କ୍ଷଣ ହେଉଛି ଶ୍ରେଷ୍ଠ ଶିକ୍ଷାସ୍ଥଳ – ଏହା ବିବିଧ ଜଟିଳ, ସମୃଦ୍ଧିଶାଳୀ ଅଭୂତପୂର୍ବ ଅଭିଜ୍ଞତା, ସମାଧାନ ନିମିତ୍ତ ଅପେକ୍ଷମାଣ ସମସ୍ୟା, ସୁସ୍ପଷ୍ଟ ବଳିଷ୍ଠ ଉଦାହରଣ ଏବଂ ଯଥାଯଥ କ୍ରମବଦ୍ଧ ଘଟଣାରେ ପରିପୂର୍ଣ୍ଣ । ଶିଶୁମାନଙ୍କ ସୁପ୍ତ କୌତୂହଳ ଜାଗ୍ରତ୍ କରିବା ସହଜ ହୁଏ ଯଦି ସେମାନଙ୍କର ଅସଂଖ୍ୟ ପ୍ରଶ୍ନାବଳିର ସରଳ, ପରିଷ୍କାର ଓ ସୁବୋଧ ଉତ୍ତର ଦେଇପାର । ଗୋଟିଏ କୌତୂହଳପୂର୍ଣ୍ଣ ଉତ୍ତର ସଙ୍ଗରେ ଆସେ ଆହୁରି ଅନେକ ସଦୁତ୍ତର; ଏହିଭାବେ ଶିଶୁର ମନୋଯୋଗ ଆକୃଷ୍ଟ ହୁଏ ଏବଂ ଏହା ଫଳରେ ସେ ବିଦ୍ୟାଳୟଠାରୁ ବହୁତ ବେଶୀ ଶିଖେ । ପାଠ୍ୟକ୍ରମ ସମ୍ପର୍କରେ ଏକ ସଯତ୍ନ ଓ ବୁଦ୍ଧିମାନ୍ ନିର୍ବାଚନ ଶିଶୁ ଭିତରେ ସୁସ୍ଥ ଅଧ୍ୟୟନ-ରୁଚି ଜାଗ୍ରତ୍ କରେ ଏବଂ ତାହା ହୁଏ ଏକାଧାରରେ ଶିକ୍ଷାପ୍ରଦ ତଥା ଆକର୍ଷଣୀୟ । କେବେ ବି ସେହିସବୁ ଜିନିଷକୁ ଡରିବ ନାହିଁ ଯାହା ଶିଶୁର କଳ୍ପନାକୁ ଜାଗ୍ରତ୍ କରାଏ ଓ ତୃପ୍ତିଦିଏ; କଳ୍ପନାହିଁ ସୃଜନକ୍ଷମ ମାନସିକ ବୃତ୍ତି ଏବଂ ତାହାରିଦ୍ୱାରାହିଁ ଅଧ୍ୟୟନ ପ୍ରାଣବନ୍ତ ହୁଏ ଏବଂ ମନ ଆନନ୍ଦରେ ବିକଶିତ ହୁଏ ।

ମନର ନମନୀୟତା ଏବଂ ବିଶାଳତା ବଢ଼ାଇବାକୁ ଯାଇ କେବଳ ବିଷୟବସ୍ତୁର ସଂଖ୍ୟା ଏବଂ ବୈଚିତ୍ର୍ୟ ଦେଖିଲେ ଚଳିବ ନାହିଁ; ଲକ୍ଷ୍ୟ ଦେବାକୁ ହେବ ସେହି ଏକହିଁ ବିଷୟ କେତେ ଦିଗରୁ ଓ କେତେ ପ୍ରକାରରେ ଦେଖା ଯାଇପାରେ । ଏହା ଫଳରେ ଶିଶୁ ବୁଝିବାକୁ ଶିଖିବ ଯେ ଏକହିଁ ମାନସିକ ପ୍ରଶ୍ନର ନାନା ପ୍ରକାରରେ ସମ୍ମୁଖୀନ ହେବାକୁ ପଡ଼େ, ଆଲୋଚନା କରାଯାଏ, ସମାଧାନ କରାଯାଏ । ଏହା ଫଳରେ ସକଳ ପ୍ରକାର କଠୋରତାରୁ ମନ ମୁକ୍ତ ହୋଇଯିବ, ଚିନ୍ତା ହେବ ଆହୁରି ବହୁମୁଖୀ ଏବଂ ବିଚିତ୍ର, ଗୋଟିଏ ଉର୍ଦ୍ଧ୍ୱତର ଓ ବ୍ୟାପକତର ସମନ୍ୱୟ ସକାଶେ ସେ ପ୍ରସ୍ତୁତ ହୋଇପାରିବ । ଆହୁରି ମଧ୍ୟ ଏହି ଉପାୟରେ ଶିଶୁ ବୁଝିପାରିବ ଯେ ମାନସିକ ଜ୍ଞାନର ମୂଲ୍ୟ ଏକେବାରେ ଆପେକ୍ଷିକ, କ୍ରମେ କ୍ରମେ ତା'ମଧ୍ୟରେ ଜ୍ଞାନର ସତ୍ୟତର ଉତ୍ସର ଆବିଷ୍କାର ସକାଶେ ଅଭୀପ୍ସା ଜାଗ୍ରତ୍ ହେବ ।

ବସ୍ତୁତଃ ଶିଶୁର ବିଦ୍ୟାଭ୍ୟାସରେ ଅଗ୍ରଗତି ଓ ବୟସବୃଦ୍ଧି ସଙ୍ଗେ ସଙ୍ଗେ ମନ ଅଧିକ ପରିପକ୍ୱ ହୁଏ ଓ ବ୍ୟାପକତର ତତ୍ତ୍ୱଗୁଡ଼ିକୁ ଅଧିକାଧିକ ହୃଦୟଙ୍ଗମ କରିବାକୁ ସମର୍ଥ ହୁଏ । ତହିଁ ସଙ୍ଗେ ସଙ୍ଗେ ଦେଖାଦିଏ ନିଶ୍ଚୟାତ୍ମକ ବୁଦ୍ଧିର ପ୍ରୟୋଜନୀୟତା, ଦରକାର ହୁଏ ଜ୍ଞାନର ଏକ ଅଟଳ ଭିତ୍ତି ଯାହା ଉପରେ ମନର ଏପରି ସଂଗଠନ ନିର୍ମିତ ହୋଇପାରେ ଯାହାକି ମସ୍ତିଷ୍କ ମଧ୍ୟରେ ସଞ୍ଚିତ ବିଚିତ୍ର, ବିକ୍ଷିପ୍ତ, ଏପରିକି ବିରୋଧୀ ଭାବନାସବୁକୁ ମଧ୍ୟ ଶୃଙ୍ଖଳିତ ଓ ସୁସଜ୍ଜିତ କରିପାରେ । ଚିନ୍ତା-ରାଜ୍ୟରେ ବିଶୃଙ୍ଖଳା ଦୂରକରିବାକୁ ଏହି ସୁନିୟନ୍ତ୍ରଣର ବିଶେଷ ପ୍ରୟୋଜନ ରହିଛି । ପରସ୍ପର ବିରୋଧୀ ଚିନ୍ତାସବୁ ରୂପାନ୍ତରିତ ହୋଇ ଏକ ଅନ୍ୟର ପରିପୂରକ ହୋଇପାରେ, ତେବେ ସେଥି ସକାଶେ ଏପରି ଏକ ଉର୍ଦ୍ଧ୍ୱତର ଭାବ ଆବିଷ୍କାର କରିବାକୁ ହେବ, ଯେଉଁଥିରେ ସେସବୁକୁ ସମନ୍ୱୟ ମୂଳକଭାବେ ମିଳାଇ ରଖିବା ସମ୍ଭବ ହେବ । ପକ୍ଷପାତିତ୍ୱ ଓ ଏକଦେଶଦର୍ଶିତା କବଳରୁ ମୁକ୍ତ

ହେବାକୁ ହେଲେ ଯେତେଦୂର ସମ୍ଭବ ସବୁ ସମସ୍ୟାକୁ ସବୁ ଦିଗରୁ ଦେଖିବାକୁ ଶିଖିବା ଭଲ; ସେହି ଚିନ୍ତାସବୁକୁ ସକ୍ରିୟ ଓ ସୃଜନକ୍ଷମ କରିବାକୁ ହେଲେ ପ୍ରତ୍ୟେକ କ୍ଷେତ୍ରରେ ସେ ଯେତେ ଦିଗରୁ ଦେଖୁ ନା କାହିଁକି ସବୁଗୁଡ଼ିକର ସମନ୍ୱୟ ସାଧନ କରିବାକୁ ହେବ ଏକ ସ୍ୱାଭାବିକ ଓ ଯୁକ୍ତିସଂଗତ ଭାବରେ । ଯଦି ତୁମର ସମଗ୍ର ଚିନ୍ତାକୁ ଏକ ସୃଜନଶୀଳ ଓ ଗତିଶୀଳ ଶକ୍ତିରେ ପରିଣତ କରିବାକୁ ଚାହଁ, ତେବେ ତୁମକୁ ଖୁବ୍ ଯତ୍ନର ସହିତ ବାଛିନେବାକୁ ହେବ ତୁମର ମାନସିକ ସମନ୍ୱୟର କେନ୍ଦ୍ରୀୟ ବିଚାରକୁ; କାରଣ ତାହାରି ଉପରେହିଁ ନିର୍ଭର କରୁଛି ତୁମର ସମନ୍ୱୟ-ସାଧନର ମୂଲ୍ୟ । କେନ୍ଦ୍ରଗତ ଭାବ ହେବ ଯେତେ ଉଚ୍ଚତର ଏବଂ ବ୍ୟାପକତର, ଏବଂ ଦେଶକାଳକୁ ଅତିକ୍ରମ କରି ଯେତେ ଅଧିକ ବିଶ୍ୱଜନୀନ ହେବ, ତେତେହିଁ ବହୁସଂଖ୍ୟକ ଜଟିଳ ଭାବନା, ଧାରଣା ଓ ବିଚାରସବୁକୁ ସୁବ୍ୟବସ୍ଥିତ ଓ ସୁସମଞ୍ଜସ କରିବାକୁ ତାହା ସମର୍ଥ ହେବ ।

କହିବା ବାହୁଲ୍ୟ ଯେ ଏହି ଗଠନର କାର୍ଯ୍ୟ ଏକ ନିମିଷରେ କରାଯାଏ ନାହିଁ । ନିଜର ସାମର୍ଥ୍ୟ ଓ ତାରୁଣ୍ୟ ରକ୍ଷାକରିବାକୁ ହେଲେ ମନକୁ ନିରନ୍ତର ଉନ୍ନତ କରିବାକୁ ହେବ, ନୂତନ ଜ୍ଞାନସକଳର ଆଲୋକରେ ପୁରାତନ ଧାରଣାକୁ କଷିନେବାକୁ ହେବ । ପୁରାତନ ଧାରଣାର ସୀମାକୁ ବିସ୍ତୃତ କରିଦେଇ ନୂତନ ଚିନ୍ତା ଗ୍ରହଣକରିବାକୁ ହେବ, ଅର୍ଥାତ୍ ଚିନ୍ତାକୁ ପୁଣି ସଜାଡ଼ିବାକୁ ହେବ, ପୁନର୍ଗଠିତ କରିବାକୁ ହେବ ଯେପରିକି ପ୍ରତ୍ୟେକେ ପରସ୍ପର ସଙ୍ଗେ ମିଳିମିଶି ସେମାନଙ୍କର ଯଥାର୍ଥ ସ୍ଥାନ ପା'ନ୍ତି, ଏବଂ ସମଗ୍ର ଜିନିଷଟି ହୋଇଉଠେ ସୁସମ୍ବନ୍ଧିତ ଓ ସୁଶୃଙ୍ଖଳିତ ।

ଯାହାସବୁ କୁହାଗଲା, ତାହା ବିଚାରଶୀଳ ମନ ସମ୍ବନ୍ଧେ,– ଯେଉଁ ମନର ଧର୍ମ ହେଉଛି ଜ୍ଞାନାର୍ଜନ; କିନ୍ତୁ ଜ୍ଞାନାର୍ଜନ ମାନସିକ କ୍ରିୟାର ଏକ ଦିଗ ମାତ୍ର; ଅନ୍ତତଃ ସମାନ ପ୍ରୟୋଜନୀୟ ଅନ୍ୟ ଦିଗଟି ହେଉଛି ନିର୍ମାଣର ବୃତ୍ତି, ଯାହାକି ରୂପଦେବାର ଏବଂ ପରିଣାମରେ କର୍ମ ପାଇଁ ପ୍ରସ୍ତୁତ କରାଇବାର କ୍ଷମତା ରହିଛି । ମାନସିକ କ୍ରିୟାର ଏହି ଦିଗଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ହେଲେ ସୁଦ୍ଧା କ୍ୱଚିତ୍ ଏହାର ସଯତ୍ନ ଅଧ୍ୟୟନ ଓ ଅନୁଶୀଳନ କରାହୋଇଛି । ଯେଉଁମାନେ କୌଣସି ବିଶେଷ ଉଦ୍ଦେଶ୍ୟରେ ମନର ବୃତ୍ତି ଉପରେ କଠୋର ନିୟନ୍ତ୍ରଣ ଆଣିବାକୁ ଚାହାନ୍ତି, କେବଳ ସେହିମାନେହିଁ ଏହି ରଚନାତ୍ମକ ବୃତ୍ତିକୁ ପର୍ଯ୍ୟବେକ୍ଷଣ ଓ ସୁନିୟନ୍ତ୍ରଣ କରିବାର କଥା ଭାବନ୍ତି । କିନ୍ତୁ ଏହି ଚେଷ୍ଟାକରିବା ମାତ୍ରେ ସେମାନେ ସମ୍ମୁଖରେ ଦେଖନ୍ତି ପ୍ରାୟ ଅଲଂଘ୍ୟ ବିପୁଳ ବାଧାସବୁ ।

ତଥାପି ମନର ଏହି ଗଠନାତ୍ମକ କ୍ରିୟା ଉପରେ ସଂଯମ ସ୍ଥାପନକରିବା ଆତ୍ମ-ଶିକ୍ଷାର ଏକ ଅତି ମହତ୍ତ୍ୱପୂର୍ଣ୍ଣ ଦିଗ । କୁହାଯାଇପାରେ ଏହା ବ୍ୟତୀତ ମନ ଉପରେ ପ୍ରଭୁତ୍ୱ ପ୍ରାପ୍ତ-ହେବା ସମ୍ଭବ ନୁହେଁ । ଶିକ୍ଷା ଦିଗରୁ ଦେଖିଲେ ସବୁ ପ୍ରକାର ବିଚାରକୁ ଗ୍ରହଣଯୋଗ୍ୟ ଓ ସମନ୍ୱୟର ଅନ୍ତର୍ଭୁକ୍ତ କରିବା ଉଚିତ, କାରଣ ସମନ୍ୱୟର ଉଦ୍ଦେଶ୍ୟ ହେଉଛି ଏହା ଯେପରି ଅଧିକରୁ ଅଧିକ ସମୃଦ୍ଧତର ଓ ଜଟିଳତର ହୁଏ; କିନ୍ତୁ କର୍ମକ୍ଷେତ୍ରରେ ଆବଶ୍ୟକ ଏହାର ଠିକ୍ ବିପରୀତ । ଯେଉଁ ବିଚାରକୁ ସ୍ୱୀକାର କରି କାର୍ଯ୍ୟରେ ରୂପଦେବାକୁ ହେବ, ସେ ସମ୍ପର୍କରେ କଠୋର ସଞ୍ଜମ ସ୍ଥାପନ କରିବାକୁ ହେବ । ମାନସ-ସମନ୍ୱୟର ଆଧାରୀଭୂତ କେନ୍ଦ୍ରୀୟ ବିଚାର ସଙ୍ଗେ ଯେଉଁ ଭାବସବୁ ମେଳରଖି ଚାଲିବେ, କେବଳ ସେହିସବୁ ଭାବକୁ କାର୍ଯ୍ୟରେ ଅଭିବ୍ୟକ୍ତ ହେବାକୁ ଦେବା ଉଚିତ । ଏହାର ଅର୍ଥ ହେଉଛି ଯେଉଁ ବିଚାର ମାନସ ଚେତନାରେ ପ୍ରବେଶ କରିବ ତାହାକୁ କେନ୍ଦ୍ରୀୟ ବିଚାର ସମ୍ମୁଖରେ ଆଣି ରଖିବାକୁ ହେବ । ଇତି ମଧ୍ୟରେ ଯେଉଁସବୁ ଚିନ୍ତାକୁ ଗ୍ରହଣ ଓ ଏକତ୍ରିତ କରାଯାଇଛି, ଏହି ଚିନ୍ତା ଯଦି ସେଥିରେ ଯଥାର୍ଥ ସ୍ଥାନ ପାଏ ତେବେ ମାନସ-ସମନ୍ୱୟ ଭିତରକୁ ତାକୁ ଗ୍ରହଣ କରାଯିବ; ତା'ନହେଲେ ତାକୁ ବାହାରେ ଫୋପାଡ଼ି ଦେବାକୁ ହେବ, ଯେପରିକି କର୍ମ ଉପରେ ତାହାର କୌଣସି ପ୍ରଭାବ ଆସି ନପଡ଼େ । କର୍ମ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଆଣିବାକୁ ହେଲେ ମନଃଶୁଦ୍ଧିର ଏହି ପ୍ରକ୍ରିୟା ଖୁବ୍ ନିୟମିତରୂପେ ଅଭ୍ୟାସ କରିବାକୁ ହେବ ।

ଏହି ଉଦ୍ଦେଶ୍ୟରେ ପ୍ରତ୍ୟହ କିଛି ସମୟ ରଖିବା ଭଲ ଯେତେବେଳେ କି ନୀରବରେ ସବୁଚିନ୍ତାକୁ ଦେଖାଯାଏ ଏବଂ ନିଜର ବିଚାର-ସମନ୍ୱୟକୁ ଶୃଙ୍ଖଳିତ ଓ ସୁସମ୍ବନ୍ଧିତ କରାଯାଏ । ଅଭ୍ୟାସ ଥରେ ଆୟତ୍ତ ହୋଇଗଲେ କାର୍ଯ୍ୟ ମଧ୍ୟରେ ବି ତୁମ ଚିନ୍ତାବଳି ଉପରେ ତୁମେ ଆୟତ୍ତ ଓ ସଂଯମ ରଖିପାରିବ ଏବଂ ତୁମର କାର୍ଯ୍ୟ ପକ୍ଷରେ ଯେଉଁସବୁ ଚିନ୍ତା ପ୍ରୟୋଜନୀୟ ନୁହେଁ ସେସବୁ ଚିନ୍ତା ଉଠି ଆସିପାରିବ ନାହିଁ । ବିଶେଷତଃ ଏକାଗ୍ରତା ଓ ମନୋଯୋଗର ସାମର୍ଥ୍ୟ ଯଦି ନିରନ୍ତର ଅଭ୍ୟାସ କରାଯାଏ, ତେବେ ବାହାର ଚେତନାରେ କେବଳ ପ୍ରୟୋଜନୀୟ ଚିନ୍ତାବଳି ସ୍ଥାନ ପାଇବ ଏବଂ ଫଳରେ ସେସବୁ ହୋଇଉଠିବ ଅଧିକତର ସକ୍ରିୟ ଓ ଅଧିକତର ଫଳପ୍ରଦ । ଆହୁରି ଯଦି ଏକାଗ୍ରତାକୁ

ଏପରି ତୀବ୍ର କରାଯାଏ, ଯେତେବେଳେ କୌଣସି ପ୍ରକାର ଚିନ୍ତା ନକରି ଚିନ୍ତାଶୂନ୍ୟ ହେବା ଆବଶ୍ୟକ ହୁଏ, ତେବେ ମନର ସକଳ ସ୍ପନ୍ଦନକୁ ବନ୍ଦ କରିଦେଇ ଏକ ଅଖଣ୍ଡ ନୀରବତାରେ ପହଞ୍ଚିହେବ । ଏହି ନୀରବତାରେ ଜଣେ ନିଜକୁ ଧୀରେ ଧୀରେ ଊର୍ଦ୍ଧ୍ୱତର ମାନସ ଲୋକସମୂହ ଆଡ଼କୁ ଖୋଲିପାରେ ଏବଂ ଯେଉଁସବୁ ପ୍ରେରଣା ସେଠାରୁ ଆସେ ସେସବୁକୁ ଲିପିବଦ୍ଧ କରିବାକୁ ଶିଖିପାରେ ।

କିନ୍ତୁ ଏହି ଅବସ୍ଥା ପ୍ରାପ୍ତହେବା ଆଗରୁ ବି ନିଶ୍ଚଳ ନୀରବତାର ନିଜସ୍ୱ ଉପଯୋଗିତା ରହିଛି । ଯେଉଁମାନଙ୍କର ମନ କିଛି ବିକଶିତ ଓ ସକ୍ରିୟ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ମନକୁ ବିଶ୍ରାମଦେବାକୁ ଜାଣନ୍ତି ନାହିଁ । ଦିନବେଳେ ଏହି ମନର କ୍ରିୟା ଉପରେ କିଛି ସଂଯମ ଥାଏ; କିନ୍ତୁ ରାତ୍ରିରେ ଶରୀର ନିଦ୍ରିତ ହୋଇ ପଡ଼ିଲେ ଜାଗ୍ରତ୍ ଅବସ୍ଥାର ସଂଯମ ଲେଶମାତ୍ର ରହେ ନାହିଁ । ମନ ଅତ୍ୟନ୍ତ କ୍ରିୟାଶୀଳ ହୋଇପଡ଼େ ଏବଂ ସମସ୍ତ କ୍ରିୟା ପ୍ରାୟ ଅସମ୍ବନ୍ଧିତ ହୁଏ । ଏହି କାରଣରୁ ମନରେ ନାନା ଉତ୍ତେଜନା ସୃଷ୍ଟି ହୁଏ ଓ ଶେଷରେ ଆସେ କ୍ଳାନ୍ତି ଏବଂ ମାନସିକ ଶକ୍ତିର ହ୍ରାସ ।

ଯଥାର୍ଥ ବିଷୟ ହେଉଛି ମାନବ-ଆଧାରର ଅନ୍ୟସବୁ ଅଂଶପରି ମନର ବି ବିଶ୍ରାମ ଆବଶ୍ୟକ ଏବଂ ଏହି ବିଶ୍ରାମ ସେ ପାଏ ନାହିଁ ଯେପର୍ଯ୍ୟନ୍ତ ଆମ୍ଭେମାନେ ଜାଣୁ ନାହିଁ ଯେ ତାହା କିପରି ଦିଆଯାଏ । ମନକୁ ବିଶ୍ରାମଦେବାର କଳା ଶିଖିବାକୁ ହେବ । ଗୋଟିଏ ଉପାୟ ହେଉଛି ମନର କାର୍ଯ୍ୟର ପରିବର୍ତ୍ତନ, କିନ୍ତୁ ସବୁଠାରୁ ଭଲ ବିଶ୍ରାମ ହେଉଛି ନୀରବତା । ମନର ବୃତ୍ତିସମୂହର କ୍ଷେତ୍ରରେ ବହୁ ଘଣ୍ଟାବ୍ୟାପୀ ନିଦ୍ରାଠାରୁ କେତେ ମିନିଟ୍ ନିସ୍ତବ୍ଧ ନୀରବତା ଦ୍ୱାରା ଅଧିକ ବିଶ୍ରାମ ମିଳେ ।

ଯେବେ ଇଚ୍ଛାନୁସାରେ ମନକୁ ନୀରବ କରିପାର, ଗ୍ରହଣଶୀଳ ନୀରବତା ମଧ୍ୟରେ ତାକୁ ଏକାଗ୍ର କର, ତେବେ ଏପରି କୌଣସି ସମସ୍ୟା ରହିବ ନାହିଁ ଯାହାରକି ସମାଧାନ ହୋଇନପାରେ, ଏପରି କୌଣସି ମାନସିକ ବାଧାବିଘ୍ନ ରହିବ ନାହିଁ ଯାହାକୁ ଦୂରକରାଯାଇ ନପାରେ । ଉତ୍ତେଜନା ମଧ୍ୟରେ ଚିନ୍ତା ବିଶୃଙ୍ଖଳ ଓ ଅକ୍ଷମ ହୋଇଯାଏ । ସଜାଗ ନିସ୍ତବ୍ଧତା ମଧ୍ୟରେ ଜ୍ୟୋତିଃ ନିଜକୁ ପ୍ରକାଶକରେ ଏବଂ ମନୁଷ୍ୟର ନୂତନ ନୂତନ ସାମର୍ଥ୍ୟର ସମ୍ଭାବନା ଖୋଲିଦିଏ ।

*

ମାନସିକ ଶିକ୍ଷାର ବିକାଶ ନିମନ୍ତେ ମାତାପିତା, ଶିକ୍ଷକ ଓ ସମାଜର ନିଶ୍ଚୟ କିଛି ଭୂମିକା ରହିଛି । କିନ୍ତୁ ଏହି ଭୂମିକା କୌଣସି ପ୍ରକାର ବାହ୍ୟ ଚାପ ଦେଇ ସମ୍ଭବ ହୋଇପାରିବ ନାହିଁ । ଶିଶୁ ବା ଛାତ୍ରର ଶିକ୍ଷା-ଗ୍ରହଣର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖି ଏମାନେ ଛାତ୍ରର ମାନସିକ ବିକାଶରେ କେବଳ ସହାୟକ ହେବେ– କୌଣସି ପ୍ରକାର ବାଧବାଧକତା କିଂବା ତାହାର ସ୍ୱାଧୀନ ଶିକ୍ଷା-ଗ୍ରହଣର ପ୍ରତିବନ୍ଧକଭାବେ ଦଣ୍ଡାୟମାନ ନହୋଇ । ଏହି ମର୍ମରେ ଶ୍ରୀଅରବିନ୍ଦ କହନ୍ତି :

''But the teacher cannot do it; he would eradicate the good corn as well as the tares if he interfered. Here, as in all educational operations, he can only put the growing soul into the way of its own perfection.''

(CWSA, p. 388)

ଅର୍ଥାତ୍, ''କିନ୍ତୁ ଶିକ୍ଷକ ନିଜେ ଏହା କରିପାରିବେ ନାହିଁ । ସେ ଯଦି ଏଥିରେ ହସ୍ତକ୍ଷେପ କରନ୍ତି ତେବେ ଶସ୍ୟକ୍ଷେତ୍ରରୁ ବାଲୁଙ୍ଗା ବାଛିବା ସଙ୍ଗେ ସଙ୍ଗେ ଯାହା ଉତ୍ତମ ଶସ୍ୟ ତାହାକୁ ମଧ୍ୟ ନିର୍ମୂଳ କରିଦେବେ । ସକଳ ଶିକ୍ଷାବିଷୟକ କାର୍ଯ୍ୟସାଧନ ସଦୃଶ ଏଠାରେ ମଧ୍ୟ ଶିକ୍ଷକ ଅନ୍ୟକିଛି ନକରି କେବଳ ଶିଶୁର ବିକାଶଶୀଳ ଆତ୍ମାକୁ ତାହାର ସ୍ୱକୀୟ ପୂର୍ଣ୍ଣତାର ପଥରେ ନେଇ ପହଞ୍ଚାଇଦେବେ ।''

– ଶ୍ରୀଅରବିନ୍ଦ

(କ୍ରମଶଃ) ✥

# ପ୍ରଣମେ ପଦାରବିନ୍ଦେ

**ଶ୍ରୀ ବିମଳ ପ୍ରସନ୍ନ ଦାସ**

ଇଂରାଜୀ ଭାଷାର ଅନ୍ୟତମ ପ୍ରଖ୍ୟାତ କବି ଉଇଲିଅମ୍ ବ୍ଲେକ୍ ତାଙ୍କର ଏକ କବିତାରେ ଲେଖିଥିଲେ :

''To see the world in a grain of sand and
Heaven in a wild flower,
Hold infinity in the palms and
Eternal in an hour.''

ଅର୍ଥାତ୍ ଧୂଳିକଣାରେ ଯଦି ସମଗ୍ର ବିଶ୍ୱକୁ ପ୍ରତ୍ୟକ୍ଷ କରି ହୁଅନ୍ତା, ବଣଫୁଲଟିଏ ଭିତରେ ଯଦି ସ୍ୱର୍ଗର ସୁଷମାକୁ ଦେଖି ହୁଅନ୍ତା, ତେବେ ଅସୀମଙ୍କୁ ହାତମୁଠାରେ ଧରିବା ସମ୍ଭବ ହୁଅନ୍ତା ଏବଂ ଶାଶ୍ୱତଙ୍କୁ ଗୋଟିଏ ମୁହୂର୍ତ୍ତ ଭିତରେ ଉପଲବ୍ଧି କରି ହୁଅନ୍ତା ।

ଏପରି ଏକ ବିରଳ ଉପଲବ୍ଧି ପ୍ରାପ୍ତ ହେଲେ ହୁଏତ ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ହୋଇପାରେ । ଏହି ଅବସରରେ ଦିବ୍ୟଜନନୀ ଶ୍ରୀମାଙ୍କ ଅନୁରୂପ ଉକ୍ତି ସ୍ମରଣରେ ଆସେ, ''Who can understand Sri Aurobindo ? He is as vast as the universe and his teaching is limitless...'' (MCW, Vol. 16, p. 309) ଅର୍ଥାତ୍, ''ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ? ସେ ବିଶ୍ୱଭଳି ବିଶାଳ, ଅସୀମ ତାଙ୍କର ଶିକ୍ଷା । ଯଥାର୍ଥରେ ସୀମାହୀନ ତାଙ୍କର ଦୃଷ୍ଟି ଓ ଦର୍ଶନର ଦିଗନ୍ତ ।...''

ଅନ୍ୟ ପକ୍ଷରେ ଶ୍ରୀମାଙ୍କ ସମ୍ପର୍କରେ ପରମପ୍ରଭୁ ଶ୍ରୀଅରବିନ୍ଦ ଲେଖିଛନ୍ତି ।

''Love in her was wider than the universe,
The whole world could take refuge
in her single heart.''
(Savitri p.15)

ଅର୍ଥାତ୍,

''ବିଶ୍ୱଠୁ ବିଶାଳତର ପ୍ରେମ ତାଙ୍କ ମଧ୍ୟେ,
ଏକଇ ହୃଦୟ ତାଙ୍କ ଦେଇପାରେ
ସାରା ଜଗତେ ଆଶ୍ରୟ ।''

ଅପୂର୍ବ ଏ ପରସ୍ପରର ଦିବ୍ୟବିନ୍ୟାସ ! ସୀମିତ, ସଂକୀର୍ଣ୍ଣ ମାନୁଷୀ ମନ ପାଇଁ କେବଳ ସେ ଏକ ବ୍ୟାଖ୍ୟାତୀତ ବିସ୍ମୟ – ଏକ ଯୁଗାନ୍ତକାରୀ ଚେତନା । ବାସ୍ତବତଃ ସେ ଏକ କ୍ରାନ୍ତିର ଦିଗନ୍ତ । ସ୍ଥାନ, କାଳ, ପାତ୍ରର ଅଧୀନ ସେ ନୁହନ୍ତି । ଏକାଧାରରେ ସେ ବିଶ୍ୱଗତ ଓ ବିଶ୍ୱାତୀତ, ପରଂବ୍ରହ୍ମ, ପରମାତ୍ମା ବା ଭଗବାନ୍ କହିଲେ ସାଧାରଣତଃ ଯାହା ମଣିଷ ବୁଝେ ସେ ତା' ବି ନୁହନ୍ତି । ଯୌଗିକ ପରଂପରାରେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ, ନାନକ, ଶିବାନନ୍ଦ, ଯୋଗାନନ୍ଦ ଏବଂ ସ୍ୱାମୀ ବିବେକାନନ୍ଦ ପ୍ରଭୃତି ଯେତେ ଅବତାର ଓ ସିଦ୍ଧ ସାଧକ ତଥା ମହାପୁରୁଷମାନଙ୍କର ପ୍ରବାଦ ଓ ପ୍ରବଚନ ରହିଛି, ଶ୍ରୀଅରବିନ୍ଦ ସେଥିରେ ଆଉ ଏକ ସଂଯୋଜନ ନୁହନ୍ତି । ବିଶ୍ୱାସ ଓ ବାସ୍ତବତା, ଈଶ୍ୱର ଓ ସଂସାର ମଧ୍ୟରେ ଯୁଗ ଯୁଗ ଧରି ରହିଆସିଥିବା ଦ୍ୱନ୍ଦ୍ୱ ଏବଂ ସଂଘାତର ସେ ଜଣେ ସାର୍ଥକ ସଂଯୋଜକ । ଉଭୟର ଅଭୂତପୂର୍ବ ସମନ୍ୱୟ ସେ କରିଛନ୍ତି ତାଙ୍କ କାଳଜୟୀ କୃତି ''ଦିବ୍ୟ ଜୀବନ ଗ୍ରନ୍ଥ'' ଓ ପ୍ରେମ ଓ ମୃତ୍ୟୁର ମହାକାବ୍ୟ ''ସାବିତ୍ରୀ''ରେ । ସେହିପରି ଅନ୍ୟ ରଚନାବଳୀ ମଧ୍ୟରେ ''ଯୋଗସମନ୍ୱୟ''(The Synthesis of Yoga), ''ମାନବ ଯୁଗଚକ୍ର''(The Human Cycle), ''ଭାରତୀୟ ସଂସ୍କୃତିର ମୂଳାଧାର''(The Foundation of Indian Culture), ବେଦ, ଉପନିଷଦ୍ ଏବଂ ''ଗୀତା ନିବନ୍ଧମାଳା''(Essays on Gita), ''ଯୋଗ ପତ୍ରାବଳୀ'' (Letters on Yoga)ଆଦି ସ୍ୱତନ୍ତ୍ର ଆସନ ଦାବି କରେ ।

କେତେକ ସମାଲୋଚକଙ୍କ ମତରେ ଗୀତାରେ ଯାହା କୁହାଯାଇଛି ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାହିଁ ଅଭିବ୍ୟକ୍ତ । ଗୀତା ଯୋଗରେ ଏବଂ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଅବଶ୍ୟ କେତେକ ସାମଞ୍ଜସ୍ୟ ରହିଛି । ମାତ୍ର ପୂର୍ଣ୍ଣ ସାମଞ୍ଜସ୍ୟ ନାହିଁ କାରଣ ଗୀତାର ଯୋଗ ଯେଉଁଠି ଶେଷ ହୋଇଛି, ଶ୍ରୀଅରବିନ୍ଦଙ୍କ ଯୋଗର ଆରମ୍ଭହିଁ ସେହିଠାରେ । ମଣିଷ ଜୀବନର ଉଦ୍ଦେଶ୍ୟ ସମ୍ପର୍କରେ ଉଭୟ ଗୀତାର ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ଅଭିନ୍ନ । ଉଭୟ ମତରେ ମଣିଷ ଜୀବନର ଲକ୍ଷ୍ୟ ନୁହେଁ କେବଳ ଖାଇ, ପିଇ, ଶୋଇ ପଶୁଟିଏ ପରି ବଂଶ ବିସ୍ତାର କରି ମରିବା ଓ ପୁଣି ଜନ୍ମ ହୋଇ ସେହି ଧାରାର ପୁନରାବୃତ୍ତି କରିବା । ମଣିଷ ଜୀବନର ଏକ ବିଶେଷ ଉଦ୍ଦେଶ୍ୟ ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଛି । ଗୀତା ଓ ଶ୍ରୀଅରବିନ୍ଦଙ୍କ ଯୋଗ ସଂସାର ତ୍ୟାଗକୁ

ଗ୍ରହଣ କରି ନାହିଁ । ସଂସାର ଭିତରେ ରହି, ସଂସାର ଜଞ୍ଜାଳକୁ ବହନକରି ସାଧନା କରିବା ଉଭୟଙ୍କର ନିର୍ଦ୍ଦେଶ । ଏପରିକି ଯୁଦ୍ଧକ୍ଷେତ୍ରରେ ମଧ୍ୟ ସାଧନା କରିବାକୁ ହେବ । ଶ୍ରୀଅରବିନ୍ଦ ସ୍ଥୂଳ ବାସ୍ତବତା ନିହିତ ଚେତନାକୁ ଅସାର, ଅଳୀକ ଅଥବା ମାୟା ବୋଲି ଘୋଷଣା କରି ନାହାନ୍ତି । ସେ ପ୍ରଶ୍ନ ମଧ୍ୟ ଅବାନ୍ତର । ଅତି ବିନମ୍ର ଭାବରେ ସେ ଏତିକି କେବଳ କହିଛନ୍ତି ଯିଏ ବସ୍ତୁ ଜଗତର ତାତ୍ପର୍ଯ୍ୟ ବୁଝିଥିବ ଏବଂ ତା' ସହିତ ନିର୍ବସ୍ତୁ ବା ବସ୍ତୁ ନିରପେକ୍ଷ ଚେତନାର ଜ୍ଞାନ ଆୟତ୍ତ କରିଥିବ, ତା' ପକ୍ଷରେ କେଉଁ ଗୋଟିକ ଅଧିକ ମହାନ୍, ଅଧିକ ସତ୍ୟ ସେ କଥା କହିବା ଅଧିକ ସହଜ ହେବ । ଦୈହିକ ସୁଖ, ପ୍ରାଣଗତ ତୃପ୍ତି ଓ ମାନସିକ ସନ୍ତୋଷ ପ୍ରକୃତ ଆନନ୍ଦର ଏକ ଏକ ବିକୃତ ରୂପ । ଉଭୟ ସୂକ୍ଷ୍ମ ଓ ସ୍ଥୂଳ ବାସ୍ତବତା ସର୍ବୋଚ୍ଚ ମହାଚେତନାର ଅନ୍ତର୍ଭୁକ୍ତ ।

ଶ୍ରୀଅରବିନ୍ଦଙ୍କ ଯୋଗ ଓ ଗୀତାର ଯୋଗ କର୍ମକୁ ସାଧନାର ଏକ ମହାନ୍ ଅଙ୍ଗ ରୂପେ ଗ୍ରହଣ କରିଛନ୍ତି । ସେ କର୍ମ ନିଜ ସ୍ୱାର୍ଥ ଓ ଅହଂକାରର ଚରିତାର୍ଥ ପାଇଁ ନହୋଇ ଭଗବାନଙ୍କ ପାଇଁ ହେବ ଓ ସେ କର୍ମର ଫଳ ତାଙ୍କରି ଚରଣରେ ଅର୍ପଣ କରିବାକୁ ହେବ । ଉଭୟ ଭକ୍ତି ଓ ଜ୍ଞାନକୁ ଗ୍ରହଣ କରିଛନ୍ତି । ସେଥିପାଇଁ ଉଭୟ ତତ୍ତ୍ୱରେ ସମର୍ପଣକୁ ପ୍ରାଧାନ୍ୟ ଦିଆଯାଇଛି । ଯୋଗର ଲକ୍ଷ୍ୟ ଯଦି ଭଗବାନଙ୍କ ପାଦପଦ୍ମରେ ଅର୍ପିତ ହୋଇଯିବା, ତେବେ ସମର୍ପଣହିଁ ସର୍ବୋଚ୍ଚ ମାର୍ଗ ।

ଉପରୋକ୍ତ ସାମଞ୍ଜସ୍ୟ ବ୍ୟତୀତ କେତେକ ମୌଳିକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି । ଶ୍ରୀଅରବିନ୍ଦଙ୍କ ଯୋଗରେ ସବୁକିଛି ଦିବ୍ୟଜନନୀ ଶ୍ରୀମାଙ୍କ ନିକଟରେ ସମର୍ପଣ କରାଯାଏ । ପୂର୍ଣ୍ଣଯୋଗରେ ସମର୍ପଣ ସହିତ ପ୍ରତ୍ୟାଖ୍ୟାନର ପ୍ରାଧାନ୍ୟ ରହିଛି । ଯାହାସବୁ ସମର୍ପଣରେ ଅନ୍ତରାୟ ହୁଏ, ସେସବୁକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ପୂର୍ଣ୍ଣଯୋଗର ପ୍ରଧାନ ଲକ୍ଷ୍ୟ ହେଉଛି ପ୍ରକୃତିର ରୂପାନ୍ତର । ଏହି ରୂପାନ୍ତର ଶକ୍ତି ଅତିମାନସ ଶକ୍ତିରେ ନିହିତ ଯାହାକୁ ଶ୍ରୀଅରବିନ୍ଦ ଦୀର୍ଘ ଚାଳିଶ ବର୍ଷ ତପସ୍ୟା ଫଳରେ ପାର୍ଥିବ ଚେତନାକୁ ଅବତରଣ କରାଇଥିଲେ । ଦିବ୍ୟଜନନୀ ଶ୍ରୀମା ସେହି ଶକ୍ତିର ଅଧିକାରିଣୀ । ଏହି ଅତିମାନସ ରୂପାନ୍ତର ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ବୈଶିଷ୍ଟ୍ୟ ।

ଶ୍ରୀଅରବିନ୍ଦଙ୍କ ଅନୁସୃତ ପୂର୍ଣ୍ଣଯୋଗରେ ସକଳ ଯୋଗର ନିର୍ଯାସ ଅନ୍ତର୍ନିହିତ । ରାଜଯୋଗର ଶୃଙ୍ଖଳା ଓ ଆତ୍ମସଂଯମ, ଜ୍ଞାନଯୋଗର ଧର୍ମଧାରଣା, ଭକ୍ତିଯୋଗର ଆତ୍ମ-ସମର୍ପଣ, କର୍ମଯୋଗର କର୍ମ ନିବେଦନ, ହଠଯୋଗର କାୟାଚର୍ଚ୍ଚା ଓ ତନ୍ତ୍ରଯୋଗର ଶକ୍ତି ଉପାସନା ପୂର୍ଣ୍ଣଯୋଗରେ ସମନ୍ୱିତ ହୋଇଛି । ତାଙ୍କ ପୂର୍ବରୁ ବିଭିନ୍ନ ମହାପୁରୁଷଙ୍କର ଦୃଷ୍ଟି ଓ ଦିଗନ୍ତର ସମନ୍ୱୟହିଁ ପୂର୍ଣ୍ଣଯୋଗର ବିରଳ ସ୍ୱାତନ୍ତ୍ର୍ୟ । ଶ୍ରୀଅରବିନ୍ଦ ବ୍ରହ୍ମ, ଜୀବନ ଓ ଜଗତ୍ – ସବୁକୁ ସତ୍ୟର ସ୍ୱରୂପ ଭାବରେ ପ୍ରତିଷ୍ଠିତ କରିଛନ୍ତି । କାରଣ ଜୀବନ ଓ ଜଗତର ସୃଷ୍ଟି ଆନନ୍ଦରୁ ଓ ସେ ଆନନ୍ଦମୟତା ମଧ୍ୟରେ ତା'ର ବିବର୍ତ୍ତନଶୀଳ ବିକାଶ ହୋଇଥାଏ ଏବଂ ତା'ର ଲକ୍ଷ୍ୟ ନିର୍ବାଣ ନୁହେଁ । ଶ୍ରୀଅରବିନ୍ଦଙ୍କ ସାଧନା କାଳର ପ୍ରାରମ୍ଭରେହିଁ ଶ୍ରୀଅରବିନ୍ଦଙ୍କର ନିର୍ବାଣ ପ୍ରତି ଅନ୍ୱେଷା ନଥାଇ ମଧ୍ୟ ନିର୍ବାଣ ଉପଲବ୍ଧି ତାଙ୍କ ନିକଟରେ ଆପେ ଧରା ଦେଇଥିଲା : "...although in my case I walked into Nirvana without intending it or rather Nirvana walked casually into me..." (11.02.1937) ଥିଲା ତାଙ୍କର ଉକ୍ତି । ତାଙ୍କ ଦିବ୍ୟଦୃଷ୍ଟିରେ ମଣିଷ ଏକ ଅବଗୁଣ୍ଠିତ ଦେବତା । ରୂପାନ୍ତରିତ ମଣିଷଜାତିର ଅଭ୍ୟୁଦୟ ବିବର୍ତ୍ତନର ଚୂଡ଼ାନ୍ତ ଲକ୍ଷ୍ୟ । ଏତିକି ଆଜିର ମଣିଷକୁ ଅଭିମନ୍ତ୍ରିତ କରୁ । ପରିଶେଷରେ :

ତାଙ୍କରି ଉକ୍ତି, ତାଙ୍କରି ଦୀପ୍ତି ସୃଷ୍ଟିର ପ୍ରତିଛନ୍ଦେ
ଶ୍ରୀଅରବିନ୍ଦ ଦିବ୍ୟଜନନୀ ପ୍ରଣମେ ପଦାରବିନ୍ଦେ ।

> ପରମ ସତ୍ୟର ଅଭିମୁଖୀ ହେବା ଲାଗି ବହୁବିଧ ମାର୍ଗ ରହିଛି ଓ ତୁମେ କି ଧରଣର ପଥ ଗ୍ରହଣ କରିଛ ତା'ରି ଉପରେ ନିର୍ଭର କରେ ତୁମ ଚରମ ଅନୁଭୂତିର ପ୍ରକୃତି ଯାହା ବଳରେ ତୁମେ ସେହି ଅନିର୍ବଚନୀୟ ତତ୍ତ୍ୱଙ୍କ ମଧ୍ୟକୁ ପ୍ରବେଶ କରିଥାଅ ।
>
> – ଶ୍ରୀଅରବିନ୍ଦ

## ପୃଥିବୀ-ଚେତନା ପାଇଁ ସାଧନା (୩୬)

# ପଣ୍ଡିଚେରୀ : 'ତପସ୍ୟାର ଗୁହା'

### 'ମନ୍ତ୍ରଦୀକ୍ଷା' ନୁହେଁ, 'ଶକ୍ତି-ସଞ୍ଚାର' :

ନଳିନୀକାନ୍ତ ସରକାରଙ୍କର 'ଆସା-ଯାଓୟା...'ରୁ ଉଦ୍ଧୃତି : ''ସେଇଟି ଥିଲା ବୋଧହୁଏ ୧୯୨୧ର ଫେବ୍ରୁଆରୀ ମାସ । ଆଣ୍ଡାମାନରୁ ନିଷ୍କୃତି ପାଇବା ପରେ ବାରୀନ୍-ଦା ଜାନୁଆରୀ ମାସରେ ପଣ୍ଡିଚେରୀ ଯାଇଥିଲେ, ସେପର୍ଯ୍ୟନ୍ତ ବି ଫେରି ନଥିଲେ । ଉପେନ୍-ଦା ଓ ଅବି-ଦା (ଅବିନାଶ ଭଟ୍ଟାଚାର୍ଯ୍ୟ) – ଦୁଇଜଣହିଁ ପଣ୍ଡିଚେରୀ ଯାଇ ବୁଲି ଆସିଥିଲେ । ଦିନେ ହୃଷି-ଦା (ହୃଷିକେଶ କାଞ୍ଜିଲାଲ୍) ମୋତେ କହିଲେ, 'ପଣ୍ଡିଚେରୀ ଯିବୁ ? ଚାଲ୍ ନା, ଦୁଇଜଣ ଯିବା ।' କହିବା ବାହୁଲ୍ୟ, ମୁଁ ରାଜି ହୋଇଗଲି ।...

''ଆମ ଦୁଇଜଣଙ୍କର ଯିବା ସକାଶେ ପଣ୍ଡିଚେରୀକୁ ଚିଠି ଦେଲୁ । ବାରୀନ୍-ଦା ଉତ୍ତରରେ ଜଣାଇଲେ, 'ସେଜ୍-ଦା'ଙ୍କର ଅନୁମତି ମିଳିଛି ।' – ଦିନେ, ଏକ ଶୁଭ ମୁହୂର୍ତ୍ତରେ ଆମେ ଦୁହେଁ କଲିକତାରୁ ପଣ୍ଡିଚେରୀ ଅଭିମୁଖେ ଯାତ୍ରାରମ୍ଭ କଲୁ । ଏହା ଉଲ୍ଲେଖଯୋଗ୍ୟ ଯେ ଆମ ଯାତ୍ରାପୂର୍ବରୁ ପଣ୍ଡିଚେରୀରେ ଆମର ପହଞ୍ଚିବାର ଦିନ ଏବଂ ସମୟ ବାରୀନ୍-ଦା'ଙ୍କୁ ଜଣାଇ ଦେଇଥିଲୁ ।...

''ପୂର୍ବନିର୍ଦ୍ଧାରିତ ଦିନର ସକାଳେ ପଣ୍ଡିଚେରୀ ଷ୍ଟେସନରେ ଆମେ ଦୁଇଜଣ ଓହ୍ଲାଇଲୁ । ପୁଶ୍-ପୁଶ୍‌ରେ ଚଢ଼ି ଆମେ ଜାଣିଥିବା କୋଠାର ଠିକଣା ୪୧ନଂ ରୁ୍ୟ ଫ୍ରାଁସୁଆ ମାର୍ତ୍ୟାଁ (ଏବେ ଗେଷ୍ଟ୍ ହାଉସ୍) ଦିଗରେ ଆଗେଇଲୁ । ଶିଷ୍ୟଗଣଙ୍କୁ ନେଇ ଏହିଠାରେହିଁ ଶ୍ରୀଅରବିନ୍ଦ ବାସ କରୁଥିଲେ । ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା କଥା ଯେତେ ଯେତେ ମନ ମଧ୍ୟରେ ଜାଗୁଥିଲା, ସେତେହିଁ ଯୁଗପତ୍ ଜାଗି ଉଠୁଥିଲା ଆନନ୍ଦ ଓ ଆଶଙ୍କା । ଅଳ୍ପ ସମୟ ମଧ୍ୟରେ ଆମେ କୋଠା ସାମନାରେ ଉପସ୍ଥିତ ହୋଇଗଲୁ । ଭିତରକୁ ପ୍ରବେଶ କରିବା ମାତ୍ରେ ଦେଖିଲୁ ସମ୍ମୁଖରେହିଁ ଶ୍ରୀଅରବିନ୍ଦ ଓ ସାଥିରେ ବାରୀନ୍-ଦା । ଆମେ ଦୁହେଁ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କଲୁ ।

''ଶ୍ରୀଅରବିନ୍ଦ ଯେଉଁ ପ୍ରକାରେ ହୃଷିକେଶଙ୍କୁ ସମ୍ଭାଷଣ କଲେ, ସେଇଥିରେହିଁ ମୋ ଭିତରେ ଜମାଟ ବାନ୍ଧିଥିବା ଭୟ-ଭାବନାସବୁ କୁଆଡ଼େ ଉଭେଇଗଲା । ତାଙ୍କର ସମ୍ଭାଷଣ ଥିଲା ବନ୍ଧୁ-ବନ୍ଧୁଙ୍କ ଭିତରେ ଥିବା ରହସ୍ୟାଳାପର ଉକ୍ତି । ଏହାର କାରଣ ଥିଲା ଶ୍ରୀଅରବିନ୍ଦଙ୍କ ସହିତ ପୂରା ଗୋଟିଏ ବର୍ଷ ହୃଷୀ-ଦା ଆଲିପୁର ଜେଲ୍‌ରେ କଟାଇଥିଲେ ।... ହୃଷୀ-ଦା ଯେ ଜଣେ ଅତ୍ୟନ୍ତ ହାସ୍ୟପ୍ରିୟ ବ୍ୟକ୍ତି, ସେକଥା ଆମେ ସମସ୍ତେ ଜାଣିଥିଲୁ, କିନ୍ତୁ ତାଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଏହି ଧରଣର ରସିକତା ମୋର ସ୍ୱପ୍ନାତୀତ ଥିଲା ।

''ଶ୍ରୀଅରବିନ୍ଦ ଥିଲେ ସରଳ ବ୍ୟକ୍ତିତ୍ୱଟିଏ, ଦେହର ରଙ୍ଗ ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ, ମଧ୍ୟମ ଗଢ଼ଣ, ଲମ୍ବା କେଶ, ଶ୍ମଶ୍ରୁମଣ୍ଡିତ ମୁଖଶ୍ରୀ, ଚକ୍ଷୁଦ୍ୱୟ ସ୍ୱଚ୍ଛ-ସମୁଜ୍ଜ୍ୱଳ, ନିରାଡ଼ମ୍ବର ପରିଚ୍ଛଦ, ଖଣ୍ଡିଏ ଧଳା ଧୋତି ମାତ୍ର, ପାଦରେ ଚପଲ ।

''ଆଶ୍ରମର କୋଠାଟି ଦୁଇ ମହଲା । ଯଦିଓ ଶ୍ରୀଅରବିନ୍ଦଙ୍କର ଏହି ଆବାସଟି ସେତେବେଳେ ଆଶ୍ରମ ନାମରେ କଥିତ ନଥିଲା, ତଥାପି ଯେଉଁ ଗୃହରେ ଯୋଗୀ-ଋଷିଙ୍କର ବସବାସ, ସେହି ସ୍ଥାନକୁ ଆଶ୍ରମ କହିଲେ କ୍ଷତି କ'ଣ ?

''ଆମ ଦୁଇଜଣଙ୍କ ସକାଶେ ଏହି ବାସଭବନର ତଳ ମହଲାର ଗୋଟିଏ ଘରେ ରହିବା ଲାଗି ବନ୍ଦୋବସ୍ତ କରାଯାଇଥିଲା । ଏହି କୋଠାରେ ସେତେବେଳେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ବ୍ୟତୀତ ମାତ୍ର ଆଠ, ଦଶ ଜଣ ବ୍ୟକ୍ତି : ନଳିନୀ-ଦା (ନଳିନୀକାନ୍ତ ଗୁପ୍ତ), ସୁରେଶ ଚକ୍ରବର୍ତ୍ତୀ, ଅମୃତ, ସୌରୀନ୍, ସତ୍ୟେନ୍ (ବିନ୍ଧ୍ୟେଶ୍ୱରୀ ପ୍ରସାଦ), ଅରୁଣଚନ୍ଦ୍ର ଦତ୍ତ (ଚନ୍ଦନନଗର ନିବାସୀ) ଏବଂ ଦୁଇଜଣ ମହିଳା – ମିସ୍ ହଡ୍‌ସନ୍ ('ଦତ୍ତା') ଏବଂ ନଳିନୀଦା'ଙ୍କର ସଦ୍ୟପରିଣୀତା ବଧୂ ଶ୍ରୀମତୀ ଇନ୍ଦୁଲେଖା ଦେବୀ ।...

''ସେତେବେଳେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଏହିପରି ଥିଲା – ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ସହିତ ସମସ୍ତେ ମିଶି ଏକସାଥିରେ ପଂକ୍ତିଭୋଜନ । ଆମିଷ ଭୋଜନ ସମ୍ବନ୍ଧେ କୌଣସି ପ୍ରକାର ନିଷେଧ ନଥିଲା । ଏହି ପଂକ୍ତି-ଭୋଜନର ଗୋଟିଏ ପ୍ରାନ୍ତରେ ଶ୍ରୀମା ଓ ଦତ୍ତା ବସୁଥିଲେ । କାରଣ ସେ ଦୁହେଁ ଥିଲେ ନିରାମିଷାଶୀ । ମୋତେ ପ୍ରଥମେ ଟିକିଏ ଅବାକ୍ ଲାଗିଥିଲା । ମାଂସାଶୀର ଦେଶବାସୀ ଏଠାରେ ନିରାମିଷାଶୀ ! ପରେ ଶୁଣିଲି ଯେ ଶ୍ରୀମା ଫ୍ରାନ୍‌ସରେ ଥିବାବେଳେ ବି ନିରାମିଷାଶୀ ଥିଲେ ।

''ମଧ୍ୟାହ୍ନ ଭୋଜନ ପରେ ମୁଁ ବିଶ୍ରାମ କରୁଥିଲି । ଅନ୍ତର୍ଯାମୀରୂପେ ମୋ ମାନସପଟରେ ଶ୍ରୀଅରବିନ୍ଦ ଜାଗି ରହିଥା'ନ୍ତି । ସେ ଏକ ଅନନୁଭୂତପୂର୍ବ ଆନ୍ତର ଆସ୍ୱାଦନ ।

''ନାନା ଚିନ୍ତା – ମନ ମଧ୍ୟରେ ନାନା ପ୍ରଶ୍ନ ଭାସି ଉଠୁଥିଲା । ଜୀବନ-ଇତିହାସର ବିଭିନ୍ନ ପରିଚ୍ଛେଦର ପୃଷ୍ଠାସବୁ ଛାୟାଚିତ୍ର ଭଳି ଗୋଟିଏ ପରେ ଗୋଟିଏ ଉଦ୍ଭାସିତ ହୋଇ ଉଠୁଥିଲା : କେଉଁଠି ଜନ୍ମିଥିଲି, ଆଉ କେଉଁ ମହାଶକ୍ତିର ଆକର୍ଷଣରେ ଆଜି ଶ୍ରୀଅରବିନ୍ଦଙ୍କର ପଦପ୍ରାନ୍ତରେ ଆସି ଉପନୀତ ହୋଇଛି !...

''ଉପରଓଳି ଚାରିଟା ସମୟରେ ଚା-ପର୍ବ ପରେ ଶ୍ରୀଅରବିନ୍ଦ ପ୍ରତ୍ୟହ ଉପର ମହଲାର ବାରଣ୍ଡାରେ ଶିଷ୍ୟମାନଙ୍କୁ ନେଇ ବସୁଥିଲେ । ଟେବୁଲର ଗୋଟିଏ ପାର୍ଶ୍ୱରେ ଚେୟାରରେ ଶ୍ରୀଅରବିନ୍ଦ ବସୁଥିଲେ ଏବଂ ଅନ୍ୟ ପାର୍ଶ୍ୱରେ ତାଙ୍କୁ ଘେରି ଶିଷ୍ୟଗଣ ଚେୟାରରେ ଉପବିଷ୍ଟ ହେଉଥିଲେ । ଶ୍ରୀମା କିନ୍ତୁ ଚଟାଣରେ ଆସନ ପକାଇ ଶ୍ରୀଅରବିନ୍ଦଙ୍କର ପାଦ ପାଖରେ ବସୁଥିଲେ ।

''ମୁଁ ବି ଅନ୍ୟମାନଙ୍କ ସଦୃଶ ଚେୟାରରେ ବସିଲି । ସେଇ ପ୍ରଥମ ଦିନରେହିଁ ଶ୍ରୀଅରବିନ୍ଦ ମୋତେ ଦୁଇଟି କି ତିନୋଟି ପ୍ରଶ୍ନ ପଚାରିଲେ । ନିତାନ୍ତ ସାଧାରଣ ବ୍ୟକ୍ତିଗତ ପ୍ରଶ୍ନ । କିନ୍ତୁ ସେଇ ମୁହୂର୍ତ୍ତରେହିଁ ମନେହେଲା ଶ୍ରୀଅରବିନ୍ଦ ମୋତେ ଗ୍ରହଣ କରି ନେଇଛନ୍ତି । ଏହି ଉପରଓଳି ବୈଠକରେ ଧର୍ମ, ରାଜନୀତି, ସାହିତ୍ୟ, ନନ୍ଦନତତ୍ତ୍ୱ (ସୌନ୍ଦର୍ଯ୍ୟ ବିଷୟକ ବିଶେଷ ଜ୍ଞାନ) ପ୍ରଭୃତି ନାନା ବିଷୟରେ ଆଲୋଚନା ହେଉଥିଲା । ଏହି ସମୟରେ ମହାତ୍ମା ଗାନ୍ଧିଙ୍କର ଅସହଯୋଗ ଆନ୍ଦୋଳନର ତୁମୁଳ ତରଙ୍ଗ ଉଠିଥାଏ । କୋଟିଏ ଟଙ୍କା ପାଇଲେ ମହାତ୍ମାଜି ଭାରତର ସ୍ୱରାଜ ଗୋଟିଏ ବର୍ଷରେ ଆଣିଦେବାର ପ୍ରତିଶ୍ରୁତି ଦେଇଛନ୍ତି । ପୁନଶ୍ଚ ଗଠିତ ହୋଇଛି 'ତିଳକ ସ୍ୱରାଜ ଫଣ୍ଡ୍' । ଆମମାନଙ୍କ ଭିତରୁ ଜଣେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କଲେ, 'ସତକୁ ସତ କ'ଣ ଗୋଟିଏ ବର୍ଷ ଭିତରେ ଦେଶ ସ୍ୱାଧୀନ ହୋଇଯିବ ?' ଶ୍ରୀଅରବିନ୍ଦ ସହାସ୍ୟରେ ଉତ୍ତର ଦେଲେ, 'ପାଗଳ ହୋଇଛ ! କୋଟିଏ ଟଙ୍କା ଦାମ୍‌ରେ ଭାରତର ସ୍ୱାଧୀନତା ଗୋଟିଏ ବର୍ଷ ଭିତରେ ମିଳିବ ! ଗାନ୍ଧିଙ୍କର ଆନ୍ଦୋଳନର ସାର୍ଥକତା ହେଉଛି ଦେଶର ସାଧାରଣ ଲୋକଙ୍କ ଭିତରେ ଜାତୀୟତାବୋଧ ଜାଗ୍ରତ୍ କରାଇବା ।'

''ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ପରମୁହୂର୍ତ୍ତରୁହିଁ ତାଙ୍କଠୁ ଦୀକ୍ଷା ନେବା ସକାଶେ ମୋର ମନ ବ୍ୟଗ୍ର ହୋଇଉଠେ । ଦିନେ ବାରୀନ୍-ଦା'ଙ୍କୁ ମୋର ଏହି ଏକାନ୍ତ ଇଚ୍ଛାର କଥା କହିଲି । ବାରୀନ୍-ଦା କହିଲେ, 'ମୁଁ ସେଜ୍-ଦା'ଙ୍କୁ କହିବି ।'

''ଉପରଓଳିର ବୈଠକକୁ ପ୍ରତିଦିନ ସଦୃଶ ଦିନେ ଆମେ ସମସ୍ତେ ଯାଇଛୁ । ପ୍ରାୟ ଘଣ୍ଟାଏ ଆଲୋଚନା ପରେ ଆମେ ଯେତେବେଳେ ଚେୟାରରୁ ଉଠୁଥାଉ, ଶ୍ରୀଅରବିନ୍ଦ ମୋତେ କହିଲେ, 'ତୁମେ ଟିକିଏ ବସ ।' ଅନ୍ୟ ସମସ୍ତେ ଚାଲିଗଲେ । ମୁଁ ଏକୁଟିଆ ରହିଲି । ଶ୍ରୀଅରବିନ୍ଦ ମୋତେ କହିଲେ, 'ଗତକାଲି ଶ୍ରୀମା ତୁମକୁ ଦେଖିଛନ୍ତି ।' ମୁଁ କହିଲି, 'କିନ୍ତୁ ଶ୍ରୀମା ତ ମୋତେ ପ୍ରତ୍ୟେକ ଦିନ ଦେଖୁଛନ୍ତି ।' ଶ୍ରୀଅରବିନ୍ଦ : 'ଶ୍ରୀମା ଦେଖିଛନ୍ତି ତୁମ ଭିତରର ମଣିଷଟିକୁ । ତୁମ ଭିତରେ ଯେତେସବୁ ଦୋଷ-ଗୁଣ, ଭଲ-ମନ୍ଦ, ତୁମର ବର୍ତ୍ତମାନ-ଭବିଷ୍ୟତ୍ – ସବୁକିଛି ସେ ମୋତେ ଜଣାଇଛନ୍ତି । ମୁଁହିଁ ତାଙ୍କୁ ଏହି କାର୍ଯ୍ୟର ଭାର ଦେଇଥିଲି ।'

''ଏଇସବୁ କଥା କହିବା ପରେ ଶ୍ରୀଅରବିନ୍ଦ ମୋତେ ମୋର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ କହିଲେ । ତାଙ୍କ କଥା ଶୁଣି ମୋର ମନେହେଲା ମୁଁ ମୋ ନିଜ ସମ୍ବନ୍ଧେ କେତେ ଟିକିଏ ବା ଜାଣିଥିଲି ! ଯୁଗପତ୍ ବିସ୍ମୟାଭିଭୂତ ହୋଇ ଶ୍ରୀମା'ଙ୍କ କଥା ବି ଭାବିବାକୁ ଲାଗିଲି । ଶୁଣିଥିଲି, ଶ୍ରୀମା ଉଚ୍ଚସ୍ତରର ସାଧିକା – ବାସ୍ ଏତିକି । କିନ୍ତୁ ସେ ଯେ ଏ ପ୍ରକାରର ଶକ୍ତିମୟୀ – ଏ ଧାରଣା ମୋର ନଥିଲା । ମନେ ମନେ ତାଙ୍କୁ ପ୍ରଣାମ ଜଣାଇଲି ।

''ଶ୍ରୀଅରବିନ୍ଦ ଆଉ କିଛି ନକହି ନିଜ କକ୍ଷକୁ ଉଠିଗଲେ । ମୁଁ ବି ତାଙ୍କଠାରୁ ବିଦାୟ ନେଲି ।

''ଏହାର କିଛିଦିନ ପରେ, ସେହି ଉପରଓଳିର ବୈଠକରୁ ଆମେ ସମସ୍ତେ ଉଠି ବାହାରି ଆସୁଛୁତ, ବାରୀନ୍-ଦା ମୋତେ କହିଲେ, 'ସେଜ୍-ଦା ମୋତେ କହିଛନ୍ତି ଯେ ତୁମେ ଆଜି ଆଉ ବାହାରକୁ ବୁଲିଯିବନି, ସନ୍ଧ୍ୟା ସମୟରେ ତୁମ ଘର ଭିତରେ ରହିବ ।' ପଚାରିଲି, 'କ'ଣ ପାଇଁ କୁହନ୍ତୁ ତ ?' ବାରୀନ୍-ଦା କହିଲେ, 'ବୋଧହୁଏ ତୁମକୁ *ଉତ୍ସର୍ଗ* କରିବାକୁ ହେବ ।'– ଏତିକି କହି ସେ ଚାଲିଗଲେ ।

''ମୋତେ *ଉତ୍ସର୍ଗ* କରିବାକୁ ହେବ ! ଦୀକ୍ଷା ? ଶ୍ରୀଅରବିନ୍ଦ ମୋତେ ଦୀକ୍ଷା ଦେବେ ?

''ସନ୍ଧ୍ୟା ହେବାକୁ ବେଶୀ ଡେରି ନଥିଲା । ଖୁବ୍ ସମ୍ଭବତଃ ଅଧଘଣ୍ଟାଏ ଥିଲା । ନିଜ ଘରେ ଚୁପ୍‌ଚାପ୍ ବସିଛି । ମନ ଭିତରେ ନାନା ଚିନ୍ତା : ଶ୍ରୀଅରବିନ୍ଦ ମୋ କକ୍ଷକୁ ଆସିବେ ! କି ପ୍ରକାର ଦୀକ୍ଷା ଦେବେ ! – ଏଇସବୁ କଥା ମନ ମଧ୍ୟରେ

ଜାଗି ଉଠୁଥାଏ । ଏଇସବୁ ଚିନ୍ତା ଭିତରେ କେତେବେଳେ ମୋର ମନଟି ଏକାଗ୍ର ହୋଇଉଠିଛି, ତା' ଜାଣେନି – ହଠାତ୍ ମୋର ଅନ୍ତର୍ଲୋକରେ ଏକ ଅନନୁଭୂତପୂର୍ବ ଉପଲବ୍ଧିର ଜାଗରଣ ହେଲା – ଏହାଠୁ ବେଶୀ ଆଉ କହିବା ଅସମ୍ଭବ – ମୁଁ ଯେମିତି ନିଜକୁ ହରାଇ ବସିଲି ।

''ରାତି ନଅଟା ସମୟରେ ବାରୀନ୍-ଦା ଘର ଭିତରକୁ ପ୍ରବେଶ କରି ମୋତେ ଡାକିଲେ, 'ନଳିନୀ, ଖାଇବାକୁ ଆସ ।'

''ମୁଁ ଚେତା ଫେରିପାଇଲି । ଖାଇବା ଘରେ ଯାଇ ବସିଲି । ଦେଖିଲି – ଶ୍ରୀଅରବିନ୍ଦ ସ୍ଥିର ଦୃଷ୍ଟିରେ ମୋ ଆଡ଼କୁ ଚାହିଁ ରହିଛନ୍ତି ।...

''ସେତେବେଳେ ଶ୍ରୀଅରବିନ୍ଦଙ୍କ କକ୍ଷକୁ ସାଧାରଣତଃ କାହାରି ବି ଯିବାର ଅନୁମତି ନଥିଲା । ଯଦି କୌଣସି ସାଧକର କିଛି ନୂତନ ଅଭିଜ୍ଞତା ବା ଉପଲବ୍ଧି ହେଉଥିଲା, ସେହିଁ କେବଳ ଅନୁମତି ପ୍ରାପ୍ତହୋଇ ଯାଇ ପାରୁଥିଲା ।

''ତା' ପରଦିନ ସକାଳଓଳି ମୁଁ ତାଙ୍କ କକ୍ଷକୁ ଗଲି । ସେ ହାତ ନଥିବା ଚେୟାରଟିରେ ବସିଥିଲେ । ତାଙ୍କ ପାଖକୁ ଯାଇ ପ୍ରଣାମ କଲି । ସେ ପ୍ରଶ୍ନ କଲେ, 'କାଲି କ'ଣ ପାଇଲ ?'

''ସବୁକିଛି କହିଲି । ତା'ପରେ ସେ ମୋର ଯାହାସବୁ କରଣୀୟ, ସବୁ କହିଲେ । ଶେଷରେ ତାଙ୍କୁ ପ୍ରଣାମ କରି ଚାଲିଆସିଲି ।

''ଗୋଟିଏ କଥା କହିବା ଆବଶ୍ୟକ ଯେ ଏ ଦୀକ୍ଷା ମନ୍ତ୍ରଦୀକ୍ଷା ନୁହେଁ,– ଶକ୍ତିସଂଚାର । ଏଥି ସକାଶେ ଗୁରୁଙ୍କୁ ସଶରୀରରେ ଶିଷ୍ୟ ପାଖକୁ ଯିବାର ପ୍ରୟୋଜନ ହୁଏ ନାହିଁ । ଦୂରରୁ ଏହି ଶକ୍ତିସଂଚାର ସମ୍ଭବ ହୁଏ । ଏହି ଦୀକ୍ଷାଦାନ ସମୟରେ ଶ୍ରୀଅରବିନ୍ଦ ମୋ ଘରକୁ ଆସି ନଥିଲେ । ଯାହା କରଣୀୟ, ଉପର ମହଲାରେ ନିଜ କକ୍ଷରେ ବସିହିଁ କରିଥିଲେ ।''

ନଳିନୀକାନ୍ତ ସରକାର ୧୯୨୧ରେ ପଣ୍ଡିଚେରୀ ଆସି ୫ ମାସ ରହି ହୃଷୀକେଶଙ୍କ ସହିତ ନିଜର ଅନିଚ୍ଛାସତ୍ତ୍ୱେ କର୍ତ୍ତବ୍ୟ-କର୍ମର ଚାପରେ କଲିକତା ଫେରିଯାଇଥିଲେ ସତ, କିନ୍ତୁ ପରବର୍ତ୍ତୀ କାଳରେ ବାର ବାର ଆଶ୍ରମକୁ ଯିବା ଆସିବା କରି ୧୯୪୭ରେ ସପରିବାରେ ଆଜୀବନ ଆଶ୍ରମରେ ରହିଲେ ।

*

ଡାକ୍ତର ରାଜଙ୍ଗମ୍‌ଙ୍କର 'ଅତୀତ ସ୍ମୃତି'ରୁ ଉଦ୍ଧୃତି : ''ମାଡ୍ରାସର ଭିକ୍ଟୋରିଆ ହଷ୍ଟେଲ୍‌ରେ ରହୁଥିବାବେଳେ ମୁଁ ନିୟମିତ 'ଆର୍ଯ୍ୟ' ପତ୍ରିକା ପଢୁଥିଲି । ମୋର ବୟସ ସେତେବେଳେ ଷୋହଳ । ମୋର ଅନ୍ତର ଯାହା ଖୋଜୁଥିଲା, 'ଆର୍ଯ୍ୟ'ର ପୃଷ୍ଠାରେ ସେସବୁ ଲିପିବଦ୍ଧ ହୋଇଥିଲା । ଅଧିକନ୍ତୁ ଏହି ସମୟରେ ମୋ ହାତକୁ *ଉତ୍ତରପଡ଼ା ଅଭିଭାଷଣ* ପୁସ୍ତିକାଟି ମଧ୍ୟ ଆସିଥିଲା । ଏହାର ବିଷୟବସ୍ତୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ଏହିସବୁ ପାଠକରିବା ପରଠୁ ଶ୍ରୀଅରବିନ୍ଦଙ୍କର ଦର୍ଶନଲାଭ ନିମିତ୍ତ ମୋ' ଭିତରେ ତୀବ୍ର ଆସ୍ପୃହା ଜାଗିଉଠିଲା ।

''ସେଦିନ ଥିଲା ୧୯୨୧ ମସିହାର ଏପ୍ରିଲ ୭ ତାରିଖ । ମୁଁ ପଣ୍ଡିଚେରୀରେ ଆସି ପହଞ୍ଚିଲି । ଶ୍ରୀଅରବିନ୍ଦଙ୍କୁ ପ୍ରଥମେ 'ଗେଷ୍ଟ୍ ହାଉସ୍'ର ଉପର ମହଲା ବାରଣ୍ଡାରେ ମୁଁ ଦର୍ଶନ କଲି । ଆମେମାନେ ଦେଖିଥିବା ତାଙ୍କର ସୁପରିଚିତ ଫଟୋଗ୍ରାଫ୍‌ଠାରୁ ସେ ସଂପୂର୍ଣ୍ଣ ଭିନ୍ନ ଥିଲେ । ତାଙ୍କର ଶରୀର ଥିଲା ବୃହତ୍, ଦେହର ରଙ୍ଗ ଥିଲା ସୁବର୍ଣ୍ଣ, ବିଶେଷ କରି ତାଙ୍କର ମସ୍ତକରେ ସୁବର୍ଣ୍ଣ ଆଲୋକର ବଳୟ ଥିଲା ଏବଂ ତାଙ୍କର ପଦଯୁଗଳ ଥିଲା ମୋର ପ୍ରଗାଢ଼ ସୂକ୍ଷ୍ମଦର୍ଶନରେ ପ୍ରତ୍ୟକ୍ଷ ହୋଇଥିବା ତାଙ୍କ ପଦଯୁଗଳ ସଦୃଶ । ମୁଁ ତାଙ୍କର ପାଦପଦ୍ମରେ ପ୍ରଣାମ କଲି ।

''ତା'ପରେ ଶ୍ରୀଅରବିନ୍ଦ ମୋତେ ପଚାରିଲେ, 'ଯୋଗମାର୍ଗରେ କ'ଣ ସବୁ ଅଭ୍ୟାସ କରିଛ ?' ମୁଁ କହିଲି, 'ମୁଁ ଆପଣଙ୍କର *Ideal of Karmayogin* ପୁସ୍ତକ ପାଠ-କରିଛି ଏବଂ ସେଥିରେ ବର୍ଣ୍ଣିତ ଭାବଧାରାକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟାକରୁଛି । ମୁଁ ମୋ ଶରୀରକୁ ଏକ ରଥସଦୃଶ ଏବଂ ଶ୍ରୀକୃଷ୍ଣଙ୍କୁ ମୋର ସାରଥି ବୋଲି ଜ୍ଞାନକରେ । ମୁଁ ତାଙ୍କୁହିଁ ଆରାଧନା କରେ ।' ତା'ପରେ ସେ କହିଲେ, 'ବେଶ୍, ଅଭ୍ୟାସ କରିଚାଲ ।'

''ସେଦିନ ତାଙ୍କଠାରୁ ବିଦାୟ ନେଇ ମୁଁ ଯାହାଙ୍କର ବାସଭବନରେ ଆତିଥ୍ୟ ଗ୍ରହଣ କରିଥିଲି, ସେଠାରେ ଆସି ପହଞ୍ଚିବା ପରେ ମୁଁ ମୋର ଶରୀର-ଚେତନା ହରାଇ ବସିଲି । ମୁଁ ସ୍ପଷ୍ଟ ଅନୁଭବ କରିବାକୁ ଲାଗିଲି ଯେ ମୁଁ ଏକ ପକ୍ଷୀ ହୋଇଉଠିଛି ଏବଂ ଆକାଶର ଦୂରଦୂରାନ୍ତରେ ଉଡ଼ିବୁଲୁଛି । ଏହି ଅନୁଭୂତିଟି ଥିଲା ସମ୍ପୂର୍ଣ୍ଣରୂପେ ଆଲୋକ ଓ ଆନନ୍ଦୋଚ୍ଛ୍ୱାସର ଏକ ଅନୁଭୂତି ।

''ପରବର୍ତ୍ତୀ ଦର୍ଶନରେ ମୁଁ ଶ୍ରୀଅରବିନ୍ଦଙ୍କୁ ମୋର ଏହି ଅନୁଭୂତିର କଥା ଉଲ୍ଲେଖ କରିବାରୁ ସେ କହିଲେ, 'ଏହା ଏକ ପ୍ରତୀକାତ୍ମକ ସୂକ୍ଷ୍ମଦର୍ଶନ । ଭବିଷ୍ୟତରେ ଦିବ୍ୟ-ଆଲୋକ

ଅବତରଣର ଏକ ଅନୁକୂଳ ପୂର୍ବ-ଲକ୍ଷଣ । ପକ୍ଷୀ ହେଉଛି ଆତ୍ମାର ପ୍ରତୀକ ।' – ଶ୍ରୀଅରବିନ୍ଦ ଏହି ବର୍ଣ୍ଣନା କରୁଥିବାବେଳେ ମୁଁ ଅତ୍ୟନ୍ତ ଖୁସୀ ହୋଇ ମୁହୂର୍ତ୍ତକ ସକାଶେ ଭାବିନେଲି ଯେ ମୁଁ ଅସାଧାରଣ କିଛି ବସ୍ତୁ ଲାଭକରିଛି । କିନ୍ତୁ ତତ୍‌କ୍ଷଣାତ୍ ଅନ୍ତର୍ଯାମୀ ଶ୍ରୀଅରବିନ୍ଦ କହିଉଠିଲେ, 'ଯୋଗ-ମାର୍ଗରେ ଏହା ଏକ ସାଧାରଣ ଅନୁଭୂତି ।'

''ପନ୍ଦର ଦିନ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ବିତାଇବା ପରେ ତାଙ୍କଠାରୁ ବିଦାୟ ନେବା ମୁହୂର୍ତ୍ତରେ ସେ ମୋତେ କହିଲେ, 'ପତ୍ର ମାଧ୍ୟମରେ ମୋତେ ସବୁକଥା ଜଣାଇବ; କିନ୍ତୁ ମୋ'ଠୁ ପତ୍ରର ଉତ୍ତର ଆଶା କରିବ ନାହିଁ ।' ତାଙ୍କର ନିର୍ଦ୍ଦେଶ ମୁତାବକ ମୁଁ ପ୍ରତି ସପ୍ତାହରେ ତାଙ୍କୁ ପତ୍ର ଲେଖୁଥିଲି । ସବୁଠାରୁ ବିଶେଷ ଲକ୍ଷଣୀୟ କଥା ହେଉଛି ଯେ ପତ୍ରଟିକୁ ଡାକରେ ପଠାଇବା ପୂର୍ବରୁ ସାଧାରଣତଃ ତା'ର ଫଳାଫଳ ସମ୍ବନ୍ଧେ ଅନୁଭୂତି ଲାଭ ହୋଇସାରିଥାଏ ।

''୧୯୨୩ରେ ମେଡିକାଲ୍ କଲେଜରୁ ପାସ୍ କରି ମୁଁ ଚିରଦିନ ସକାଶେ ଶ୍ରୀଅରବିନ୍ଦଙ୍କର ନିକଟ ସାନ୍ନିଧ୍ୟରେ ଆଶ୍ରୟ ନେବାକୁ ଚାଲିଆସିଲି । ସେତେବେଳେ ପୁରାଣୀ ଆଶ୍ରମ ପରିଚାଳନା କରିବାର ଭାର ନେଇଥିଲେ । ପରେ ଜାଣିବାକୁ ପାଇଥିଲି ଯେ ମୁଁ ଚିରଦିନ ସକାଶେ ଆଶ୍ରମରେ ରହିବାର ସିଦ୍ଧାନ୍ତ ନେଇଛି ବୋଲି ଖବର ପାଇବା ମାତ୍ରେ ପୁରାଣୀଙ୍କୁ ଶ୍ରୀଅରବିନ୍ଦ କହିଥିଲେ, 'ଆସିଲେ ତାକୁ କାମରେ ନିଯୁକ୍ତ କର ।' ଏବଂ ମୋତେ ପରମ ସୁଖକର କାମ ମିଳିଲା, ଅର୍ଥାତ୍ ମୋତେ ପ୍ରଦତ୍ତ ହୋଇଥିବା କାମଟିକୁ ପରମ ସୁଖରେ କରିବାକୁ ଲାଗିଲି । ଆଶ୍ରମର ବ୍ୟବହାର୍ଯ୍ୟ ଦ୍ରବ୍ୟ କିଣାକିଣି କରିବା କାର୍ଯ୍ୟରେ ମୋତେ ମୁଖ୍ୟ ହିସାବରେ ନିଯୁକ୍ତ କରାଯାଇଥିଲା । ନିୟମିତ ଭାବରେ ମାସକୁ ପ୍ରତ୍ୟେକ ସାଧକର ଖିଆପିଆ ବାବଦକୁ ୧୫ ଟଙ୍କା ଏବଂ ସମସ୍ତଙ୍କର ଘରଭଡ଼ା ବାବଦକୁ ୪୦ ଟଙ୍କା କରି ଶ୍ରୀଅରବିନ୍ଦ ମୋତେ ଦେଉଥିଲେ ।

''ଏହି ସମୟରେ ଶ୍ରୀଅରବିନ୍ଦଙ୍କ ସହିତ ଧ୍ୟାନ କରିବାର ଅପୂର୍ବ ସୁଯୋଗ ଲାଭ କରିଥିଲି । ମୋ' ସହିତ ଆଉ ଜଣେ, ଦୁଇଜଣ ବି ଥିଲେ । ଧ୍ୟାନ ସମୟରେ କେବେ କେବେ ତଳ ମହଲାର ଅଗଣାରେ କାଠପେଟି ବାକ୍ସ ଖୋଲିବାର ଜୋର୍ ଶବ୍ଦ ହେଉଥିଲା । ଦିନେ ଆମମାନଙ୍କ ଭିତରୁ ଜଣେ ଶ୍ରୀଅରବିନ୍ଦଙ୍କୁ କହିଲେ ଯେ ଏହି ଶବ୍ଦ ଧ୍ୟାନ କରିବାରେ ବାଧା ଦେଉଛି । ଉତ୍ତରରେ ଶ୍ରୀଅରବିନ୍ଦ କହିଲେ, 'ଯୁଦ୍ଧକ୍ଷେତ୍ରରେ ବସି ମଧ୍ୟ ତୁମେ ଧ୍ୟାନ କରିବାକୁ ସକ୍ଷମ ହେବା ଉଚିତ ।' ('You must be able to meditate on the battle-field.')

''ସ୍ୱାଭାବିକରୂପେ ତାଙ୍କ ଉପସ୍ଥିତିରେ ଧ୍ୟାନ କରିବା ସମୟରେ ମୋର ବିଭିନ୍ନ ଅନୁଭୂତି ହେଉଥିଲା । ଏମିତି ଅପୂର୍ବ ଆନନ୍ଦର ଅନୁଭୂତି ହେଉଥିଲା ଯେ ମୋ ଶରୀର ପକ୍ଷରେ ସେସବୁକୁ ଧାରଣ କରିବା ଅସହ୍ୟ ହୋଇଉଠୁଥିଲା । କେବେ କେବେ ବିଶାଳ ଶାନ୍ତିର ଅନୁଭୂତି ହେଉଥିଲା । ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ଏହି ଶାନ୍ତି ସମ୍ବନ୍ଧେ କହିଲି, ସେ କହିଲେ, 'ମାନସିକ ଶାନ୍ତି ଏବଂ ଆଧ୍ୟାତ୍ମିକ ଶାନ୍ତି ଏକ ବସ୍ତୁ ନୁହେଁ । ଆଧ୍ୟାତ୍ମିକ ଶାନ୍ତି କୌଣସି କିଛି ବାହ୍ୟବସ୍ତୁର ପ୍ରଭାବରେ ଅପରିବର୍ତ୍ତିତ ରହିଥାଏ ।'

''ମୋ ମଧ୍ୟରେ ଊର୍ଦ୍ଧ୍ୱରୁ କିଛି ଅବତରଣର କଥା ଯେତେବେଳେ ତାଙ୍କୁ କହିଲି, ସେ ମନ୍ତବ୍ୟ ଦେଲେ ଯେ ଯାହା ଊର୍ଦ୍ଧ୍ୱରୁ ଆଧାର ମଧ୍ୟକୁ ଅବତରଣ ଘଟୁଛି ମନ ସେଇଟିକୁ ଦୃଢ଼ ଭାବରେ ନିଜସ୍ୱ ଧାରାରେ କ୍ରିୟା କରିବାକୁ ଜାବୁଡ଼ି ଧରୁଛି ଏବଂ ଅନ୍ୟାନ୍ୟ ବସ୍ତୁର ମଧ୍ୟ ମିଶ୍ରଣ ଘଟୁଛି । ମୁଁ ତାଙ୍କ କଥାରେ ବାଧା ଦେଇ କହିଲି ଯେ ମୋ କ୍ଷେତ୍ରରେ କିନ୍ତୁ କୌଣସି ମିଶ୍ରଣ ଘଟୁ ନାହିଁ ।

''ଶ୍ରୀଅରବିନ୍ଦ : 'ତିରିଶ ବର୍ଷ ସାଧନା କରିବା ପରେ ବି ମୁଁ ଦେଖୁଛି ଯେ ସେଥିରେ ମିଶ୍ରଣ ଘଟୁଛି । ଆଉ ତୁମେ...!'

''ସେତେବେଳେ ଆମମାନଙ୍କ ସକାଶେ ଏହା ଏକ ସାଧାରଣ ଦୃଶ୍ୟ ଥିଲା ଯେ ଆମେମାନେ ଦେଖୁଥିଲୁ ଶ୍ରୀଅରବିନ୍ଦ ଆମମାନଙ୍କ ଗହଣରେ ଉପବିଷ୍ଟ ଅଛନ୍ତି, କିନ୍ତୁ ପ୍ରକୃତରେ ସେ ବିହାର କରୁଥିଲେ ଆମମାନଙ୍କର ଧାରଣାତୀତ, ଅନଧିଗମ୍ୟ ଅନ୍ୟ କୌଣସି ଏକ ଜଗତରେ ।''

(ସମାପ୍ତ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ✤

[ବି. ଦ୍ର. : ଏହାର ପରବର୍ତ୍ତୀ ସଂକଳନସବୁ 'ନବପ୍ରକାଶ'ରେ 'ପଣ୍ଡିଚେରୀରେ ଶ୍ରୀଅରବିନ୍ଦ' ଶିରୋନାମାରେ କ୍ରମାଗତ ପ୍ରକାଶ ପାଇବ ।]

ସାଧନା-ପରମ୍ପରା

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୬)

ଶ୍ରୀଚୈତନ୍ୟ ନବଦ୍ୱୀପରୁ ଗୟାଧାମ ପର୍ଯ୍ୟନ୍ତ ଯେଉଁ ପଥଦେଇ ଯାଇଥିଲେ, ସେଇ ପଥଦେଇ ଫେରି ନଥିଲେ । ସେଇ ଯିବା ଆସିବାର ପଥରେ ପତନୋନ୍ମୁଖୀ ଭାରତବର୍ଷ ତାଙ୍କ ଦୃଷ୍ଟିଗୋଚର ହେଲା; କାରଣ ସେସମୟରେ ଧର୍ମର ଗ୍ଲାନିର କଥା କ'ଣ କହିବା, ଯାହା ସେ ଦେଖିଲେ ତାଙ୍କ ମତରେ ଭାରତବାସୀ ମାତୃଭୂମିର ଯଶକୀର୍ତ୍ତି, ପରମ୍ପରା ଓ ଧର୍ମଭାବନା ସମ୍ପୂର୍ଣ୍ଣ ବିସ୍ମୃତ ହୋଇଛନ୍ତି । କେଉଁଠି କେଉଁଠି ସାମାନ୍ୟ ଗୋଷ୍ଠୀ ନିଜ ନିଜର ମତବାଦକୁ ଧର୍ମ ନାମରେ ପ୍ରତିଷ୍ଠା କରିବାକୁ ଗୋଳଯୋଗ କରୁଛନ୍ତି, ସେଥିପାଇଁ ଅନ୍ୟ ମତବାଦକୁ ଯେତେଦୂର ତଳକୁ ନିକ୍ଷେପ କରାଯାଇପାରେ ସେ ଚେଷ୍ଟାରେ ପରାଙ୍ମୁଖ ନୁହନ୍ତି । ଧର୍ମାଚରଣ କରିବାକୁ ହେଲେ ନିଜକୁ ଊର୍ଦ୍ଧ୍ୱଚେତନାକୁ ଉଠାଇ ନେବାକୁ ପଡ଼େ, ସେଦିଗରେ କାହାର କିଛି ପ୍ରଯତ୍ନ ନାହିଁ । ନିଜର ବିଶୁଦ୍ଧିରେ କାଳେ ଆଞ୍ଚ ଲାଗିବ ସେଥିପାଇଁ ରକ୍ଷଣଶୀଳ ହିନ୍ଦୁମାନେ ନୀଚ ଜାତିକୁ ହିନ୍ଦୁ ସଂସ୍କୃତି ମଧ୍ୟକୁ ପଶିବାକୁ ନଦେଇ ଅସ୍ପୃଶ୍ୟ କରି ରଖିଥିଲେ । ଏପରି ବହୁସଂଖ୍ୟକ ଲୋକ – ବୌଦ୍ଧ ସମ୍ପ୍ରଦାୟରୁ ଓ ପ୍ରାଚୀନ ଆଦିବାସୀ ସମ୍ପ୍ରଦାୟରୁ ଅନେକେ ହିନ୍ଦୁ ସଭ୍ୟତା ତଥା ହିନ୍ଦୁଧର୍ମ ପ୍ରତି ଆକୃଷ୍ଟ ଥିଲେ । ମାତ୍ର ମାୟାବାଦିଗଣଙ୍କର କୌଣସି ଆଗ୍ରହ ନଥିଲା ସେମାନଙ୍କୁ ଆଲିଙ୍ଗନ କରିବାକୁ । ଯେହେତୁ ଜଗତ୍‌-ପ୍ରପଞ୍ଚ ସେମାନଙ୍କ ଦୃଷ୍ଟିରେ ମିଥ୍ୟା, ଅଳୀକ, ମୂଲ୍ୟହୀନ ଓ ଯାହାର କେବଳ ବ୍ୟାବହାରିକ ବାସ୍ତବତା ରହିଛି, ତାହାର ବିକାଶ ବା ଉନ୍ନତିରେ ବ୍ରହ୍ମବାଦୀ କି ନିମନ୍ତେ ଚିନ୍ତିତ ହେବେ ? ଭାରତର ତତ୍କାଳୀନ ଧାର୍ମିକ ସମ୍ପ୍ରଦାୟସବୁର ଉଚ୍ଚତା ଓ ଦୀର୍ଘତା ଯେମିତି ସେ ଦେଖିଲେ, ସେମିତି ଅଗଭୀରତା ଓ ସଂକୀର୍ଣ୍ଣତା ବି ତାଙ୍କର ଆଖିରେ ପଡ଼ିଲା । କେବଳ ଏଇ ଗୟାଯାତ୍ରାରେ ନୁହେଁ, ପରବର୍ତ୍ତୀ ଦାକ୍ଷିଣାତ୍ୟ ଓ ପଶ୍ଚିମ ଭାରତ ଭ୍ରମଣ କାଳରେ ସେ ଲକ୍ଷ୍ୟ କଲେ ଯେ ଆଚାର୍ଯ୍ୟ ଓ ମଠାଧୀଶଗଣ ପୂର୍ବ ଋଷିମାନଙ୍କର ପ୍ରଦର୍ଶିତ ମାର୍ଗ ଛାଡ଼ିଦେଇ ସାମ୍ପ୍ରଦାୟିକ ଦାୟ ସମ୍ଭାଳିବାରେ ବ୍ୟସ୍ତ । ଧର୍ମ ନାମରେ ନାନାବିଧ ଆଚାର-ଅନୁଷ୍ଠାନ ରକ୍ଷିତ ହେଉଛି, ମାତ୍ର ଧାର୍ମିକ କେହି ନାହାନ୍ତି । ଜ୍ଞାନମାର୍ଗିଗଣ ନିର୍ଗୁଣ ବ୍ରହ୍ମବାଦର ବାହାନା ଦେଖାଇ ଯଥାର୍ଥରେ ହୋଇଛନ୍ତି ନାସ୍ତିକର ନାମାନ୍ତର ଏବଂ ଭକ୍ତିମାର୍ଗିଗଣ ସତରେ ଭକ୍ତି, ଭକ୍ତ ଓ ଭଗବାନଙ୍କୁ ଆଦର ନକରି ପୌତ୍ତଳିକ ହୋଇ ଯାଇଛନ୍ତି ସଗୁଣ ସାକାର ବ୍ରହ୍ମ-ଉପାସନାର ନାମରେ । ତେଣୁ ସେ ସ୍ଥିର କରି ଆସିଥିଲେ ଯେ ବୈରାଗ୍ୟପୂର୍ଣ୍ଣ ତତ୍ତ୍ୱଜ୍ଞାନଭିତ୍ତିକ ଅଥଚ ସରଳ, ଅନାଡ଼ମ୍ବର ପୂଜା, ଉପାସନା ସହିତ ଜପ ଓ ଭଗବତ୍‌ ନାମ-ମାହାତ୍ମ୍ୟ ବଳରେହିଁ ଭକ୍ତମଣ୍ଡଳୀ ଗଢ଼ିବେ, ଯେଉଁମାନେ ସଂଖ୍ୟାରେ ଲଘୁ ହେଲେ ବି ସମାଜ ପାଇଁ ଉଚିତ ଦୃଷ୍ଟାନ୍ତ ସ୍ୱରୂପ ହେବେ । ଏହାର ମୂଳରେ ରହିବ ପ୍ରେମ, ଭକ୍ତି, ଅନୁରାଗ, ମାଧୁର୍ଯ୍ୟ ତଥା ପ୍ରପତ୍ତିର ଯୋଗ । ବିବେକ, ବୈରାଗ୍ୟ ଓ ତତ୍ତ୍ୱଜ୍ଞାନର ଆଧାର ଉପରେ ଏଇ ଭକ୍ତି ଆନ୍ଦୋଳନ ଅଗ୍ରସର ହେବ । ମନ୍ତ୍ର ଦୀକ୍ଷା ପରେ ତାଙ୍କର ଜ୍ଞାନ-ଭକ୍ତି-ମିଶ୍ରିତ କର୍ମ ସେ ସ୍ଥିର କରି ନେଇଥିଲେ ଯାହା ରାୟ ରାମାନନ୍ଦଙ୍କ ମୁଖରୁ ଶୁଣିବାକୁ ମିଳେ :

ନିଜେ ଗୂଢ଼କାର୍ଯ୍ୟ ତୋମାର ପ୍ରେମ ଆସ୍ୱାଦନ ।<br>
ଅନୁଷଙ୍ଗେ ପ୍ରେମମୟ କୈଲେ ତ୍ରିଭୁବନ ॥

ଏଇ ଜଗତରେ ଭଗବତ୍‌ ପ୍ରେମର ବନ୍ୟା ବୁହାଇ ଦେବାକୁ ଶ୍ରୀଚୈତନ୍ୟ ଆସିଥିଲେ ଜାତି-ଧର୍ମ-ବୃତ୍ତି-ଭାଷା – ଏସବୁର ନିର୍ବିଚାରରେ । ସେ ଦେଖୁଥିଲେ ବ୍ୟକ୍ତିର ଚରିତ୍ର, ତା'ର ଅନ୍ତରର ବିଶ୍ୱାସ ଓ ସହଜରେ ଭକ୍ତିମାର୍ଗରେ ଅର୍ଥାତ୍‌ ଭଗବାନଙ୍କ ପ୍ରତି ପ୍ରେମକୁ ଆଦର ସହ ଗ୍ରହଣ କରିବାରେ ଯିଏ ଇଚ୍ଛୁକ, ତାକୁହିଁ ଭକ୍ତ ପରିବାରର ଅନ୍ତର୍ଭୁକ୍ତ କରି ନେଉଥିଲେ ସିଏ । ଉଚ୍ଚକଣ୍ଠରେ କହୁଥିଲେ :

ମୁଚି ଯଦି ଭକ୍ତି କରି ଡାକେ କୃଷ୍ଣ କରେ ।<br>
କୋଟି ନମସ୍କାର କରି ତାହାର ଚରଣେ ॥

ସେ ଏଇ ପଥଟିର ଯାବତୀୟ ବାଧାବିଘ୍ନକୁ ସିଂହ-ବିକ୍ରମରେ ପଦଦଳିତ କରିଦେଲେ । ମୁସଲମାନ ଧର୍ମର*

* ମୁସଲମାନମାନଙ୍କର ସାମ୍ୟ, ମୈତ୍ରୀଭାବକୁ ସେ କହୁଥିଲେ ବାହ୍ୟ, ଏଇ ଭାବନା ଆନ୍ତର ମିଳନ ଓ ଆତ୍ମାର ସାମ୍ୟଭାବରୁ ସ୍ୱାଭାବିକଭାବେ ଉଦ୍ଭିତ ହେବା ଉଚିତ – ଏହା ତାଙ୍କର ମନରେ ଥିଲା । ତଥାପି ଏଇ ବାହ୍ୟ ସାମ୍ୟଭାବକୁ ସେ ମର୍ଯ୍ୟାଦା ଦେଉଥିଲେ ।

ସାମ୍ୟ, ମୈତ୍ରୀଭାବକୁ ସିଏ ପସନ୍ଦ କରୁଥିଲେ ବୋଲି ଉଲ୍ଲେଖ ରହିଛି । ପ୍ରେମଭାବ ଦେଇ ଲୋକଙ୍କର ଚିତ୍ତକୁ ଦ୍ରବୀଭୂତ କରି ଭଗବତ୍ ଭଜନ, ହରିନାମ ସଂକୀର୍ତ୍ତନରେ ଉଚ୍ଚନୀଚ ଭୁଲି ଏକତ୍ର ଦଣ୍ଡାୟମାନ ହେବା ଓ ପଦମର୍ଯ୍ୟାଦାକୁ ଖାତିର ନକରି ପରସ୍ପରକୁ ଆଲିଙ୍ଗନ କରିବା — ଏହାହିଁ ବୈଷ୍ଣବଗଣଙ୍କୁ ତାଙ୍କର ନିର୍ଦ୍ଦେଶ ଥିଲା । ସେ ପ୍ରଚାର କଲେ 'ଭଗବଦ୍ ଭକ୍ତ ଚଣ୍ଡାଳ, ଭଗବଦ୍-ବିମୁଖ ବ୍ରାହ୍ମଣଠାରୁ ଶ୍ରେଷ୍ଠ' । ତାଙ୍କର ଏଇ ମନୋଭାବହିଁ ବୈଷ୍ଣବ ଧର୍ମକୁ ପ୍ରଥମେ ଏକ ଧର୍ମବିପ୍ଳବ ବୋଲି ସମ୍ଭ୍ରାନ୍ତ ବ୍ରାହ୍ମଣ ତଥା ଅଦ୍ୱୈତବାଦୀମାନେ ବୋଧ କରିଥିଲେ । ଏଣୁ ତାଙ୍କ ନାଁରେ ଧର୍ମଧ୍ୱଜୀମାନଙ୍କର ଏପରି ଅଭିଯୋଗ ଥିଲା ବୋଲି କାଜି ତାଙ୍କୁ ଜଣାଇଥିଲେ । କୁହାଯାଏ ସେଇମାନେହିଁ କେତେକ ଦୁଷ୍ଟ, ଦୁର୍ବୃତ୍ତଙ୍କୁ ନିଯୁକ୍ତ କରିଥିଲେ ବୈଷ୍ଣବ-ସଙ୍ଗଠନକୁ ଭାଙ୍ଗିଦେବା ପାଇଁ, ସେମାନଙ୍କୁ ଭୟ ଦେଖାଇ ଦବାଇ ରଖିବା ପାଇଁ ।

କାରଣ ଯାହା ବି ହେଉ, ଗୟାରୁ ଫେରି ଶ୍ରୀଚୈତନ୍ୟ ଏଇ ସଂକୀର୍ତ୍ତନ ଉଦ୍ଦେଶ୍ୟରେ କିଛି ଖୋଳ-କରତାଳ-ଝାଞ୍ଜ-ଗିନି ଆଦି ନୂଆ କରି କରାଇଥିଲେ । ଥରେ ହରିନାମର ଧ୍ୱନିକରି କିଛି ବୈଷ୍ଣବ ନଗର କୀର୍ତ୍ତନ ପାଇଁ ଏକତ୍ରିତ ହୋଇଥିଲେ । ଏମାନଙ୍କ ପ୍ରତି ଜଗାଇ-ମାଧାଇ ନାମକ ଦୁଇ ଭାଇଙ୍କର ବହୁଦିନରୁ ଆକ୍ରୋଶ ଥିଲା । ସେ ଦୁହେଁ ଥିଲେ ନଗରରକ୍ଷକ, ସ୍ୱଭାବତଃ କ୍ଷମତାର ମଦରେ ସେମାନେ ଥିଲେ ଉଦ୍‌ଭ୍ରାନ୍ତ । ବ୍ରାହ୍ମଣଜାତିରେ ଜନ୍ମ ହେଲେ ବି ସଙ୍ଗଦୋଷରୁ ଦୁଇ ଭାଇ ମଦ୍ୟପ ଓ ଦୁରାଚାରୀ ହୋଇଯାଇଥିଲେ । କେଉଁଠି ହରିନାମ, କେଉଁଠି କିଛି ପୁରାଣାଦି ପାଠ ବା ସତ୍‌ପ୍ରସଙ୍ଗ ହେବାର ଦେଖିଲେ ଏମାନେ ଅତିଷ୍ଠ ହୋଇ ମାରିବାକୁ ଦୌଡ଼ି ଆସୁଥିଲେ । ସେଦିନ କୀର୍ତ୍ତନର ଆଗେ ଆଗେ ନିତ୍ୟାନନ୍ଦ ଥିଲେ । ଜଗଦାନନ୍ଦ ଓ ମାଧବାନନ୍ଦ (ଜଗାଇ-ମାଧାଇ) ଦୁଇଭାଇ ଆସି ବାଟ ଓଗାଳିଲେ, ବୈଷ୍ଣବମାନଙ୍କୁ ମାରପିଟ କଲେ । ନିତାଇ ଅଗ୍ରସର ହୋଇ ଦୁଇଭାଇଙ୍କୁ କୁଣ୍ଢାଇ ବୁଝାବୁଝି କରି ହରିବୋଲ ଧ୍ୱନିରେ ଯୋଗଦେବାକୁ ଆହ୍ୱାନ କଲେ — ନିଜେ ଅକ୍ରୋଧ ଓ ଅବିଚଳିତ ରହି । ମାତ୍ର ମାଧାଇ ହାତରେ ଧରିଥିବା ମଦ୍ୟଭାଣ୍ଡଟିକୁ ନିତାଇଙ୍କ ମସ୍ତକକୁ ଲକ୍ଷ୍ୟ କରି ଫିଙ୍ଗିଲା, ମାଟିର କଳସୀ ଭାଙ୍ଗିଗଲା ମୁଣ୍ଡରେ ବାଡ଼େଇ ହୋଇ ଓ ଖପରା ଏଠି ସେଠି ବିଛାଡ଼ି ହୋଇ ପଡ଼ିଲା । ପ୍ରେମମତ୍ତ ନିତ୍ୟାନନ୍ଦ ତଥାପି ବିରତ ନହୋଇ ଜଗାଇ-ମାଧାଇଙ୍କୁ ଆଲିଙ୍ଗନ କରି କହିଲେ, ''ଏହା କ'ଣ ହୋଇପାରେ, ମାଡ଼ ଖାଇଲି ବୋଲି ପ୍ରେମ ଦେବି ନାହିଁ ?'' ନିତାଇଙ୍କ ମୁଣ୍ଡରୁ ରକ୍ତ ଧାରଧାର ବୋହିଯିବାର ଦେଖି ଭକ୍ତ ସଂକୀର୍ତ୍ତନ-ମଣ୍ଡଳୀ 'ହାୟ' 'ହାୟ' କହିଲେ । ସେ ସମୟରେ ନିମାଇ ଦଳର ପଛଆଡୁ ଆସି ସେଠାରେ ପହଞ୍ଚିଗଲେ ଓ ପରିସ୍ଥିତି ଦେଖି ରୋଷ-କଷାୟିତ ଚକ୍ଷୁରେ ପାଷଣ୍ଡ ଦୁହିଙ୍କୁ ଚାହିଁଲେ । ମୁହୂର୍ତ୍ତକରେ ନିତାଇ ସଚେତ ହୋଇ ନିମାଇଙ୍କୁ ଶାନ୍ତ କଲେ । ମହାପୁରୁଷଙ୍କର ଆଲିଙ୍ଗନ କ'ଣ ବୃଥା ଯାଇପାରେ ? ଜଗାଇ, ମାଧାଇ ଦୁହେଁ ନିମାଇ ଓ ନିତାଇଙ୍କର ପାଦ ତଳେ ପଡ଼ିଗଲେ, ନିଜର ଅପରାଧ ହୃଦୟଙ୍ଗମ କରି କ୍ଷମା ଯାଚନା କଲେ — ''ଏ ପ୍ରକାର ଅପରାଧ ଆଉ କେବେ କରିବୁ ନାହିଁ'' ବୋଲି ନିମାଇଙ୍କର ପାଦଛୁଇଁ ଶପଥ କଲେ । ସତରେହିଁ ସେଇ ମୁହୂର୍ତ୍ତରୁ ସେମାନଙ୍କ ଜୀବନର ପଥ ଭିନ୍ନମୁଖୀ ହେଲା । ସେମାନେ ହରିନାମରେ, ସତ୍‌ପ୍ରସଙ୍ଗରେ ଯୋଗଦେଲେ । ଏ ଦୁହିଙ୍କର ଆକସ୍ମିକ ପରିବର୍ତ୍ତନରେ ଉପସ୍ଥିତ ଜନତା, ନିଜେ କୀର୍ତ୍ତନିଆଗଣ ମଧ୍ୟ — ଏମିତିକି ଦୂରରୁ ଯେଉଁମାନେ ବ୍ୟଙ୍ଗ କରୁଥିଲେ, ସେମାନେ ବି ଚକିତ ହୋଇଗଲେ । ଏ ଦୁହେଁ ଏଇ ଭକ୍ତମଣ୍ଡଳୀ ପ୍ରତି ଏତେ ଭାବରେ ଋଣୀ ହୋଇଗଲେ ଯେ ପ୍ରତିଦିନ ଅତି ପ୍ରତ୍ୟୁଷରୁ ଉଠି ଗଙ୍ଗାନଦୀର ସେଇ ଘାଟରେ ସ୍ନାନ ପାଇଁ ନରନାରୀ ପହଞ୍ଚିବା ଆଗରୁ ସେଠାରେ ପହଞ୍ଚି ସେଠାର ସୋପାନଶ୍ରେଣୀ ଧୋଇପୋଛି ଭକ୍ତ ନରନାରୀଙ୍କ ଲାଗି ସ୍ନାନୋପଯୋଗୀ କରନ୍ତି, ପଥଘାଟ ପରିଷ୍କାର କରନ୍ତି । କୁଳମର୍ଯ୍ୟାଦାରେ ସେଇ ଭାଇ ଦୁହେଁ ବ୍ରାହ୍ମଣ ହୋଇଥିଲେ ବି, ପୁଣି ନଗର-ରକ୍ଷକର ପଦରେ ଥିଲେ ବି ଏତେ ଶୀଘ୍ର ଏଭଳି ଭଦ୍ର, ନମ୍ର ହୋଇଯିବା ସଚରାଚର ଦେଖାଯାଏ ନାହିଁ । ସେମାନଙ୍କର ମନୋଭାବ ଥିଲା — ଶ୍ରୀହରିଙ୍କର ଭଗତଜନଙ୍କର ସେବା ପରିଚର୍ଯ୍ୟା କରିପାରିଲେ ଅବା କେଜାଣି ଶ୍ରୀହରିଙ୍କ କୃପାଦୃଷ୍ଟି ସେମାନଙ୍କ କଳୁଷିତ ଅନ୍ତରକୁ ଧୋଇ ଦେଇପାରିବ । ଯା' ହେଉ, ନଗରବାସୀ ନରନାରୀ ଏ ଦୁହିଙ୍କର ମତିଗତିର ପରିବର୍ତ୍ତନରେ ଚମତ୍କୃତ ହେଲେ, ତତ୍‌ସହିତ ସେ ଦୁହିଙ୍କର ଉତ୍ପାତରୁ ରକ୍ଷା ବି ପାଇଲେ । ସେଦିନରୁ ସେଇ ଘାଟଟିର ନାମ ରହିଯାଇଛି 'ମାଧାଇର ଘାଟ' । ବିଦଗ୍ଧଜନ କେହି କେହି ଗଙ୍ଗାସ୍ନାନ କରି ନିତାଇ-ନିମାଇଙ୍କୁ ସ୍ମରଣ କଲାବେଳେ ଜଗାଇ, ମାଧାଇଙ୍କର ନାମ ବି ସ୍ମୃତିରେ ଆଣନ୍ତି । ଯେମିତି ପ୍ରଭୁଙ୍କ ନାମ ଭକ୍ତବତ୍ସଳ — ଏଇ ନାମକୁ ସାର୍ଥକ କରୁଛି ଏଇ ଭାଇଦୁହିଙ୍କର ଅଦ୍ଭୁତ ଭକ୍ତି ।

କୀର୍ତ୍ତନ କରୁଥିବା ସମୟରେ ନିମାଇଙ୍କ ଅଙ୍ଗରେ ଭାବର ଅଭିନବ ପ୍ରକାଶ ଘଟେ, ତେଜୋମୟ ହୋଇଉଠେ ମୁଖମଣ୍ଡଳ, ତାଙ୍କ କଣ୍ଠର ସ୍ୱର-ଲହରୀ ଅଦ୍ଭୁତଭାବେ ଶ୍ରୋତାଙ୍କୁ ଆକୃଷ୍ଟ କରେ, ସାରା ଅଙ୍ଗକାନ୍ତି ଅଲୌକିକ ମନେହୁଏ । ଧୀରେ ଧୀରେ ସେ ସ୍ଥାନର ଲୋକେ, ଜାତି-ଧର୍ମ ନିର୍ବିଶେଷରେ ନିର୍ଭୟରେ ହରିନାମ ଉଚ୍ଚାରଣ କଲେ । କାଜି ଚୈତନ୍ୟଦେବଙ୍କ ପ୍ରଭାବରେ ଆସିବା ଫଳରେ ଗୋହତ୍ୟା ନିଷେଧ କରି ଦେଇଥିଲେ । ଭଗବାନଙ୍କ ନିକଟରେ ଯିଏ ତାଙ୍କ ପାଦତଳର ଦୂର୍ବା ପରି ନିଜକୁ ଦୀନ ମନେକରନ୍ତି, ସେଇ ନିମାଇ ସଂକୀର୍ତ୍ତନ କାଳରେ ସିଂହବିକ୍ରମରେ ସମ୍ମୁଖଭାଗରେ ରହନ୍ତି ଏବଂ ତାଙ୍କ ହୁଙ୍କାରରେ ପୃଥ୍ୱୀମଣ୍ଡଳରୁ ସକଳ କଳୁଷ ଦୂର ହୋଇଯାଏ । ଏଇପରି ଥିଲା ତାଙ୍କର ବ୍ୟକ୍ତିତ୍ୱର ଐଶୀ ବଳ । ସେକାଳରେ ଥରେ ନିମାଇ ବ୍ୟାସ ଉତ୍ସବ କରାଯାଉ ବୋଲି ଇଚ୍ଛାପ୍ରକାଶ କରିଥିଲେ । ଗୁରୁପୂର୍ଣ୍ଣମୀ ଦିନ (ଆଷାଢ଼ ପୂର୍ଣ୍ଣମୀ ତିଥି) ଶ୍ରୀବାସଙ୍କ ଅଙ୍ଗନରେ ଉତ୍ସବର ଆୟୋଜନ ହେଲା । ବହୁ ଗୃହିଭକ୍ତ ଯେମିତି ଆସିଥିଲେ, ଅନେକ ସନ୍ନ୍ୟାସୀ ଭକ୍ତଙ୍କର ବି ସମାଗମ ହୋଇଥିଲା – କାହିଁକି ନା ସତ୍ୟବତୀନନ୍ଦନ ସର୍ବଜନପୂଜ୍ୟ । ପୂଜାର୍ଚ୍ଚନା ଶେଷହେଲା, ଏଇ ଉତ୍ସବରେ ନିତ୍ୟାନନ୍ଦଙ୍କର ମୁଖ୍ୟ ଦାୟିତ୍ୱ ଥିଲା । ପୂଜାର୍ଚ୍ଚନା ଶେଷକରି କିଛିକ୍ଷଣ ଆସନୋପରି ନିତାଇ ଧ୍ୟାନ କଲେ । କ'ଣ ଆବେଶ ତାଙ୍କର ହେଲା, ଭଗବଦାଦିଷ୍ଟ ଭଳି ସେ ଭଗବାନ୍ ବ୍ୟାସଙ୍କ ଉଦ୍ଦେଶ୍ୟରେ ରଖାହୋଇଥିବା ପୁଷ୍ପ, ଚନ୍ଦନ-ମାଲ୍ୟ ଆଦି ନେଇ ନିମାଇଙ୍କୁ ଭୂଷିତ କଲେ, ତାଙ୍କୁ ବନ୍ଦାପନା କଲେ, ଶ୍ରୀବାସଙ୍କ ଗୃହ ଦେବତାଙ୍କର ଝାଲର-ଚାମର ଆଦି ଆଣି ତାଙ୍କୁ ସେବା କଲେ । ନିତାଇ ଶ୍ରୀନିମାଇଙ୍କ ମଧ୍ୟରେ ଆଦିଗୁରୁ ବ୍ୟାସଙ୍କୁ ଲାଭ କରିବାକୁ ଇଚ୍ଛୁକ ଥିଲେ, ମାତ୍ର ନିମାଇ ଆସନରୁ ଉଠି ଯେବେ ଦଣ୍ଡାୟମାନ ହେଲେ ନିତାଇ ତାଙ୍କଠାରେ ଶ୍ରୀମନ୍ ନାରାୟଣଙ୍କୁ ପ୍ରତ୍ୟକ୍ଷ କଲେ – ଶଙ୍ଖ-ଚକ୍ର-ଗଦା-ପଦ୍ମ ସହ ହଳ ମୁଷଳଧାରୀ ଷଡ଼ଭୁଜ ବିଷ୍ଣୁରୂପେ ଦେଖି ନୟନ ପବିତ୍ର କଲେ, ନିତାଇ ନିଜ ଭାବ ସମ୍ଭାଳି ନପାରି ମୂର୍ଚ୍ଛିତ ହୋଇଗଲେ । 'ଚୈତନ୍ୟଭାଗବତ'ରେ ଏହି ଉପାଖ୍ୟାନଟିର ଅପରୂପ ବର୍ଣ୍ଣନା ରହିଛି ।

ଏଇ ମାୟାର ଜଗତରେ ଜୀବ କ୍ଷୁଦ୍ରାଶୟତାରୁ ସହଜେ ମୁକ୍ତ ହୋଇପାରେ ନାହିଁ, ଅଥଚ ମହାପୁରୁଷ ବା ଅବତାରଙ୍କ ସଂସ୍ପର୍ଶରେ ଆସିଲେ କିପରି ତାଙ୍କର ମହତ୍ତ୍ୱ ବୁଝିପାରେ, କେମିତି ଉତ୍ତମକୁ, ସୁନ୍ଦରକୁ, ମାଧୁର୍ଯ୍ୟକୁ ଆଦର କରିବାକୁ, ଆପଣାର କରିନେବାକୁ ଆଗଭର ହୁଏ, ତାହାର ରହସ୍ୟ ଭିତରେ ଆମର ପଶିବା ସହଜ ନୁହେଁ, ବହୁ ବର୍ଷର ଆତ୍ମଶୁଦ୍ଧିରେ ସିଦ୍ଧ କରିବା ଯାହା ଅସମ୍ଭବ, ସେଇ ସିଦ୍ଧି ମହାପୁରୁଷଙ୍କର ସଂସ୍ରବରେ କେମିତି ସମ୍ଭବ ହୁଏ, ବୈଷ୍ଣବ ଦର୍ଶନ ଏ ବିଷୟରେ କିଛି ଆଲୋକପାତ କରେ । ଶ୍ରୀମଦ୍ ଭାଗବତମ୍‌ରେ ନାରାୟଣଙ୍କର ସ୍ୱରୂପ ଶକ୍ତିମାନଙ୍କ ସମ୍ବନ୍ଧରେ କୁହାଯାଇଛି ଯେ ପରମା ଚିତ୍‌ଶକ୍ତିଙ୍କର ତିନିଗୋଟି ବିଭାବ ରହିଛି, ସେମାନେ ହେଲେ ସଂବିତ୍, ସନ୍ଧିନୀ ଓ ହ୍ଲାଦିନୀ । ଶ୍ରୀରାଧା ହ୍ଲାଦିନୀଶକ୍ତିର ଆଧାର । ଆଉ ଏକ ଶକ୍ତିର କଥା କୁହାଯାଇଛି ଯାହା ଜୀବକୁ କେନ୍ଦ୍ର କରି; ଅର୍ଥାତ୍ 'ତଟସ୍ଥା ଜୀବଶକ୍ତି', ଯାହା ଭାଗବତ ପ୍ରକାଶରେ ସର୍ବକନିଷ୍ଠା, ଭଗବତ୍ କୃପା ଏଇ ତଟସ୍ଥା ଶକ୍ତି ଉପରେ କାର୍ଯ୍ୟ କରେ ସିଧାସଳଖ – ଏହା ଭଗବାନଙ୍କର ତାଙ୍କ ସୃଷ୍ଟ ଜୀବ ପ୍ରତି ସ୍ୱତନ୍ତ୍ର ଅବଦାନ । ଜୀବଶକ୍ତିକୁ 'ତଟସ୍ଥା ଶକ୍ତି' କୁହାଯାଏ । ଯାହା ଜୀବକୁହିଁ ବୁଝାଉଛି, ଅର୍ଥାତ୍ ଜୀବ ମଧ୍ୟ ଈଶ୍ୱରଙ୍କର ଏକ ଶକ୍ତି ବିଶେଷ – ତାଙ୍କର ବିଭୂତି ଓ ଶକ୍ତିର ଚିତ୍‌କଣା । ତାହା ତଟସ୍ଥ ଅର୍ଥାତ୍ ତାହାର ଅବସ୍ଥାନ ଯେପରି ସାଗରର ବେଳାଭୂମି ଉପରେ – ଯାହା ଏକସଙ୍ଗରେ ସମୁଦ୍ରର ଜଳ ଭାଗର ଅଂଶ ଓ ସମୁଦ୍ର କୂଳର ସ୍ଥଳଭାଗର ଅଂଶ ମଧ୍ୟ । ତାହାକୁ ଏକାନ୍ତଭାବେ ଜଳଭାଗର ବା ଏକାନ୍ତ ସ୍ଥଳଭାଗର ବୋଲି କୁହାଯାଇ ପାରିବ ନାହିଁ । ଜୀବର ଅବସ୍ଥା ଏହି ତଟଭୂମି ଭଳି – ଯାହା ସମ୍ପୂର୍ଣ୍ଣ ଭାବରେ ସ୍ୱରୂପ ଶକ୍ତିର ବଶରେ ନଥାଏ କି ମାୟାର ବଶରେ ବି ନଥାଏ । କାହିଁକିନା ଜୀବ ଚିଦ୍‌ଭାବାପନ୍ନ ଏବଂ ମାୟାଶକ୍ତି ଜଡ଼ଭାବାପନ୍ନ । ସୁତରାଂ ଜୀବ ଯଦ୍ୟପି କିୟତ୍‌କାଳ ପାଇଁ ମାୟାଶକ୍ତିର ପ୍ରଭାବର ଅଧୀନସ୍ଥ ହୁଏ, ତଥାପି ଏ ପ୍ରଭାବ ବେଶୀଦିନ ସ୍ଥାୟୀ ହୁଏ ନାହିଁ । ଜୀବ ଯଦି ଟିକିଏ କୃପା ପ୍ରତି ଉନ୍ମୁଖ ହୁଏ, ସଙ୍ଗେ ସଙ୍ଗେ ମାୟାର ବନ୍ଧନ ଛିନ୍ନ ହୁଏ । ସେ କୃପାର ଆଶ୍ରୟ ଗ୍ରହଣ କଲେ ସାଧାରଣ ଅବସ୍ଥାରୁ ଉତ୍ଥିତ ହୁଏ, ଉନ୍ନୀତ ହୁଏ – ଏପରିକି ଚରମ ବିକାଶର ପର୍ଯ୍ୟାଏଁ ଉଠିଯାଇପାରେ । ଠିକ୍ ସେହିଭଳି ଥରେ ଯଦି ସ୍ୱାଭାବିକ ମାନୁଷୀସ୍ଥିତିରୁ ଗୋଡ଼ ଖସିଯାଏ, ତେବେ ବିବେକ ଉପରେ ପରଦା ପଡ଼ିଯାଏ ଏବଂ ସେ ରସାତଳକୁ ଖସିଯାଏ । ଅବଶ୍ୟ ସେ ଜାଗାରୁ ବି ଉଠିଆସି ପାରେ ଯଦି ମହାପୁରୁଷଙ୍କ ସଙ୍ଗଲାଭ କରେ, ଭଗବାନଙ୍କ ନାମ ଓ ଲୀଳାର ସ୍ମରଣ କରେ, କୃପାକୁ ଆବାହନ କରେ । ଏହି ଉପମା କହୁଛି ଯେ ଜୁଆର ବେଳେ ତଟଦେଶ ମହାସମୁଦ୍ରର ଅଙ୍ଗୀଭୂତ ହୁଏ, ପୁଣି ଭଟ୍ଟା

ପଡ଼ିଲେ ସେଇ ତଟଭୂମି ସ୍ଥଳଭାଗ ସହିତ ସଂଯୁକ୍ତ ହୁଏ; ଉଭୟ ପାର୍ଶ୍ୱରେ ସେ ପ୍ରବେଶ କରିପାରେ । ଭାଗବତକାର କହୁଛନ୍ତି : ଜୀବଶକ୍ତି ଯେକାଳରେ ଜଗତ୍ ସଂସାରର ମାୟାରେ ମୁଗ୍ଧ ହୋଇ ତାକୁ ଆଲିଙ୍ଗନ କରେ, ସେ ମୁହୂର୍ତ୍ତରେ ସେ ନିଜର ଉର୍ଦ୍ଧ୍ୱଲୋକର ସ୍ୱରୂପସ୍ଥିତି ବିସ୍ମୃତ ହୁଏ, ଦିବ୍ୟସମ୍ଭାବନାର ପ୍ରତିଶ୍ରୁତିମାନ ତା'ଠାରୁ ଦୂରେଇ ଯାଏ । ପୁଣି ଚୈତନ୍ୟ ଉଦୟ ହେଲେ ବା କୃପାଶକ୍ତିର ଅନୁପ୍ରବେଶ ଘଟିଲେ ଜୀବଶକ୍ତି କୁଣ୍ଡଳୀକୃତ ଅବସ୍ଥାରୁ ମୁକୁଳିବାକୁ ଲାଗେ । ଏହି ଅନୁପ୍ରବେଶ ଉଭୟ ଦିଗରୁ ଘଟେ – ଉର୍ଦ୍ଧ୍ୱରୁ ନିମ୍ନ ଆଡ଼କୁ ଓ ନିମ୍ନରୁ ଉର୍ଦ୍ଧ୍ୱ ଦିଗରେ । ଜୀବାତ୍ମାର ଏକ ବିଶେଷ ଗୁଣ, ତା'ର ଅନୁପ୍ରବେଶର କ୍ଷମତା – ଏଇଟି ସକଳ ମଣିଷଙ୍କର ସ୍ୱଭାବସିଦ୍ଧ । ଈଶ୍ୱରଙ୍କର ଅଂଶ ବିଭୂତି ହେଉଛି ଜୀବାତ୍ମା, ତେଣୁ ଈଶ୍ୱର ଜୀବ ମଧ୍ୟରେ ଯେପରି ଅନୁପ୍ରବେଶ କରନ୍ତି, ଜୀବ ମଧ୍ୟ ସେହିପରି ଈଶ୍ୱରଙ୍କ ମଧ୍ୟରେ ପ୍ରବେଶ କରିବାର କ୍ଷମତା ରଖେ । ଏହି ପ୍ରଭାବର ଏପରି ଶକ୍ତି ଯେ ସାଧାରଣଠୁ ସାଧାରଣ ବ୍ୟକ୍ତି ମଧ୍ୟ ଦିବ୍ୟଭାବର ଆବେଶରେ ଅନ୍ୟ ଏକ ବ୍ୟକ୍ତିତ୍ୱରେ ପରିଣତ ହୋଇଯାଏ । ସେଇ କୃପା ସ୍ୱୟଂ ଅନୁପ୍ରବେଶ କରିଥାଏ, ଯେମିତି ଦସ୍ୟୁରତ୍ନାକର ଓ ଅଜାମିଳଙ୍କ କ୍ଷେତ୍ରରେ ଘଟିଥିଲା । ଯାହାଙ୍କର କୃପାବଳରେ ପଙ୍ଗୁ ଗିରି ଲଂଘନ କରେ, ଅନ୍ଧ ଚକ୍ଷୁଷ୍ମାନ ହୁଏ, ମୂକ ବାଚାଳମୁଖର ହୋଇଉଠେ, ସେଇ ପରମାନନ୍ଦ ମାଧବଙ୍କୁ କାଳ କାଳ ଧରି ବନ୍ଦନା କରାଯାଇଛି । କାହିଁକି ଏ ଅନୁପ୍ରବେଶ ଓ ଆଦାନ- ପ୍ରଦାନ ହୋଇଥାଏ ? କାରଣ ତତ୍ତ୍ୱତଃ ପରମ ପୁରୁଷ ଓ ଜୀବ – ଦୁହେଁ ଏକହିଁ ପରମତତ୍ତ୍ୱର ଦୁଇଟି ବିଭାବ, ତେଣୁ ପାରସ୍ପରିକ ଆକର୍ଷଣ ରହିବ । ସେ ଅଂଶୀ, ଆମେ ତାଙ୍କର ଅଂଶ, ସେ ଅବୟବୀ – ଏ ସ୍ଥୂଳ, ସୂକ୍ଷ୍ମ ଜଗତ୍, ଏ ଲୋକ-ଲୋକାନ୍ତର, ଏ ତାରକାମଣ୍ଡଳୀ, ଏସବୁ ଦେବାଦେବୀ ସମସ୍ତେ ତାଙ୍କର ଅବୟବ । ଏପରିକି ଭଗବାନଙ୍କ ପ୍ରକଟ ଲୀଳାରେ ଯେଉଁମାନେ ଦୃଢ଼ ବିରୋଧ କରୁଥା'ନ୍ତି, ସେମାନଙ୍କର ବି ସେହି ଲୀଳା-ବିଳାସରେ ବୃହତ୍ ଭୂମିକା ରହିଛି । ସେମାନଙ୍କ ବିରୋଧ ହେତୁ ଅବତାରଙ୍କ ମହିମା ଆହୁରି ଜାଜ୍ୱଲ୍ୟମାନ ହୁଏ ।

ନିମାଇ ଗୟାରୁ ଫେରିବା ପରେ ଅଧ୍ୟାପନା, ଶିକ୍ଷକତା ପ୍ରତି ମନୋଯୋଗ ଦେଲେ ନାହିଁ । ଆଗଭଳି ତାଙ୍କ ଚାରିପାଖରେ ଅନ୍ତେବାସୀଙ୍କ ଆନନ୍ଦ କଳରୋଳ, ଯୁକ୍ତିତର୍କ, ପ୍ରଶ୍ନୋତ୍ତର ଆଉ ଲାଗିରହିଲା ନାହିଁ, ବରଂ ସେମାନଙ୍କୁ ସେ ଅନ୍ୟ ଶିକ୍ଷକଙ୍କ ନିକଟକୁ ପଠାଇଦେଲେ । ନିଜ ଭକ୍ତି ସାଧନାରେ ଅଧିକ ତନ୍ମୟ ରହିବାକୁ ଲାଗିଲେ, ଅନେକେ ତାଙ୍କ ମୁଖରୁ କୃଷ୍ଣ ପ୍ରସଙ୍ଗ ନଶୁଣି ଗୋପୀ ପ୍ରସଙ୍ଗ, ବୃନ୍ଦାବନଲୀଳା, ଶ୍ରୀରାଧାଙ୍କ ମହାଭାବର କଥା ଶୁଣି ଆଶ୍ଚର୍ଯ୍ୟ ହେଲେ – ପ୍ରଥମେ ତ ବେଦବିହିତ ପଦ୍ଧତି ପ୍ରତି ଅନାସ୍ଥା, ଦ୍ୱିତୀୟରେ ବର୍ଣ୍ଣାଶ୍ରମ ଧର୍ମ ପ୍ରତି ଅନାଦର ଏବଂ ଶେଷରେ ଗୋପୀଭାବର ଆଲମ୍ବନରେ ଭକ୍ତି ସାଧନା – ଏସବୁ କେହି ବୁଝିପାରିଲେ ନାହିଁ । ସେତିକିବେଳେ ନାଟକାଦି ମଞ୍ଚସ୍ଥ କରିବାରେ ସେ ମନ ଦେଇଥିଲେ ତାଙ୍କ ସାଙ୍ଗସାଥୀଙ୍କୁ ନେଇ । ନାଟକ 'ବୃନ୍ଦାବନ ଲୀଳାରେ' ସେ 'ମହାମାୟା ଆଦ୍ୟାଶକ୍ତି'ଙ୍କର ଭୂମିକାରେ ଅବତୀର୍ଣ୍ଣ ହୋଇ ଅତି ଚମତ୍କାର ଅଭିନୟ କରିଥିଲେ ।

ଆଉ ଏକ ନାଟକରେ କୁଶଳ ଅଭିନୟ କରିଥିଲେ ରୁକ୍ମିଣୀ ଭୂମିକାରେ ବୋଲି କଥିତ ଅଛି । ନିମାଇଙ୍କର ଅମାୟିକ ବ୍ୟବହାର, ରୁଚିସଙ୍ଗତ କଥାବାର୍ତ୍ତା ସହିତ ଏହି ଅଭିନୟକୁ ମାଧ୍ୟମ କରି ଭଗବତ୍ ପ୍ରସଙ୍ଗ, ଅବତାର ଲୀଳାକୁ ଲୋକଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ସିନା ସାଧାରଣ ନରନାରୀଙ୍କୁ ଅଭିଭୂତ କରୁଥିଲା, ମାତ୍ର ପଣ୍ଡିତମନ୍ୟ ବ୍ରାହ୍ମଣ ତଥା ମର୍ଯ୍ୟାଦା-ସମ୍ପନ୍ନ ଧନିକମାନଙ୍କର ଏହା ପସନ୍ଦ ନଥିଲା । ନିମାଇ ପ୍ରଥମେ ବନ୍ଧୁଙ୍କ ଅଙ୍ଗନରେ କୀର୍ତ୍ତନ ଓ ଲୀଳା ପ୍ରସଙ୍ଗ ଆଲୋଚନା କରୁଥିଲେ । ପରେ ସେ ଏହି ହରିନାମ ସଂକୀର୍ତ୍ତନକୁ ପ୍ରତିଟି ପରିବାର ସମ୍ମୁଖରେ ପହଞ୍ଚାଇବାକୁ ନଗର କୀର୍ତ୍ତନ ଆରମ୍ଭ କଲେ ଯାହା ସାୟାହ୍ନରେ ହେଉଥିଲା ।

ଏସବୁ ଦ୍ୱାରା ଏକପ୍ରକାର ଧର୍ମାନ୍ଦୋଳନ ହେଲା । 'ଭଣ୍ଡମାନଙ୍କୁ ସାଥିରେ ଧରି ସମାଜର ଅଧଃପତନ ଆଣିଲା, ବେଦ ସମ୍ମତ ଆଚରଣ କଲା ନାହିଁ । ନୀଚକୁଳର ଲୋକେ ତା' ସାହସ ପାଇ ବ୍ରାହ୍ମଣଙ୍କୁ ସମ୍ମାନ ଦେବେ ନାହିଁ ଆଗଭଳି'... ଆଦି ମନ୍ତବ୍ୟ ଯେପରି ଶୁଣିବାକୁ ମିଳିଲା, ସେଇପରି ସଂସାରୀ ଓ ବିଷୟାସକ୍ତ ଲୋକେ ବି ଅପବାଦ ଦେବାକୁ ଛାଡ଼ିଲେ ନାହିଁ । କହିଲେ : 'କିଛି ବିଷୟ ସମ୍ପତ୍ତି ଅଛି, ଘରେ ସୁନ୍ଦରୀ ସାଧ୍ୱୀ ସ୍ତ୍ରୀ ଓ ମା' ଜନନୀ ଅଛନ୍ତି ସୁଖସୁବିଧା ଦେଖିବା ପାଇଁ । କେଉଁ ହିସାବରେ ନିମାଇ ଆମଠୁ ଉତ୍ତମ ? ଆମେ ଯେମିତି ବିଷୟୀ, ସେ ବି ତ ସେମିତି ବିଷୟୀ, କଥା କହୁଛି ଯେପରି ସର୍ବତ୍ୟାଗୀ ସନ୍ନ୍ୟାସୀ, ଆଉ ଲୋକଙ୍କ ପାଖରେ ନିଜକୁ ସଂସାର ବୈରାଗୀ ସାଧକଙ୍କ ଭଳି ଦେଖାଇ ହେଉଛି !' ଗୋସ୍ୱାମୀ କବିରାଜ କହୁଛନ୍ତି : ନୈଷ୍ଠିକ ବ୍ରାହ୍ମଣମାନେ ନିମାଇଙ୍କ ଉପରେ ଅତିମାତ୍ରାରେ ଅସନ୍ତୁଷ୍ଟ ଥିଲେ :

'ସବୁଦେଶ ଭ୍ରଷ୍ଟ କୈଲ ଏକେଲା ନିମାଇ ।
ବ୍ରାହ୍ମଣ ମାରିତେ ଚାହେ ଧର୍ମଭୟ ନାହିଁ ।'

– ସନ୍ନ୍ୟାସ ନେବା ପଶ୍ଚାତରେ ଯେ ଏଇ ମନ୍ତବ୍ୟହିଁ କାରଣ, ଏକଥା କୁହାଯାଇ ନପାରେ । ନିମାଇ ଯାହା କହୁଛନ୍ତି, ନିଜେ ତାହାର ଦୃଷ୍ଟାନ୍ତ ସ୍ୱରୂପ ହେବାକୁ ମଧ୍ୟ ଇଚ୍ଛା କରୁଥିଲେ । ମାତ୍ର ବିଶ୍ୱରୂପଙ୍କ ଗୃହତ୍ୟାଗ ପରେ ସେ ପିତାମାତାଙ୍କ ନିକଟରେ ରହି ସେବାଶୁଶ୍ରୂଷା କରିବେ ବାର୍ଦ୍ଧକ୍ୟରେ, ସେମାନଙ୍କର ଦୁଃଖର କାରଣ ହେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇସାରିଥିଲେ । ଅଥଚ ସଂସାରରେ ରହି ମଧ୍ୟ ସଂସାର ପ୍ରତି ଆସକ୍ତି ନଥିଲା; ବିଦ୍ୟାବୁଦ୍ଧି, ପ୍ରତିଭା ଓ ବୃତ୍ତିର ମାନ୍ୟତା, ସେସବୁ ପଛରେ ଛାଡ଼ି ଆସିଥିଲେ । ପ୍ରିୟ ସଙ୍ଗୀ ତଥା ଅନୁଗାମିଗଣ, ଘରେ ମା' ଓ ପତ୍ନୀ – ଏମାନଙ୍କ ଆଗରେ ଗୃହତ୍ୟାଗର ପ୍ରସଙ୍ଗ କେମିତି ଉତ୍ଥାପନ କରିବେ, ସେମାନଙ୍କର ଏକମାତ୍ର ଅବଲମ୍ବନ ହୋଇ ଏତେବଡ଼ ଆଘାତ କେମିତି ଦେବେ – ସେକଥା ଭାବି ସେ ସଂକୋଚବୋଧ କରୁଥିଲେ । ତଥାପି ବନ୍ଧୁମାନଙ୍କୁ ଓ ପ୍ରିୟଲୋକଙ୍କୁ ସେ ତାଙ୍କ ସଂକଳ୍ପ ଜଣାଇ ଦେଇଥିଲେ ଯେ ଅଚିରେ ସିଏ ସନ୍ନ୍ୟାସ ଗ୍ରହଣ କରିବେ ।

ତାଙ୍କର ସଂକଳ୍ପକୁ ପୂରା କରିବା ପାଇଁ ଦୈବାତ୍ ସନ୍ନ୍ୟାସିପ୍ରବର କେଶବ ଭାରତୀ କାର୍ଯ୍ୟାନ୍ତରରେ ନବଦ୍ୱୀପକୁ ଆସିଥିଲେ । କାଟୋୟାରେ (ପୂର୍ବବଙ୍ଗରେ) ତାଙ୍କର ଆଶ୍ରମ । ସେ ନିଜ ତରଫରୁ ବିଶ୍ୱମ୍ଭର ମିଶ୍ରଙ୍କର ଅତିଥି ହେବାକୁ ଇଚ୍ଛା କରିଥିଲେ । ଶଚୀଦେବୀଙ୍କର ଅତିଥିପରାୟଣତା ତାଙ୍କର ବିଦିତ ଥିଲା, ତେଣୁ ନବଦ୍ୱୀପରେ ତାଙ୍କ କାର୍ଯ୍ୟ ସମାପନାନ୍ତେ ସେ ନିମାଇଙ୍କ ଗୃହରେ ପହଞ୍ଚିଲେ । ଶଚୀଦେବୀ ଓ ତାଙ୍କ ପୁତ୍ରବଧୂ ଦୁହେଁ ତାଙ୍କର ପରିଚର୍ଯ୍ୟା କଲେ ଯତ୍ନର ସହିତ । ଗୃହସ୍ୱାମୀ ଭାବେ ନିମାଇ ନିକଟରେ ରହି ସବୁ ଯୋଗାଇ ଦେଉଥିଲେ । ଭିକ୍ଷା ସମାପ୍ତ କରି ସନ୍ନ୍ୟାସୀ କିଛି ସମୟ ବିଶ୍ରାମ କଲେ । ସେଇ ଅବସରରେ ନିମାଇ ତାଙ୍କର ଅଭିପ୍ରାୟ ଜଣାଇଲେ । ତତ୍ପୂର୍ବରୁ ଆନୁପୂର୍ବିକ ତାଙ୍କର ମନ୍ତ୍ରଗ୍ରହଣ ଓ ବୈରାଗ୍ୟର କଥା କହି ପଚାରିଲେ ଗୃହସ୍ଥ ହିସାବରେ ତାଙ୍କର ସନ୍ନ୍ୟାସ ନେବାର ଅଧିକାର ଅଛି କି ? ଭାରତୀ ମହାଶୟ କହିଲେ, ''ବୃଦ୍ଧା ଜନନୀଙ୍କର ଏକମାତ୍ର ପୁତ୍ର ହିସାବରେ ବାର୍ଦ୍ଧକ୍ୟର ଅବଲମ୍ବନ ଏବଂ ସହଧର୍ମିଣୀ ଏବେଯାଏଁ ପୁତ୍ରମୁଖ ଦର୍ଶନ କରି ନାହିଁ । ଏକ୍ଷେତ୍ରରେ ସନ୍ନ୍ୟାସବୃତ୍ତି ସମୀଚୀନ ନୁହେଁ, ଯଦି ଦ୍ୱିଧା ନକରି ସେ ଦୁହେଁ ଅନୁମତି ଦିଅନ୍ତି ଏବଂ ସେମାନଙ୍କର ଭରଣପୋଷଣ ଓ ରକ୍ଷଣାବେକ୍ଷଣର ସୁବନ୍ଦୋବସ୍ତ କରି ଦିଆଯାଏ ସେ ସନ୍ନ୍ୟାସ ନେଇପାରିବେ, ନଚେତ୍ ଏହା ହୋଇପାରିବ ନାହିଁ – ଶାସ୍ତ୍ରମତରେ । ସୁତରାଂ ଉଭୟଙ୍କର ଅନୁମତି ନେବା ସକାଶେ ନିମାଇ ନିଜକୁ ପ୍ରସ୍ତୁତ କଲେ । ସୁଅବସରରେ ଜନନୀଙ୍କ ସମୀପରେ ବସି ନିଜର ଅଭିଳାଷ ଜଣାଇବାରୁ ଯେତେ ବ୍ୟଥାଦାୟକ ହେଲେ ବି ଶଚୀଦେବୀ କହିଲେ :

''କେ ତୁମି କେ ତୋମାର ପୁତ୍ର ।
ମିଛ ମୋର ତୋର କରି କର ଅନୁତାପ ।।
କି ନାରୀ କି ପୁରୁଷ କିବା କେବା କାର ପତି ।
ଶ୍ରୀକୃଷ୍ଣ ଚରଣ ବିନୁ ଅନ୍ୟ ନାହି ଗତି ।।
ସେଇ ମାତା ସେଇ ପିତା ସେଇ ବନ୍ଧୁଜନ ।
ସେଇ ହର୍ତ୍ତା ସେଇ କର୍ତ୍ତା ସେଇ ମାତ୍ର ଧନ ।।''

ଜନନୀ ଯେ ଏତେ ସହଜରେ ପୁତ୍ରର ଗୃହତ୍ୟାଗରେ ପ୍ରସନ୍ନ ମନରେ ଅନୁମତି ଦେବେ, ଭାବି ନଥିଲେ ନିମାଇ, ଅଭିଭୂତ ହେଲେ ସିଏ ।

ଅନିଚ୍ଛା ସତ୍ତ୍ୱେ ସଂସାରରେ ରହିଲେ କାଳେ ପୁତ୍ରର କିଛି ଅନିଷ୍ଟ ହେବ, ଏହି ଆଶଙ୍କାରେ ମା' ବିଚଳିତ ହୋଇଗଲେ । ଯଦି ସନ୍ନ୍ୟାସ ନେଇ ପୁତ୍ର ଅନନ୍ତ ଶାନ୍ତି ଅନୁଭବ କରେ, ତାହାହିଁ ଶ୍ରେୟ, ତାଙ୍କର ମଧ୍ୟ ଏହା ଅଭୀଷ୍ଟ । ସେ ପୁତ୍ରକୁ ଆଶୀର୍ବାଦ ଦେଲେ ଓ ଆଉ କିଛିଦିନ ଘରେ ରହିବାକୁ ଅନୁରୋଧ କଲେ, ବିଶ୍ୱମ୍ଭରଙ୍କର ପ୍ରଥମ ପ୍ରଯତ୍ନ ସଫଳ ହେଲା ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ ❖

ଏହି ଯୋଗରେ ପ୍ରଥମ ପାଠ ହେଉଛି ଏକ ଶାନ୍ତ ନୀରବ ମନ, ଏକ ଦୃଢ଼ ସାହସ ଓ ଭଗବତ୍ ଶକ୍ତି ଉପରେ ପୂର୍ଣ୍ଣ ଆସ୍ଥା ରଖି ଜୀବନ ଓ ତା'ର ପରୀକ୍ଷାସବୁର ସମ୍ମୁଖୀନ ହେବା ।

– ଶ୍ରୀଅରବିନ୍ଦ

অন্তরাল জগত্

# ଚାରିଗୋଟି ବଡ଼ ଅସୁର

## ଶ୍ରୀମା

*ପ୍ରଶ୍ନ : ସେମାନଙ୍କୁ (ବିରୋଧୀସତ୍ତାଙ୍କୁ) ପରିବର୍ତ୍ତନ କରିବା ଅପେକ୍ଷାକୃତ ଉତ୍ତମ ହୁଅନ୍ତା ନାହିଁ କି ?*

ଶ୍ରୀମା : ହେ ମୋର ସନ୍ତାନ, ନିଶ୍ଚିତରୂପେ ଏହା ଅପେକ୍ଷାକୃତ ଉତ୍ତମ, ଯଥେଷ୍ଟ ଉତ୍ତମ ହୁଅନ୍ତା । କିନ୍ତୁ ତା'ପରେ ... ...

ଏହା ଏପରି ଗୋଟିଏ ରାଜ୍ୟ ଯାହା ସମ୍ବନ୍ଧରେ ମୋର ପୂର୍ଣ୍ଣ ଅଭିଜ୍ଞତା ରହିଛି । ୪୦ ବର୍ଷ ଧରି ଅବିରତ ଉଦ୍ୟମ କରିବା ପରେ ମୁଁ ଜାଣି ପାରୁଛି ଯେ ଯଦି କେହି ବାସ୍ତବିକ ନିଜେ ଆନ୍ତରିକଭାବେ ଚେଷ୍ଟା ନ କରନ୍ତି, ତେବେ ତାଙ୍କୁ ପରିବର୍ତ୍ତନ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଯଦି ଜଣେ ପୂର୍ଣ୍ଣ ଆନ୍ତରିକତା ସହ ଏହି କାର୍ଯ୍ୟ କରିବା ପାଇଁ ମନୋନିବେଶ ନ କରନ୍ତି, ଅବଶ୍ୟ ମୁଁ ୪୦ ବର୍ଷ ଧରି ଚେଷ୍ଟା କରିଛି, କେହି ୧୪୦ ବର୍ଷ ଧରି ମଧ୍ୟ ଏଦିଗରେ ଚେଷ୍ଟା କରିପାରନ୍ତି, କିନ୍ତୁ ସେହି ଏକା କଥା ହେବ – ସେ କେବେ ଅଗ୍ରସର ହୋଇ ପାରିବେ ନାହିଁ । ନିଜ ବିଷୟରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ଏ ପ୍ରକାର ସତ୍ତାମାନଙ୍କର ସ୍ୱଭାବ । ସେମାନେ ଇଚ୍ଛା କରନ୍ତି ନାହିଁ, ସେମାନଙ୍କର ପରିବର୍ତ୍ତନ ହେବା ଦିଗରେ ଆଦୌ ଆଗ୍ରହ ନ ଥାଏ । ବର୍ତ୍ତମାନ ମଧ୍ୟ ପୃଥିବୀ ସହିତ ସଂପୃକ୍ତ ଥିବା ସତ୍ତାମାନଙ୍କ ମଧ୍ୟରେ ଯେଉଁ ଆସୁରିକ ଶକ୍ତିମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଭିତରୁ ଯିଏ ସବୁଠାରୁ ବଡ଼, ଯିଏକି ହେଉଛି ମିଥ୍ୟାଚାରର ଅସୁର, ଯିଏ ନିଜକୁ 'ରାଷ୍ଟ୍ରମାନଙ୍କର ପ୍ରଭୁ' ବୋଲି କହୁଛି । ସେ ଏକ ସୁନ୍ଦର ନାମ ନେଇଛି, ଅର୍ଥାତ୍ ସେ ହେଉଛି 'ରାଷ୍ଟ୍ରମାନଙ୍କର ପ୍ରଭୁ' – ଯେଉଁଠାରେ କିଛି ଅସୁବିଧା ସୃଷ୍ଟି ହେଉଛି ସେଠାରେ ସେ ନିଜେ କିଂବା ତା'ର ଜଣେ ପ୍ରତିନିଧି ଥାଏ । ଏହା ମଧ୍ୟ ନିଶ୍ଚିତ ଯେ ଅତି ଶୀଘ୍ର ସେହି ସମୟ ଆସି ଯାଉଛି ଯେତେବେଳେ କି ତା' ପାଇଁ ସବୁକିଛି ଶେଷ ହୋଇଯିବ, ଅର୍ଥାତ୍ ସେ ଅଦୃଶ୍ୟ ହୋଇଯିବ । କିନ୍ତୁ ସେ ସ୍ପଷ୍ଟ ଭାବରେ ଘୋଷଣା କରୁଛି ଯେ ଅଦୃଶ୍ୟ ହେବା ପୂର୍ବରୁ ସେ ଯାହାପାରେ ସବୁକିଛି ନଷ୍ଟ କରିଦେବ । ପ୍ରକୃତରେ ଯଦି ତା' ସହିତ ଅନ୍ୟସବୁ କିଛି ଅଦୃଶ୍ୟ ନହୁଏ, ତେବେ ସେ ନିଜେ ଅଦୃଶ୍ୟ ହେବାକୁ ହୃଦୟର ସହିତ ଇଚ୍ଛା କରେ ନାହିଁ । ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ନୁହେଁ । କିନ୍ତୁ ତା'ର ସବୁ ବଳ ଖଟାଇ ସେ ଚାହେଁ ଯେତେ ପାରିବ ସେ ସମସ୍ତ ନଷ୍ଟ କରିବ, ଭାଙ୍ଗିଦେବ, ଚୂର୍‌ମାର୍ କରିଦେବ, ବିକୃତ କରିଦେବ – ଏହା ନିଶ୍ଚିତ । ତା'ପରେ ଏହାର ହେବ ପତନ । ସେ ଏହି ସର୍ତ୍ତରେ ପତନକୁ ଗ୍ରହଣ କରେ । ତା'ର ଯେ ପରିବର୍ତ୍ତନ ହୋଇପାରିବ, ଏକଥା ତା' ମସ୍ତିଷ୍କରେ ପ୍ରବେଶ କରେ ନାହିଁ । ଏହା ହେଲେ ସେତେବେଳେ ସେ ଆଉ 'ସେ' ହୋଇ ରହିବ ନାହିଁ, ତୁମେ କ'ଣ ତାହା ଦେଖିପାରୁ ନାହଁ, ସେ ଯାହା ଥିଲା, ତାହା ହୋଇ ଆଉ ରହିବ ନାହିଁ ।

ଏକ ମାନବ ସତ୍ତା ଏବଂ ପ୍ରାଣ ଜଗତର ଏହିସବୁ ସତ୍ତାମାନଙ୍କ ମଧ୍ୟରେ ବେଶ୍ ପ୍ରଭେଦ ରହିଛି । ମୁଁ ତୁମକୁ ଏହା ଅନେକ ବାର କହିଛି, ବର୍ତ୍ତମାନ ମୁଁ ପୁଣି ତା'ର ପୁନରାବୃତ୍ତି କରିବାକୁ ଯାଉଛି ।

ମାନବସତ୍ତା ମଧ୍ୟରେ ଯେଉଁ ଭଗବତ୍ ଉପସ୍ଥିତି ଏବଂ ଚୈତ୍ୟସତ୍ତା ରହିଛି ପ୍ରାଥମିକ ଅବସ୍ଥାରେ ତାହା ଭ୍ରୂଣ ଭାବରେ ଥାଏ, କିନ୍ତୁ ଶେଷରେ ପୂର୍ଣ୍ଣରୂପେ ତିଆରି ହୋଇଥିବା ଏକ ସତ୍ତା ହୁଏ ଯେକି ସଚେତନ, ସ୍ୱତନ୍ତ୍ର ଏବଂ ବ୍ୟକ୍ତିତ୍ୱ-ସମ୍ପନ୍ନ ହୋଇଥାଏ । ପ୍ରାଣଜଗତରେ ଏପରି ହୋଇ ନଥାଏ । ଜଡ଼ରେ ଏବଂ ପୃଥିବୀ ଉପରେ ବାସ କରୁଥିବା ମାନବସତ୍ତାମାନଙ୍କୁ ଏହି ସ୍ୱତନ୍ତ୍ର କୃପା ଦିଆଯାଇଛି । ଏବଂ ଏହି କାରଣରୁ ଏପରି କୌଣସି ମାନବସତ୍ତା ନାହିଁ ଯେକି ଇଚ୍ଛା କଲେ ପରିବର୍ତ୍ତିତ ହୋଇ ପାରିବ ନାହିଁ; ଅର୍ଥାତ୍ ତା'ର ଇଚ୍ଛା କରିବାର ସମ୍ଭାବନା ଅଛି ଏବଂ ସେ ଯେଉଁ ମୁହୂର୍ତ୍ତରେ ଇଚ୍ଛା କରିବ ଏହା ସେ କରିପାରେ । ସେ ଇଚ୍ଛା କରିବା ସଙ୍ଗେ ସଙ୍ଗେ ନିଶ୍ଚୟ କୃତକାର୍ଯ୍ୟ ହେବ । ଯେହେତୁ ପ୍ରାଣ-ଜଗତରେ ଥିବା ସତ୍ତାମାନଙ୍କ ଭିତରେ ଚୈତ୍ୟସତ୍ତା ନଥାଏ, ସେମାନଙ୍କର ସିଧାସଳଖ ଭଗବତ୍ ଉପସ୍ଥିତି ନଥାଏ (ପ୍ରକୃତରେ ପ୍ରାରମ୍ଭରେ ସେମାନେ ସିଧାସଳଖ ଭଗବାନଙ୍କଠାରୁ ଆସିଥିଲେ କିନ୍ତୁ ତାହା ଥିଲା କେବଳ ପ୍ରାରମ୍ଭରେ, ଯାହାକି ବହୁତ ଦୂରରେ ରହିଲାଣି) । ସେମାନଙ୍କ ଭିତରେ ଥିବା ଭଗବାନଙ୍କ ସହିତ ତାଙ୍କର ସମ୍ପର୍କ ନଥାଏ, ସେମାନଙ୍କର ଚୈତ୍ୟସତ୍ତା ନଥାଏ ।

ସେମାନେ ଯଦି ପରିବର୍ତ୍ତିତ ହୁଅନ୍ତି ସେମାନଙ୍କର ଆଉ କିଛି ପତ୍ତା ରହିବ ନାହିଁ ! କାରଣ ସେମାନେ ସମ୍ପୂର୍ଣ୍ଣରୂପେ ବିପରୀତ ସ୍ପନ୍ଦନ ଦ୍ୱାରା ଗଠିତ; ସେମାନେ ବ୍ୟକ୍ତିଗତ ଆତ୍ମ-ଦୃଢ଼ୋକ୍ତିସମ୍ପନ୍ନ ତଥା ନିରଙ୍କୁଶ କ୍ଷମତାସମ୍ପନ୍ନ ଓ ମୂଳସତ୍ତାରୁ ବିଚ୍ଛିନ୍ନ ହୋଇ ତିଆରି ହୋଇଥା'ନ୍ତି । ଏବଂ ଯାହାକିଛି ପବିତ୍ର, ସୁନ୍ଦର, ଉଦାର ତା' ପ୍ରତି ସେମାନଙ୍କର ଘୃଣା ରହିଥାଏ । ମଣିଷ ଭିତରେ ଏପରିକି ସବୁଠାରୁ ନିକୃଷ୍ଟ ମଣିଷ ଭିତରେ ଯେଉଁ ମୌଳିକ ଚୈତ୍ୟିକ ଉପାଦାନ ଥାଏ ଯାହା ତାକୁ ସୁନ୍ଦର ଏବଂ ପବିତ୍ର ପଦାର୍ଥକୁ ସମ୍ମାନ ଦେବାରେ ସାହାଯ୍ୟ କରେ, ସେମାନଙ୍କର ତାହା ନଥାଏ । ସବୁଠାରୁ ନୀଚ ସ୍ୱଭାବ ବିଶିଷ୍ଟ ବ୍ୟକ୍ତି ମଧ୍ୟ ତା'ର ସମସ୍ତ ନୀଚତା ସତ୍ତ୍ୱେ ଯାହାକିଛି ପବିତ୍ର, ଉଦାର ଓ ସୁନ୍ଦର ତାହାକୁ ନିଜର ଇଚ୍ଛା ବିରୋଧରେ ସମ୍ମାନ ଜଣାଇଥାଏ । କିନ୍ତୁ ପ୍ରାଣଜଗତର ସତ୍ତାମାନଙ୍କର ତାହା ନଥାଏ । ସେମାନେ ସମ୍ପୂର୍ଣ୍ଣରୂପେ ଅପର ପାର୍ଶ୍ୱରେ ଥାଆନ୍ତି, ସମ୍ପୂର୍ଣ୍ଣରୂପେ ଅନ୍ୟ ପାର୍ଶ୍ୱରେ ଥାଆନ୍ତି । ଏହା ସବୁପ୍ରକାରେ ସେମାନଙ୍କୁ ବିରକ୍ତ କରାଏ । ତାଙ୍କ ପାଇଁ ଏସବୁ ଏପରି ଜିନିଷ ଯାହାକୁ ସ୍ପର୍ଶ କରିବା କଥା ନୁହେଁ, କାରଣ ଏହା ଧ୍ୱଂସ କରେ; ଏହା ଦ୍ୱାରା ସେମାନେ ଅଦୃଶ୍ୟ ହୋଇଯିବେ । ସଦିଚ୍ଛା, ଆନ୍ତରିକତା, ପବିତ୍ରତା ଏବଂ ସୌନ୍ଦର୍ଯ୍ୟ ଏଭଳି ଜିନିଷ ଯାହାଦ୍ୱାରା ସେମାନେ ଅଦୃଶ୍ୟ ହୋଇଯିବେ । ତେଣୁ ସେମାନେ ଏସବୁକୁ ଘୃଣା କରନ୍ତି ।

ବର୍ତ୍ତମାନ ମୁଁ ଜାଣିପାରୁ ନାହିଁ କି ଉପାୟରେ ସେମାନଙ୍କୁ ପରିବର୍ତ୍ତନ କରିହେବ । କେଉଁ କ୍ଷେତ୍ରରୁ ଏଥିପାଇଁ ସମର୍ଥନ ମିଳିବ ? ଏପରିକି ସବୁଠାରୁ ବିରାଟ କ୍ଷେତ୍ରରେ ମଧ୍ୟ ମୁଁ ତାହା ଖୋଜି ପାଉ ନାହିଁ । ଅର୍ଥାତ୍ ପୃଥିବୀପୃଷ୍ଠରୁ ଘୃଣା ନଯିବା ପର୍ଯ୍ୟନ୍ତ ଏମାନଙ୍କ ଭିତରୁ କେତେକ ସତ୍ତା ଅଦୃଶ୍ୟ ହେବେ ନାହିଁ ... ... ଏହାକୁ ଅନ୍ୟପ୍ରକାର କୁହାଯାଇପାରେ । ଏହା ହେଲା – ସେହିସବୁ ସତ୍ତା ନଷ୍ଟ ହେଲେ ପୃଥିବୀପୃଷ୍ଠରୁ ଘୃଣା ଚାଲିଯିବ । କିନ୍ତୁ ମୁଁ ବର୍ତ୍ତମାନ ଯେଉଁ କାରଣ କଥା କହିଲି – ଅନ୍ଧକାର ସ୍ଥାନରେ ଆଲୋକର ଉତ୍ପତ୍ତି ପାଇଁ, କୁତ୍ସିତତା ପରିବର୍ତ୍ତେ ସୌନ୍ଦର୍ଯ୍ୟ ଆଣିବା ପାଇଁ, ଅସତ୍‌କୁ ସତ୍‌ରେ ପରିଣତ କରିବା କ୍ଷମତା ମଣିଷର ରହିଛି କିନ୍ତୁ ଅସୁରର ନାହିଁ । ଅତଏବ ମଣିଷକୁହିଁ ସେ କାର୍ଯ୍ୟ କରିବାକୁ ପଡ଼ିବ । ମଣିଷହିଁ ପରିବର୍ତ୍ତିତ ହେବ । ସେହିଁ ପୃଥିବୀକୁ ରୂପାନ୍ତର କରିବ । ସେହିଁ ଅସୁରଙ୍କୁ ଅନ୍ୟ ଜଗତକୁ ଚାଲିଯିବା ପାଇଁ କିଂବା ବିଲୀନ ହେବା ପାଇଁ ବାଧ୍ୟ କରିବ । ତା'ପରେ ସବୁକିଛି ଶାନ୍ତ ହେବ । ଏଇ ହେଲା କଥା ।

୧୦ ଜୁନ୍ ୧୯୫୩

(M.C.W., Vol. 5, P. 98-100)

*

*ପ୍ର : ଅସୁର ଭିତରୁ ଯଦି ଭଗବାନ୍ ନିଜକୁ ପ୍ରତ୍ୟାହାର କରିନିଅନ୍ତି ତେବେ ଅସୁର ଧ୍ୱଂସ ପାଇଯିବ – ନୁହେଁ କି ? – ତାହାହେଲେ ଅସୁରମାନଙ୍କ ଭିତରେ ଥିବା ଭଗବାନଙ୍କର କି ଅବସ୍ଥା ହେବ ?*

**ଶ୍ରୀମା** : ମୁଁ ଏପରି ଲୋକଙ୍କୁ ଜାଣେ ଯେଉଁମାନେ କି ସେମାନଙ୍କର ଚୈତ୍ୟସତ୍ତାକୁ ପରିତ୍ୟାଗ କରିଛନ୍ତି ଏବଂ ତଥାପି ସେମାନେ ବଞ୍ଚି ରହିଛନ୍ତି । ଯୁକ୍ତିଛଳରେ କହିବାକୁ ଗଲେ ଚୈତ୍ୟସତ୍ତା ବିନା ଏକ ମାନବ ସତ୍ତାର ମୃତ୍ୟୁ ହୋଇଥାଏ । ତଥାପି ସେମାନେ ବଞ୍ଚିରହନ୍ତି । ଜଗତରେ ଥିବା ଏହି ଆସୁରିକ ଶକ୍ତିମାନଙ୍କୁ ସମ୍ପୂର୍ଣ୍ଣରୂପେ ନିଶ୍ଚିହ୍ନ କରିବା ପାଇଁ ସମ୍ଭବତଃ ଏହା ଆବଶ୍ୟକ ହୋଇପାରେ ଯେ ଭଗବାନଙ୍କୁ ତାଙ୍କର ସମସ୍ତ ସୃଷ୍ଟିକୁ ନିଜ ଭିତରକୁ ଫେରାଇ ଆଣିବାକୁ ପଡ଼ିବ । କାରଣ ଏହି ଆସୁରିକ ଶକ୍ତିମାନେ ସୃଷ୍ଟିର ଉତ୍ପତ୍ତି ସମୟରୁହିଁ ଅଛନ୍ତି ।

*ପ୍ର : ଯଦି ଭଗବାନ୍ ନିଜ ଭିତରକୁ ନିଜେ ଫେରି ନ ଆସନ୍ତି ତେବେ ରୂପାନ୍ତର ତ ହୋଇ ପାରିବ ନାହିଁ ?*

**ଶ୍ରୀମା** : ସେକଥା କାହିଁକି ? ତାହା ତ ହେବ ପ୍ରଳୟ ! ଏହା ରୂପାନ୍ତର ନୁହେଁ, ଏହା ପୃଥିବୀର ବିଲୟ । କୁହାଯାଇ ଥାଏ ଯେ ଅତୀତରେ ଛଅ ଥର ସୃଷ୍ଟି ହୋଇଥିଲା । ଅର୍ଥାତ୍ ବିଶ୍ୱର ହୋଇଥିଲା ଛଅ ଥର ବାହ୍ୟପ୍ରକାଶ ଏବଂ ଛଅ ଥରଯାକ ବିଶ୍ୱ ପଛକୁ ଫେରିଯାଇଥିଲା । ଏହା ଧର୍ମପୁସ୍ତକ-ମାନଙ୍କରେ ବର୍ଣ୍ଣନା କରାଯାଇଛି । ତୁମେ ଏ କଥା ଜାଣିଛ – ଭଗବାନଙ୍କ ଆଡ଼କୁ ଏହା ଫେରିଯାଇଥିଲା । କିନ୍ତୁ କୁହାଯାଇଛି ଏଥର ହେଉଛି ଶେଷ । ଅବଶ୍ୟ ଏହା ସ୍ପଷ୍ଟତଃ ଶେଷ । କିନ୍ତୁ ଏହା ପୂର୍ଣ୍ଣ ସମାପ୍ତି ନୁହେଁ । ତା'ର କାରଣ ହେଲା ସୃଷ୍ଟିରେ କିଛି ଅଭାବ ରହିଯାଉଥିଲା ଏବଂ ତା'କୁ ଫେରାଇ ଅଣାଯାଇ ପୁଣିଥରେ ତିଆରି କରାଯାଉଥିଲା । ଏବଂ ଏହା କୁହାଯାଇଥାଏ ଯେ ଆମର ବର୍ତ୍ତମାନ ସୃଷ୍ଟି ହେଉଛି ସପ୍ତମ, ଏବଂ ସପ୍ତମ ହୋଇଥିବାରୁ ଏହା ହେଉଛି ପ୍ରକୃତ ସୃଷ୍ଟି, ଅର୍ଥାତ୍ ଏହା ଶେଷ ସୃଷ୍ଟି, ଏହାକୁ ଆଉ ପୁଣିଥରେ ଫେରାଇ ନିଆଯିବ ନାହିଁ । ଏହା ରୂପାନ୍ତର ହେବାରେ ଲାଗିଥିବ ଏବଂ ଅଧିକରୁ ଅଧିକ

ପୂର୍ଣ୍ଣତା ପ୍ରାପ୍ତ ହେଉଥିବ । ତେଣୁ ତାହାକୁ ଆଉ ଫେରାଇ ନିଆଯିବ ନାହିଁ ।

*ପ୍ର : ଯାହା କୁହାଯାଇଛି, ତାହା କେତେଦୂର ସତ୍ୟ ?*

ଶ୍ରୀମା : ସେକଥା ଆମେ ପରେ ଦେଖିବା !

*ପ୍ର : କିନ୍ତୁ ଗତ ଛଅଥର ଯାକ କ'ଣ ଏହିପରି ଘଟିଥିଲା ?*

**ଶ୍ରୀମା** : ପ୍ରଥମ ଛଅ ଥର, ହଁ ଏହା ସତ୍ୟ । ଏପରିକି ତା'ର କ୍ରମ ମଧ୍ୟ ଦିଆଯାଇଛି, ଯେଉଁ କ୍ରମ ଅନୁସାରେ... ... କାରଣ ପ୍ରତ୍ୟେକ ସୃଷ୍ଟି କେତେକ ବିଶେଷତ୍ୱ ନେଇ ତିଆରି ହୋଇଛି । ଏବଂ ଏହି ବିଶେଷତ୍ୱମାନଙ୍କର କ୍ରମ ଦିଆଯାଇଛି । ମୁଁ ସେସବୁ ଜାଣେ, ମୁଁ ତାହା କେଉଁଠାରେ ଲେଖିଛି । କିନ୍ତୁ ସେସବୁ ବର୍ତ୍ତମାନ ମୋ ପାଖରେ ନାହିଁ । ତେଣୁ ମୁଁ ତାହା ତୁମକୁ ଦେଇପାରିବି ନାହିଁ । କାରଣ ମୁଁ ଭୁଲ୍ କରିପାରେ । କିନ୍ତୁ ଦିନେ ମୁଁ ତୁମକୁ ଦେଖାଇ ପାରିବି ଯେଉଁ କାଗଜରେ ତାହା ଲେଖାହୋଇଛି । ମୁଁ ଯାହା ଜାଣିଛି ଏହି ଥର ଯେଉଁ ସୃଷ୍ଟି ହୋଇଛି ତାହା ସାମ୍ୟ ଉପରେ ପ୍ରତିଷ୍ଠିତ । କିନ୍ତୁ ଏହା ଏକ ବିଶେଷ ପ୍ରକାରର ସମତା, କାରଣ ଏହା ହେଉଛି ଏକ ପ୍ରଗତିଶୀଳ ସମତା । ଏହା ଏକ ସ୍ଥାଣୁ ସମତା ନୁହେଁ, ଏହା ହେଉଛି ବର୍ତ୍ତମାନ ସୃଷ୍ଟିର ଗୁଣ । ଏହା ହେଉଛି ସମତା, ସେଥିପାଇଁ କୁହାଯାଇଛି ଯେ ଏହି ସୃଷ୍ଟିରେ ଯଦି ପ୍ରତ୍ୟେକ ଜିନିଷ ଉପଯୁକ୍ତ ସ୍ଥାନରେ, ଠିକ୍ ସାମଞ୍ଜସ୍ୟ ରକ୍ଷା କରି ରହିଥିବ ତେବେ ଆଉ କିଛି ଅନିଷ୍ଟ ହେବ ନାହିଁ । ଅନିଷ୍ଟ ଅର୍ଥ କଣ ? — ଏହା ହେଉଛି ସାମ୍ୟ ଅବସ୍ଥାରେ ନ ଥିବା ଅବସ୍ଥା । ଏପରି କିଛି ନାହିଁ ଯାହାକି ନିଜ ଗୁଣ ଯୋଗୁଁ ମନ୍ଦ, କେବଳ ଏହାର ସ୍ଥାନ ଯାହାକି ଭୁଲ୍ ଅର୍ଥାତ୍ ଯାହାକି ଉଚିତ ସ୍ଥାନରେ ନାହିଁ ।

*ପ୍ର : ତାହାହେଲେ ଅସୁରମାନଙ୍କର ସ୍ଥାନ କେଉଁଠାରେ ?*

ଶ୍ରୀମା : ସେମାନଙ୍କୁ ଭଗବାନଙ୍କ ନିକଟକୁ ଫେରାଇ ନେବା । ଚାରୋଟି ବଡ଼ ବଡ଼ ଅସୁର ଥିଲେ । ସେହି ଚାରୋଟିଙ୍କ ମଧ୍ୟରୁ ଦୁଇ ଜଣଙ୍କର ପରିବର୍ତ୍ତନ ହୋଇଛି । ସେମାନେ ଭଗବତ୍ କାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି । ଅନ୍ୟ ଦୁଇଜଣ କିନ୍ତୁ ଭଲ ଭାବରେ ନିଜର ଅସୁରତ୍ୱକୁ ଜାବୁଡ଼ି ଧରିଛନ୍ତି । ସେମାନେ କେତେଦିନ ପର୍ଯ୍ୟନ୍ତ ଏପରି ଜାବୁଡ଼ି ଧରିବେ ଆମେ ସେକଥା ଦେଖିବା । ତାହାହେଲେ ସେମାନଙ୍କର ବାଛିବାର କଥା — ସେମାନେ ସମଷ୍ଟି ମଧ୍ୟରେ ପୂରା ସମତା ରକ୍ଷାକରି ପରିବର୍ତ୍ତିତ ହୋଇ ସ୍ଥାନ ଗ୍ରହଣ କରିବେ, ନଚେତ୍ ଯେଉଁଠାରୁ ସେମାନଙ୍କର ଉତ୍ପତ୍ତି ହୋଇଥିଲା ସେହିଠାରେ ଲୀନ ହୋଇ ମିଳେଇ ଯିବେ ।

ତାଙ୍କ ଭିତରୁ ଜଣେ ପ୍ରାୟ ପରିବର୍ତ୍ତିତ ହେବାକୁ ଚେଷ୍ଟା କରିଥିଲା । ମାତ୍ର ସେ କୃତକାର୍ଯ୍ୟ ହୋଇପାରିଲା ନାହିଁ । ଯେତେବେଳେ ଏହା ହେବାକୁ ଥିଲା ତାହା ତାକୁ ସମ୍ପୂର୍ଣ୍ଣ ଅପ୍ରୀତିକର ବୋଧ ହେଲା । ତେଣୁ ସେ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ସେହି ପରିବର୍ତ୍ତନକୁ ଘୁଞ୍ଚାଇ ଦେଲା ।

ଅନ୍ୟ ଅସୁରଟି କଥା କହିବାକୁ ଗଲେ, ସେ ଚେଷ୍ଟା କରିବାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରେ । ସେ ପୃଥିବୀରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି, କାରଣ ଯେଉଁମାନେ ଏହି ପରିସ୍ଥିତି ଜାଣି ନାହାନ୍ତି, ସେମାନେ ତାକୁ କହନ୍ତି 'ରାଷ୍ଟ୍ରମାନଙ୍କର ପ୍ରଭୁ' । ବାସ୍ତବିକ କିଛି ସମୟ ପୂର୍ବରୁ ମୁଁ ସେହି ଶକ୍ତିମାନଙ୍କ କଥା କହୁଥିଲି, ଯେଉଁମାନେ କି ପୃଥିବୀକୁ ଶାସନ କରୁଛନ୍ତି ଏବଂ କେବେହେଲେ ନିଜର ଶାସନକୁ ଛାଡ଼ିବାକୁ ଚାହାନ୍ତି ନାହିଁ । ଲୋକମାନେ ଏଥିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ — ଏହା ନୁହେଁ ଯେ ଦିନେ ନା ଦିନେ ତା'ର ଶେଷ ଅବସ୍ଥା ଆସି ପହଞ୍ଚିବ ବୋଲି ସେ ଜାଣେ ନାହିଁ, କିନ୍ତୁ ତଥାପି ଯେତେଦିନ ପର୍ଯ୍ୟନ୍ତ ପାରୁଛି ସେ ସର୍ବଦା ସେହି ଦିନକୁ ଘୁଞ୍ଚାଇ ଘୁଞ୍ଚାଇ ଚାଲିଛି ।

କିନ୍ତୁ ସେମାନଙ୍କର ମାନବିକ ପରିସର ନ ଥିବାରୁ ବହୁତଦିନ ପର୍ଯ୍ୟନ୍ତ ଏପରି ଭାବରେ ଚାଲିଥିବ, ନୁହେଁ କି ? ଯେତେଦିନ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଏକ ମାନବିକ-ଚେତନା ତାଙ୍କ ପ୍ରଭାବର ଉତ୍ତର ଦେବା ପାଇଁ ପ୍ରସ୍ତୁତ ହୋଇ ରହିଥିବ ସେମାନେ ସେତେଦିନ ପର୍ଯ୍ୟନ୍ତ ରହିବେ । ତେଣୁ ତୁମେ ବର୍ତ୍ତମାନ ସମସ୍ୟାଗୁଡ଼ିକୁ ଅନୁମାନ କରିପାରୁଥିବ ! ବର୍ତ୍ତମାନ ସେମାନେ ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ନୁହେଁ, ରାଷ୍ଟ୍ର ମାଧ୍ୟମରେ ତାଙ୍କର ପ୍ରଭାବକୁ ଜାହିର କରୁଛନ୍ତି । [... ...]

ଏହି ଚାରି ଅସୁରଙ୍କର ମୂଳ ଉତ୍ପତ୍ତି କେଉଁଠାରୁ ହୋଇଛି ତୁମେ ତାହା ଜାଣିଛ କି ? [... ...]

*ପ୍ର : ଆପଣ କହିଥିଲେ ଚାରିଗୋଟି ଦିବ୍ୟଶକ୍ତି ଅଛି : ପ୍ରେମ, ଆଲୋକ, ସତ୍ୟ ଏବଂ [... ...] ଜୀବନ [... ...] ତା' ପରବର୍ତ୍ତୀ ଅବସ୍ଥାରେ ଏହି ଚାରୋଟି ଶକ୍ତି ଭଗବାନଙ୍କଠାରୁ ପୃଥକ୍ ହୋଇଗଲେ ଏବଂ ମିଥ୍ୟାରେ ପରିଣତ ହେଲେ ... ...*

**ଶ୍ରୀମା** : ହଁ, ଏହା ସେହିପରି କିଛି ! ଏହା ସେହିପରି

କିଛି ! ଆଲୋକ କିଂବା ଚେତନା, ଆନନ୍ଦ କିଂବା ପ୍ରେମ, ଜୀବନ ଏବଂ ସତ୍ୟ ।

ତାହାପରେ ଆଲୋକ କିଂବା ଚେତନା ପରିଣତ ହେଲା ଅନ୍ଧକାର ଏବଂ ନିଶ୍ଚେତନାରେ । ପ୍ରେମ ଏବଂ ଆନନ୍ଦ ହେଲା – ଘୃଣା ଏବଂ ଯନ୍ତ୍ରଣା, ସତ୍ୟ ହେଲା ମିଥ୍ୟା ଏବଂ ଜୀବନ ହେଲା ମୃତ୍ୟୁ । ହଁ, ଏହା ହେଲା ପ୍ରଥମ ଦୁଇ ... କିନ୍ତୁ ସେହି ଅବସ୍ଥାରେ ନୁହେଁ । ପ୍ରଥମଟି ପରିବର୍ତ୍ତିତ ହୋଇ କାର୍ଯ୍ୟକରେ, କିନ୍ତୁ ସେ ଏକ ମାନବ ଶରୀର ଗ୍ରହଣ କରିବା ପାଇଁ ଅସ୍ୱୀକାର କରିଥାଏ । ସେ କହେ – ତା' କାର୍ଯ୍ୟରେ ଏହା ଏକ ବାଧା ସ୍ୱରୂପ; ସମ୍ଭବତଃ ଦିନେ ନା ଦିନେ ସେ ଏକ ମାନବ ଶରୀର ଧାରଣ କରିବ, କିନ୍ତୁ ବର୍ତ୍ତମାନ ପାଇଁ ସେ ଅଗ୍ରାହ୍ୟ କରୁଛି । ଦ୍ୱିତୀୟଟି ପରିବର୍ତ୍ତିତ ହୋଇଅଛି ଏବଂ ତା' ସ୍ୱେଚ୍ଛାରେ ଲୀନ ହୋଇଯାଇଛି । ସେ ତା' ନିଜ ଉତ୍ପତ୍ତିସ୍ଥଳରେହିଁ ଲୀନ ହୋଇଯାଇଛି । ଏବଂ ଶେଷ ଦୁଇଜଣ ଭଲ ଭାବରେ ନିଜର ପୁରୁଣା ସତ୍ତାକୁ ଜାବୁଡ଼ି ଧରିଛନ୍ତି ।

ସେମାନଙ୍କ ଭିତରୁ 'ମୃତ୍ୟୁ' ରୂପ ଗ୍ରହଣ କରିବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ସେ ପରିବର୍ତ୍ତିତ ହୋଇପାରିଲା ନାହିଁ । ସେ ଯେ ଶରୀର ଧାରଣ କରିବାକୁ ଚେଷ୍ଟା କରୁଥିଲା – ଏହା କ୍ୱଚିତ୍ ଦେଖା ଯାଇଥାଏ । ଏହା ଥିଲା ଆଂଶିକ ଭାବରେ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ଶରୀର ଧାରଣ କରିବା ନୁହେଁ । ପୂର୍ଣ୍ଣ ଶରୀର ଧାରଣ ସେମାନଙ୍କ ପକ୍ଷରେ କଷ୍ଟସାଧ । କାରଣ ମାନବ ଶରୀର ଖୁବ୍ କ୍ଷୁଦ୍ର, ମାନବ ଚେତନା ମଧ ଖୁବ୍ କ୍ଷୁଦ୍ର ।

ଅନ୍ୟଟି ସମ୍ପର୍କରେ କହିବାକୁ ଗଲେ ତା'ଠାରୁ ଆସୁଥିବା ଶକ୍ତି କେତେକ ମାନବ ଶରୀରରେ ବେଶ୍ କ୍ରିୟାଶୀଳ । ପୃଥିବୀର ସାମ୍ପ୍ରତିକ ଇତିହାସରେ ସେ ଏକ ବିରାଟ ଭୂମିକା ଗ୍ରହଣ କରିଛି !

*ପ୍ର : ଅସୁରମାନେ କ'ଣ ନିଜ ନିଜ ଭିତରେ କଳହ କରନ୍ତି ନାହିଁ ?*

ଶ୍ରୀମା : ହଁ ! ହଁ ! ଆସୁରିକ ପ୍ରଭାବରେ ଥିଲେ ମଣିଷମାନେ ଯେପରି କରିଥା'ନ୍ତି ଠିକ୍ ସେହିପରି । ସେମାନେ ନିଜ ନିଜ ଭିତରେ ସବୁଠାରୁ ଅଧିକ ଶତ୍ରୁତା କରିଥା'ନ୍ତି । ଆମେ ନିଶ୍ଚୟ କହିବା ଏହା ଏକ ଆଶୀର୍ବାଦ, କାରଣ ଯଦି ସେମାନଙ୍କ ଭିତରେ ବୁଝାମଣା ଥାଆନ୍ତା, ତେବେ ଘଟଣାସବୁ ବହୁତ ଜଟିଳ ହୋଇଥା'ନ୍ତା । ବୋଧହୁଏ ଏପରି ହୋଇଛି ତା'ର କାରଣ ଏହା ହେଲା ସମତା ରକ୍ଷା କରିବାର ନିୟମ, ଯାହାକି ପୃଥିବୀକୁ ଶାସନ କରୁଛି । ସେମାନଙ୍କର ପ୍ରଭାବ ହ୍ରାସ କରିବା ପାଇଁ ଏପରି କରାଯାଇଛି । କିନ୍ତୁ ତଥାପି [... ...]

*ପ୍ର : କିନ୍ତୁ ବିରୋଧିଶକ୍ତିମାନଙ୍କ ପାଇଁ ମଣିଷ କାହିଁକି ଆକର୍ଷଣର କେନ୍ଦ୍ର ହୋଇଛି ? ସେ ତ ଏତେ ସୀମିତ !*

ଶ୍ରୀମା : ହଁ । ସେମାନେ ଅବଶ୍ୟ ସାଧାରଣତଃ କୌଣସି ଜଣେ ମଣିଷ ଉପରେ କାର୍ଯ୍ୟ କରନ୍ତି ନାହିଁ । କିନ୍ତୁ ସେମାନେ ପାର୍ଥିବ ବାତାବରଣକୁ ଅଧିକାର କରିବାକୁ ଚେଷ୍ଟା କରନ୍ତି; ବୁଝି ପାରିଲ, ଏବଂ ସେମାନେ ମଣିଷମାନଙ୍କୁ ଅଧିକାର ନକଲେ ପାର୍ଥିବ ବାତାବରଣକୁ ଅଧିକାର କରିପାରିବେ ନାହିଁ; କାରଣ ମଣିଷ ଭିତରେହିଁ ସବୁଠାରୁ ଉଚ୍ଚତମ ପାର୍ଥିବ ଶକ୍ତି ପ୍ରକାଶିତ ହେଉଅଛି । ଏକ ମାନବ ଶରୀରକୁ ପରିବର୍ତ୍ତନ କରିବା ବିଷୟ, ତାହା ବାସ୍ତବିକ ... ... ତା'ର ଉତ୍ତର ବଡ଼ ସରଳ । ତାହାର କାରଣ ହେଲା – ମଣିଷ ଭିତରେ ଏକ ଚୈତ୍ୟସତ୍ତା ରହିଛି ଏବଂ ଏପରି କୌଣସି ଅସୁର ନାହିଁ ଯେକି ଅନାଦି କାଳ ପର୍ଯ୍ୟନ୍ତ ଚୈତ୍ୟସତ୍ତାର ପ୍ରଭାବକୁ ପ୍ରତିରୋଧ କରିପାରିବ । ଯେତେଦୂର ପାରେ ସେ ସମର୍ପଣ କରି ନିଜକୁ ଘନିଷ୍ଠଭାବେ ବାନ୍ଧି ରଖିବା ପାଇଁ ପ୍ରତ୍ୟାଖ୍ୟାନ କଲେ ମଧ, ସେ ତାହା ପାରିବ ନାହିଁ । କାରଣ ଏହାହିଁ ହେବ ସେମାନଙ୍କର ଅସ୍ତିତ୍ୱକୁ ନିଶ୍ଚିତରୂପେ ଅସ୍ୱୀକାର କରିବା ।

୧୬ ଜୁନ୍ ୧୯୫୪

(M.C.W., Vol. 6, P. 170-74)

ଅନୁବାଦ : ଶ୍ରୀମତୀ ପ୍ରୀତି ପଟ୍ଟନାୟକ

ଭଗବାନ୍ ଚାହାନ୍ତି ନାହିଁ ଏକ ଆଂଶିକ ତଥା କ୍ଷଣସ୍ଥାୟୀ ବିଜୟ । ତାଙ୍କର ବିଜୟ ହେବାକୁ ହେବ ସମ୍ପୂର୍ଣ୍ଣ ଓ ଚିରସ୍ଥାୟୀ – ସେଥିପାଇଁ ଆମକୁ ସହିବାକୁ ଓ ଯଥାର୍ଥ ସମୟ ନ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଯାହାହେଉ, ଦିବ୍ୟବିଶ୍ୱାସ ଓ ନିର୍ଭରତା ବଳରେ ଏପରିକି ସହନଶୀଳତା ମଧ ସହଜ ହୋଇଉଠେ ।

– ଶ୍ରୀମା

# ସଂପାଦକୀୟ ....

ଅନେକ ସମୟରେ ଆମ ନିଜର ଚେତନାକୁ ଅନାଇ ଦେଖିଲେ ମନରେ ଏହି ପ୍ରଶ୍ନ ଆସେ : ସତେ କ'ଣ ଭଗବାନ୍ ଅଛନ୍ତି ବୋଲି ଆମେ ବିଶ୍ୱାସକରୁ ? ଯଦି ଆମେ ପ୍ରକୃତରେ ବିଶ୍ୱାସକରୁ ଯେ ଭଗବାନ୍ ବୋଲି କେହି ଜଣେ ଅଛନ୍ତି ଏବଂ ଅନନ୍ତ କୃପା ନେଇ ଏହି ପୃଥିବୀକୁ ଓ ସାରା ସୃଷ୍ଟିକୁ ଏକ ପରମ କଲ୍ୟାଣ ଦିଗରେ ଚାଳିତ କରୁଛନ୍ତି ତେବେ ସେଇଠି ଆମର ସମସ୍ତ ସମସ୍ୟାର ସମାଧାନ ହୋଇଯାଉ ନାହିଁ କି ? କାରଣ ଯଦି ଏ ସୃଷ୍ଟିର ଚାଳନା ପଛରେ ଆମର ଦୃଷ୍ଟି ଓ ବିଚାରଠାରୁ ଅନନ୍ତ ଗୁଣରେ ମହାନ୍ ଓ ଶକ୍ତିମାନ୍ ଏକ ଦିବ୍ୟଚେତନା, ଏକ ପରମ ବିଜ୍ଞତା କ୍ରିୟା କରୁଛି ବୋଲି ଆମେ ବିଶ୍ୱାସ କରୁ, ତେବେ ଆମର ସର୍ବନିମ୍ନ ସାଧାରଣ ବୁଦ୍ଧି କହିବ ଯେ ଆମ ପାଇଁ ବା ସୃଷ୍ଟିର ଯେକୌଣସି ବସ୍ତୁ ପାଇଁ କ'ଣ ଭଲ ବା କ'ଣ ମନ୍ଦ, କ'ଣ ମଙ୍ଗଳକର ବା କ'ଣ ଅମଙ୍ଗଳକର, ତାହା ସେ ଆମ ଅପେକ୍ଷା ଅଧିକ ଭଲଭାବରେ ଜାଣନ୍ତି । ତେଣୁ ଯେକୌଣସି ଅବସ୍ଥାରେ ବା ଯେକୌଣସି ସମୟରେ ଯେତେ ଯାହା ବାଧାବିଘ୍ନ ଆସିଲେ ମଧ, ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ ଆମେ ସେହି କୃପା ଉପରେ ପୂର୍ଣ୍ଣ ନିର୍ଭର କରି ନିଶ୍ଚିନ୍ତ ଓ ନିରୁଦ୍‌ବିଗ୍ନ ରହିପାରନ୍ତୁ । କିନ୍ତୁ ତାହା ହୋଇପାରେ ନାହିଁ । ଭଗବତ୍ କୃପା ଉପରେ ଅଟଳ ଭରସା ରଖି ସମସ୍ତ ପ୍ରକାର ଦୁଃଖକଷ୍ଟ ଓ ବାଧାବିପତ୍ତିର ଝଡ଼ଝଞ୍ଜାକୁ ପ୍ରଶାନ୍ତ ଓ ନିର୍ଭୟ ଚିତ୍ତରେ ସମ୍ମୁଖୀନ ହେବା ତ ଦୂରର କଥା, ସାମାନ୍ୟତମ କୌଣସି ପ୍ରତିବନ୍ଧକ ଆସିଲେ ଆମେ ବିଚଳିତ ହୋଇପଡୁ, ଆମର ପୂର୍ବକଳ୍ପିତ ଯୋଜନା ଅନୁସାରେ ବା ଆମେ ଭାବିଥିବା ଧାରାରେ କୌଣସି ଘଟଣା ନଘଟି ଯଦି ସେଥିରେ କିଛି ଏପାଖ ସେପାଖ ହେଲା, ତେବେ ଆମେ ଅସ୍ଥିର ଓ ଉଦ୍‌ବିଗ୍ନ ହୋଇପଡୁ । ଏହାର କାରଣ ହେଉଛି ଭଗବାନଙ୍କ ପରମ ବିଜ୍ଞତା ଉପରେ ଓ ତାଙ୍କର କଲ୍ୟାଣମୟ ଦିବ୍ୟକୃପା ଉପରେ ଆମର ବିଶ୍ୱାସର ଅଭାବ ।

ଅବଶ୍ୟ ଏଥିଲାଗି ଭାବିବାର କିଛି ନାହିଁ । କାରଣ ଭଗବତ୍ କୃପା ଉପରେ ଏହି ନିର୍ଭରତା ଓ ବିଶ୍ୱାସ ଆସିବା ଏତେ ସହଜସାଧ୍ୟ ନୁହେଁ । ଆମ ଭିତରେ ଏହା ଆଣି ଦେବାକୁ ଆମକୁ ସେହି କୃପାକୁହିଁ ଆବାହନ କରିବାକୁ ହେବ ଓ ସେଥିପାଇଁ ନିରବଚ୍ଛିନ୍ନ ଅଭୀପ୍ସା ରଖିବାକୁ ହେବ, ଧୈର୍ଯ୍ୟର ସହିତ ନିୟମିତ ସାଧନା ଓ ଅଭ୍ୟାସ ଭିତରଦେଇ ଯିବାକୁ ହେବ । ଅନୁକୂଳ ଓ ପ୍ରତିକୂଳ ସମସ୍ତ ଅବସ୍ଥା ଭିତରେ ମଧ କୃପା ଉପରେ କିପରି ନିର୍ଭର କରିବାକୁ ହୁଏ, ତାହା ବାରଂବାର ଅଭ୍ୟାସ କରିବାକୁ ହେବ । ଏହି ଅଭ୍ୟାସର ପ୍ରଧାନ ଅଙ୍ଗ ହେଲା ଆମର ଆବାହନକୁ ଦିବ୍ୟକୃପା ଯେ ନିଶ୍ଚିତ ଉତ୍ତର ଦିଏ, ଏସମ୍ପର୍କରେ ଆମ ଭିତରେ ଏକ ଦୃଢ଼ ନିର୍ଭରତା ଓ ବିଶ୍ୱାସ । ସମସ୍ତ ପରିସ୍ଥିତିରେ, ବିଶେଷ କରି କୌଣସି ବାଧାବିଘ୍ନ ବା ସମସ୍ୟାର ସମ୍ମୁଖୀନ ହେଲାବେଳେ ଆମ ଚେତନାରେ ବରାବର ଏହି ଭାବକୁ ଜାଗ୍ରତ୍ ଓ ଜୀବନ୍ତ ରଖିବାକୁ ହେବ ଯେ ସର୍ବତ୍ର ବିଦ୍ୟମାନ ଓ କ୍ରିୟାଶୀଳ ଏହି ଦିବ୍ୟକୃପା ଆମର ସମସ୍ତ ସମସ୍ୟାକୁ ମଧ ଟିକିନିଖି ରୂପେ ଜାଣୁଛି । ସମାଧାନ ପାଇଁ ଆମେ ଯଦି ସେହି କୃପାକୁ ଆବାହନ କରୁ ଓ ସେ ଆମ ଆବାହନର ଉତ୍ତର ଦେଉଛି ବୋଲି ଅନୁଭବ କରୁ, ତେବେ ସର୍ବଶକ୍ତିମାନ୍ କୃପା ପକ୍ଷେ ଅସମ୍ଭବ ବା ଅସାଧ୍ୟ ବୋଲି କିଛି ନାହିଁ । ଦିବ୍ୟକୃପା ଯେ ଆମର ଆବାହନର ଉତ୍ତର ଦିଏ, ତାହାକୁ ବରାବର ଅନୁଭବ କରିବାକୁ ହେବ ଓ ତା' ଉପରେ ପୂରା ନିର୍ଭର କରି ଆମର ସମସ୍ତ ସତ୍ତା ଓ ଚେତନାକୁ ତାହାରି ହାତରେ ପୂରା ଛାଡ଼ି ଦେବାକୁ ହେବ । ତା'ହେଲେ ଆମ ପାଇଁ ଅସାଧ୍ୟ, ଦୁଷ୍ପ୍ରାପ୍ୟ ଓ ଅସମ୍ଭବ କିଛି ରହିବ ନାହିଁ, କେବଳ ନିଜକୁ ସେହି କୃପା ଦିଗରେ ଖୋଲି ଧରିବାହିଁ ପ୍ରଧାନ କଥା । ମା' ଏସମ୍ପର୍କରେ କହିଛନ୍ତି : "...if you become aware that it is only the Grace which can do that, that the situation in which you find yourself, from there the Grace alone can pull you out, can give you the solution and the strength to come out of it, then, quite naturally an intense aspiration awakes in you, a consciousness which is translated into an opening. If you call, aspire, and if you hope to get an answer, you will quite naturally open yourself to the Grace."

(MCW - Vol. 6, p. 323)

''ତୁମେ ଯଦି ବୁଝିପାର ଯେ କେବଳ ଦିବ୍ୟକୃପାହିଁ କେବଳ ଏହା କରିପାରିବ, ଯେଉଁ ପରିସ୍ଥିତିର ତୁମେ ସମ୍ମୁଖୀନ ହୋଇଛ, କେବଳ ଦିବ୍ୟକୃପା ତୁମକୁ ସେଥିରୁ ଉଦ୍ଧାର କରିପାରିବ, ସମସ୍ୟାର ଯଥାର୍ଥ ସମାଧାନ ଓ ସେଥିରୁ ବାହାରି

ଯିବାର ଯଥାର୍ଥ ଶକ୍ତି ଆଣି ଦେଇପାରିବ, ତା'ହେଲେ ତୁମ ଭିତରେ ଆପେ ଆପେ ଏକ ନିବିଡ଼ ଅଭୀପ୍ସା ଜାଗ୍ରତ୍ ହୁଏ ଏବଂ ତାହା ସଙ୍ଗରେ ଆସେ ଏକ ଉନ୍ମୀଳନ । ଯଦି ତୁମେ ଆବାହନ କର, ଯଦି ତୁମେ ଅଭୀପ୍ସା କର ଏବଂ ଯଦି ତୁମେ ଏକ ଉତ୍ତର ପାଇବାର ଅନୁଭବ କର, ତା'ହେଲେ ତୁମେ ସ୍ୱାଭାବିକ ଭାବରେ ନିଜକୁ ଦିବ୍ୟକୃପା ଆଡ଼କୁ ଖୋଲିଧର ।''

ଏହି କୃପା ପ୍ରତି ଯେତେବେଳେ ଆମେ ନିଜକୁ ପୂର୍ଣ୍ଣ-ରୂପେ ଖୋଲିଧରୁ, ସେତେବେଳେ ଚେତନାର ଯେଉଁ ଅବସ୍ଥା ଆସେ ତାହା ବର୍ଣ୍ଣନାତୀତ । ମା'ଙ୍କ ଭାଷାରେ : ''ସେତେବେଳେ ବାହ୍ୟରୂପର ପଶ୍ଚାତରେ ଆମେ ଏହି ଅନନ୍ତ, ଆଶ୍ଚର୍ଯ୍ୟମୟ ସର୍ବଶକ୍ତିମାନ୍ କୃପାକୁ ଦେଖୁ, ଯେ ସବୁକିଛିକୁ ସଜାଡ଼ି ଦିଏ ଏବଂ ଆମେ ଚାହୁଁ ବା ନଚାହୁଁ, ଆମେ ଜାଣୁ ବା ନଜାଣୁ, ଆମକୁ ସେହି ସର୍ବୋତ୍ତମ ଲକ୍ଷ୍ୟ ଦିଗରେ, ଭଗବାନଙ୍କ ସହ ମିଳନ ଦିଗରେ, ଭଗବତ୍ ଚେତନା ସମ୍ପର୍କରେ ଜ୍ଞାନଲାଭ କରି ତାହା ସହ ମିଳି ଏକ ହୋଇଯିବା ଦିଗରେ ପରିଚାଳିତ କରେ ।''

ଦିବ୍ୟକୃପା ଉପରେ ନିର୍ଭରଶୀଳ ଏକ ଚେତନା ନେଇ ରହିପାରିଲେ ଆମର ସମସ୍ତ ବାହ୍ୟ ପରିସ୍ଥିତି ମଧ୍ୟ ଆପେ ଆପେ ସଜାଡ଼ି ହୋଇଯାଏ । ଯେଉଁଥିରେ ଆମର ସର୍ବୋତ୍ତମ ମଙ୍ଗଳ ହେବ ଏବଂ ଭଗବାନଙ୍କ ସହ ମିଳନର ପଥ ସଂକ୍ଷିପ୍ତତମ ହେବ, ଦିବ୍ୟକୃପା ସେହି ଭାବରେହିଁ କ୍ରିୟାକରେ । କିନ୍ତୁ ବେଳେ ବେଳେ ମଙ୍ଗଳ ଓ ଅମଙ୍ଗଳ ସମ୍ପର୍କରେ ଆମର ଅଜ୍ଞ ବିଚାରର ମାପକାଠି ନେଇ ମନରେ କୃପାର କ୍ରିୟା ବିଷୟରେ ନାନା ସନ୍ଦେହକୁ ସ୍ଥାନଦେଉ । ମା' କହିଛନ୍ତି, ''ଭଗବାନ୍ ପରିସ୍ଥିତିକୁ ଏପରି ସଜାଡ଼ିଦେବେ ଯେ ତୁମେ ନିଜକୁ ପୂରାପୂରି ଭଗବାନଙ୍କ ନିକଟରେ ଅର୍ପଣକରିବା ଦିଗରେ ଯାହା ବାଧା ଦେଉଥିବ ତାହା ଅନିବାର୍ଯ୍ୟ ରୂପେ ତୁମ ପଥରୁ ଦୂରୀଭୂତ ହୋଇଯିବ । ଯେତେବେଳେ ଏହିସବୁ ବାଧା ଦୂରୀଭୂତ ହେଉଥାଏ, ତୁମେ ସେତେବେଳେ ବ୍ୟସ୍ତ ହୋଇ ଅଭିଯୋଗ କର ଏବଂ ଚିତ୍କାର କର । କିନ୍ତୁ ତୁମର ଯଦି ଆନ୍ତରିକତା ଥିବ, ତେବେ ତୁମେ ସ୍ମରଣ କରିବ ଯେ ତୁମେ ଭଗବାନଙ୍କୁ କହିଥିଲ ତୁମେ ପୂରାପୂରି କେବଳ ଭଗବାନଙ୍କର ବୋଲି । ସେତେବେଳେ କେବଳ ସେ ତୁମ ସଙ୍ଗରେ ରହିବେ ଓ ଅନ୍ୟ ସବୁକିଛି ଦୂର ହୋଇଯିବ । ତାହା ହେଉଛି ମହତ୍ତର କୃପା ।''

କୃପା ଉପରେ ନିର୍ଭରତା ସମ୍ପର୍କରେ ଆଉ ଏକ ପ୍ରଶ୍ନ ଆସୁଛି ଯେ ଯଦି ଆମେ ପୂର୍ଣ୍ଣଭାବରେ ଦିବ୍ୟକୃପା ଉପରେ ନିର୍ଭର କରି ରହିବାକୁ ଚାହୁଁ, ତେବେ କୌଣସି ବିଶେଷ କଥା ନେଇ, କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଭଗବାନଙ୍କ କୃପା ପ୍ରାର୍ଥୀ ହେବା ଉଚିତ କି ନୁହେଁ ? ଏ ସମ୍ପର୍କରେ ମା'ଙ୍କର କଥାଗୁଡ଼ିକୁ ସ୍ମରଣ କରାଯାଇପାରେ ।

''ଯଦି ତୁମେ କୃପା ନିକଟରେ ନିଜକୁ ପୂର୍ଣ୍ଣ ଭାବରେ ଦେଇ ଦେଇଥାଅ ବା ଉତ୍ସର୍ଗ କରିଥାଅ, ତେବେ ଆଉ କହିବାର କିଛି ନାହିଁ, ତାହା ଅତି ଉତ୍ତମ ।

... ...କିନ୍ତୁ ଯଦି ତୁମ ଭିତରେ ନିର୍ଦ୍ଦିଷ୍ଟ କିଛି ପାଇବାର ଧାରଣା ଥାଏ, ତେବେ ସରଳ ଓ ଆନ୍ତରିକ ଭାବରେ ତୁମେ ବିଷୟଟିକୁ ଯେପରି ଦେଖୁଛ ସେହି ଅନୁସାରେ ତୁମର ପ୍ରାର୍ଥନାକୁ ନିର୍ଦ୍ଦିଷ୍ଟ ରୂପ ଦେବା ଉଚିତ । ଏହାପରେ ତେଣିକି କୃପାହିଁ ସ୍ଥିର କରିବ, ତୁମେ ଯେପରି ଚାହୁଁଛ, କୃପା ଠିକ୍ ସେହି ଭାବରେ କ୍ରିୟାକରିବ କି ନାହିଁ । ସେ ଯାହାହେଉ ତୁମେ ତୁମର ଇଚ୍ଛାକୁ ସ୍ପଷ୍ଟରୂପ ଦେଇଛ, ଏବଂ ସେଥିରେ କିଛି କ୍ଷତି ନାହିଁ । ଏହା ସେତିକିବେଳେ କ୍ଷତିକାରକ ହୁଏ, ଯେତେବେଳେ ତୁମର ଇଚ୍ଛାପୂରଣ ନହେଲେ ତୁମ ଭିତରେ ଖୁବ୍ ଏକ ବିଦ୍ରୋହ ଦେଖାଦିଏ । ତୁମେ ସେତେବେଳେ ବୁଝିବା ଉଚିତ ଯେ ତୁମର ଇଚ୍ଛା ବା ଅଭୀପ୍ସା ଯଥେଷ୍ଟ ଆଲୋକିତ ନୁହେଁ ଓ ହୁଏତ ତୁମେ ଏପରିକିଛି ପାଇଁ ପ୍ରାର୍ଥନାକରିଛ, ଯାହାକି ତୁମ ପାଇଁ ପ୍ରକୃତରେ ଶୁଭପ୍ରଦ ନୁହେଁ । ତେଣୁ ପ୍ରକୃତ ବିଜ୍ଞତାର ସହ ତୁମର କହିବା ଉଚିତ, 'ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ ।' ''

(୮, ଅଗଷ୍ଟ ୧୯୫୬)

ଏ ସମ୍ପର୍କରେ ଆଲୋଚନାଟି ଶେଷ କରିବା ପୂର୍ବରୁ କୁହାଯାଇପାରେ ଯେ ଆମର ସମସ୍ତ ସତ୍ତା ଦେଇ ଦିବ୍ୟକୃପା ଉପରେ ସର୍ବାଙ୍ଗୀନ ନିର୍ଭରତା, ଚେତନାର ଏକ ଅତି ଉଚ୍ଚସ୍ତରର ବିଷୟ । ତାହାହିଁ ସିଦ୍ଧିର ଅବସ୍ଥା, ଆମକୁ ଏଦିଗରେ କ୍ରମଶଃ ଆଗେଇବାକୁ ହେବ । ଆମର ସତ୍ତାର ସମସ୍ତ ଅଂଶରେ ଏହି ନିର୍ଭରତା ସମାନ ଭାବରେ ଆସେ ନାହିଁ । କୌଣସି ଏକ ସମସ୍ୟାର ସମ୍ମୁଖୀନ ହେଲାବେଳେ ହୁଏତ ମନରେ ଆମେ ସ୍ପଷ୍ଟ ବୁଝୁଛୁ ଯେ ନିଜେ ଆଦୌ କୌଣସି ବ୍ୟସ୍ତ, ବିଚଳିତ ନହୋଇ ସମାଧାନ ପାଇଁ ଭଗବତ୍ କୃପା ଉପରେହିଁ ନିର୍ଭର କରି ରହିବାହିଁ ବିଜ୍ଞତାର କାମ । ମନରେ ଏହି ଆଲୋକ ଆସିଲେ କ'ଣ ହେଲା କିନ୍ତୁ ତେଣେ ପ୍ରାଣ ସମସ୍ୟାଟିର ସମ୍ମୁଖୀନ ହୋଇ ଛଟପଟ, ବିକଳ ଓ ଅସ୍ଥିର ହେଉଛି । ସେହିପରି ଦେହରେ, ସ୍ୱୟଂ ଶରୀର-ଚେତନାରେ ଏହି ନିର୍ଭରତାର ଭାବ

ଆସିବା ତ ସାଧନାର ଶେଷକଥା । କାରଣ ମନ ଓ ପ୍ରାଣ ତୁଳନାରେ ଶରୀର ଅନେକ ଅଚେତନ । ସେଇଥି୍ ପାଇଁ କୌଣସି ଶାରୀରିକ ବ୍ୟାଧିର କ୍ଷେତ୍ରରେ ଆରୋଗ୍ୟ ପାଇଁ ମନ ଓ ପ୍ରାଣରେ ଦିବ୍ୟକୃପା ଉପରେ ନିର୍ଭରତା ରହିଲେ ମଧ୍ୟ ସ୍ୱୟଂ ଶରୀର ନିଜର ଅଚେତନତା ହେତୁ ତାହା ବୁଝେ ନାହିଁ, ତେଣୁ ତାକୁ ବ୍ୟାଧିର ଯନ୍ତ୍ରଣା ଭୋଗିବାକୁ ପଡ଼େ । ଏପରିକି ଅବତାର ଓ ମହାପୁରୁଷଙ୍କ ଶରୀର ମଧ୍ୟ ଏଥିରୁ ବାଦ୍‌ଯାଇ ନାହିଁ । କିନ୍ତୁ ଯଦି ସ୍ୱୟଂ ଶରୀର ଭିତରେ, ସ୍ୱୟଂ ଦୈହିକ ଚେତନାରେ ଦିବ୍ୟକୃପା ଉପରେ ପୂର୍ଣ୍ଣ ନିର୍ଭରତା ଆସେ ତେବେ ତାହା ଖାଲି ବ୍ୟାଧି୍ ଓ ଯନ୍ତ୍ରଣାରୁ ନୁହେଁ, ତାହା ଜରା ଓ ମୃତ୍ୟୁର କବଳରୁ ମଧ୍ୟ ମୁକ୍ତ ହେବ । ଦିବ୍ୟକୃପା ଉପରେ ପୂର୍ଣ୍ଣଭାବରେ ନିର୍ଭରଶୀଳ ମନ ଓ ପ୍ରାଣକୁ ଯେପରି ଅଜ୍ଞାନ, ଅନ୍ଧକାର, ଅସତ୍ୟ, ଦୁଃଖ, ଶୋକ, ଭୟ, ବିକ୍ଷୋଭ ଆଦି ସ୍ପର୍ଶ କରିପାରେ ନାହିଁ, ସେହିପରି ଦିବ୍ୟକୃପା ଉପରେ ପୂର୍ଣ୍ଣ ନିର୍ଭରଶୀଳ ଶରୀରକୁ କ୍ଲାନ୍ତି, ଜଡ଼ତା, ବ୍ୟାଧି, ଯନ୍ତ୍ରଣା, ମୃତ୍ୟୁ ଆଦି ସ୍ପର୍ଶ କରିପାରିବ ନାହିଁ । ପୂର୍ଣ୍ଣଯୋଗରେ ଦେହ, ପ୍ରାଣ ଓ ମନର ଯେଉଁ ରୂପାନ୍ତର କଥା କୁହାଯାଏ, ସେଥି୍ପାଇଁ ପ୍ରଧାନ ଚାବିକାଠି ହେଲା ପ୍ରତ୍ୟେକ ଅବସ୍ଥାରେ, ପ୍ରତ୍ୟେକ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଓ ସର୍ବତୋଭାବରେ ଦିବ୍ୟକୃପା ଉପରେ ନିର୍ଭର କରି ରହିବା । ❖

One can progress through meditation, but through work provided it is done in the right spirit one can progress ten times more.

(*6 April 1954*) — The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**